R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୭୩
ତିଥି: ଏକାଦଶୀ
୨୯ ମାର୍ଚ୍ଚ ୨୦୨୬, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 173
29 March 2026, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ଓଲଟିଲା ତୀର୍ଥଯାତ୍ରୀ ବସ୍

## ଡ୍ରାଇଭରଙ୍କ ସହ ୫ ମୃତ

ଦଶପଲ୍ଲା/ବ୍ରହ୍ମପୁର, ୨୮ ।୩ (ସବ୍ୟୁ): ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥ ଦଶପଲ୍ଲା ଥାନା ଟାକେରା ଘାଟିରେ ତୀର୍ଥ ଯାତ୍ରୀଙ୍କୁ ନେଇ ଯାଉଥିବା ଅନୀଲ ନାମକ ଏକ ଯାତ୍ରୀବାହୀ ବସ ଓଲଟି ପଡିବାରୁ ବସରେ ଥିବା ୫୦ ଜଣ ତୀର୍ଥଯାତ୍ରୀ ମାନଙ୍କ ମଧ୍ୟରୁ ୫ ଜଣଙ୍କ ମତ୍ୟୁ ହୋଇଥିବା ବେଳେ ୩୫ ଜଣ ଆହତ ହୋଇଛନ୍ତି ।

ଦୁର୍ଘଟଣା ପରେ ଘଟଣା ସ୍ଥଳରେ ଦଶପଲ୍ଲା ଓ ନୂଆଗାଁ ଅଗ୍ନିଶମ ବାହିନୀ,ଦଶପଲ୍ଲା -ବାଣୀଗୋଛା ପୋଲିସ, ୧୦୮ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ହାଇଡ୍ରୋଲିକ ରେସକ୍ୟୁ ଟୁଲ୍ସ, ସର୍ଚ୍ଚ ଲାଇଟ ଏବଂ ଆସ୍କା ଲାଇଟ୍ର ବ୍ୟବହାର କରି ବସରେ ଚାପିହୋଇ



ରହିଥିବା ଆହତଯାତ୍ରୀ ମାନଙ୍କୁ ଉଦ୍ଧାର କରିଥିଲେ । ଆହତମାନଙ୍କୁ ପ୍ରଥମେ ଦଶପଲ୍ଲା ଓ ପରେ ନୟାଗଡ଼ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର କୁ ସ୍ଥାନାନ୍ତର କରା ଯାଇଥିଲା । ସେଠାରୁ ଗୁରୁତର ଅବସ୍ଥାରେ ୭ ଜଣଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି ।

ପଶ୍ଚିମ ଓ ପ୍ରସିଦ୍ଧ ହରିଶଙ୍କର, ନୃସିଂହନାଥ, ଘଣ୍ଟେଶ୍ୱରୀ ସହ ସମ୍ବଲପୁର ଅଧିଷ୍ଠାତ୍ରୀ ଦେବୀ ସାମଲେଇଙ୍କ ଦର୍ଶନ କରିବା ପାଇଁ ଟୁର୍ ଅପରେଟ୍ର ସନ୍ତୋଷ ପାତ୍ର ୫୫ ଜଣ ତୀର୍ଥ ଯାତ୍ରୀଙ୍କୁ ଦର୍ଶନ କରାଇବା ପାଇଁ ନେଇକି ଯାଉଥିଲେ। ହେଲେ ଦୁର୍ଘଟଣାରେ (୯ ପୃଷ୍ଠାରେ)

### ମୁଖ୍ୟମନ୍ତ୍ରୀଙ୍କ ଶୋକ, ସହାୟତା ଘୋଷଣା

ଭୁବନେଶ୍ୱର, ୨୮ ।୩ (ସବ୍ୟୁ) : କୁଟିବାରୀ ଘାଟି ନିକଟରେ ଘଟିଥିବା ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ସୁପ୍ରଭା ସାହୁ, ସୋମିତ୍ ସାହୁ, ପ୍ରବୀଣ ସାହୁ, ଏଲ୍ ହରିପାତ୍ର, ଏଲ୍ ଲକ୍ଷ୍ମୀପାତ୍ରଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ମୃତକଙ୍କର ନିକଟତର ଆତ୍ମୀୟଙ୍କ ଲାଗି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରାଯାଇଛି ।

### ଜେନ୍ ଜି ଆନ୍ଦୋଳନ ସମୟରେ ହୋଇଥିବା ହତ୍ୟା ମାମଲା

## ନେପାଳ ପୂର୍ବ ପ୍ରଧାନମନ୍ତ୍ରୀ ଓଲି ଗିରଫ

ନୂଆଦିଲ୍ଲୀ, ୨୮ ।୩ : ନେପାଳରେ ନୂଆ ସରକାର ଗଠନ ହୋଇଛି । ପ୍ରଧାନମନ୍ତ୍ରୀ ବାଲେନ ଶାହଙ୍କ ନେତୃତ୍ୱରେ ଗଠନ ହୋଇଥିବା ଏ ସରକାର କାର୍ଯ୍ୟଭାର ନେବାର ୨୪ ଘଣ୍ଟା ମଧ୍ୟରେ ପୂର୍ବ ପ୍ରଧାନମନ୍ତ୍ରୀ କେ ପି ଶର୍ମା ଓଲି ଓ ପୂର୍ବତନ ଗୃହମନ୍ତ୍ରୀ ରମେଶ ଲେଖାରଙ୍କୁ ଗିରଫ କରିଛି । ଶନିବାର ସକାଳୁ ଏହି ୭୪ ବର୍ଷୀୟ ପୂର୍ବ ପ୍ରଧାନମନ୍ତ୍ରୀଙ୍କୁ ଗିରଫ କରାଯାଇଛି ।

ଓଲି ହେଉଛନ୍ତି କମ୍ୟୁନିଷ୍ଟ ପାଟି ଅଫ ନେପାଳ - ୟୁନିଫାଏର୍ଡ ମାକ୍ସିଷ୍ଟ ଲେନିନିଷ୍ଟର ନେତା। ଏଥର ନିର୍ବାଚନରେ ଉଭୟଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥିଲା। ଓଲିଙ୍କ



ନେତୃତ୍ୱାଧୀନ ଦଳ ହାରିଯାଇଥିଲା । ସେପ୍ଟେମ୍ବର ୨୫ରେ ନେପାଳରେ ଜେଏନ -ଜି ପ୍ରତିବାଦ ସମୟରେ ହୋଇଥିବା ହତ୍ୟା ମାମଲାରେ ତାଙ୍କୁ ଗିରଫ କରାଯାଇଛି । ଗୃହ ମନ୍ତ୍ରଣାଳୟର ଆନୁଷ୍ଠାନିକ ଅଭିଯୋଗ ପରେ ଆରମ୍ଭ ହୋଇଥିବା ତଦନ୍ତର ଏକ ଅଂଶ ଭାବେ ଏହି ଗିରଫଦାରୀ (୯ ପୃଷ୍ଠାରେ)

### ଏପ୍ରିଲ ୨ ରୁ ଯୁକ୍ତ ୨ ମୂଲ୍ୟାୟନ

ଭୁବନେଶ୍ୱର,୨୮ ।୩ (ସବ୍ୟୁ) : ଯୁକ୍ତ ୨ ପରୀକ୍ଷା ଶେଷ ହୋଇଛି । ଏପ୍ରିଲ ୨ ରୁ ଖାତା ଦେଖା ଆରମ୍ଭ ହେବ। ଚଳିତ ବର୍ଷ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ପାଠ୍ୟକ୍ରମର ଖାତା ଦେଖାଯିବ। ୩୦ ଜିଲ୍ଲାରେ ୧୫୧ ଟି ମୂଲ୍ୟାୟନ କେନ୍ଦ୍ରରେ ଏହି ଖାତା ଦେଖା ଚାଲିବ। ୭୫ ଟି କେନ୍ଦ୍ର ଡିଜିଟାଲ ମୋଡରେ କାର୍ଯ୍ୟ କରିବ। ଅନ୍ୟ ୭୬ ଟି କେନ୍ଦ୍ର ପାରମ୍ପରିକ ଭାବରେ ଖାତା ଦେଖାଯିବ। କଳା ବିଭାଗରେ ଇଂରାଜୀ ବିଷୟର ଇ- ମୂଲ୍ୟାୟନ ହେବ। ସବୁକିଛି ସମୟ ଅନୁସାରେ ଚାଲିଲେ ମେ ମାସର ତୃତୀୟ କିମ୍ବା ଚତୁର୍ଥ ସପ୍ତାହରେ ଫଳ ପ୍ରକାଶ ପାଇବ।

ଚଳିତ ବର୍ଷ ୩ ଲକ୍ଷ ୯୬ ହଜାର ୫୯୨ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିଲେ। ଫେବୃଆରୀ (୯ ପୃଷ୍ଠାରେ)

## ହରମୁଜ୍ ପ୍ରଣାଳୀ ଦେଇ ଆସିଲା ଭାରତର ଆଉ ଦୁଇ ଜାହାଜ

ନୂଆଦିଲ୍ଲୀ : ହରମୁଜ ପ୍ରଣାଳୀ ଦେଇ ଭାରତର ଦୁଇଟି ଏଲପିଜି ବୋଝେଇ ଜାହାଜ ଅତିକ୍ରମ କରିଛି। ଏବେବି ୫ ଭାରତୀୟ ତୈଳବାହୀ ଜାହାଜ ୟୁଏଇର ଜଳରାଶିରେ ଅଛନ୍ତି। ଇରାନ ପକ୍ଷରୁ ୪ ବନ୍ଧୁ ରାଷ୍ଟ୍ରଙ୍କ ଜାହାଜକୁ ହରମୁଜ ପ୍ରଣାଳୀ ଦେଇ ଅତିକ୍ରମ କରିବା ଲାଗି ସୁଯୋଗ ଦିଆଯାଉଛି।

ଏହି ପ୍ରଣାଳୀ ଦେଇ ୯୦ ପ୍ରତିଶତ ତୈଳ ଆମଦାନୀ ହୋଇଥାଏ। ଶନିବାର ଭାରତର ଦୁଇଟି ଏଲପିଜି ଜାହାଜ ଆସିଥିବାରୁ ଗ୍ୟାସ ସଙ୍କଟ ସମାଧାନ ହେବ ବୋଲି ଆଶା କରାଯାଉଛି। ଏଲପିଜି ନେଇ ଆସିଥିବା ଜାହାଜ ହେଉଛି ଡବ୍ଲ୍ୟୁ ଇଏଲଏମ୍ ଓ ଡବ୍ଲ୍ୟୁ ଟିୱାଇଆର୍ ଅତ୍ୟନ୍ତ ବିପଦପୂର୍ଣ୍ଣ ଏହି କରିଡରକୁ ଏମାନେ



ଅତିକ୍ରମ କରିଛନ୍ତି। ଏହି ଜାହାଜ ଗୁଡିକ ଓମାନ ଉପକୂଳରେ ଯାତ୍ରା କରୁଛି। ପ୍ରାୟ ୯୦ ହଜାର ଟନ୍ ଏଲପିଜି ଗ୍ୟାସ ଏଥିରେ ରହିଛି। ଘଣ୍ଟାପ୍ରତି ୨୭ କିଲୋମିଟର ବେଗରେ ଆଗକୁ ବଢୁଛି। ଏବେବି ୫ ଟି

**■ ଜାହାଜରେ ଅଛି ୯୦ ହଜାର ଟନ୍ ଏଲ୍‌ପିଜି ଗ୍ୟାସ୍**

ଜାହାଜ ଅଟକି ରହିଛି। ସବୁ ଅଟକ ଥିବା ଜାହାଜକୁ ମିଶାଇଲେ ଭାରତୀୟ ପତାକା ଥିବା ୨୦ ଜାହାଜ ସେଠାରେ ରହିଛନ୍ତି।

ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଗାଛି କହିଥିଲେ ଯେ ହରମୁଜ ପ୍ରଣାଳୀ ଦେଇ ସମସ୍ତ ଜାହାଜ ଚଳାଚଳକୁ ବନ୍ଦ କରାଯିବ । ତେବେ ଇରାନର ବନ୍ଧୁ ରାଷ୍ଟ୍ର ଚୀନ, ରୁଷିଆ, ଭାରତ, ଇରାକ୍ ଓ ପାକିସ୍ତାନକୁ ଜାହାଜ ଚଳାଚଳ ଲାଗି ଅନୁମତି ଦିଆଯିବ। ଏଥିରେ ୯୦ ହଜାର ଟନ୍ ଏଲପିଜି ଗ୍ୟାସ ରହିଛି। ଆଉ ଯେଉଁ ୫ ଟି ଭାରତୀୟ ପତାକା ଥିବା ଜାହାଜ ୟୁଏଇର ଜଳରାଶିରେ ଅଛନ୍ତି। ସେଥିରେ ଅଶୋଧିତ ତୈଳ ରହିଛି। ହରମୁଜ ପ୍ରଣାଳୀ ଅତିକ୍ରମ କରିବାକୁ ଇରାନର ଅନୁମତି ଅପେକ୍ଷାରେ ଅଛନ୍ତି।

## ଏପ୍ରିଲ ପହିଲାରୁ 'ସୁଭଦ୍ରା' ଆବେଦନ

**ଏପ୍ରିଲ ପହିଲା ସୁଦ୍ଧା ୨୧ରୁ ୬୦ ବର୍ଷର ହିତାଧିକାରୀଙ୍କୁ ସୁଯୋଗ**

ଭୁବେନଶ୍ୱର, ୨୮ ।୩ (ସବ୍ୟୁ) : ଆସନ୍ତା ଏପ୍ରିଲ ପହିଲା ବା ଉତ୍କଳ ଦିବସରୁ ନୂଆ ସୁଭଦ୍ରା ପଞ୍ଜିକରଣ ଲାଗି ଆବେଦନ ଗ୍ରହଣ କରାଯିବ ।ଯେଉଁ ମହିଳା ମାନେ ଏହି ଯୋଜନାରେ ଏପର୍ଯ୍ୟନ୍ତ ସାମିଲ ହୋଇପାରିନାହାଁନ୍ତି ସେମାନେ ଏଥିରେ ସାମିଲ ହୋଇପାରିବେ। ଏପ୍ରିଲ ପହିଲାରେ ସରକାରଙ୍କ ସୁଭଦ୍ରା ପୋର୍ଟାଲ ଖୋଲିଲା ପରେ ଆବେଦନ କରିହେବ। ଅନଲାଇନ କେନ୍ଦ୍ରରେ ମହିଳା ହିତାଧିକାରୀମାନେ ଏହି ଯେଜାନରେ ଆବେଦନ କରିବେ। ଏପ୍ରିଲ ପହିଲାରୁ ଏପ୍ରିଲ ୩୦ ପର୍ଯ୍ୟନ୍ତ ସୁଭଦ୍ରା ପୋର୍ଟାଲ ଖୋଲା ରହିବ। ଏହା ମାଧ୍ୟରେ ନୂତନ ଆବେଦନ ଗ୍ରହଣ କରାଯିବ।

ରାଜ୍ୟରେ ମହିଳାମାନଙ୍କୁ ଆର୍ଥିକ ସଶକ୍ତିକରଣ ତଥା ସ୍ୱାବଲମ୍ବନ ପାଇଁ ରାଜ୍ୟ ସରକାର ସୁଭଦ୍ରା ଯୋଜନା

**ମାସକ ଲାଗି ଖୋଲିବ ପୋର୍ଟାଲ**

**ଅଙ୍ଗନୱାଡି କେନ୍ଦ୍ରରୁ ମିଳିବ ଫର୍ମ**

**ଜନସେବା କେନ୍ଦ୍ରରେ ହେବ ଆବେଦନ**

ମାଧ୍ୟରେ ଅଧିକ ସଂଖ୍ୟକ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିଛନ୍ତି ।ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ୨୦୨୬ ଏପ୍ରିଲ ପହିଲା (୯ ପୃଷ୍ଠାରେ)

## ୮ରୁ ବାହାର ରତ୍ନଭଣ୍ଡାର ଗଣତି-ମଣତି

ଭୁବେନଶ୍ୱର, ୨୮ ।୩ (ସବ୍ୟୁ) : ଆସନ୍ତା ଏପ୍ରିଲ ୮ ରୁ ବାହାର ରତ୍ନଭଣ୍ଡାରର ଗଣତି ମଣତି କରାଯିବ। ୮,୯,୧୦ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟର ଗଣତି ମଣତି ହେବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି ଯେ, ୨୫ ତାରିଖରେ ମହାପ୍ରଭୁଙ୍କର ରତ୍ନ ଭଣ୍ଡାର ଗଣତି ମଣତି ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଏହା ସୁରୁଖୁରୁରେ ଚାଲିଥିଲା। ଏବେ ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବ। ଗଣତି ମଣତିର ଏହି ୩ ଦିନ ମଧ୍ୟରେ ମହାପ୍ରଭୁଙ୍କ ନୀତିକାନ୍ତି ଓ ଶ୍ରଦ୍ଧାଳୁଙ୍କ ଦର୍ଶନ ।ଯେଭଳି ବାଧାପ୍ରାପ୍ତ



ନହେବ ତାହାକୁ ଗୁରୁତ୍ୱ ଦିଆଯାଇଛି। ସବୁ ପ୍ରସ୍ତୁତି ଚାଲିଛି। ସବୁ ପ୍ରସ୍ତୁତି ପରେ ରତ୍ନ ଭଣ୍ଡାରର ଗଣତି ମଣତି କରାଯିବ। ଆଗକୁ ମହାପ୍ରଭୁଙ୍କ ରଥଯାତ୍ରା। ରଥଯାତ୍ରାକୁ ସୁରୁଖୁରୁରେ କରିବା ପାଇଁ ୬ ମାସ ଆଗରୁ (୯ ପୃଷ୍ଠାରେ)

## ଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୮ ।୩ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଆସନ୍ତା ୩୦ ତାରିଖରେ ଫେରିବାର କାର୍ଯ୍ୟକ୍ରମ ରହିଛି। ଦୁଇମାସ ପରେ ସରକାରର ଦୁଇ ବର୍ଷ ପୂର୍ତ୍ତି ହେବାକୁ ଯାଉଛି। ମୁଖ୍ୟମନ୍ତ୍ରୀଙ୍କ ସହ ବିଜେପି ରାଜ୍ୟ ସଭାପତି ତଥା ସାଂସଦ ମନମୋହନ ସାମଲ ମଧ୍ୟ ଦିଲ୍ଲୀ ଯାଇଛନ୍ତି।

ତେବେ ମନ୍ତ୍ରିମଣ୍ଡଳରେ ଏବେସୁଦ୍ଧା ୬ ପଦବୀ ଖାଲି ଅଛି। ଦୁଇବର୍ଷ ହେଲାଣି ମନ୍ତ୍ରିମଣ୍ଡଳର ଅଦଳବଦଳ ହୋଇପାରୁନାହିଁ। କିଛି ମନ୍ତ୍ରୀଙ୍କର କାର୍ଯ୍ୟଶୈଳୀରେ ମୁଖ୍ୟମନ୍ତ୍ରୀ ଖୁସି



ନଥିବା ସୂଚନା ମିଳୁଛି। ତେଣୁ ଦିଲ୍ଲୀର ଶୀର୍ଷ ନେତୃତ୍ୱ ସହ ମନ୍ତ୍ରିମଣ୍ଡଳ ଅଦଳବଦଳ ଓ ସମ୍ପ୍ରସାରଣ ନେଇ ଏହି ଗସ୍ତରେ ଆଲୋଚନା ହୋଇପାରେ ବୋଲି ଆଶା ପ୍ରକାଶ ପାଇଛି। ଏହାକୁ ନେଇ ଚର୍ଚ୍ଚା ବଢ଼ିଛି। ଦିଲ୍ଲୀ ଗସ୍ତ ସମୟରେ ରାଷ୍ଟ୍ରପତିଙ୍କ ସହ କିଛି କେନ୍ଦ୍ରମନ୍ତ୍ରୀ ଓ ବରିଷ୍ଠ ନେତୃବୃନ୍ଦଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। କେବଳ ମନ୍ତ୍ରିମଣ୍ଡଳ ନୁହେଁ, ନିଗମ ଓ ସମବାୟ ସମିତିର ଅଧ୍ୟକ୍ଷ ପଦଗୁଡ଼ିକ ବି ଖାଲି ରହିଛି। ଏହା ମଧ୍ୟ ପୂରଣ ହୋଇନାହିଁ। ତେଣୁ ଉଭୟଙ୍କର ଏହି ଦିଲ୍ଲୀ ଗସ୍ତ ରାଜନୈତିକ ଦୃଷ୍ଟିରୁ ବେଶ୍ ଗୁରୁତ୍ୱ ବହନ କରୁଛି। ଏବେସୁଦ୍ଧା ମନ୍ତ୍ରିମଣ୍ଡଳରେ ୧୬ ଜଣ ମନ୍ତ୍ରୀ ଅଛନ୍ତି। ବ୍ୟବସ୍ଥା ଅନୁଯାୟୀ ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ୨୨ ଜଣ ମନ୍ତ୍ରିମଣ୍ଡଳରେ ରହିପାରିବେ। ୬ ମନ୍ତ୍ରୀ ପଦବୀ ଖାଲି ରହିଛି।

## କାଳବୈଶାଖୀ ତାଣ୍ଡବ : ୨ ମୃତ, ୩ ଆହତ

ବାରିପଦା/କୁଳିଅଣା, ୨୮ ।୩ (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲାରେ ବିଳମ୍ବିତ ରାତିରେ ହୋଇଥିଲା ପ୍ରବଳ ବର୍ଷା ଓ ପବନ । ଗଛ ପଡ଼ିଯିବାରୁ ଭିନ୍ନ ଭିନ୍ନ ସ୍ଥାନରେ ୨ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୩ ଜଣ ଆହତ ହୋଇଛନ୍ତି । ଆହତମାନଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି । ମୃତକଦ୍ୱୟ ଅସନଯୋଡା ରାମଦାସ ହାଁସଦାଃ (୩୨) ଓ ଖୁଣ୍ଟା ଥାନା କାଦଡିହା ଅଞ୍ଚଳର ନଗେନ ମୁର୍ମୁ ବୋଲି ଜଣାପଡିଛି ।

ସୂଚନାଯୋଗ୍ୟ, ବିଳମ୍ବିତ ରାତିରେ ପ୍ରାକ୍ କାଳ ବୈଶାଖି ଯୋଗୁଁ ୧୮ ନଂ ଜାତୀୟ ରାଜପଥ ବାରିପଦା-କୁଳିଅଣା ରାସ୍ତା ଅସନଯୋଡ଼ା ଛକରେ ଏକ ଗଛ ପଡିଯିବାରୁ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିଲା । ସେହିପରି ବାରିପଦା-ଉଦଳା ରାସ୍ତା ଖୁଣ୍ଟା ଥାନା ଇଲାକାରେ ଅନ୍ୟ ଏକ ଘଟଣାରେ ଗଛରେ ପିଟି ହୋଇ ବାଇକ୍ ଆରୋହୀ ମୃତ୍ୟୁ ବରଣ କରିଥିଲେ । ବିଭିନ୍ନ ସ୍ଥାନରେ ଝଡ଼ତୋଫାନ ଯୋଗୁଁ ୩ଜଣ ଗୁରୁତର ହୋଇ ବାରିପଦା ଜିଲ୍ଲା ମୁଖ୍ୟାଳୟରେ ଚିକିତ୍ସାଧୀନ ଅଛନ୍ତି। ତେବେ ପାଣିପାଗ ବିଭାଗ ପକ୍ଷରୁ ଏବେ କାଳବୈଶାଖୀ ନେଇ ବିଭିନ୍ନ ଜିଲ୍ଲାକୁ ସତର୍କ କରାଯାଉଛି। ସପ୍ତାହେ ପର୍ଯ୍ୟନ୍ତ କାଳବୈଶାଖୀର ଆଶଙ୍କା ଥିବା ଅନୁମାନ କରାଯାଇଛି।

### ଦୁଇ ଗଞ୍ଜେଇ ମାଫିଆ ଗିରଫ

## ୯ ବୋମା, ୪୫ କେଜି ଗଞ୍ଜେଇ, ୨ କାର ଜବତ

ଭୁବନେଶ୍ୱର, ୨୮ ।୩ (ସବ୍ୟୁ) : ଦୁଇ ଦୁର୍ଦ୍ଧାନ୍ତ ଗଞ୍ଜେଇ ମାଫିଆଙ୍କୁ ଅବକାରୀ ଟିମ୍ ଗିରଫ କରିଛି । ତାଙ୍କ ନିକଟରୁ ୯ ବୋମା, ୪୫ କେଜି ଗଞ୍ଜେଇ ଓ ୨ଟି କାର ଜବତ ହୋଇଥିବା ସୂଚନା ମିଳିଛି । ଏହି ଦୁଇଜଣ ପୋଲିସ ଉପରେ କାର ଚଢ଼ାଇ ୨୦୨୫ ଡିସେମ୍ବର ୧୭ ତାରିଖରେ ଖସିଯାଇଥିଲେ । ଦୁହିଁଙ୍କୁ ଗିରଫ କରିବା ପାଇଁ ଅବକାରୀ ଟିମ୍ ତଦନ୍ତ ଜାରି ରଖିଥିବାବେଳେ କେହି ବିଶ୍ୱାସ କରିବେ ନାହିଁ ଯେ କାରରେ ଗଞ୍ଜେଇ ଯାଉଥିବ ବୋଲି। ଚତୁରତାର ସହ ଦୀର୍ଘଦିନ ହେବ ଏହି ଗ୍ୟାଙ୍ଗ ବୌଦ୍ଧ ଓ ଫୁଲବାଣୀରୁ ଗଞ୍ଜେଇ କିଣିବା ପରେ କୋଲକାତା ଓ ବାଲେଶ୍ୱରକୁ ଚାଲାଣ କରି ଭଲ ରୋଜଗାର କରନ୍ତି । ମୁଖ୍ୟତଃ ଯେଉଁ କାର ଜବତ ହୋଇଛି ଓ ଗ୍ୟାଙ୍ଗ ଯେଉଁସବୁ କାର ବ୍ୟବହାର କରନ୍ତି, ସେଗୁଡ଼ିକୁ ଭଡ଼ାରେ ନେଇଥାନ୍ତି ।

### ନିଶା ଚାଲାଣରେ ସୁନ୍ଦରୀ ଯୁବତୀ, ନାବାଳକ

ଶନିବାର ଟଙ୍କପାଣି ରୋଡ଼ ସାଇ ମନ୍ଦିର ନିକଟରୁ ଦୁହିଁଙ୍କୁ ଗିରଫ କରିବାରେ ସଫଳ ହେଲେ ।

ସୁନ୍ଦରୀ ତରୁଣୀ, ନାବାଳକମାନଙ୍କୁ ନିଶା କାରବାରରେ ଏହି ମାଫିଆ ନିୟୋଜନ କରାଇ କାରରେ ସହଜରେ ଗଞ୍ଜେଇ ଚାଲାଣ କରୁଥିଲେ । ସୁନ୍ଦରୀ ତରୁଣୀ ଓ ଛୋଟ ପିଲାଙ୍କୁ ଦେଖିଲେ ଶନିବାର ଦିନ ସାଇ ମନ୍ଦିର ନିକଟରେ ଧରାପଡ଼ିବା ସମୟରେ ଅବକାରୀ ଟିମ୍‌କୁ କାର ଧକ୍କା କରି ଖସିଯିବାକୁ ଉଦ୍ୟମ କରିଥିଲେ । ହେଲେ ଚତୁରତାର ସହ ଅବକାରୀ କର୍ମଚାରୀମାନେ ତାଙ୍କୁ ଧରିବାରେ ସଫଳ ହେଲେ । ଯାଞ୍ଚ କରିବା ବେଳେ କାର୍‌ରୁ ୯ଟି ବୋମା, ୪୫ କେଜି ଗଞ୍ଜେଇ ମିଳିଥିଲା ।




ଗିରଫ ହୋଇଥିବା ଦୁଇ ଗଞ୍ଜେଇ ମାଫିଆ ହେଲେ ମନୋରଞ୍ଜନ ରାଉତ (୨୪), ଅମରଜିତ୍ ପାତ୍ର (୨୫) । ୨୬ ତାରିଖ ଦିନ ଗଞ୍ଜେଇ ନେଇ ଯାଉଥିବାବେଳେ ଖୋର୍ଦ୍ଧା ମେଡିକାଲ ପାଖରେ ତାଙ୍କୁ (୯ ପୃଷ୍ଠାରେ)

### ମହାନଦୀ ଜଳ ବିବାଦ

## ଆସନ୍ତା ୧୧ରେ ପରବର୍ତ୍ତୀ ଶୁଣାଣି

**ଆପୋଷ ସମାଧାନ ନେଇ ଆଶା**

ଭୁବନେଶ୍ୱର, (ସବ୍ୟୁ) : ଛତିଶଗଡ ସହ ଓଡିଶାର ଥିବା ମହାନଦୀ ଜଳ ବିବାଦର ଶୁଣାଣି ଆସନ୍ତା ଏପ୍ରିଲ ୧୧ ତାରିଖରେ ପୁନର୍ବାର କରାଯିବ। ମହାନଦୀ ଟ୍ରିବୁନାଲରେ ଆଜି ଜଳ ବିବାଦର ଶୁଣାଣି ହୋଇଥିଲା। ଓଡିଶା ସରକାରଙ୍କ ପକ୍ଷରୁ ପକ୍ଷ ରଖି ଆଡଭୋକେଟ୍ ଜେନେରାଲ ପିତାମ୍ବର ଆଚାର୍ଯ୍ୟ କହିଥିଲେ ଯେ, ଦୁଇ ରାଜ୍ୟ ମଧ୍ୟରେ ହୋଇଥିବା ବୈଷୟିକ କମିଟି ରିପୋର୍ଟ ଉପସ୍ଥାପନ କରିଛନ୍ତି। ବିବାଦର ଆପୋଷ ସମାଧାନ ନେଇ ଆଶା ପ୍ରକାଶ ପାଇଛି ବୋଲି ସେ ଦର୍ଶାଇଥିଲେ।

ଏପ୍ରିଲ ୧୩ରେ ଟ୍ରିବୁନାଲଙ୍କ କାର୍ଯ୍ୟକାଳ ସରୁଥିବାରୁ ଏହାକୁ ବୃଦ୍ଧି କରିବାକୁ ମଧ୍ୟ ଏଜି ସୁପାରିଶ କରିଛନ୍ତି। ୧୧ ତାରିଖରେ ପରବର୍ତ୍ତୀ ଶୁଣାଣି କରାଯିବ। ସୂଚନାଯୋଗ୍ୟ ଇତି ମଧ୍ୟରେ ଟ୍ରିବୁନାଲର ଏକ ଟିମ୍ କ୍ଷେତ୍ର ପରିଦର୍ଶନ କରିଥିଲେ। ସେମାନେ ହୀରାକୁଦ ଯାଇ ସ୍ଥିତିର ପ୍ରତ୍ୟକ୍ଷ ଅନୁଧ୍ୟାନ କରିଥିଲେ।



ଏହାପରେ ଛତିଶଗଡ ଯାଇ ମଧ୍ୟ ସ୍ଥିତି ପରଖିଥିଲେ। ମହାନୀଦର ଉପର ମୁଣ୍ଡରେ ଛତିଶଗଡ ଏକାଧିକ ବ୍ୟାରେଜ ନିର୍ମାଣ କରିଥିବାରୁ ଅଣମୌସୁମୀ ଋତୁରେ ମହାନୀଦକୁ ଜଳ ପ୍ରବାହ ହ୍ରାସ ପାଇଛି। ଏହି ଜଳ ବିବାଦର ସମାଧାନ ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକରେ ମହାନଦୀ ଟ୍ରିବୁନାଲ ଗଠନ ହୋଇଛି। ତେବେ ବର୍ଷ ବର୍ଷ ବିତିଯାଇଥିଲେ ବି ଏହି ବିବାଦର ସମାଧାନ ହୋଇପାରିନାହିଁ। ତେବେ ଏପ୍ରିଲ ୧୩ରୁ ଟ୍ରିବ୍ୟୁନାଲ କାର୍ଯ୍ୟକାଳ ସରୁଥିବାରୁ ଏହାକୁ ବୃଦ୍ଧି କରିବା ପାଇଁ ଏଜି ସୁପାରିଶ କରିଛନ୍ତି। ଆଜି ଟ୍ରିବ୍ୟୁନାଲରେ ବୈଷୟିକ କମିଟି ରିପୋର୍ଟ ଉପସ୍ଥାପନ କରାଯାଇଛି। ୨ ରାଜ୍ୟ ମଧ୍ୟରେ ଥିବା ବିବାଦର ସମାଧାନ ପାଇଁ ସହମତି ହେବାର ଆଶା ମଧ୍ୟ ପ୍ରକଟ ହୋଇଥିବା ଟ୍ରିବ୍ୟୁନାଲକୁ ଅବଗତ କରାଯାଇଛି। ଆଶା କରାଯାଉଛି ଖୁବ୍‌ଶୀଘ୍ର ମହାନଦୀ ଜଳ ବିବାଦର ସମାଧାନ ହୋଇପାରିବ।

# ଖୁସି ଅଛନ୍ତି ୟାମୀ



ଅଭିନେତ୍ରୀ ୟାମୀ ଗୌତମ ବର୍ତ୍ତମାନ ଖୁବ ଖୁସି ଥିବା ଦେଖିବାକୁ ମିଳୁଛି । ଚଳଚ୍ଚିତ୍ର 'ଧୁରନ୍ଧର ୨'ର ଭବ୍ୟ ସଫଳତାକୁ ଅତି ନିଆରା ଢଙ୍ଗରେ ଉପଭୋଗ କରୁଥିବା ଦେଖିବାକୁ ମିଳିଛି, ଯାହାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି । ନିକଟରେ ୟାମୀ ତାଙ୍କ ଭଉଣୀ ସୁରୀଲି ଗୌତମଙ୍କ ସହ ସିନେମା ହଲ୍‌ରେ ପହଞ୍ଚିଥିଲେ । ଏହି ସମୟରେ ସେ ଦର୍ଶକଙ୍କ ଗହଣରେ ବସି ଲୁଚିଲୁଚି ଫିଲ୍ମର ମଜାନେଉଥିବାର ଦେଖିବାକୁ ମିଳିଛି । କେବଳ ୟାମୀ ନୁହେଁ ତାଙ୍କ ଭଉଣୀ ସୁରୁଲୀ ମଧ୍ୟ ଫିଲ୍ମର ମଜା ନେବା ସହିତ ପୁରା ଟିମର ଖୁବ ପ୍ରଶଂସା କରିଛନ୍ତି । ଫିଲ୍ମରେ ୟାମୀଙ୍କର କେମିଓ ଓ ଆଦିତ୍ୟଙ୍କ ନିର୍ଦ୍ଦେଶନାକୁ ସୁରିଲୀ ଖୁବ ପ୍ରଶଂସା କରିଛନ୍ତି । ଏନେଇ ସେ ସୋସିଆଲ ମିଡିଆରେ ପୋଷ୍ଟ ମଧ୍ୟ କରିଛନ୍ତି । ସୂଚନାଯୋଗ୍ୟ ଯେ, 'ଧୁରନ୍ଧର: ଦ ରିଭେଞ୍ଜ' ବକ୍ସ ଅଫିସରେ ମାତ୍ର ୮ ଦିନ ମଧ୍ୟରେ ବିଶ୍ୱବ୍ୟାପୀ ୧,୦୮୦ କୋଟି ଟଙ୍କାର ବ୍ୟବସାୟ କରିବା ସହ ୩୨ଟି ବଡ଼ ରେକର୍ଡ ଭାଙ୍ଗି ସାରିଛି । କେବଳ ଭାରତରେ ଏହାର ଗ୍ରସ୍ କଲେକ୍ସନ୍ ୮୦୫.୩୨ କୋଟି ଟଙ୍କାରେ ପହଞ୍ଚିଛି ।

# ୫ ପଇସା ପାଇଁ ଗଲା ଚାକିରି

ସୋସିଆଲ ମିଡିଆରେ ଏକ ଘଟଣା ବର୍ତ୍ତମାନ ଖୁବ ଭାଇରାଲ ହେଉଛି । ମାତ୍ର ୫ ପଇସା ପାଇଁ ଜଣେ ବ୍ୟକ୍ତିଙ୍କର ଚାକିରି ଯାଇଛି । ହେଲେ ୪୦ ବର୍ଷର ଆଇନଗତ ଲଢ଼େଇ ପରେ ତାଙ୍କୁ ମିଳିଲା ୩ ଲକ୍ଷ ଟଙ୍କାର କ୍ଷତିପୂରଣ ମଧ୍ୟ ମିଳିଛି । ତେବେ ସୂଚନା ଅନୁସାରେ ମାତ୍ର ୫ ପଇସା ପାଇଁ ଜଣେ ବସ୍ କଣ୍ଡକ୍ଟରଙ୍କ ଚାକିରି ଚାଲିଯାଇଥିଲା । ଏହି ସମ୍ପୂର୍ଣ୍ଣ ମାମଲାଟି ୧୯୭୬ ମସିହାର । ଉକ୍ତ ସମୟରେ ଦିଲ୍ଲୀ ପରିବହନ ନିଗମର କଣ୍ଡକ୍ଟର ରାମ ସିଂହ ଯାଦବଙ୍କ ଉପରେ ଟିକେଟ୍ ବଦଳରେ ମାତ୍ର ୫ ପଇସା ପକେଟରେ ରଖିବା ବା ଲାଞ୍ଚ ନେବା ଅଭିଯୋଗରେ ତାଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା । ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କରିବା ପାଇଁ ରାମ ସିଂହ ପ୍ରାୟ ୪୦ ବର୍ଷ ଧରି କୋର୍ଟ କଚେରୀ ଦୌଡ଼ିଥିଲେ, ଯେଉଁଥିରେ ତାଙ୍କର ପ୍ରାୟ ୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଯାଇଥିଲା । ଯଦିଓ ୧୯୯୦ରେ ଲେବର କୋର୍ଟ ତାଙ୍କୁ ସଠିକ୍ ବୋଲି ଦର୍ଶାଇଥିଲେ, କିନ୍ତୁ ଡିଟିସି ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିବାରୁ ମାମଲା ବହୁ ବର୍ଷ ଧରି ଅଟକି ରହିଥିଲା । ଶେଷରେ ୨୦୧୬ ମସିହାରେ ଦିଲ୍ଲୀ ହାଇକୋର୍ଟର ଆବେଦନକୁ ଖାରଜ କରି ରାମ ସିଂହଙ୍କୁ ୩୦ ହଜାର ଟଙ୍କାର ବକେୟା ଦେୟ ସହିତ ଗ୍ରାଚ୍ୟୁଇଟି ଏବଂ ସିପିଏଫ୍ ବାବଦକୁ ୨.୬୫ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।



ଆମେରିକାର ମେରିଲ୍ୟାଣ୍ଡ ସ୍ଥିତ ଆନାପୋଲିସ୍ ସହରରେ ପ୍ରତିବର୍ଷ ଏକ ଅଦ୍ଭୁତ ତଥା ନିଆରା ପରମ୍ପରା ମାଧ୍ୟମରେ ଗ୍ରୀଷ୍ମ ଋତୁକୁ ସ୍ୱାଗତ କରାଯାଉଛି । ଏଠାରେ ଲୋକମାନେ ନିଜର ପୁରୁଣା ଓ ଦୁର୍ଗନ୍ଧଯୁକ୍ତ ମୋଜାଗୁଡ଼ିକୁ ଜଳାଇ ଶୀତକୁ ବିଦାୟ ଦେଇଥାନ୍ତି । ଏହି ପରମ୍ପରାର ଆରମ୍ଭ ୧୯୭୭ ମସିହାରେ ହୋଇଥିଲା, ଏହି ସମୟରେ ଜଣେ ନାବିକ ଶୀତ ଦିନର କଷ୍ଟରୁ ମୁକ୍ତି ପାଇବା ପାଇଁ ନିଜ ମୋଜା ଜଳାଇ ଖୁସି ମନାଇଥିଲେ । ସେବେଠାରୁ ଏହା ଏକ ପ୍ରଥାରେ ପରିଣତ ହୋଇଛି । ଚେସାପିକ୍ ଉପକୂଳରେ ବୋଟିଂ ସିଜନ୍‌ର ଶୁଭାରମ୍ଭକୁ ସୂଚାଉଥିବା ଏହି କାର୍ଯ୍ୟକ୍ରମରେ ଲୋକମାନେ ଜାଣିଶୁଣି ନିଜର ସବୁଠାରୁ ପୁରୁଣା ମୋଜା ବାଛି ନିଆଁରେ ପକାଇଥାନ୍ତି । ବର୍ତ୍ତମାନ ଏହା ଏକ ପର୍ବର ରୂପ ନେଇଛି, ଯେଉଁଠାରେ ଲୋକମାନେ ଏକାଠି ହୋଇ ଲାଇଭ୍ ମ୍ୟୁଜିକ୍, ସାମୁଦ୍ରିକ ଖାଦ୍ୟ (ସିଫୁଡ୍) ଏବଂ ବିଭିନ୍ନ ପ୍ରକାରର ପାନୀୟ ସହିତ ଏହି ମୋଜା ପୋଡା ଉତ୍ସବର ମଜା ଉଠାଇଥାନ୍ତି ।

# ମୋଜା ପୋଡ଼ା ଉତ୍ସବ



## ହାଃହାଃ



ଅଫିସର: ଆମ କମ୍ପାନୀ ପାଇଁ ଜଣେ ବହୁତ ଦାୟିତ୍ୱବାନ ଲୋକ ଦରକାର ।

ପିଣ୍ଟୁ : ସାର୍ ମୋଠାରୁ ବଳି ଦାୟିତ୍ୱବାନ ଲୋକ ଆପଣଙ୍କୁ ମିଳିବେନି ।

ଅଫିସର : ସେଇଟା କେମିତି?

ପିଣ୍ଟୁ : ସାର୍, ପୂର୍ବ ଅଫିସରେ ଯେତେବେଳେ ବି କିଛି ଗୋଟେ ଭୁଲ୍ ହେଉଥିଲା, ସମସ୍ତେ କହୁଥିଲେ - "ଏଇଟା ପାଇଁ ପିଣ୍ଟୁ ହିଁ ଦାୟୀ! "

## ଇତିହାସ

୧୯୪୩- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମଣ ନାୟକଙ୍କୁ ବ୍ରହ୍ମପୁର ଜେଲ୍‌ରେ ଫାଶୀ ଦିଆଗଲା ।

୧୭୯୮ - ସ୍ୱିଜରଲାଣ୍ଡକୁ ଗଣତନ୍ତ୍ରର ମାନ୍ୟତା ମିଳିଲା ।

୧୯୦୧- ଅଷ୍ଟ୍ରେଲିଆରେ ପ୍ରଥମେ ସଂଘୀୟ ନିର୍ବାଚନ ହେଲା ।

୧୯୧୩- ହିନ୍ଦୀ ସାହିତ୍ୟର ପ୍ରସିଦ୍ଧ କବି ତଥା ଲେଖକ ଭବାନୀ ପ୍ରସାଦଙ୍କ ଜନ୍ମ ।

୧୯୮୨- ଏନ୍‌ଟି ରାମାରାଓ ତେଲୁଗୁ ଦେଶମ୍ ପାର୍ଟି ଗଠନ କଲେ ।

୧୯୯୯ - ହିମାଳୟର ତଳହଟୀରେ ଆସିଥିବା ଭୂକମ୍ପରେ ପ୍ରାୟ ୯୦ ଲୋକଙ୍କ ପ୍ରାଣହାନୀ ।

୨୦୦୪- ଆୟର୍ଲାଣ୍ଡ ପ୍ରଥମ ଦେଶ ରୂପେ କର୍ମସ୍ଥଳୀରେ ଧୂମପାନ ଉପରେ ପ୍ରତିବନ୍ଧକ ଲାଗୁ କଲା ।

୨୦୦୮ - ଇରାକରେ ଆମେରିକା ପକ୍ଷରୁ ହୋଇଥିବା ବୋମା ବିସ୍ଫୋରଣରେ ୫୦ ଜଣଙ୍କ ମୃତ୍ୟୁ ।

୨୦୧୪- ପ୍ରଥମେ ଇଂଲଣ୍ଡ ଓ ୱେଲ୍ସରେ ସମଲିଙ୍ଗୀ ବିବାହ ଆୟୋଜନ କରାଗଲା ।

# ନିମ ଫୁଲ ବରା

**ସାମଗ୍ରୀ-** ନିମ ଫୁଲ, ଚାଉଳ ଚୁନା, ବେସନ, ପିଆଜ, କଞ୍ଚା ଲଙ୍କା, ଅଦା-ରସୁଣ ଛେଚା, ହଳଦୀ ଗୁଣ୍ଡ, ଲୁଣ ।

**ପ୍ରସ୍ତୁତି-** ପ୍ରଥମେ ନିମ ଫୁଲରୁ କାଠି ଏବଂ ପତ୍ର ବାଛି ସଫା କରି ଦିଅନ୍ତୁ । ଏହାକୁ ପାଣିରେ ଧୋଇ ଛାଣି ରଖନ୍ତୁ ଯେପରି ସବୁ ପାଣି ବାହାରିଯିବ । ଏହାପରେ ଏକ ପାତ୍ରରେ ନିମ ଫୁଲ, କଟା ପିଆଜ, କଞ୍ଚା ଲଙ୍କା, ଅଦାରସୁଣ ଛେଚା, ହଳଦୀ ଏବଂ ଲୁଣ ପକାନ୍ତୁ । ଏବେ ଏଥିରେ ଚାଉଳ ବଟା ଏବଂ ବେସନ ମିଶାନ୍ତୁ । ଏହାପରେ ଅଳ୍ପ ଅଳ୍ପ ପାଣି ଦେଇ ଏହାକୁ ଗୋଳାନ୍ତୁ । ମନେରଖନ୍ତୁ, ମିଶ୍ରଣଟି ଯେପରି ବହଳିଆ ରହିବ, ଯାହାଦ୍ୱାରା ବରା ଗଢ଼ିବା ସହଜ ହେବ । ଗ୍ୟାସ୍‌ରେ ଏକ ତାୱା ବା କଡ଼େଇ ବସାଇ ତେଲ ଗରମ କରନ୍ତୁ । ହାତରେ ଅଳ୍ପ ମିଶ୍ରଣ ନେଇ ଛୋଟ ଛୋଟ ବରା ଆକାରରେ ଗଢ଼ି ତାୱା ଉପରେ ରଖନ୍ତୁ । ଧୀମା ଆଞ୍ଚରେ ବରାକୁ ଦୁଇ ପାଖ ଲାଲ୍ ଏବଂ କୁଡ଼ୁକୁଡ଼ିଆ ହେବା ପର୍ଯ୍ୟନ୍ତ ଭାଜନ୍ତୁ । ପ୍ରସ୍ତୁତ ହୋଇଯିବ ନିମ ଫୁଲ ବରା, ଏହାକୁ ଏହି ସମୟରେ ଖାଇବା ଉପକାରୀ ହୋଇଥାଏ ।



ଓଡ଼ିଆ ରୁଚି

## ସୋସିଆଲ କୋଟ୍ସ



ମୋ ପାଖରେ ପ୍ରଥମରୁ ଦିଲ୍ଲୀ ଯିବା ପାଇଁ ବି ପଇସା ନଥିଲା । ସେତେବେଳେ ଦିଲ୍ଲୀ ଯିବାପାଇଁ ୫୦ଟଙ୍କା ଭଡା ଲାଗୁଥିଲା । ତାବି ମୁଁ ଜଣେ ସାଙ୍ଗଠାରୁ ଉଧାର ଆଣିଥିଲି । ସେ ଦିନ ଗୁଡିକ ବହୁତ ସଂଘର୍ଷମୟ ଥିଲା ।

ମନୋଜ ବାଜପେୟୀ, ଅଭିନେତା



ମୋ ଚେହେରା ପାଇଁ ମୁଁ ଅନକ ସମୟରେ ସମାଲୋଚିତ ହୋଇଛି । ପ୍ରଥମରୁ ସବାନା ଆଜମୀ ମୋର ଚେହେରାକୁ ନେଇ ଟିପ୍ପଣୀ କରିଥିଲେ । ସେ କହିଥିଲେ ଏତେ ଖରାପ ଚେହେରା ଥିବା ଲୋକ ହିରୋ କିଭଳି ହେବେ ।

ନାସିରୁଦ୍ଦିନ ଶାହା, ଅଭିନେତା



ମୋ ଜୀବନର ସବୁଠାରୁ ବଡ କ୍ଷତି ଥିଲା ମୁଁ ମୋ ଜେଜେମା'ଙ୍କ ହରାଇବା । ତାଙ୍କ ମୃତ୍ୟୁପରେ ମୁଁ ଭାଙ୍ଗି ପଡିଥିଲି । ଏପରିକି ମୁଁ ଡିପ୍ରେସନକୁ ପଳାଇଥିଲି ।

ଶଫାକ୍ ନାଜ୍, ଅଭିନେତ୍ରୀ



**ମେଷ:** ପରୋପକାର, ସମାଜ ସେବା, ଶରୀରସୁସ୍ଥ, କର୍ମକ୍ଷେତ୍ରରେ ସ୍ୱଳ୍ପ ଲାଭ, ବନ୍ଧୁ ଦର୍ଶନ, ଶତ୍ରୁ ପରାଭବ, ଶୁଭ କାର୍ଯ୍ୟରେ ଧନ ବ୍ୟୟ, ଆର୍ଥିକ ସହାୟତା, ଦୂର ଯାତ୍ରା । ଭରଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ଆରାଧନା- ମା' ମଙ୍ଗଳା ।

**ବୃଷ:** କର୍ମ କ୍ଷେତ୍ରରେ ବାଧା, ମାନସିକ ଅବସାଦ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଗାଡ଼ି ଚଳାଚଳରେ ସାବଧାନ, ସ୍ୱଜନ ବିରୋଧ, ଆର୍ଥିକ ସମସ୍ୟା, ଶାରୀରିକ କଷ୍ଟ, ସମ୍ମାନ ହାନି, କିଛି କାର୍ଯ୍ୟରେ ବିଳମ୍ବ, ଦାମ୍ପତ୍ୟ କଳହ, ବିଦ୍ୟାରେ ଅସଫଳ । ମୃଗଶୀରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ପିଙ୍କ୍, ସଂଖ୍ୟା-୨, ଆରାଧନା- ଭଗବାନ ଶଙ୍କର ।

**ମିଥୁନ:** ପୈତୃକ ସମ୍ପତ୍ତିରେ ଲାଭ, ଶତ୍ରୁ ରହିବେ, ସ୍ୱାସ୍ଥ୍ୟ ଭଲ ରହିବ, ମନରେ ପ୍ରସନ୍ନତା, ଜଞ୍ଜାଳ ବୃଦ୍ଧି, ସହକର୍ମୀଙ୍କ ସହଯୋଗ, ବ୍ୟବସାୟରେ ଲାଭ, ଆଶା ସଫଳ, ବନ୍ଧୁ ସହଯୋଗ, ଦେବ ଦର୍ଶନ । ପୁନର୍ବସୁ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସୁନେଲୀ, ସଂଖ୍ୟା-୬, ଆରାଧନା- ଲକ୍ଷ୍ମୀନୃସିଂହ ।

**କର୍କଟ:** ଦ୍ରବ୍ୟ ଲାଭ, କାର୍ଯ୍ୟ କ୍ଷେତ୍ରରେ ଉନ୍ନତି, ବ୍ୟବସାୟରେ ଲାଭ, ସ୍ୱାସ୍ଥ୍ୟରେ ଉନ୍ନତି, ସୁସମାଚାର ମିଳିବ, ସହଯୋଗ ବୃଦ୍ଧି, ଖୁସିରେ ରହିବେ, ଶରୀର ସୁସ୍ଥ, ଅଚାନକ କଳହ ଯୋଗ, କଚେରି ମାମଲାର ସମାଧାନ । ପୂର୍ବାଫାଲ୍ଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଦାମୀ, ସଂଖ୍ୟା-୫, ଆରାଧନା- ମା' ଭଗବତୀ ।

**ସିଂହ:** ଶୁଭ ଖବର, ଗୃହେ ଅତିଥି ଆଗମନ, ଆର୍ଥିକ ଝୁଙ୍କି, ଶୁଭ କାର୍ଯ୍ୟରେ ଧନବ୍ୟୟ, ନୂଆ ଯୋଜନାରେ ଲାଭ, ବନ୍ଧୁ ଦର୍ଶନ, ବ୍ୟବସାୟରେ ଶତ୍ରୁତା, ଲୋକସମ୍ପର୍କ ବୃଦ୍ଧି, କ୍ରୋଧ ହେତୁ କୌଣସି କାର୍ଯ୍ୟରେ ବାଧା, ସନ୍ତାନ ସୁଖ । ଉତ୍ତରା ଫାଲ୍ଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୭, ପ୍ରତିକାର- ଗୋ ସେବା ।

**କନ୍ୟା:** ଅପମାନ ଯୋଗ, କାର୍ଯ୍ୟ କ୍ଷେତ୍ରରେ ଅସନ୍ତୁଷ୍ଟ, ବ୍ୟବସାୟରେ ଲାଭ, ଦୂର ଯାତ୍ରା, ଶତ୍ରୁ କଷ୍ଟ, ଲୋକସମ୍ପର୍କରେ ଉନ୍ନତି, ଉଚ୍ଚ ଆଶାରେ ବିଳମ୍ବ, ଅଯଥା ଖର୍ଚ୍ଚ, ଉତ୍ତମ ସ୍ୱାସ୍ଥ୍ୟ, ନ୍ୟାୟିକ ବ୍ୟବସ୍ଥାରେ ଦୁଃଖ । ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୩, ଆରାଧନା- ମା' ବଗଳାମୁଖୀ ।

**ତୁଳା:** ସଫଳତା, ତ୍ରିଥାଟନ ଯୋଗ, ନୂତନ କାର୍ଯ୍ୟରେ ସହଯୋଗ, ବ୍ୟବସାୟରେ ଉନ୍ନତି, ସମ୍ମାନ ପ୍ରାପ୍ତି, ଶତ୍ରୁ ପରାଜିତ, ନୂତନ ନିଯୁକ୍ତି, ପାରିବାରିକ ଖୁସି, ଭୂମି ଓ ବାହନ କ୍ଷେତ୍ରରେ ଲାଭ, ପିଲାଙ୍କ ଖୁସି । ବିଶାଖା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୮, ଆରାଧନା- ପ୍ରଭୁ ଜଗନ୍ନାଥ ।

**ବିଛା:** ଶୁଭ ଖବର, କାର୍ଯ୍ୟ ପ୍ରତି ଅନାଗ୍ରହ, ଅର୍ଥ ସମସ୍ୟା, ଜନସେବା, ବ୍ୟବସାୟରେ ବାଧା, ବନ୍ଧୁ ବିଦ୍ରୋହ, ଅସତ୍ କାର୍ଯ୍ୟ ପ୍ରତି ଆଗ୍ରହ, ସ୍ୱାସ୍ଥ୍ୟ ଲାଭ, ପରିବାରରେ ସହଯୋଗ, ସନ୍ତାନ ସମସ୍ୟା । ଜ୍ୟେଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୪, ଆରାଧନା- ମହାଲକ୍ଷ୍ମୀ ।

**ଧନୁ:** ଶୁଭ କାର୍ଯ୍ୟରେ ଧନ ଖର୍ଚ୍ଚ, ଲୋକସମ୍ପର୍କରେ ଉନ୍ନତି, ଦେବ କାର୍ଯ୍ୟରେ ସନ୍ତୁଷ୍ଟ, ବହୁ ପରିଶ୍ରମ ଲାଭ କମ, ଶାରୀରିକ ଅସୁସ୍ଥତା, ନୂତନ ସହଯୋଗ, ନ୍ୟାୟିକ ବ୍ୟବସ୍ଥାରେ ଖୁସି, କର୍ମ କ୍ଷେତ୍ରରେ ସମ୍ମାନ ଲାଭ । ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା- ୯, ଆରାଧନା- ରାଧାକୃଷ୍ଣ ।

**ମକର:** ବନ୍ଧୁ ସହଯୋଗ, ବ୍ୟବସାୟରେ ଲାଭ, ସ୍ୱାସ୍ଥ୍ୟରେ ଉନ୍ନତି, ସୁସମାଚାର ମିଳିବ, ବନ୍ଧୁରେ ଆଗ୍ରହ, କର୍ମରେ ସଫଳ, ଭ୍ରାତୃଭଗ୍ନୀଙ୍କ ସ୍ନେହ, କିଛି କାର୍ଯ୍ୟରେ ବିରୋଧ, ଲୋକସମ୍ପର୍କ ବୃଦ୍ଧି, ଶତ୍ରୁ ରହିବେ, ଦାମ୍ପତ୍ୟ କଳହ, ପିଲାଙ୍କ ଖୁସି । ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- କଳା, ସଂଖ୍ୟା-୪, ଆରାଧନା- ମା' ଦକ୍ଷିଣକାଳୀ ।

**କୁମ୍ଭ:** ପଦୋନ୍ନତି, କର୍ମକ୍ଷେତ୍ରରେ ଖୁସି, ଆଶା ସଫଳ, ଦୂର ଯାତ୍ରାରେ ଲାଭ, ବନ୍ଧୁ ସହଯୋଗ, ଶତ୍ରୁ ସମସ୍ୟା ସମାଧାନ, ମାନସମ୍ମାନ ପ୍ରାପ୍ତି, ବ୍ୟବସାୟରେ ଲାଭ, ଅଚାନକ ଦୂର ଯାତ୍ରା, ଖୁସି ଖବର, ଶୁଭ କାର୍ଯ୍ୟରେ ଧନ ଖର୍ଚ୍ଚ । ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣୀ, ସଂଖ୍ୟା- ୯, ଆରାଧନା- ଶଙ୍କର ଭଗବାନ ।

**ମୀନ:** ଗୁରୁଜନଙ୍କ କୃପା, ବ୍ୟବସାୟରେ ଉନ୍ନତି, ବିଦେଶ ଯାତ୍ରା, ଅନୁଷ୍ଠାନରୁ ଲାଭ, ବନ୍ଧୁ ସହଯୋଗ, ସ୍ୱାସ୍ଥ୍ୟ ଲାଭ, ଉଚ୍ଚ ସମ୍ମାନ, ପରିବାରର ଅସହଯୋଗ, ଶତ୍ରୁ ପରାଭବ, ଅଧି କ ଖର୍ଚ୍ଚ । ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୬, ଆରାଧନା- ପ୍ରଭୁ ହନୁମାନ ।

ଚୈତ୍ର ଶୁକ୍ଳପକ୍ଷ, ଏକାଦଶୀ

୨୯.୩.୨୦୨୬ ରବିବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କଲେ ସ୍ଥଳ ସେନା ମୁଖ୍ୟ

ପୁରୀ, (ସବ୍ୟୁ): ଶନିବାର ସକାଳେ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଛନ୍ତି ଭାରତର ସ୍ଥଳ ସେନା ମୁଖ୍ୟ। ଭାରତୀୟ ସେନା କିଭଳି ଆହୁରି ଅଧିକ ଶକ୍ତିଶାଳୀ ହେବ ସେନେଇ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ସ୍ଥଳ ସେନା ମୁଖ୍ୟ । ତିନିଦିନିଆ ଓଡିଶା ଗସ୍ତରେ ଆସିଥିବା ଭାରତୀୟ ସ୍ଥଳ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଶନିବାର ସକାଳୁ ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ଆଶୀର୍ବାଦ ଲାଭ କରିଛନ୍ତି। ସପରିବାର ସହ ସେନା ମୁଖ୍ୟ ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏବଂ ଏସପି ପ୍ରତୀକ ସିଂ ତାଙ୍କୁ ସ୍ୱାଗତ କରିବା ସହ ଶ୍ରୀମନ୍ଦିର ଭିତରକୁ ପାଛୋଟି ନେଇଥିଲେ। ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରତ୍ନ ସିଂହାସନରେ ଦର୍ଶନ କରିବା



ପରେ ମା ବିମଳା, ଲକ୍ଷ୍ମୀ ଓ ଅନ୍ୟାନ୍ୟ ପାର୍ଶ୍ୱ ଦେବାଦେବୀଙ୍କ ଦର୍ଶନ ସହିତ ପୂଜାର୍ଚ୍ଚନା କରିଥିଲେ। ଦର୍ଶନ ସାରି ଫେରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି ସ୍ଥଳ ସେନା ମୁଖ୍ୟ। ପୁରୀ ନଗରୀକୁ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସୁଯୋଗ ମିଳିଥିବାରୁ ସେ ନିଜକୁ ଭାଗ୍ୟବାନ ମନେ କରିଛନ୍ତି। ଆଗାମୀ ଦିନରେ ଯେକୌଣସି ପରିସ୍ଥିତି ଆସୁ ଭାରତୀୟ ସେନା ତା'କୁ କିଭଳି ସାମ୍ନା କରିବେ ଏବଂ ଭାରତୀୟ ସେନା ମାନଙ୍କ ଶକ୍ତି କିଭଳି ଅଧିକ ବୃଦ୍ଧି ପାଇବ ସେନେଇ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ବିଶେଷ କରି ପୁରୀ ଓ ଓଡ଼ିଶା ବାସୀଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଦେଶର ମଙ୍ଗଳ କାମନା ନେଇ ସେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା ମଧ୍ୟ କରିଛନ୍ତି। ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଦର୍ଶନ ସାରି ଫେରିବା ପରେ ସ୍ଥଳ ସେନା ମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ ପୁରୀ ସୈନିକ ସଦନରେ କିଛି ସମୟ ଅତିବାହିତ କରିବା ପରେ ସେଠାରୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ତାଳବଣିଆ ହେଲିପ୍ୟାଡ ଯାଇ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଗୋପାଳପୁରର ମିଲିଟାରୀ ଷ୍ଟେସନ ଅଭିମୁଖେ ବାହାରିଥିବା ସୂଚନା ମିଳିଛି।

## ଦେଶୀ ମଦ ଜବତ, ବେପାରୀ ଗିରଫ

ପାଣିକୋଇଲି, (ସବ୍ୟୁ): ପାଣିକୋଇଲି ପୁଲିସ ସନ୍ଧ୍ୟାକାଳୀନ ପେଟ୍ରୋଲିଂଗ କରୁଥିଲା। ବିଭିନ୍ନ ସ୍ଥାନି ସ୍ଥାନ ବୁଲି ଆସିବା ପରେ ବଡବରୁଣାଇପଦା ଗ୍ରାମକୁ ଯାଇଥିଲା। ସେଠାରେ ପହଂଚିବା ପରେ ଜଣେ ବ୍ୟକ୍ତିଙ୍କ ଠାରୁ ଫୋନ କଲ ପାଇ କାଜିପାଟଣା ଛକରେ ଚଢାଉ କରିଥିଲା। ସେଠାରେ ଜଣେ ବ୍ୟକ୍ତିର ଚାଲିଚଲଣ ଉପରେ ସନ୍ଦେହ ହେବାରୁ ତାକୁ ଧରିଥିଲେ। ତା ନିକଟରୁ ୪୫ ବୋତଲ (୯ଲିଟର) ଦେଶୀ ମଦ (ଆସ୍କାଫର୍ଟି) ମିଳିଥିଲା। ତାକୁ ଥାନାକୁ ଆଣିବା ପରେ ସେ ପଥରପଦା କାଜିପାଟଣା ଗ୍ରାମର ରାଜକିଶୋର ଦାସଙ୍କ ପୁଅ ହରେକୃଷ୍ଣ ଦାସ(୪୭)କୁ ଗିରଫ କରିଥିଲା।

## ଓଡ଼ିଶା ହାଇକୋର୍ଟ ବାର୍ ନିର୍ବାଚନ

# ଲଲାଟେନ୍ଦୁ ସାମନ୍ତରାୟ ସଭାପତି, ହୃଦାନନ୍ଦ ମହାପାତ୍ର ସମ୍ପାଦକ



କଟକ,(ସବ୍ୟୁ) : ହାଇକୋର୍ଟ ବାର୍ ଆସୋସିଏସନ ନିର୍ବାଚନରେ ଆଇନଜୀବୀ ଲଲାଟେନ୍ଦୁ ସାମନ୍ତରାୟ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସମ୍ପାଦକ ପଦରେ ହୃଦାନନ୍ଦ ମହାପାତ୍ର, ଉପ ସଭାପତି ପଦରେ ପ୍ରଦୀପ ମହାପାତ୍ର ନିର୍ବାଚିତ ହୋଇଛନ୍ତି। ଲଲାଟେନ୍ଦୁ ସାମନ୍ତରାୟ ସର୍ବାଧିକ ୧୭୧୮ ଖଣ୍ଡ ଭୋଟ୍ ପାଇଥିଲାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଲକ୍ଷ୍ମୀକାନ୍ତ ପଙ୍ଗାରୀ ୮୭୬ଖଣ୍ଡ ଭୋଟ୍ ପାଇଁ ପରାସ୍ତ ହୋଇଛନ୍ତି। ମାନସ ମହାପାତ୍ର ୭୪୦ଖଣ୍ଡ ଭୋଟ୍ ପାଇ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ସମ୍ପାଦକ ଭାବେ ଲଢୁଥିବା ହୃଦାନନ୍ଦ ମହାପାତ୍ର ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ମାନଙ୍କୁ ପରାସ୍ତ କରି ବିଜୟ ମୁକୁଟ ପିନ୍ଧିଛନ୍ତି ବୋଲି ନିର୍ବାଚନ ଅଧିକାରୀଙ୍କ ଠାରୁ ପ୍ରକାଶ।

## ଆଇସିଏମ୍ଏଆଇ ଭୁବନେଶ୍ୱର ଚାପ୍ଟର ପକ୍ଷରୁ

# ଇନ୍‌କମ୍ ଟାକ୍ସ-୨୦୨୫ ସମ୍ପର୍କୀତ ଆଉଟରିଚ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ): ଇନଷ୍ଟିଚ୍ୟୁଟ୍ ଅଫ କଷ୍ଟ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ (ଆଇସିଏମ୍ଏଆଇ) ଏବଂ ଟ୍ୟାକ୍ସ ରିସର୍ଚ୍ଚ ଡିପାର୍ଟମେଣ୍ଟର ମିଳିତ





ସହଯୋଗରେ ନୂତନ ଆୟକର ଆଇନ-୨୦୨୫ ସମ୍ପର୍କୀତ ଏକ ଆଉଟରିଚ୍ କାର୍ଯ୍ୟକ୍ରମ ସିଏମଏ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ଡିରେକ୍ଟରଟ୍ ଅଫ୍ ଟ୍ରେନିଂ ସହଯୋଗରେ ଡାଇରେକ୍ଟ ଟ୍ୟାକ୍ସେସନ କମିଟି ଓ ଇନକମ୍ ଟ୍ୟାକ୍ସ ଆକ୍ଟ-୨୦୨୫ ଟାକ୍ସଫୋର୍ସଙ୍କ ମାର୍ଗଦର୍ଶନରେ ଟିଆର୍‌ଡି ଦ୍ୱାରା ପରିଚାଳିତ ଦେଶବ୍ୟାପୀ ପଦକ୍ଷେପର ଏକ ଅଂଶ ଥିଲା। ମୁଖ୍ୟ ଅତିଥି ଭାବେ ନାଲକୋର ଅର୍ଥ ନିର୍ଦ୍ଦେଶକ ସିଏମ୍ଏ ଅଭୟ କୁମାର ବେହୁରିଆ, ସ୍ୱତନ୍ତ୍ର ଅତିଥି ଭାବେ ସରୋଜ ମହାପାତ୍ର, ପ୍ରିନ୍ସିପାଲ କମିଶନର ଅଫ୍ ଇନକମ୍ ଟ୍ୟାକ୍ସ, ସିଏମ୍ଏ ଶ୍ରୀକାନ୍ତ କୁମାର ସାହୁ, ଅର୍ଥ ନିର୍ଦ୍ଦେଶକ, ସିଏମଏ ଗଗନ ବିହାରୀ ସ୍ୱାଇଁ, ଅର୍ଥ ନିର୍ଦ୍ଦେଶକ, ସିଏମଏ କ୍ଷୀରୋଦ ଚନ୍ଦ୍ର ନନ୍ଦ, ଅର୍ଥ ନିର୍ଦ୍ଦେଶକ, ଆଇସିଏମ୍ଏଆଇର ପୂର୍ବତନ ସଭାପତି ସିଏମ୍ଏ ବିଭୁତି ଭୂଷଣ ନାୟକ ଏବଂ ଇଆଇଆର୍‌ସିର ଅଧ୍ୟକ୍ଷ ସିଏମ୍ଏ ଆରତି ଗାଙ୍ଗୁଲୀ, ଉପାଧ୍ୟକ୍ଷ ଦାମୋଦର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ ଏବଂ ଅଭିଭାଷଣ ରଖିଥିଲେ। ଭୁବନେଶ୍ୱର ଚାପ୍ଟର ଅଧ୍ୟକ୍ଷ ସିଏମଏ ଶରତ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ସିଏମ୍ଏ ସୁଧାଂଶୁ କୁମାର ସାହୁ ଓ ଅବିନାଶ କୋଟ୍‌ନି ଏହି ଟେକ୍ନିକାଲ ସେସନ୍‌ର ପରିଚାଳନା କରିବା ସହ ନୂତନ ଆୟକର ଆଇନ୍ ୨୦୨୫ର ବ୍ୟବସ୍ଥା ଓ ପ୍ରଭାବ ବିଷୟରେ ଗଭୀର ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲେ।

## ସିନର୍ଜୀ ପରିସରରେ ଫୁଟିଲା ଗୁଳି

# ପ୍ରେମ ସମ୍ପର୍କକୁ ନେଇ ବିଟେକ୍-ବିଏସ୍‌ସି ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ

ଢେଙ୍କାନାଳ(ସବ୍ୟୁ) : ଢେଙ୍କାନାଳ ସହର ଟାଉନଥାନା କଣ୍ଟାନାଳୀ ବାଇପାସ ଠାରେଥିବା ସିନର୍ଜୀ ବୈଷୟିକ ମହାବିଦ୍ୟାଳୟ ପରିସରରେ ପ୍ରେମ ସମ୍ପର୍କକୁ ନେଇ ବିଟେକ୍ ଏବଂ ବିଏସସି ଛାତ୍ରଙ୍କ ମଧ୍ୟରେ ତିକ୍ତତା ଲାଗିରହିଥିବା ବେଳେ ପରିସରରେ ଅଣଛାତ୍ର ପ୍ରବେଶ କରି ଗଣ୍ଡଗୋଳ କରିବା ସହିତ ଗୁଳିମାଡ କରିଥିବାର ଜଣାପଡିଛି । ଏହାକୁ ନେଇ ଅଧ୍ୟକ୍ଷ ଗୁଳିମାଡ ହୋଇନଥିବା ଏବଂ ଅଣଛାତ୍ର ପ୍ରବେଶ କରିନଥିବା କହୁଥିବା ବେଳେ ଛାତ୍ରମାନେ ଅଣଛାତ୍ର ପ୍ରବେଶ କରିଏଭଳି କାଣ୍ଡ କରିଥିବାର ଅଭିଯୋଗ କରିଛନ୍ତି ।

ଟାଉନ ଥାନା ଅନ୍ତର୍ଗତ ସିନିର୍ଜୀ ବୈଷୟିକ ମହାବିଦ୍ୟାଳୟ ପରିସରରେ ଶନିବାର ମଧ୍ୟାହ୍ନରେ କେତେକ ଅଣଛାତ୍ର ପ୍ରବେଶ କରି ଗଣ୍ଡଗୋଳ କରିବା ସହିତ ଗୁଳି କାଣ୍ଡ କରିଥିବାର ଜଣାପଡିଛି । ଏହି ଗୁଳିକାଣ୍ଡରେ କୌଣସି କ୍ଷତି ହୋଇନଥିବା ବେଳେ ମାଡରେ ଜଣେ ଛାତ୍ରଙ୍କ ମୁଣ୍ଡ ଫାଟିଛି । ମଧ୍ୟାହ୍ନ ସମୟରେ ରିଙ୍କୁ ଜେନା ନାମକ ଜଣେ ବିଟେକ ଛାତ୍ର ଛିଡା ହୋଇଥିବା ବେଳେ ଦୁଇ ଜଣ ଅଣଛାତ୍ର ମୁହଁରେ ଗାମୁଛା ବାନ୍ଧି କ୍ୟାଣ୍ଟିନ ପାର୍ଶ୍ୱରୁ ପ୍ରବେଶ କରିବା ସହିତ ଲିଟନ ନାମକ ଜଣେ ଛାତ୍ରଙ୍କ ବିଷୟରେ ପଚାରିଥିଲେ । ଏହାକୁ ନେଇ ସେଠାରେ ଥିବା ଅନ୍ୟ ଛାତ୍ରଙ୍କ ସହିତ ଯୁକ୍ତି ତର୍କହେବା ସହିତ ଗଣ୍ଡଗୋଳ ହୋଇଥିଲା । ସେଠାରେଥିବା ବିଟେକ ଛାତ୍ର ଝାଡେଶ୍ୱର ମଲ୍ଲିକଙ୍କୁ ଲିଟନ ସମ୍ପର୍କରେ ପଚାରିବା ସହିତ

### ସୁରକ୍ଷାଢିଲା, ପରିସରରେ ଅଣଛାତ୍ରଙ୍କ ପ୍ରବେଶକୁ ନେଇ ଅସନ୍ତୋଷ

ପୂର୍ବ ଶତୃତାକୁ ନେଇ ସେମାନଙ୍କ ମଧ୍ୟରେ ଗଣ୍ଡଗୋଳଏବଂ ମାଡପିଟ ହୋଇଥିଲା । ଏହି ସମୟରେ ଝାଡେଶ୍ୱର ପ୍ରତିବାଦ କରିବାରୁ ଅଣଛାତ୍ରଙ୍କ ସହିତ ଅନ୍ୟମାନେ ମିଶି ତାଙ୍କୁ ପ୍ରବଳ ମାଡ ମାରିଥିଲେ । ଏହି ସମୟରେ ଜଣେ ଅଣଛାତ୍ର ଏକ ବନ୍ଧୁକ ବାହାର କରି ଗୁଳିକରିଥିଲା । ଫଳରେ ଛାତ୍ରମାନେ ସେଠାରୁ ଦୌଡି ପଳାଇଥିଲେ । ଛାତ୍ରଙ୍କ ଅଭିଯୋଗ ଅନୁସାରେ କାମାକ୍ଷାନଗର ଆଲୁତୁମା ଅଞ୍ଚଳର ଏହି ଦୁଇଜଣ ଛାତ୍ର ବୋଲି ଜଣାପଡିଛି । ଘଟଣାକୁ ନେଇ ସେ ଟାଉନଥାନାରେ ଅଭିଯୋଗ କରାଯାଇଛି । ଘଟଣାକୁ ନେଇ ଅଧ୍ୟକ୍ଷ ମାତୃପ୍ରସାଦ ଦାସ କହିଛନ୍ତି ଯେ,ପରିସରରେ ସେମିତି କିଛି ଫାୟାରିଂ ହୋଇନାହିଁ କିମ୍ବା ଅଣଛାତ୍ର ପରିସରକୁ ପ୍ରବେଶ କରିନାହାଁନ୍ତି । ବିଏସ୍‌ସି ଫାଇନାଲ ବର୍ଷ ଏବଂ ବିଟେକ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି । ସେହିପରି ପ୍ରଶାସନିକ ଅଧିକାରୀ ଇତିଶ୍ରୀ ମହାନ୍ତିଙ୍କ କହିବା ଅନୁସାରେ ସେଭଳି କିଛି ଘଟଣା ଘଟିନାହିଁ । ଆମ୍ଭେ ତଦନ୍ତ କରୁଛୁ,ତଦନ୍ତ ସହିତରେ ଡିସି କମିଟି ବସିବା ପରେ ଦୁଇ ଛାତ୍ରଗୋଷ୍ଠୀଙ୍କୁ ଡାକି ସମାଧାନ କରାଯିବ । କଲେଜ ପରିସରକୁ ଅଣଛାତ୍ର ପ୍ରବେଶ କରିନଥିବାର ସେ କହିଛନ୍ତି । ଘଟଣାକୁ ନେଇ ଟାଉନ ପୋଲିସ ତଦନ୍ତ କରୁଛି ।

# ଡକାୟତି ଯୋଜନା ବେଳେ ପୋଲିସ ଚଢ଼ାଉ: ୪ ଗିରଫ, ଖଣ୍ଡା ଜବତ

ଭୁବନେଶ୍ୱର, (ସବ୍ୟୁ) : ଡକାୟତି ଯୋଜନା ହେଉଥିବା ଖବର ପାଇ ଲକ୍ଷ୍ମୀସାଗର ଥାନା ପୋଲିସ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଖଣ୍ଡା ଓ ଅନ୍ୟାନ୍ୟ କେତେକ ମାରଣାସ୍ତ୍ର ଜବତ କରିଛି । ଅନ୍ୟ ଜଣେ ଘଟଣାସ୍ଥଳରୁ ଖସିଯିବାରେ ସମର୍ଥ ହୋଇଥିବା ପୋଲିସ କହିଛି ।

ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କେନାଲ ରୋଡ଼ ଯୋକ ପୋଖରୀ ନିକଟ ଖୋଲା ପଡ଼ିଆରେ ବସି କିଛି ଯୁବକ ଡକାୟତି ଯୋଜନା କରୁଥିବା ଲକ୍ଷ୍ମୀସାଗର ଥାନା ପୋଲିସ ଖବର ପାଇ ଚଢ଼ାଉ କରିଥିଲା । ମୁଖ୍ୟତଃ ଜଗନ୍ନାଥ ନଗର ମୁଖ୍ୟ ରାସ୍ତାରେ ଥିବା ମହାବୀର ଜୁଏଲାରୀରୁ ଡକାୟତି କରିବା ପାଇଁ ଯୋଜନା କରୁଥିବା ଲକ୍ଷ୍ମୀସାଗର ଥାନା ପୋଲିସ ଜାଣିଥିଲା । ଶୁକ୍ରବାର ରାତି ପ୍ରାୟ ୧୧.୩୦ ବେଳେ ଘଟଣାସ୍ଥଳରେ ପୋଲିସ ପହଞ୍ଚିଥିଲା । ପୋଲିସକୁ ଦେଖି ସେମାନେ ହଠାତ ବିଭିନ୍ନ ମାରଣାସ୍ତ୍ର ଦେଖାଇ ପୋଲିସ ପାଖରୁ ଖସିଯିବାକୁ ଉଦ୍ୟମ କରିଥିଲେ । କିନ୍ତୁ ପୋଲିସ ଦଳ ଖଣ୍ଡା ଓ ଅନ୍ୟ ମାରଣାସ୍ତ୍ରକୁ ଖାତିର ନକରି କିଛି ବାଟ ସେମାନଙ୍କୁ ପିଛା କରିଥିଲା । ୪ ଜଣଙ୍କୁ ଧରିବାରେ ସଫଳ ହୋଇଥିବାବେଳେ ଜଣେ ଅନ୍ଧାରର ସୁଯୋଗ ଉଣ୍ଡି ଖସିଯାଇଛି ବୋଲି ପୋଲିସ କହିଛି



। ଘଟଣାସ୍ଥଳରୁ ଦୁଇଟି ଲୁହା ଛଡ଼, ଗୋଟିଏ ସ୍କ୍ରୁଡ୍ରାଇଭର, ଗୋଟିଏ ହ୍ୟାକ୍ସ ବ୍ଲେଡ୍, ଗୋଟିଏ ଛୁରୀ, ଗୋଟିଏ ହାତୁଡ଼ି, ଦୁଇଟି ଖଣ୍ଡା, ଦୁଇଟି ଲଙ୍କାଗୁଣ୍ଡ ପ୍ୟାକେଟ୍, ଖାଲି ମଦ ବୋତଲ, ପ୍ଲାଷ୍ଟିକ୍ ଗ୍ଲାସ୍, ସିଗାରେଟ୍ ପ୍ୟାକେଟ, ଦିଆସିଲ ଓ ଗୋଟିଏ ଟର୍ଚ୍ଚ ଲାଇଟ୍ ଜବତ ହୋଇଛି । ଗିରଫ ୪ ଅଭିଯୁକ୍ତ ହେଲେ କାହ୍ନା ଲେଙ୍କା (୨୫), ରାମ ପାଲ ଓରଫ ଓମ୍‌ଶ୍ରୀ ସାଇ ଆଶୀର୍ବାଦ (୨୨), ବାଲିଆ ଓରଫ ବଳରାମ ଭୋଇ (୨୧) ଓ ସୁମନ ଓରଫ ବିଶ୍ୱମୋହନ ନାୟକ (୧୮) । ୪ ଜଣଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିବାବେଳେ ଜାମିନ ନାମଞ୍ଜୁର ହୋଇଯିବାରୁ ଦୁହିଁଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ଏମାନଙ୍କ ନାମରେ ପୂର୍ବରୁ ଅପରାଧିକ ମାମଲା ମଧ୍ୟ ଥିବା ସୂଚନା ମିଳିଛି । ଫେରାର ଅଭିଯୁକ୍ତକୁ ଗିରଫ କରିବା ପାଇଁ ପୋଲିସ ଛାନ୍‌ଭିନ୍ କରୁଛି ।

# ଯୁବକକୁ ନିର୍ମମ ହତ୍ୟା, ପୋଲିସ ତଦନ୍ତ ଆରମ୍ଭ

ପୁରୀ, (ସବ୍ୟୁ): ଗତକାଲି ରାତିରେ ସମୁଦ୍ର କୂଳ ଥାନା ଅଧିନ ପେଣ୍ଠକଟା ଅଞ୍ଚଳରେ ଘଟିଛି ଜଘନ୍ୟ ହତ୍ୟାକାଣ୍ଡ। ଜଣେ ଯୁବକଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି କେତେକ ଦୁର୍ବୃତ୍ତ। ପେଣ୍ଠକଟା ଧୋବାଖାଲ ଠାରେ ଘଟିଛି ଏଭଳି ଅଭାବନୀୟ ଘଟଣା। ମୃତ ଯୁବକଙ୍କ ପରିଚୟ ହେଉଛି ତପୁ ବାରିକ(୨୧) ଅଟେ। ତାର ଘର କୁମ୍ଭାରପଡ଼ା ଥାନା ଅଧିନ ବଡ଼ଶଙ୍ଖ ଅଟେ । ଖବର ପାଇ ସମୁଦ୍ର କୂଳ ଥାନା ପୋଲିସ, ସିଟି ଡିଏସପି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ମୃତଦେହ ଜବତ କରି ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରାଇଛି। ଗତକାଲି ବିଳମ୍ବିତ ରାତିରେ ଏହି ହତ୍ୟାକାଣ୍ଡ ଘଟିଥିବା ବେଳେ କିଏ ଏବଂ କାହିଁକି ହତ୍ୟା କଲା ସେନେଇ ଛାନଭିନ୍ ଆରମ୍ଭ କରିଛି ପୋଲିସ। ମୃତ ଯୁବକ ଜଣକ ମୁହଁ ମାଡ଼ି ପଡ଼ିଥିବା ବେଳେ ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇ ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତୁରନ୍ତ ପୋଲିସ ଅଭିଯୁକ୍ତକୁ ଗିରଫ କରିବା ସହିତ ହତ୍ୟାକାଣ୍ଡର କାରଣ ସ୍ପଷ୍ଟ କରିବା ପାଇଁ ସାଧାରଣରେ ଦାବି ହୋଇଛି।

# ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକରେ ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ

ଜଟଣୀ, (ସବ୍ୟୁ) : ଜଟଣୀ ସହରରେ ଗଳିକନ୍ଦିରେ ଦିନକୁଦିନ ରାସ୍ତା ଘାଟ, ଡ୍ରେନକୁ ମଡ଼ାଇ ଦୋକାନ ବଜାର ବଢ଼ି ଚାଲିଥିବା ବେଳେ ପୌର ପ୍ରଶାସନ ଏ ଦିଗରେ ସମ୍ପୂର୍ଣ ସ୍ଥାଣୁ ପାଲଟିଛି କ୍ଷ ଯାହାଦ୍ୱାରାକି ରାସ୍ତାଘାଟ ସଂକୁଚିତ ହେବା ଫଳରେ ଅଗ୍ନିକାଣ୍ଡ ଜନିତ ଦୁର୍ଘଟଣା ଘଟିଲେ ଦମକଳ ବିଭାଗ ଗାଡିଟିଏ ଯିବା ସମ୍ଭବ ହେଉନାହିଁ । ଏହି ପରିପ୍ରେକ୍ଷୀରେ ଜଟଣୀ ଅଗ୍ନିଶମ ଅଧିକାରୀ ଲକ୍ଷଣ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା କାର୍ଯ୍ୟକ୍ରମ ପୌରପାଳିକା ପରିସରରେ ଜନସାଧାରଣ, ବ୍ୟବସାୟୀ ମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପୌର ଅଧ୍ୟକ୍ଷ ଅନନ୍ତ ବେହେରା, କାର୍ଯ୍ୟ ନିର୍ବାହୀ ଅଧିକାରୀ ଆକ୍ରିତି ଗୋଏଙ୍କା, ଉପାଧ୍ୟାକ୍ଷା ଆରତୀ ରାଉତ, କାଉନସିଲର ବିଷ୍ଣୁକୁମାର ସାହୁ ଓ ଶଶାଙ୍କ ଶେଖର ରାୟ ପ୍ରମୁଖ ଉପସ୍ଥିତ ଥିଲେ।

15001/11/2526

ଓଡ଼ିଶା ସରକାର



ମହାନ ସ୍ୱାଧୀନତା ସଂଗ୍ରାମୀ
ଶହୀଦ ଲକ୍ଷ୍ମଣ ନାଏକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ
୨୯ ମାର୍ଚ୍ଚ, ୨୦୨୬

ସକାଳ ୮ ଘଟିକା - ଭୁବନେଶ୍ୱରସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆଠାରେ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।
ସକାଳ ଘ.୮.୩୦ ମିନିଟ୍ - ଭୁବନେଶ୍ୱରସ୍ଥିତ କଳିଙ୍ଗ ହସ୍ପିଟାଲ୍ ଛକ ଠାରେ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।
ସକାଳ ୯ ଘଟିକା - ଓଡ଼ିଶା ବିଧାନ ସଭା ପାର୍ଶ୍ୱ ଗେଟ୍ ନମ୍ବର -୧ ସ୍ଥିତ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ମାନ୍ୟବର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଓ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା
ସମ୍ମାନନୀୟ ଅତିଥି–ଅବିଭକ୍ତ କୋରାପୁଟ ଜିଲ୍ଲାର ସାଂସଦ ଓ ବିଧାୟକଗଣ
ମୁଖ୍ୟ ବକ୍ତା – ଡଃ ସୋମା ଚାନ୍ଦ, ବିଶଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର ଏବଂ ଶବରୀ ସାଂସ୍କୃତିକ ସଂସଦ, ଭୁବନେଶ୍ୱରର ମିଳିତ ସହଯୋଗରେ ଆୟୋଜିତ ଏହି ସମାରୋହରେ ଯୋଗଦେବାକୁ ବିନମ୍ର ଅନୁରୋଧ ।

ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR-15001/15001/2/25-26/0011

# ଏପ୍ରିଲ ୨୧ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଶ୍ରାଦ୍ଧସଭା

କଟକ, (ସବ୍ୟୁ): ଜାନକୀବଲ୍ଲଭ ସ୍ମାରକୀ ପ୍ରତିଷ୍ଠାନ ପକ୍ଷରୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପୂର୍ବତନ ରାଜ୍ୟପାଳ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଏକାଦଶ ବାର୍ଷିକ ଶ୍ରାଦ୍ଧସଭା ଏପ୍ରିଲ ୨୧ ତାରିଖରେ କଟକସ୍ଥ ସାରଳା ଭବନରେ ପାଳନ କରାଯିବ। ଏଥିପାଇଁ ଶନିବାର ଅପରାହ୍ନରେ ଏକ ସ୍ୱତନ୍ତ୍ର ପ୍ରସ୍ତୁତି ବୈଠକ ସ୍ମାରକୀ ପ୍ରତିଷ୍ଠାନର ସଭାପତି ପ୍ରଫେସର ବୈଷ୍ଣବ ଚରଣ ସାମଲଙ୍କ ପୌରୋହିତ୍ୟରେ ସାରଳା ଭବନଠାରେ



ଅନୁଷ୍ଠିତ ହୋଇଛି। ପ୍ରତିଷ୍ଠାନର ସାଧାରଣ ସମ୍ପାଦକ ଡକ୍ଟର ଗୋବିନ୍ଦ ଭୂୟାଁ ଶ୍ରାଦ୍ଧସଭାର ପ୍ରସ୍ତୁତି ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଅତିଥି ଚୟନ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ସାହିତ୍ୟ, ସାମ୍ବାଦିକତା ଓ ସମାଜସେବା କ୍ଷେତ୍ରରେ ବିଶେଷ ଭୂମିକା ନିମନ୍ତେ ପ୍ରତି ବିଭାଗରେ ଜଣେ ଲେଖାଏଁ କୃତବିଦ୍ୟ ବ୍ୟକ୍ତିଙ୍କ ନାମ ଚୟନ କରିବା ପାଇଁ ଏକ ୪ ଜଣିଆ କମିଟି ଗଠନ କରାଯାଇଛି। ପ୍ରତିଷ୍ଠାନର ଉପସଭାପତି ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ, ଡକ୍ଟର ହେମେନ୍ଦ୍ର ନାରାୟଣ ଦାସ, ଡକ୍ଟର ନଟବର ଶତପଥୀ, ଡକ୍ଟର ବାବାଜୀ ଚରଣ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ର ନାଥ କର, ଆଇନଜୀବୀ ଦେବସ୍ମାନ ଦାସ, ରାଜୀବ କୁମାର ଷଡଙ୍ଗୀ, ଭାବଗ୍ରାହୀ ରାଉତ, ପ୍ରତାପ ମଲ୍ଲିକ ,ପ୍ରାଧ୍ୟାପକ ଗୌରହରି ମହାନ୍ତି, ଡକ୍ଟର ସୁନାମଣି ରାଉତ, ମାଧବ ଚନ୍ଦ୍ର ସ୍ୱାଇଁ, ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ, ନିକୁଞ୍ଜ ରଥ, ଶଶିକାନ୍ତ ନାୟକ, ମୈତ୍ରୀଭୂଷଣ ଖୁଣ୍ଟିଆ,ବସନ୍ତ କୁମାର ସେଠୀ, ପ୍ରକାଶ ଚନ୍ଦ୍ର ମୁଦୁଲି, ସ୍ୱାଧୀନ ମହାପାତ୍ର,ସାଇରଂଜନ ପ୍ରଧାନ, ହିତେଶ ତାଣ୍ଡି, ଆଇନଜୀବୀ ଙ୍ଗ ଆକାଶ ଭୂୟାଁ ପ୍ରମୁଖ ଆଲୋଚନାରେ ଭାଗନେଇ ଶ୍ରାଦ୍ଧ ସଭାର ସଫଳତା ସମ୍ପର୍କରେ ମତପ୍ରକାଶ କରିଥିଲେ।

## କଟକରେ କିସ୍‌ନା ଡାଇମଣ୍ଡ ଆଣ୍ଡ ଗୋଲ୍ଡ ଜୁଏଲାରୀର ଶୋ'ରୁମ ଶୁଭାରମ୍ଭ

କଟକ, (ସବ୍ୟୁ): କିସ୍‌ନା ଡାଇମଣ୍ଡ ଓ ଗୋଲ୍ଡ ଜୁଏଲାରୀ ପକ୍ଷରୁ ଓଡିଶାରେ ଏହାର ୪ର୍ଥ ଶୋ'ରୁମର ବିଶାଳ ଉଦ୍‌ଘାଟନ କରାଯାଇଛି ଯାହା କଟକର କ୍ୟାଣ୍ଟନମେଣ୍ଟ ରୋଡ, ଲକ୍ଷ୍ମୀ ଟିଭିଏସ ପାଖ, ବକ୍ସିବଜାରରେ ଅବସ୍ଥିତ । ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ହରି କ୍ରିଷ୍ଣା ଗ୍ରୁପର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ଘନଶ୍ୟାମ ଢୋଲକିଆ ଯୋଗ ଦେଇଥିଲେ। ଏହି ଉଦ୍‌ଘାଟନ ଅଂଚଳରେ କିସ୍‌ନାର ଉପସ୍ଥିତିକୁ ଆହୁରି ସୁଦୃଢ କରିଛି । ଏହି ଅବସରରେ କିସ୍‌ନା ପକ୍ଷରୁ ଏକ ସ୍ୱତନ୍ତ୍ର ଉଦ୍‌ଘାଟନୀ ଅଫର ଆରମ୍ଭ କରାଯାଇଛି, ଯେଉଁଥିରେ ହୀରା ଅଳଙ୍କାର ଉପରେ ୫%ର ଅତିରିକ୍ତ ରିହାତି ଅନ୍ତର୍ଭୁକ୍ତ । ଏହି ଅଫର କେବଳ ଶୋ'ରୁମ ଲଂଚ ଦିବସରେ ସ୍ୱତନ୍ତ୍ର ଭାବେ ବୈଧ ଥିଲା । ବର୍ତ୍ତମାନ ଜାରି ରହିଥିବା ପାର୍ବଣ ଋତୁର ଅଂଶ ଭାବେ କିସ୍‌ନା 'ଅକ୍ଷୟ ହାପିନେସ୍ କ୍ୟାମ୍ପେନ' ଅଧିନରେ 'ଦ ବିଗେଷ୍ଟ ଫେଷ୍ଟିଭ ଅଫର'ର ଘୋଷଣା କରାଯାଇଛି ଯେଉଁଥିରେ ହୀରା ଓ ସୁନା ଅଳଙ୍କାର ଉପରେ ଏକାଧିକ ଉତ୍ସାହଜନକ ଅଫର ଅନ୍ତର୍ଭୁକ୍ତ କରିଛି । କିସ୍‌ନା ଡାଇମଣ୍ଡ ଆଣ୍ଡ ଗୋଲ୍ଡ ଜୁଏଲାରୀର ସିଇଓ ପରାଗ ଶାହ କହିଛନ୍ତି, "କଟକରେ ଆମର ଶୋ'ରୁମକୁ ଏକ ସହଜ ଓ ନିୟୋଜିତ ସପିଂ ଅନୁଭୂତି ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି, ଯାହା ଆକର୍ଷଣୀୟ ଫେଷ୍ଟିଭ ଅଫର ଏବଂ ହୀରା ଓ ସୁନା ଅଳଙ୍କାର କଲେକ୍ସନର ଏକ ବିସ୍ତୃତ ଶୃଙ୍ଖଳା ପ୍ରଦାନ କରୁଛି ।

## ପୁରୀ ଓକିଲ ସଂଘ ନିର୍ବାଚନ

# ପ୍ରେମାନନ୍ଦ ମହାନ୍ତି ସଭାପତି, ଶରତ ଚନ୍ଦ୍ର ରାଏଗୁରୁ ସାଧାରଣ ସମ୍ପାଦକ

ପୁରୀ, (ସବ୍ୟୁ) : ଆସନ୍ତା ଏକ ବର୍ଷ ପାଇଁ ପୁରୀ ଓକିଲ ସଂଘର ବିଭିନ୍ନ ପଦ ପଦବୀ



ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଛି । ସଭାପତି ଭାବେ ପ୍ରେମାନନ୍ଦ ମହାନ୍ତି ଓ ସାଧାରଣ ସମ୍ପାଦକ ଭାବେ ଶରତ ଚନ୍ଦ୍ର ରାଏ ଗୁରୁ ନିର୍ବାଚିତ ହୋଇଛନ୍ତି । ଶ୍ରୀ ମହାନ୍ତି ପଞ୍ଚମ ଥର ନିମନ୍ତେ ସଭାପତି ଭାବେ ନିର୍ବାଚିତ ହୋଇ ଥିବା ବେଳେ ରାଏଗୁରୁ ଦ୍ୱିତୀୟ ଥର ପାଇଁ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ଶନିବାର ସକାଳ ୭ ଟା ରୁ ମତଦାନ ଆରମ୍ଭ ହୋଇ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟା ୭ ଟା ରେ ଭୋଟ ଗଣତି ପ୍ରକ୍ରିୟା ଆରମ୍ଭ ହୋଇ ଫଳା ଫଳ ଘୋଷଣା କରା ଯାଇଛି । ଏଥର ୧୨ଟି ପଦ ପାଇଁ ୧୯ ଜଣ ପ୍ରାର୍ଥୀ ନିର୍ବାଚନ ଲଢୁ ଥିଲେ । ସଭାପତି ଭାବେ ପ୍ରେମାନନ୍ଦ ମହାନ୍ତି, ସାରଦା ପ୍ରସାଦ ସାମଲ ନିର୍ବାଚନ ଲଢୁ ଥିବାବେଳେ ଉପସଭାପତି ଭାବେ ବିଭୁଦତ୍ତ ପଟ୍ଟନାୟକ ଓ ପ୍ରଦୀପ କୁମାର ଦାସ, ଏକମାତ୍ର ସାଧାରଣ ସମ୍ପାଦକ ପଦ ପାଇଁ ଶରତ କୁମାର ରାୟଗୁରୁ ଓ ବିଭୁତି ଶଙ୍କର ତ୍ରିପାଠୀ, ୩ଟି ଯୁଗ୍ମ ସମ୍ପାଦକ ପଦ ପାଇଁ ୫ଜଣ ଓ ୫ଟି ଏକ୍‌ଜିକ୍ୟୁଟିଭ୍ ବଡି ମେମ୍ବର ପଦ ପାଇଁ ୮ଜଣ ଲଢୁ ଥିଲେ । ନିର୍ବାଚନ ଜିତିବା ପରେ ନୂଆ ଟିମ୍ ପାଇଁ ପ୍ରମୁଖ ଆହ୍ୱାନ ହେଉଛି ବାଲୁଖଣ୍ଡକୁ କୋର୍ଟ ସ୍ଥାନାନ୍ତରଣ ପ୍ରସଙ୍ଗ ।

### ଅରିଲୋରେ ଅଭିରାମ ଭକ୍ତ ସମିତିର ଗୌରବମୟ ଯାତ୍ରା

ଫୁଲନଖରା ,(ସବ୍ୟୁ): :କଟକ ସଦରଥାନା ଅନ୍ତର୍ଗତ ଅରିଲୋ ଗ୍ରାମରେ ସ୍ଥିତ ଅଭିରାମ ଭକ୍ତ ସମିତି ଗତ ପ୍ରାୟ ୪୬ ବର୍ଷ ଧରି ନିରବିଚ୍ଛିନ୍ନ ଭାବରେ ଆଧ୍ୟାତ୍ମିକ ସେବା ଓ ଧାର୍ମିକ କାର୍ଯ୍ୟକଳାପକୁ ଅଗ୍ରସର କରିଆସୁଛି । ଗ୍ରାମବାସୀଙ୍କ ଏକତା ଓ ଭକ୍ତିଭାବରେ ଏହି ଆଶ୍ରମ ଅଞ୍ଚଳରେ ଏକ ପବିତ୍ର ଧାର୍ମିକ କେନ୍ଦ୍ରରୂପେ ପରିଚିତ ହୋଇପାରିଛି । ପ୍ରତିବର୍ଷ ପବିତ୍ର ଶ୍ରୀରାମ ନବମୀ ଅବସରରେ ସମିତି ପକ୍ଷରୁ ବାର୍ଷିକ ଉତ୍ସବ ବିଶେଷ ଧାମଧୁମରେ ପାଳିତ ହୋଇଥାଏ । ଏହି ଅବସରରେ ଗୀତା ଯଜ୍ଞ, ଚତୁର୍ଥ ପ୍ରହରୀ ପୂଜା ଓ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ଆୟୋଜନ କରାଯାଉଥିବା ସହ ଭକ୍ତମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଉତ୍ସାହର ସୃଷ୍ଟି ହୁଏ । ଦୂରଦୂରାନ୍ତରୁ ଭକ୍ତମାନେ ଏହି ଉତ୍ସବରେ ଯୋଗଦେଇ ପୂଜାର୍ଚ୍ଚନା କରି ଧନ୍ୟ ଅନୁଭବ କରନ୍ତି । ଏହିପରି ଧାର୍ମିକ ଓ ସାମାଜିକ କାର୍ଯ୍ୟକଳାପ ମାଧ୍ୟମରେ ଅଭିରାମ ଭକ୍ତ ସମିତି ଅରିଲୋ ଗ୍ରାମରେ ଭକ୍ତି, ସଂସ୍କୃତି ଓ ଏକତାର ଅନନ୍ୟ ପରିଚୟ ଦେଇଆସୁଛି । ଆଗାମୀ ଦିନରେ ମଧ୍ୟ ଏହି ସମିତି ତାହାର ପବିତ୍ର ଉଦ୍ଦେଶ୍ୟକୁ ଅଗ୍ରସର କରି ଅଞ୍ଚଳରେ ଧାର୍ମିକ ଜାଗୃତି ସୃଷ୍ଟି କରିବାରେ ମୁଖ୍ୟ ଭୂମିକା ନେବ ବୋଲି ସ୍ଥାନୀୟମାନେ ଆଶା ପ୍ରକାଶ କରିଛନ୍ତି ।

# ଇଚ୍ଛାବତୀ ରଥଙ୍କ ଜୟନ୍ତୀରେ ପାଠ୍ୟୋପକରଣ ପ୍ରଦାନ

କଟକ, (ସବ୍ୟୁ): କର୍ମଯୋଗୀ ଧନେଶ୍ୱର ରଥଙ୍କ ସହଧର୍ମିଣୀ ଧର୍ମପରାୟଣା ଇଚ୍ଛାବତୀ ରଥଙ୍କ ୯୭ତମ ଜୟନ୍ତୀରେ କୁନିକୁନି ପିଲାଙ୍କୁ ପାଠ୍ୟୋପକରଣ ଓ ମିଷ୍ଟାନ ବଣ୍ଟନ କରାଯାଇଥିଲା । କୋଟସାହି ପଞ୍ଚାୟତ କଏରାପାରୀସ୍ଥିତ ଦୁର୍ଗା ମାଧବ ମନ୍ଦିର ପ୍ରାଙ୍ଗଣରେ 'ରଥ ପରିବାର' ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଇଚ୍ଛାବତୀଙ୍କ ସୁପୁତ୍ର ତଥା ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ , ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ନିର୍ଦ୍ଦେଶକ



ପ୍ରଦୀପ୍ତ ଚନ୍ଦ୍ର ରଥ ଯୋଗଦେଇ ପିଲାମାନଙ୍କୁ ପାଠ୍ୟୋକରଣ ପ୍ରଦାନ ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଇଚ୍ଛାବତୀଙ୍କ ପୁତ୍ରବଧୂ ନିୟମିତା ରଥ, ଲୋରାମିତ୍ରା ରଥ ଏବଂ ପରିବାରର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅସରରେ ମା'ଙ୍କ ମନ୍ଦିରରେ ଦୀପଦାନ କରାଯାଇଥିଲା ।

# ଘରୋଇ ସ୍କୁଲ ହଷ୍ଟେଲର ୱାର୍ଡେନଙ୍କୁ ହତ୍ୟା ଘଟଣା : ଦୁଇ ଭାଇ ଗିରଫ

ବେତନଟୀ (ସବ୍ୟୁ) ୱାର୍ଡେନଙ୍କୁ ଅଜଣା ଦୁର୍ବୃତ୍ତଙ୍କ ଦ୍ୱାରା ହତ୍ୟା ଘଟଣା ସାରା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ବେଳେ ବୈଶିଙ୍ଗା ପୁଲିସ ଏଥିରେ ଜଡିତ ଥିବା ମୁଖ୍ୟ ଅଭିଯୁକ୍ତ ଦୁଇ ଭାଇଙ୍କୁ ଗିରଫ କରିଛି । ଚଳିତ ମାର୍ଚ୍ଚ ୨୦ ତାରିଖ ବିଳମ୍ବିତ ରାତ୍ରିରେ ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ୧୮ନଂ ଜାତୀୟ ରାଜପଥର ଗଡ଼ଦେଉଳିଆ ଛକ ନିକଟସ୍ଥ ବାଲିଚିତରୀ ଠାରେ ଥିବା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଘରୋଇ ବିଦ୍ୟାଳୟର ହଷ୍ଟେଲ ୱାର୍ଡେନ ସନ୍ୟାସୀ ଦାସଙ୍କୁ ମରଣାନ୍ତକ ଆକ୍ରମଣରେ ୱାର୍ଡେନଙ୍କ ଶୋଚନୀୟ ମୃତ୍ୟୁ ହୋଇ ଯାଇଥିବା ବେଳେ ଅଧ୍ୟକ୍ଷା ଗୁରୁତର ଆହତ ହୋଇଥିଲେ । ସୂଚନା ମୁତାବକ କଳମା ଅଞ୍ଚଳର ଡ଼ା ବିଜୟ କୁମାର ରାଉତଙ୍କର ଗଡ଼ଦେଉଳିଆ ଛକ ନିକଟସ୍ଥ ବାଲିଚିତରୀ ଠାରେ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ନାମରେ ଘରୋଇ ବିଦ୍ୟାଳୟ ଥିବାବେଳେ ତାଙ୍କ ଭଉଣୀ କାଦମ୍ବିନୀ ରାଉତ ଉକ୍ତ ବିଦ୍ୟାଳୟରେ ଅଧ୍ୟକ୍ଷା ଭାବରେ କାର୍ଯ୍ୟରତ ଥିଲେ ଓ ଧନାପାଳ ଗ୍ରାମର ସନ୍ୟାସୀ ଦାସ ସେଠାରେ ଥିବା ହଷ୍ଟେଲରେ ୱାର୍ଡେନ ଭାବେ କାର୍ଯ୍ୟରତ ଥିଲେ । ତେବେ ବିଦ୍ୟାଳୟ କାମ ସରିବା ପରେ ଅଧ୍ୟକ୍ଷା ଅସୁସ୍ଥତା ଅନୁଭବ କରିବାରୁ ଶୁକ୍ରବାର ରାତି ପ୍ରାୟ ୧୦ଟା ସମୟରେ ବିଦ୍ୟାଳୟରୁ ବାହାରି ଉଭୟ ଏକ ବାଇକ ଯୋଗେ କଳମା ଛକ ନିକଟରେ ଥିବା ଡ଼ା ବିଜୟଙ୍କର କ୍ଲିନିକକୁ ଯାଉଥିବା ସମୟରେ ଠିକ ଗଡ଼ଦେଉଳିଆ ଛକ ପୂର୍ବରୁ ନିଛାଟିଆ ଜାଗାରେ କିଛି ଦୁର୍ବୃତ୍ତ ତାଙ୍କୁ ଧାରୁଆ ଅସ୍ତ୍ରରେ ବାରମ୍ବାର ଆକ୍ରମଣ କରିଥିଲେ । ସ୍ଥାନୀୟ ଲୋକ ଏବଂ ପରିବାରବର୍ଗଙ୍କ ସହାୟତାରେ ଉଭୟ ଗୁରୁତରଙ୍କୁ ବାଲେଶ୍ୱର ଡାକ୍ତରଖାନାକୁ ନେଇଯାଇଥିଲେ । ମାତ୍ର ସେଠାରେ କାର୍ଯ୍ୟରତ ଡାକ୍ତର ସନ୍ୟାସୀଙ୍କୁ ମୃତ ଘୋଷଣା କରିଥିଲେ । ବର୍ତ୍ତମାନ କାଦମ୍ବିନୀଙ୍କ ସ୍ୱାସ୍ଥ୍ୟାବସ୍ଥା ପୂର୍ବ ଅପେକ୍ଷା ସୁସ୍ଥ ହୋଇଥିବାର ଜଣାଯାଇଛି । ମୃତକଙ୍କ ଶଳାଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ତଦନ୍ତ ଚାଲିଛି । ତଦନ୍ତ ପୂର୍ବକ ବୈଶିଙ୍ଗା ପୁଲିସ ଶନିବାର ବାଲେଶ୍ୱର ର ବିଭିନ୍ନ ସ୍ଥାନରେ ଚଢାଉ କରି ଶେଷରେ ଏହି ଘଟଣାରେ ଜଡିତ ଥିବା ଦୁଇ ଭାଇଙ୍କୁ ଗିରଫ କରିଛି ।

## ସାହିତ୍ୟ ମାସିକୀ କାର୍ଯ୍ୟକ୍ରମ

# ଅସାଧାରଣ ଉପଲବ୍ଧି ହିଁ ଭଲ ଗପର ଉତ୍ସ

ଭୁବନେଶ୍ୱର, (ସବ୍ୟୁ): ସୃଷ୍ଟି ଗଳ୍ପମୟ । ଗୋଟିଏ ଅସାଧାରଣ ଉପଲବ୍ଧିରୁ ଗପ ଉତୁରି ଆସେ । ଚାରିପାଖର ଦୃଶ୍ୟ, କୋଳାହଳ



ଓ ଚରିତ୍ରରୁ ଗପର ଉପାଦାନ ସଂଗ୍ରହ କରନ୍ତି ବୋଲି କଥାଶିଳ୍ପୀ ଡ. ଅଭୟ ବାରିକ ଉଲ୍ଲେଖ କରିଛନ୍ତି । ଶନିବାର ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ଭବନରେ ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ "ସାହିତ୍ୟ ମାସିକୀ "ରେ ଯୋଗ ଦେଇ "ମୋ ସୃଜନ, ମୋ ଜୀବନ " ଶୀର୍ଷକ ବକ୍ତବ୍ୟ ରଖି ଡ଼. ବାରିକ ତାଙ୍କ ଗଳ୍ପ ଲିଖନର ପୃଷ୍ଠଭୂମି ଓ କଥା ଯାତ୍ରା, ସ୍ମରଣୀୟ ଅତୀତ ଉପରେ ଆଲୋକପାତ କରିଥିଲେ । ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ଡ଼. ବାରିକ ପ୍ରଶ୍ନର ଉତ୍ତର ଦେଇଥିଲେ । ନିଶାକର ପଣ୍ଡା, ପ୍ରଦୀପ୍ତ ବାରିକ,ନନ୍ଦ କିଶୋର ବିଶ୍ୱାଳ, ପ୍ରିୟରଞ୍ଜନ ସାହୁ,ନାଟ୍ୟକାର ଫକୀର ସିଂହ,ବାସନ୍ତୀ ତ୍ରିପାଠୀ ଓ ଆଭାସ ବରାଳ ପ୍ରମୁଖ ବିଭିନ୍ନ ପ୍ରଶ୍ନ ପଚାରିଥିଲେ । କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକ ଆରମ୍ଭରେ ସ୍ୱାଗତ ସୂଚନା ଓ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ । "ଏ ମାସର କବି " ଭାବରେ ଉପସ୍ଥିତ ରହି ଅଂଶୁମାନ ସାହୁ ସ୍ୱରଚିତ କବିତା ପାଠ କରିଥିଲେ । ପରେ ଅନୁଷ୍ଠିତ କବିତା ପାଠୋତ୍ସବରେ ମଧୁମିତା ମିଶ୍ର ଓ ଶ୍ୟାମା- କିଙ୍କର ମହାନ୍ତିଙ୍କ ମିଳିତ ସଂଯୋଜନାରେ ବିଜୟ ମହାପାତ୍ର, ଅଲେଖ ରାଉତ, ବୀଣାପାଣି ମିଶ୍ର, ଶୈଳେନ୍ଦ୍ର ଜେନା, ପ୍ରମୋଦ ପ୍ରଧାନ, ଇତିଶ୍ରୀ ପତି, ଜ୍ଞାନରଞ୍ଜନ ନନ୍ଦ,ହିମାଂଶୁ ପଟ୍ଟନାୟକ, ପ୍ରକାଶ ସେଠୀ, ସୁବ୍ରତ ସେନାପତି, ଗୀତାଞ୍ଜଳି ଦଳାଇ,ଅଶୋକ ସିଂହ,ପ୍ରଦ୍ୟୁମ୍ନ ପଟ୍ଟନାୟକ,ଅଳକା ରାୟ,ଲକ୍ଷ୍ମୀଧର ଦାଶ, ମିହିରକାନ୍ତି ଦାଶ, ସୁଧା ପଟ୍ଟନାୟକ,ସବିତା ଶତପଥୀ,ନିରୁପମା ରାୟ,ଗୁରୁକଲ୍ୟାଣ ଦାସ, ସୁରେଶ କୁମାର ମାଝୀ, ବିରଞ୍ଚି ଶତପଥୀ ଓ ସୁଷମା ଦାସ ପ୍ରମୁଖ ଲେଖା ପାଠ କରିଥିଲେ । ଶେଷରେ ଉପସଭାପତି ବିଭୁତି ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିକ୍ଷାବିତ୍ ପବିତ୍ର ପ୍ରଧାନଙ୍କ ସ୍ମୃତିସଭା

କଟକ,(ସବ୍ୟୁ) : କଟକ କୁଲସରିଚୁଆଁ ନିବାସୀ ବିଶିଷ୍ଟ ଶିକ୍ଷାବିତ,ସାହିତ୍ୟିକ,ନାଟ୍ୟକାର,ମହାନ ନାଟ୍ୟ ନିର୍ଦ୍ଦେଶକ,ସମାଜସେବୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକରେ ସ୍ମୃତି ଚାରଣ ସଭା ଖଲର୍ଦା ପ୍ରଦୀପ ପ୍ୟାଲେସରେ ଶିକ୍ଷାବିତ୍ ସୁବୋଧ କୁମାର ରାୟ ସଭାରେ ସଭାପତିତ୍ୱ ଅନୁଷ୍ଠିତ ହୋଇଯାଇଛି । ସଭାରେ ପଣ୍ଡିତ ଜଗଦୀଶ ତ୍ରିପାଠୀ,ପଣ୍ଡିତ ପ୍ରଦୀପ୍ତ ମହାପାତ୍ର,୪୨ ମୌଜା ଶାନ୍ତି କମିଟି ସଭାପତି ଶରତ ରାୟ,ସମ୍ପାଦକ ପ୍ରଫୁଲ୍ଲ ମହାପାତ୍ର, ବିକାଶ ପରିଷଦ ସମ୍ପାଦକ ସନ୍ତୋଷ ପତି,ଅଭୟ ମହାପାତ୍ର,ଅଧ୍ୟାପକ ପ୍ରଦୀପ ବିଶ୍ୱାଳ,ଅଧ୍ୟାପକ ବାସୁଦେବ ସ୍ୱାଇଁ,ସ୍ୱାଧୀନ ଶେଖର ଷଡ଼ଙ୍ଗୀ,ଗୌତମ ପରିଡା, ନାଟ୍ୟକାର ଅଶୋକ ପଟ୍ଟନାୟକ,ମନମୋହନ ପରିଡା, ବାମଦେବ ସ୍ୱାଇଁ,ଲୋଭାକାନ୍ତ ସ୍ୱାଇଁ,ଦୁର୍ଗା ପ୍ରସାଦ ପରିଡା, କୃପାସିନ୍ଧୁ ବିଶ୍ୱାଳ,ବାବାଜୀ ଚରଣ ଭୋଇ,ଲକ୍ଷ୍ମୀଧର ନାୟକ,ଇଂ.ସେବକ ଶ୍ରୀକାନ୍ତ,ଅନିଲ ଦାସ,ସାମ୍ବାଦିକ ବୁଲେଇ ବେହେରା,ହାସ୍ୟ ଅଭିନେତା ନବ କିଶୋର ନାୟକ,ସୁଧାକର ସ୍ୱାଇଁ, ଗୀତାଞ୍ଜଳି ମିଶ୍ର,ଅନସୂୟା ପଟନାୟକ,ଇଂ.ଅଶୋକ କୁମାର ବିଶ୍ୱାଳ,ସଂଗ୍ରାହକ ନାରାୟଣ ଚନ୍ଦ୍ର ମହାନ୍ତି, ରୁଦ୍ର ନାରାୟଣ ଦାସ,ଅଭିରାମ ଦଳାଇ ପ୍ରମୁଖ ଥିଲେ ।

# ସୋଆ ଏସ୍‌ଏଚ୍‌ଏମ୍ ପକ୍ଷରୁ ଏପ୍ରିଲ ୧ରୁ ୫-ଦିନିଆ "ପଖାଳ ଉତ୍ସବ"

ଭୁବନେଶ୍ୱର, (ସବ୍ୟୁ): ପ୍ରତ୍ୟେକ ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ପଖାଳର ସ୍ୱାଦ ନେବା ସହ ଏହାର ପ୍ରଚାର ଓ ପ୍ରସାର ଲକ୍ଷ୍ୟ ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଂଟ (ଏସଏଚ୍‌ଏମ୍) ପକ୍ଷରୁ ଆସନ୍ତା ଏପ୍ରିଲ ୧ ତାରିଖରୁ ଏକ ୫ ଦିନିଆ ପଖାଳ ଉତ୍ସବର ଆୟୋଜନ କରାଯାଇଛି । ପ୍ରତ୍ୟେକ ବର୍ଷ ସୋଆ ଏସ୍‌ଏଚ୍‌ଏମ୍ ପକ୍ଷରୁ ଏହି ଉତ୍ସବର ଆୟୋଜନ କରାଯାଉଥିବା ବେଳେ ଚଳିତ ବର୍ଷ ମଧ୍ୟ ଏପ୍ରିଲ ୧ ରୁ ୫ ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବ ଆୟୋଜିତ ହେବ । ଓଡ଼ିଶାର ପଖାଳ ପ୍ରେମୀମାନଙ୍କ ନିମନ୍ତେ ଆୟୋଜିତ ଏହି ଉତ୍ସବରେ ବିଭିନ୍ନ ପ୍ରକାରର ପଖାଳ ଯଥା ଦହି ପଖାଳ, ଛୁଙ୍କ ପଖାଳ, ଲେମ୍ବୁ ପଖାଳ, ଆମ୍ବ ପଖାଳ, ଅଦା ପଖାଳ ସହିତ



ଶାଗ ଭଜା, ବଡ଼ିଚୁରା, ଟମାଟୋ ଚଟଣୀ, ମାଛ ଭଜା, ଶୁଖୁଆ ଭଜା, ଛତୁ ପତ୍ରପୋଡ଼ା, ଚିଙ୍ଗୁଡ଼ି ଛେଚା, ମାଛ କଲିଆ, ଛେନା ଭର୍ତ୍ତା, ଚୁନାମାଛ ଭଜା, କୁକୁଡ଼ା ମାଂସ କଷା, ପୋହଳା ମାଛ ଭଜା, ଚିଙ୍ଗୁଡ଼ି ଝରଝରି ସହିତ ପଣଷ କଠା ପିଠଉ ଭଜା, ଗୋଟା ଭେଣ୍ଡି, ପୋଡ଼ା ଆଳୁ ଭର୍ତ୍ତା, ଆଳୁ ବାଇଗ, ନଡ଼ିଆ ଭଜା, ଆମ୍ବ ଛେଚା ଓ ଆଳୁ କଲରା ବାଟି ତରକାରୀ ଭଳି ବିଭିନ୍ନ ପ୍ରକାରର ବ୍ୟଞ୍ଜନ ପରଷା ଯିବ ବୋଲି ଏସ୍‌ଏଚ୍‌ଏମ୍‌ର ଡିନ୍ ପ୍ରଫେସର ସୁଶାନ୍ତ ରଞ୍ଜନ ଚଇନି ସୂଚନା ଦେଇଛନ୍ତି ।। ଏହି ଉତ୍ସବ ଉତ୍କଳ ଦିବସ ଠାରୁ ପାଂଚ ଦିନ ପର୍ଯ୍ୟନ୍ତ ଏସ୍‌ଏଚ୍‌ଏମ୍ ପରିସରରେ ଅନୁଷ୍ଠିତ ହେବ । ଏପ୍ରିଲ ୧ ରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ସାଙ୍ଗକୁ ସେମାନେ ପାରମ୍ପରିକ ବେଶଭୁଷା ପରିଧାନ କରି ଖାଦ୍ୟ ପରଷିବେ ।

### ସେଭିଙ୍ଗ ଅଭିଜ୍ଞତାକୁ ନୂଆରୂପ ଦେଲା ଅଲ- ନିଉ ଜିଲେଟ୍ ଗାଡର୍ ୩-ଇନ-୧

ଭୁବନେଶ୍ୱର (ସବ୍ୟୁ): ଭାରତୀୟ ଯୁବପିଢ଼ୀଙ୍କୁ ଉନ୍ନତମାନର ଗ୍ରୁମିଙ୍ଗ ଉପ·ରକୁ ପ୍ରଦାନ କରିବା ପ୍ରତିଶ୍ରୁତିକୁ ଦୋହରାଇ, ଜିଲେଟ୍ ପକ୍ଷରୁ ଅଭିଷେକଶର୍ମାଙ୍କୁ ନେଇ ଏକ ନୂତନ ଅଭିଯାନ ମାଧ୍ୟମରେ ଅଲ-ନିଉ ଜିଲେଟ୍‌ଗାଡର୍ ୩-ଇନ-୧ର ଶୁଭାରମ୍ଭ କରାଯାଇଛି । ଗାଡର୍ ୩-ଇନ-୧ ହେଉଛି ଭାରତୀୟ ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ଏକ ଉଚ୍ଚ-କ୍ଷମତାସମ୍ପନ୍ନ ଅପଗ୍ରେଡ୍ । ଏହି ନୂତନତ୍ୱର ମୁଖ୍ୟ ଚେହେରା ଭାବେ ଅଭିଷେକ "ବଡେ଼ ଲିଗ୍ କା ଶେଭ୍" ଅଭିଯାନରେ ନଜର ଆସିଛନ୍ତି, ଯାହା ନୂତନ ପିଢ଼ୀର ପୁରୁଷମାନଙ୍କୁ ସାଧାରଣ ଶେଭିଙ୍ଗରୁ ଉର୍ଦ୍ଧ୍ୱକୁ ଯାଇ ଏକ ଆତ୍ମବିଶ୍ୱାସୀ ଓ ଉନ୍ନତ ଗ୍ରୁମିଙ୍ଗ ଅଭିଜ୍ଞତା ଆପଣାଇବାକୁ ଉତ୍ସାହିତକରୁଛି । ଜିଲେଟ୍ ଗାଡର୍ ୩-ଇନ-୧ ହେଉଛି ଯୁବ ଭାରତର ଆକାଂକ୍ଷାର ଏକ ପ୍ରତିଫଳନ- ସେହି ପୁରୁଷମାନଙ୍କ ପାଇଁ ଯେଉଁମାନେ "ଚଳିବ ବୋଲି" ସାଧାରଣ ସମାଧାନରୁ ବାହାରି ଏକ ଉନ୍ନତ ଗ୍ରୁମିଙ୍ଗ ଅଭିଜ୍ଞତା ·ହୁଁଛନ୍ତି । ଅଭିଷେକ ଶର୍ମାଙ୍କ ନେତୃତ୍ୱରେ ଏହି ଅଭିଯାନ ଉତ୍ପାଦକୁ ପ୍ରଗତିର ଏକ ପ୍ରତିକଭାବରେ ଉପସ୍ଥାପିତ କରୁଛି, ଯାହା ଗ୍ରାହକଙ୍କୁ ଜୀବନର ବଡ଼ ସୁଯୋଗ ପାଇଁ ଆତ୍ମ ବିଶ୍ୱାସର ସହ ପ୍ରସ୍ତୁତ ରହିବାରେ ସାହାଯ୍ୟ କରିବ ।

## ବେଦାନ୍ତ ଆଲୁମିନିୟମର ପ୍ରକଳ୍ପ ବିଦ୍ୟାରେ ୧୮୦୦ରୁ ଅଧିକ ଛାତ୍ରଛାତ୍ରୀ ଉପକୃତ

# ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ରେ ମିଳିଛି ସଫଳତା

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ, ୨୦୨୫ ଏପ୍ରିଲ ମାସରେ ଆରମ୍ଭ କରିଥିବା ଏହାର ଶିକ୍ଷା ପ୍ରକଳ୍ପ 'ପ୍ରୋଜେକ୍ଟ ବିଦ୍ୟା' ଜରିଆରେ ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ର ସରକାରୀ ବିଦ୍ୟାଳୟରେ ପାଠପଢାକୁ ସୁଦୃଢ଼ କରୁଛି । ଗଣିତ, ବିଜ୍ଞାନ ଏବଂ ଇଂରାଜୀ ଭଳି ପ୍ରମୁଖ ବିଷୟ ସହିତ ମୌଳିକ ସାକ୍ଷରତା ଉପରେ ଧ୍ୟାନ କେନ୍ଦ୍ରିତ କରି, ୨୦ ଜଣ ଅତିରିକ୍ତ ଶିକ୍ଷକଙ୍କ ନିଯୁକ୍ତି କରିଛି । ଯାହା ଫଳରେ ଶ୍ରେଣୀଗୃହରେ ଛାତ୍ର-ଶିକ୍ଷକ ଅନୁପାତରେ ବୃଦ୍ଧି କରି ୧୭ଟି ଗ୍ରାମୀଣ ବିଦ୍ୟାଳୟର ୧୮୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ନିକଟରେ ଏହି କାର୍ଯ୍ୟକ୍ରମ ପହଞ୍ଚି ପାରିଛି । ସୁନ୍ଦରଗଡ଼ରେ ଅଧାରୁ ପାଠ ଛାଡ଼ିବାର ହାର ଅଧିକ ରହିଥାଏ, ଯେଉଁଥିପାଇଁ ମୌଳିକ ଶିକ୍ଷା ଉପରେ ଧ୍ୟାନ ଦେବା ଏବଂ ଏହାକୁ ଦୂର କରିବା ପାଇଁ ଛାତ୍ର-ଶିକ୍ଷକ ଅନୁପାତକୁ ବୃଦ୍ଧି କରିବା ଆବଶ୍ୟକ । ଏହି ପ୍ରାଥମିକତାଗୁଡ଼ିକ ସହିତ ତାଳମେଳ ରଖି, ଲକ୍ଷନପୁର ବ୍ଲକରେ ୬୪% ରୁ ୭୬% ଏବଂ ହେମଗିର ବ୍ଲକରେ ୬୬% ରୁ ୮୨%କୁ ଛାତ୍ରଛାତ୍ରୀଙ୍କ ଉପସ୍ଥିତି ବୃଦ୍ଧି କରିବାରେ ପ୍ରକଳ୍ପ ବିଦ୍ୟାର ଉଲ୍ଲେଖନୀୟ ଯୋଗଦାନ ରହିଛି, ଯାହା ନିରନ୍ତର ଶିକ୍ଷାଦାନ କ୍ଷେତ୍ରରେ



ବଡ ସଫଳତାକୁ ଦର୍ଶାଉଛି ।

ଏହି ପ୍ରକଳ୍ପରେ ଗ୍ରାମାଞ୍ଚଳର ସରକାରୀ ବିଦ୍ୟାଳୟଗୁଡ଼ିକ ମଧ୍ୟରେ ମୁଣ୍ଡେରଖେଟ୍ ସରକାରୀ ୟୁପିଏସ୍, ଭୋଗ୍ରାକଚ୍ଛର ସରକାରୀ ୟୁପିଏସ୍, ଘୋଘରପଲ୍ଲୀ ସରକାରୀ ପିଏସ୍, ରେଙ୍ଗଲପାଣି ସରକାରୀ ପିଏମ୍, ଛତାବର ସରକାରୀ ୟୁଜିଏଚଏସ୍, ଘୋଘରପଲ୍ଲୀରେ ଥିବା ବିଲେମୁଣ୍ଡା ସରକାରୀ ୟୁପିଏସ୍, ଜାମଖାନି ସରକାରୀ ପିଏସ୍ ଏବଂ ଜାମଖାନି ଠାରେ ଥିବା ଝାରପାଲମ୍ ସରକାରୀ ୟୁଜିଏଚଏସ୍ ରହିଛି । ସେହିଭଳି କୁଡାଲୋଇ ସରକାରୀ ୟୁପିଏସ୍, ବଞ୍ଜାରୀ ସରକାରୀ ଏସଏସଡି ହାଇସ୍କୁଲ, ବଞ୍ଜାରୀ ଆଶ୍ରମ ସ୍କୁଲ, ଗ୍ରିଣ୍ଡୋଲା ଆଶ୍ରମ ସ୍କୁଲ, ଗ୍ରିଣ୍ଡୋଲା ସରକାରୀ ପିଏସ୍, କାର୍ଲାଖାମନ ସରକାରୀ ୟୁପିଏସ୍,, ମୋହନପୁର ସରକାରୀ ପିଏସ୍, ଝାରସୁଗୁଡା ଜିଲ୍ଲାର କୁରାଲୋଇର ବାର୍ତାପ ସରକାରୀ ୟୁପିଏସ୍ ଏବଂ କୁଡାଲୋଇ ଆଶ୍ରମ ବିଦ୍ୟାଳୟ ଆଦି ଅର୍ନ୍ତଭୁକ୍ତ ।

ସରକାରୀ ୟୁପିଏସ୍ କୁଡାରେଇର ପ୍ରଧାନଶିକ୍ଷକ ଠାକୁର ପ୍ରଧାନ କହିଛନ୍ତି, "ଗତ ବର୍ଷ ବେଦାନ୍ତ ଆଲୁମିନିୟମ ଆମ ବିଦ୍ୟାଳୟକୁ ଅତିରିକ୍ତ ଶିକ୍ଷକ ପ୍ରଦାନ କରିଥିଲା । ଆମକୁ ପ୍ରକୃତରେ ଏହି ସହାୟତାର ଆବଶ୍ୟକତା ଥିଲା, କାରଣ ଆମର ଶ୍ରେଣୀଗୁଡ଼ିକ ପାଠପଢା ସମସ୍ୟାର ସମ୍ମୁଖୀନ ହେଉଥିଲେ । ଶିକ୍ଷକ ଯୋଗଦେବା ପରଠାରୁ, ଛାତ୍ରଛାତ୍ରୀଙ୍କ ପାଠପଢାରେ ଉଲ୍ଲେଖନୀୟ ଉନ୍ନତି ଘଟିଛି, ଏବଂ ଶ୍ରେଣୀଗୃହଗୁଡ଼ିକ ଠିକ୍‌ଠାକ୍ ଚାଲୁଛି । ଏହି ସମର୍ଥନ ଆମ ବିଦ୍ୟାଳୟ ପାଇଁ ଏକ ବଡ ପରିବର୍ତ୍ତନ ଆଣିଛି । ଭବିଷ୍ୟତରେ ଏଭଳି ପଦକ୍ଷେପ ଜାରି ରହିବ ବୋଲି ଆମେ ଆଶା କରୁଛୁ । ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଗ୍ରାମୀଣ ଭିତ୍ତିଭୂମି ଏବଂ ଗୋଷ୍ଠୀ ପଦକ୍ଷେପ ମାଧ୍ୟମରେ ଏହାର କାର୍ଯ୍ୟକ୍ଷମ କ୍ଷେତ୍ରରେ ସାମାଜିକ-ଅର୍ଥନୈତିକ ବିକାଶ ଜାରି ରଖିଛି, ଯାହା ଦୀର୍ଘକାଳୀନ, ସ୍ଥାୟୀ ପ୍ରଗତି ପାଇଁ ମାର୍ଗ ସୃଷ୍ଟି କରୁଛି ।

# ଗୌରାଙ୍ଗ ସେବା ଫାଉଣ୍ଡେସନ୍ ଦ୍ୱାରା ଶ୍ରୀରାମ ନବମୀ ଏବଂ ଖାଦ୍ୟ ମହୋତ୍ସବ

ଭୁବନେଶ୍ୱର (ସବ୍ୟୁ): ଗୌରାଙ୍ଗ ସେବା ଫାଉଣ୍ଡେସନ୍, ହରେ କୃଷ୍ଣ ମୁଭ୍‌ମେଣ୍ଟପୁରୀର ଭକ୍ତମାନେ ୨୭ ମାର୍ଚ୍ଚ, ୨୦୨୬ରେ ରାଉରକେଲାର ମେଫେୟାର



ୱାର୍ଲ୍ଡ କମ୍ପ୍ଲିଲେକ୍ସଠାରେ ଏକ ଭବ୍ୟ ଶ୍ରୀରାମ ନବମୀ ଉତ୍ସବ ଏବଂ "ଟେଷ୍ଟସ ଅଫ ଭାରତ" ଖାଦ୍ୟ ମହୋତ୍ସବ ଆୟୋଜନ କରିଥିଲେ । ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମ ଉପଲକ୍ଷେ ଏହି କାର୍ଯ୍ୟକ୍ରମରେ ବହୁ ଭକ୍ତଙ୍କ ସମାବେଶ ହୋଇଥିଲା । ସନ୍ଧ୍ୟାରେ ଏହି ଉତ୍ସବ ଆଧ୍ୟାତ୍ମିକ କୀର୍ତ୍ତନ ଏବଂ ଭଜନ ସହିତ ଆରମ୍ଭ ହୋଇଥିଲା ଯାହା ପରିବେଶକୁ ଆଧ୍ୟାତ୍ମିକ ଶକ୍ତିରେ ପରିପୂର୍ଣ୍ଣ କରିଥିଲା । ସାରା ସହରରୁ ଭକ୍ତମାନେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ସ୍ତୁତି ଗାନ କରିବାକୁ ଏକତ୍ରିତ ହୋଇଥିଲେ । ତାଙ୍କ ଦିବ୍ୟ ଲୀଳା ଏବଂ ଶିକ୍ଷାକୁ ମନେ ପକାଇଥିଲେ । ରାମନବମୀର ମହତ୍ତ୍ୱ ଉପରେ ଜ୍ଞାନପୂର୍ଣ୍ଣ ପ୍ରବଚନ ଦିଆଯାଇଥିଲା ।

ସମାରୋହର ଅଂଶ ସ୍ୱରୂପ, ଭଗବାନ ଶ୍ରୀରାମ ଏବଂ ସୀତା ଦେବୀଙ୍କୁ ଏକ ଶୋଭାଯାତ୍ରାରେ ବୁଲାଇ ଉଲ୍ଲାସପୂର୍ଣ୍ଣ ଭଜନ ଏବଂ କୀର୍ତ୍ତନସହିତ ଭକ୍ତମାନେ ପଥ ପାର୍ଶ୍ୱରେ ନୃତ୍ୟ କରୁଥିଲେ । ପାରମ୍ପରିକ ବୈଦିକସ୍ତୁତି ଗାନ ସହିତ ଏକ ମହାନ ଅଭିଷେକ ମସମାରୋହକ ରାଯାଇଥିଲା ଏବଂ ତା'ପରେ ୧୬ ଉପଚାର କରାଯାଇଥିଲା । ଭଗବାନ ଶ୍ରୀରାମ, ଲକ୍ଷ୍ମଣ, ସୀତା ଦେବୀ ଏବଂ ହନୁମାନ ଜୀଙ୍କୁ ସୁଗନ୍ଧିତ ତେଲରେ ଲେପନ କରାଯାଇଥିଲା, ପଞ୍ଚାମୃତସ୍ନାନ (ଦୁଗ୍ଧ, ଦହି, ଘିଅ, ମହୁ, ମଧୁରଜଳ) ଏବଂ ସମସ୍ତ ପବିତ୍ର ନଦୀର ଜଳରେ ସ୍ନାନ କରାଯାଇଥିଲା । ତା'ପରେ ପ୍ରଭୁଙ୍କୁ ଚନ୍ଦନ ପେଷ୍ଟରେ ଲେପନ କରାଯାଇଥିଲା ଏବଂ ଗଙ୍ଗାଜଳରେ ସ୍ନାନକରାଯାଇଥିଲା । ବିଗ୍ରହମାନେ ଫୁଲର ନରମଶଯ୍ୟାରେ ବୁଡ଼ି ନଯିବା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ଫୁଲ ବୃଷ୍ଟି କରାଯାଇଥିଲା । ପ୍ରଭୁଙ୍କୁ ମହାମଙ୍ଗଳ ଆରତୀ ଏବଂ ମହାକଳଶ ଅଭିଷେକ କରାଯାଇଥିଲା । ଟେଷ୍ଟ ଅଫ ଭାରତ - ଖାଦ୍ୟ ମହୋତ୍ସବରେ ବିଭିନ୍ନ ରାଜ୍ୟରୁ ୫୬ ପ୍ରକାରର ସ୍ୱାଦିଷ୍ଟ ଖାଦ୍ୟ ସହିତ କିଛି ଏସୀୟ ଏବଂ ମହାଦେଶୀୟ ଖାଦ୍ୟ ସମସ୍ତଙ୍କୁ ଆନନ୍ଦ ପ୍ରଦାନ କରିଥିଲା । ପ୍ରତ୍ୟେକ ଅଂଶଗ୍ରହଣକାରୀ ଏକ ସକାରାତ୍ମକ ମନ ଏବଂ ପ୍ରଭୁଶ୍ରୀରାମଙ୍କ ଆଶୀର୍ବାଦର ମହାନ ଆଶା ସହିତ ଫେରିଥିଲେ ।

### ହରପ୍ରସାଦ ଦାସଙ୍କୁ ଜଷ୍ଟିସ୍ ଦୀପକ ମିଶ୍ର ସାହିତ୍ୟ ସମ୍ମାନ

କଟକ,(ସବ୍ୟୁ) ପ୍ରାଚୀନ ସାରସ୍ୱତ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଓଡ଼ିଆ ସାହିତ୍ୟର ବିଶିଷ୍ଟ କବି, ପ୍ରାବନ୍ଧିକ, ଅନୁବାଦ ଓ ସ୍ତମ୍ଭକାର ହରପ୍ରସାଦ ଦାସଙ୍କୁ ଚଳିତ ବର୍ଷର ଜଷ୍ଟିସ୍ ଦୀପକ ମିଶ୍ର ସାହିତ୍ୟ ସମ୍ମାନ ପ୍ରଦାନ କରାଯିବ । ଏହି ସମ୍ମାନ ଏପ୍ରିଲ ୩ ତାରିଖ ସଂଧ୍ୟାରେ ଶତାବ୍ଦୀ ଭବନଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଶ୍ରୀ ଦାସଙ୍କୁ ପ୍ରଦାନ କରାଯିବ । ଏହି ସମ୍ମାନ ପାଇଁ ବିଚାରପତିମାନଙ୍କ ନିଷ୍ପତ୍ତିକୁ ଶନିବାର ସଂଧ୍ୟାରେ ଅନୁଷ୍ଠାନର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ବସିଥିବା କାର୍ଯ୍ୟନିର୍ବାହିକା ସମିତି ବୈଠକରେ ଅନୁମୋଦନ କରାଯାଇଛି । ଜଣେ ଖ୍ୟାତିସଂପନ୍ନ କବି ଭାବେ ଶ୍ରୀ ଦାସଙ୍କ ପରିଚୟ ରହିଛି । ଗର୍ଭଗୃହ, ମନ୍ତ୍ରପାଠ, ହାର୍ମୋନିଅମ୍‌ରେ ତୋଡ଼ି, ବଂଶ, ଓଡ଼ିଆ ଜାତିର ଜୀବନକଥା, ଆଧୁନିକତାର ପରମ୍ପରା, ଆଧୁନିକତାର ସମକାଳ ଆଦି ଅନେକ କୃତିର ସେ ସ୍ରଷ୍ଟା । ଗତବର୍ଷଠାରୁ ସୁପ୍ରିମ୍‌କୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ର ଓ ତାଙ୍କ ପରିବାରର ସହଯୋଗରେ ଏହି ସମ୍ମାନ ପ୍ରଦାନ କରାଯାଉଛି । ଏହି ସମ୍ମାନ ବାବଦରେ ଏକ ଲକ୍ଷ ଟଙ୍କା, ମାନପତ୍ର, ତାମ୍ରଫଳକ, ଉତ୍କଳ ସାହିତ୍ୟ ସମାଜର ପ୍ରତୀକ ଚିହ୍ନ ଓ ଉପଢୌକନ ପ୍ରଦାନ କରାଯିବ । ବିଶିଷ୍ଟ ସାହିତ୍ୟ ସମାଲୋଚକ ପ୍ରଫେସର ଦାଶରଥୀ ଦାସ ପ୍ରଥମେ ଏହି ସମ୍ମାନ ଲାଭ କରିଥିଲେ ବୋଲି ଅନୁଷ୍ଠାନର ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ ଓ ସଂଗଠନ ସଂପାଦକ ଶଶିକାନ୍ତ ରାଉତ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି ।

# ଓଡିଶା ନାଟ୍ୟ ସଂଘର ବିଶ୍ୱ ନାଟ୍ୟ ଦିବସ ପାଳନ

ଭୁବନେଶ୍ୱର, (ସବ୍ୟୁ): ଓଡିଶା ନାଟ୍ୟ ସଂଘ ଆନୁକୂଲ୍ୟରେ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳ ୮ଟା ସମୟରେ ଏକ ସାଂସ୍କୃତିକ ପଦଯାତ୍ରା ବୁଦ୍ଧ ମନ୍ଦିର (ୟୁନିଟ-୩,ହାଉସିଂ ବୋର୍ଡ ଛକ) ଠାରୁ ବାହାରିଥିଲା । ଏଥିରେ ସଂକୀର୍ତ୍ତନ ମଣ୍ଡଳୀ ବ୍ୟକ୍ତି ବିଶେଷ ମାନେ ଯୋଗ ଦେଇ ରବୀନ୍ଦ୍ର ମଣ୍ଡପ ଠାରେ ପହଞ୍ଚିଥିଲେ । ଏଥିରେ ଓଡିଶା ର ସୁନାମ ଧନ୍ୟ ଚଳଚିତ୍ର. ଧାରାବାହିକ. ନାଟକ ର କଳା କାର ନାଟକ ସହିତ ସମ୍ପୃକ୍ତ ନାଟ୍ୟକାର ନିର୍ଦ୍ଦେଶ କ ଓ ସଙ୍ଗୀତ ନିର୍ଦ୍ଦେଶ କ ଅଂଶ ଗ୍ରହଣ କରିଥିଲେ । ପରେ ପରେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡିଶା ନାଟ୍ୟ ସଙ୍ଘର ମିଳିତ ଆନୁକୂଲ୍ୟରେ ଏକ ଆଲୋଚନା ଚକ୍ର ରବୀନ୍ଦ୍ର ମଣ୍ଡପ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ମିହିର କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଙ୍ଘର ସାଧାରଣ ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଅଧ୍ୟାପକ ଦେବୁ




ପଟ୍ଟନାୟକ ୨୦୨୬ ପାଇଁ ବିଶ୍ୱ ନାଟ୍ୟ ଦିବସର ବିବରଣୀ ପାଠ କରିଥିଲେ । ଏହାପରେ ଓଡିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ସହଯୋଗରେ " ନାଟ୍ୟ ମାଧ୍ୟମର ଦିଗନ୍ତ" ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବରିଷ୍ଠ ନାଟ୍ୟକାର ଡକ୍ଟର ରମେଶ ପ୍ରସାଦ ପାଣିଗ୍ରାହୀ,ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଦୋଳ ଗୋବିନ୍ଦ ରଥ,ନାଟ୍ୟକାର ପୂର୍ଣ୍ଣ ମଲ୍ଲିକ ଓ ନାଟ୍ୟକାର ଫକୀର ସିଂ ପ୍ରମୁଖ ଅଂଶ ଗ୍ରହଣ କରି ନାଟକର ଦିଗନ୍ତ କିପରି ଅନନ୍ତ ସେ ବିଷୟରେ ସୁବିସ୍ତୃତ ତଥା ସାରଗର୍ଭକ ଆଲୋଚନା କରିଥିଲେ । ନାଟ୍ୟ ପରିଶେଷରେ ସଙ୍ଘର ଯୁଗ୍ମ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଚିକିଟୀ ମହାବିଦ୍ୟାଳୟର ବାର୍ଷିକୋତ୍ସବ



ଚିକିଟୀ, (ସବ୍ୟୁ): ଚିକିଟୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ ଭବାନୀ ପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱରେ ମହାବିଦ୍ୟାଳୟର ୪୪ ତମ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି ।ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ,ସମ୍ମାନିତ ଅତିଥି ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା,ବ୍ରହ୍ମପୁର ବିଶବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ,ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ସୁନିଲ କେରକେଟା ଏବଂ ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନାରାୟଣ ବେହେରା ମଞ୍ଚାସିନ ଥିଲେ ।ମଞ୍ଚାସିନ ଅତିଥିମାନଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା ।

ଏହି ଅବସରରେ କର୍ମବୀର ସ୍ୱର୍ଗତ ଦିବାକର ପଟ୍ଟନାୟକ ଉଦ୍ଦେଶ୍ୟରେ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା । ମହାବିଦ୍ୟାଳୟର ଉତ୍କୃଷ୍ଟ ବିଦ୍ୟାର୍ଥୀ ଭାବରେ ସୁଶ୍ରୀ ସୁପ୍ରିତି ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିବା ସ୍ଥଳେ ସଂସ୍କୃତି ଶ୍ରୀକ୍ଷେତ୍ର ସ୍ବର୍ଣ୍ଣ ପଦକ ସୁଶ୍ରୀ ନମିତା ମହାନ୍ତିଙ୍କୁ ପ୍ରଦାନ କରାଯାଇଥିଲା ।ଯୁକ୍ତ ତିନି ସ୍ତରରେ ସାଂସ୍କୃତିକ ଚାମ୍ପିଅନ କ. ବୈଷ୍ଣବୀ ଅଚାରି ଏବଂ ଯୁକ୍ତ ଦୁଇ ସ୍ତରର ସୁଶ୍ରୀ ଅନନ୍ୟା ପ୍ରଧାନ ଓ ସିମ୍ରନ କୋଠିଆଙ୍କୁ ଯୁଗ୍ମ ଚାମ୍ପିଅନ ଭାବରେ ଅତିଥିଙ୍କ ଦାରା ସମ୍ମନିତ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

ଏହି ଉତ୍ସବରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ସଭାପତି ଡ. ପଣ୍ଡା ।ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ ସାଂସ୍କୃତିକ ପରିଷଦର ଉପଦେଷ୍ଟା ଡ. ସଞ୍ଜୟ କୁମାର ପଣ୍ଡା ।ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ ଡ. ରାମଶଙ୍କର ପଟ୍ଟନାୟକ ଓ ସାଥୀ,ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପକ ସୁନିଲ କୁମାର ପାଢ଼ୀ ।ଦିତୀୟ ଅଧିବେଶନରେ ଛାତ୍ରଛାତ୍ରୀଙ୍କ ଦାରା ପ୍ରସ୍ତୁତ ଡ. ରାମଶଙ୍କର ପଟ୍ଟନାୟକ ନିର୍ଦ୍ଦେଶିତ ନେଇଯା ମୋତେ ତୋ ଗାଁକୁ ନାଟକ ମଞ୍ଚସ୍ଥ ହୋଇଥିଲା ।

# ଅବୈଧ ଏଲପିଜି ସିଲିଣ୍ଡର ଜବତ, ପ୍ରଶାସନର କଡ଼ା ଅଭିଯାନ ଜାରି



ବାରିପଦା, (ସବ୍ୟୁ): : ମୟୂରଭଞ୍ଜ ଜିଲ୍ଲାର ବାରିପଦା ମ୍ୟୁନିସିପାଲିଟି ଅଞ୍ଚଳରେ ଅବୈଧ ଭାବରେ ଏଲପିଜି ସିଲିଣ୍ଡର ମହଜୁଦ୍ ଓ ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର ହେଉଥିବା ଅଭିଯୋଗକୁ ଆଧାର କରି ଜିଲ୍ଲାପ୍ରଶାସନ ପକ୍ଷରୁ ଆକସ୍ମିକ ଚଢ଼ାଉ କରାଯାଇଛି । ଏହି ଚଢ଼ାଉ ମୁର୍ଗାବାଡ଼ି ଓ ତକତପୁର ଅଞ୍ଚଳରେ କରାଯାଇଥିବାବେଳେ ଏଥିରେ ମୋଟ ୧୧ଟି ଘରୋଇ ଏଲପିଜି ସିଲିଣ୍ଡର ଜବତ ହୋଇଛି ।

ସୂଚନା ଅନୁଯାୟୀ, କିଛି ବ୍ୟକ୍ତି ଘରୋଇ ଗ୍ୟାସ ସିଲିଣ୍ଡରକୁ ଅନଧିକୃତ ଭାବରେ ସଂଗ୍ରହ କରି ତାହାକୁ ବ୍ୟବସାୟିକ କାମରେ ବ୍ୟବହାର କରୁଥିବା ନେଇ ପ୍ରଶାସନଙ୍କୁ ଗୋପନ ସୂତ୍ରରୁ ସୂଚନା ମିଳିଥିଲା ।ଏହି ସୂଚନାକୁ ଗୁରୁତ୍ୱ ଦେଇ ତହସିଲଦାର-କମ୍-ଏକ୍ସିକ୍ୟୁଟିଭ ମ୍ୟାଜିଷ୍ଟ୍ରେଟ ବାରିପଦା, ସପନ କୁମାର ସାହୁଙ୍କ ନେତୃତ୍ୱରେ ଏକ ସଂଯୁକ୍ତ ଟିମ୍ ଗଠନ କରାଯାଇ ତୁରନ୍ତ ଚଢ଼ାଉ କରାଯାଇଥିଲା । ଏହି ଅଭିଯାନରେ ଅତିରିକ୍ତ ମୁଖ୍ୟ ଯୋଗାଣ ଅଧିକାରୀ ଶିବାଶିଷ ଜେନା, ଅତିରିକ୍ତ ମୁଖ୍ୟ ଯୋଗାଣ ଅଧିକାରୀ(ବାରିପଦା ପୌରପାଳିକା) ପ୍ରଭାସ ରଞ୍ଜନ ଶତପଥୀ, ବାରିପଦା ପୌରପାଳିକାର ଯୋଗାଣ ନିରୀକ୍ଷକ ଶ୍ୱେତଲିନା ପରିଡ଼ା, ବାରିପଦା ବ୍ଲକ ଯୋଗାଣ ନିରୀକ୍ଷକ ଭାଗ୍ୟ ଶ୍ରୀ ପତି, ବେତନଟୀ ବ୍ଲକ ଯୋଗାଣ ନିରୀକ୍ଷକ ଅଶୋକ ବେହେରା, କୁଳିଅଣା ବ୍ଲକ ଯୋଗାଣ ନିରୀକ୍ଷକ ଉକିଳିକା ନାଏକ, ଶୁଳିଆପଦା ବ୍ଲକ ଯୋଗାଣ ନିରୀକ୍ଷକ ଅନମୋଲ ସାହୁ ପ୍ରମୁଖ ସକ୍ରିୟ ଭାବେ ଭାଗ ନେଇଥିଲେ ।

ଟିମ୍ ଦ୍ୱାରା ବିଭିନ୍ନ ଘର ଓ ସନ୍ଦେହଜନକ ସ୍ଥାନରେ ତଲାଶି କରାଯାଇ ଏହି ସିଲିଣ୍ଡରଗୁଡ଼ିକ ଜବତ କରାଯାଇଥିଲା । ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଜବତ ହୋଇଥିବା ସିଲିଣ୍ଡରଗୁଡ଼ିକ ଘରୋଇ ବ୍ୟବହାର ପାଇଁ ଆବଣ୍ଟିତ ଥିଲେ, ହେଁ ସେଗୁଡ଼ିକ ଅନଧିକୃତ ଭାବରେ ସଂଗ୍ରହ କରି ବ୍ୟବସାୟିକ କାର୍ଯ୍ୟରେ ଲାଗୁଥିବା ଜଣାପଡୁଛି । ଏହି ଘଟଣା ସମ୍ପର୍କରେ ଆହୁରି ତଦନ୍ତ ଜାରି ରହିଛି ଏବଂ ଯେଉଁମାନେ ଏଥିରେ ସଂପୃକ୍ତ ଥିବେ, ସେମାନଙ୍କ ବିରୋଧରେ ଆଇନୁସାରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଶାସନ ସୂଚନା ଦେଇଛି । ଆବଶ୍ୟକ ହେଲେ ଏହି ଅଭିଯାନକୁ ଆଉରି ବ୍ୟାପକ ଭାବେ କରାଯିବ ବୋଲି ମଧ୍ୟ କୁହାଯାଇଛି ।

ଜିଲ୍ଲା ପ୍ରଶାସନ ସମସ୍ତ ଗ୍ରାହକ ଓ ବ୍ୟବସାୟୀମାନଙ୍କୁ ସଚେତନ କରି କହିଛି ଯେ, ଘରୋଇ ଏଲପିଜି ସିଲିଣ୍ଡରକୁ କୌଣସି ପରିସ୍ଥିତିରେ ବ୍ୟବସାୟିକ କାମରେ ବ୍ୟବହାର କରିବା ଆଇନସମ୍ମତ ନୁହେଁ । ଏପରି କାର୍ଯ୍ୟ କରି ଧରାପଡ଼ିଲେ ଜରିମାନା ସହ ଆଇନୁସାରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହାସହ ପ୍ରଶାସନ ସାଧାରଣ ଲୋକଙ୍କୁ ଅନୁରୋଧ କରିଛି ଯେ, ଯଦି କୌଣସି ସ୍ଥାନରେ ଏପରି ଅବୈଧ ଭାବରେ ଗ୍ୟାସ ସିଲିଣ୍ଡର ମହଜୁଦ କିମ୍ବା ଦୁରୁପଯୋଗ ହେଉଥିବା ଦେଖିବେ, ତେବେ ତୁରନ୍ତ ପ୍ରଶାସନକୁ ସୂଚିତ କରନ୍ତୁ, ଯାହା ଫଳରେ ସମୟୋଚିତ ପଦକ୍ଷେପ ନିଆଯାଇପାରିବ । ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଏପରି ଅବୈଧ କାର୍ଯ୍ୟକଳାପକୁ ଦମନ କରିବାରେ ସଂକଳ୍ପବଦ୍ଧ ଓ ଆଗାମୀ ଦିନରେ ଏହିପରି ଚଢ଼ାଉ ଅବ୍ୟାହତ ରହିବ ବୋଲି ତହସିଲଦାର ବାରିପଦା ଶ୍ରୀ ସାହୁ ନିଜ ପ୍ରତିକ୍ରିୟାରେ କହିଛନ୍ତି ।

# ଦନ୍ତା ଉଜାଡ଼ିଲା ମକା ଫସଲ

ଭଞ୍ଜନଗର, (ସବ୍ୟୁ): ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡ ବନାଞ୍ଚଳ କୁଲାଡ଼ ସେକସନର ରାଇପଲ୍ଲୀ ଗ୍ରାମର ଚାଷି ବିଜୟ ନାୟକଙ୍କ ମକାଫସଲକୁ ଶୁକ୍ରବାର ବିଳମ୍ବିତ ରାତ୍ରରେ ଦନ୍ତା ହାତୀ ପଶି ମକାଫସଲ ଉଜାଡି ଦେଇଥିବା ଅଭିଯୋଗ ହୋଇଛି । ଆଜକୁ କିଛି ଦିନ ହେଲା ଦନ୍ତା ହାତୀ ସହ ଅନ୍ୟ ମାଈ ହାତୀ ମିଶି କୁଲାଡ ସେକେସନର ରାଇପଲ୍ଲୀ, ଗଜାପଦର, ଖପରାପଲ୍ଲୀ ଓ କୋଟିବରାଡି ଏସବୁ ଅଞ୍ଚଳରେ ରହି ପନିପରିବା ଓ ମକାଚାଷ ଦଳି ଚକଟି ନଷ୍ଟ କରିଥିବା ଚାଷିମାନେ ଅଭିଯୋଗ କରିଛନ୍ତି । ସେପଟେ ବନବିଭାଗ ଖବରପାଇ ଶନିବାର ସକାଳେ ଚାଷିଙ୍କ ପାଖରେ ପହଞ୍ଚି ଉଜାଡିଦେଇଥିବା ଫସଲ ଉପରେ ଅନୁକମ୍ପା ଆପରେ ଆବେଦନ କରିବା ପାଇଁ ପରାମର୍ଶ ଦେଇଛନ୍ତି ।

ସୁଚନା ଥାଉକି ଶୁକ୍ରବାର ବିଳମ୍ବିତ ସନ୍ଧ୍ୟାରେ ଭଞ୍ଜନଗର -- କୁଲାଡ଼-- ଦଶପଲ୍ଲା ମୁଖ୍ୟରାସ୍ତା କମଳାବାରି ଛକ ରାସ୍ତାଦେଇ ହାତୀପଲ ଯାଉଥିବା ବେଳେ କିଛି ଯାତ୍ରୀ ଦେଖି ଭୟଭୀତ ହେବା ସହ ଦିର୍ଘ ସମୟଧରି ଅଟକି ରହିଯାଇଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି ।

# ଟୁରିଷ୍ଟ ବସ ଦୁର୍ଘଟଣା: ରୋଜଗାରିଆ ପୁଅକୁ ହରାଇ ଭାଙ୍ଗିପଡିଲେ ବୃଦ୍ଧା



ଭଂଜନଗର ,(ସବ୍ୟୁ): ଟୁରିଷ୍ଟ ବସ ଦୁର୍ଘଟଣା ଯୋଗୁ ରୋଜଗାରିଆ ପୁଅକୁହାଣାଲା ଜଣେ ବୃଦ୍ଧା ମାଆ । ସୂଚନାଯେ ନୟାଗଡ଼ ଜିଲ୍ଲା ଦଶପଲ୍ଲା ନିକଟରେ ଏକ ଟୁରିଷ୍ଟ ବସ ଦୁର୍ଘଟଣା ହେବାରୁ ଘଟଣା ସ୍ଥଳରେ ୫ ଜଣ ଯାତ୍ରୀଙ୍କ ମୃତ୍ୟୁ ହେଲା । ମୃତକଙ୍କ ଭିତରେ ଥିଲେ, ଗାଡ଼ିର ଡ୍ରାଇଭର ପ୍ରବୀଣ କୁମାର ସାହୁ (୨୭) । ଯାହାଙ୍କ ଘର ଭଂଜନଗର ଥାନା ଅନ୍ତର୍ଗତ କୁଲାଡ ଗାଁ ରେ । ତାଙ୍କର ଏହି ଖବର ପାଇବା ପରେ , ଖାଇବା ଯୋଗାଡ଼ କରିଥିବା କୁଲାଡ ଗାଁର ସାଙ୍ଗ ଚିଣ୍ଟୁ ଏବଂ ଗାଁ ପାଖ କମଳାବାଡି ଢାବା ମାଲିକ, ପ୍ରଥମେ ଦୁର୍ଘଟଣା ଖବର ପାଇ ଭାଙ୍ଗି ପଡ଼ିଥିଲେ । ପରେ ପରେ ପରିବାର , ସମ୍ପର୍କୀୟ , ସାଙ୍ଗସାଥୀ ଏବଂ ଗାଁ ଲୋକେ ଜାଣିଲେ । ଦୁର୍ଘଟଣା ଏବଂ ପ୍ରବୀଣଙ୍କ ମୃତ୍ୟୁ ଖବର ପାଇ, ସ୍ତବ୍ଧ ପାଲଟି ଯାଇଥିଲା ସମୁଦାୟ କୁଲାଡ ଅଞ୍ଚଳ । କଶୁକ୍ରବାର ଦିନ ଅପରାହ୍ନରେ ବ୍ରହ୍ମପୁର ରୁ ଗାଡ଼ି ଚଳାଇ ଆସିଥିଲେ । ବର୍ଷା ପବନ ହେତୁ, ରାସ୍ତାରେ ଯାତ୍ରୀଙ୍କ ପାଇଁ ଖାଇବା ଯୋଗାଡ଼ ହୋଇନପାରିବାରୁ, ଡ୍ରାଇଭର ପ୍ରବୀଣ ନିଜ ଗାଁ କୁଲାଡର ସାଙ୍ଗ ସାଥିଙ୍କୁ ଫୋନ କରି ଖାଇବା ଯୋଗାଡ କରିବାକୁ ଯୋଗାଯୋଗ କରିଥିଲେ । ଶନିବାର ଅପରାହ୍ନରେ ନୟାଗଡ଼ ଡାକ୍ତରଖାନାରେ ମୃତ ଦେହ ବ୍ୟବଛେଦ ପରେ, କୁଲାଡ ଗାଁରେ ପହଞ୍ଚିଥିଲା ପ୍ରବୀଣଙ୍କ ମୃତଦେହ । ଶୋକାକୁଳ ପରିବେଶ ମଧ୍ୟରେ, ତାଙ୍କର ଅନ୍ତିମ ସତ୍କାର ହୋଇଥିଲା । ମୃତ ପ୍ରବୀଣଙ୍କ ବାପା ବିଜୟ ସାହୁଙ୍କ, କିଛି ବର୍ଷ ପୂର୍ବରୁ ମୃତ୍ୟୁ ହୋଇଥିଲା । ଘରେ ରହୁଥିଲେ ବିଧବା ମା' ଏବଂ ସାନଭାଇ । ପରିବାରର ଏକମାତ୍ର ରୋଜଗାରିଆ ପୁଅ ଥିଲେ, ପ୍ରବୀଣ । ଗତ ପ୍ରାୟ ୭ ବର୍ଷ ହେଲା ସେ, ଡ୍ରାଇଭର କାମ କରୁଥିଲେ । ସେ ଅବିବାହିତ ଥିଲେ । ଏଭଳି ପରିସ୍ଥିତିରେ ପ୍ରବୀଣ ମୃତ୍ୟୁ ଘଟିଥିବାରୁ, ବିଧବା ମା' ଓ ସାନଭାଇ, ଏବେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି । ଏନେଇ ସରକାରୀ ସ୍ତରରେ ଏହି ଅସହାୟ ପରିବାରକୁ, ସହାୟତା ଯୋଗାଇ ଦେବାପାଇଁ, ସ୍ଥାନୀୟ ଅଞ୍ଚଳବାସୀ ନିବେଦନ କରିଛନ୍ତି ।

## ଭଞ୍ଜନଗର ଓକିଲ ସଂଘ ନିର୍ବାଚନ

# ସନ୍ତୋଷ ନାୟକ- ସଭାପତି, ଧୀରେନ ସ୍ୱାଇଁ - ସମ୍ପାଦକ

ଭଞ୍ଜନଗର, (ସବ୍ୟୁ): ସ୍ଥାନୀୟ ଓକିଲ ସଂଘ ର୍ନିବାଚନ ଶେଷ ହୋଇଛି । ଚଳିତ ଆର୍ଥିକ ବର୍ଷ ପାଇଁ ବରିଷ୍ଠ ଓକିଲ ସନ୍ତୋଷ କୁମାର ନାୟକ ସଭାପତି ର୍ନିବାଚିତ ହୋଇଥିବା ବେଳେ ଉପସଭାପତି ଭାବେ ରଜତ କୁମାର ଦାଶ, ସାଧାରଣ ସମ୍ପାଦକ ଭାବେ ଧୀରେନ କୁମାର ସ୍ୱାଇଁ ର୍ନିବାଚିତ ହୋଇଥିବା ର୍ନିବାଚନ ଅଧିକାରୀ ଲଡୁ କିଶୋର ଆଳତିଆ ସୂଚନା ଦେଇଛନ୍ତି ।ସଭାପତି ଆସନ ପାଇଁ ଏକ ତ୍ରିକୋଣୀୟ ମୁକାବିଲା ରେ ଅନ୍ୟ ଦୁଇ ଜଣ ପ୍ରତିଦ୍ୱନ୍ଦୀଙ୍କୁ ପଛରେ ପକାଇ ସନ୍ତୋଷ ନାୟକ ୯୮ ଖଣ୍ଡ ଭୋଟ ପାଇ ୩୭ ଖଣ୍ଡ ବ୍ୟବଧାନରେ ର୍ନିବାଚିତ ହୋଇଥିବା ଜଣାପଡିଛି ।

ସେହିପରି ଉପସଭାପତି ପଦବୀ ପାଇଁ ତ୍ରିକୋଣୀୟ ମୁକାବିଲା ରେ ଅନ୍ୟ ଦୁଇ ପ୍ରତିଦ୍ୱନ୍ଦୀ ଙ୍କୁ ପଛରେ ପକାଇ ରଜତ କୁମାର ଦାଶ ର୍ନିବାଚିତ ହୋଇଥିବା ବେଳେ ଏକ ସିଧାସଳଖ ଲଢ଼େଇରେ ୧୧ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ଘୋଷିତ ହୋଇଥିଲେ । ଅନ୍ୟ ପକ୍ଷରେ ପୂର୍ବରୁ ସହ ସମ୍ପାଦକ ଭାବେ ସ୍ନିଗ୍ଧା ଦାଶ ଓ କୋଷାଧ୍ୟକ୍ଷ ଭାବେ ମଧୁସୂଦନ ପଣ୍ଡା ର୍ନିବିରୋଧ ର୍ନିବାଚିତ ହୋଇଥିବା ର୍ନିବାଚନ ଅଧିକାରୀ ଆଳତିଆ ସୂଚନା ଦେଇଛନ୍ତି । ଉକ୍ତ ର୍ନିବାଚନ ରେ ସହଯୋଗୀ ର୍ନିବାଚନ ଅଧିକାରୀ ଭାବେ ବିମ୍ବାଧର ଷଢ଼ଙ୍ଗୀ, ତ୍ରିନାଥ ମଲ୍ଲିକ ଓ ଅଭାଗିନୀ ବିଷୋୟୀ ଦାୟିତ୍ୱ ର୍ନିବାହ କରିଥିଲେ ।

ନବ ର୍ନିବାଚିତ ଓକିଲ ସଂଘ ସଭାପତି ଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଓକିଲ ସଂଘ ର ଉନ୍ନତି ପାଇଁ ଆବଶ୍ୟକୀୟ ସମସ୍ତ ପଦକ୍ଷେପ ନିଆଯିବା ସହ ଘୁମୁସର ମାଟିର ସମସ୍ତ ଦାବିକୁ ଶାଣିତ କରାଯିବ ବୋଲି ନିଜ ନିଜର ପ୍ରତିକ୍ରିୟା ରେ ଉଲ୍ଲେଖ କରିଛନ୍ତି ।

# ଜିଲ୍ଲା ଓକିଲ ସଂଘ ନିର୍ବାଚନ : ସଭାପତି- ଜ୍ୟୋତି ପ୍ରକାଶ ରଥ , ସମ୍ପାଦକ- ବିପ୍ଳବ ବାରିକ



ବାରିପଦା, (ସବ୍ୟୁ): ଶନିବାର ଜିଲ୍ଲା ଓକିଲ ସଂଘ, ବାରିପଦାର ନିର୍ବାଚନ ଶାନ୍ତିଶୃଙ୍ଖଳା ସହ ଶେଷ ହୋଇଛି। ସଭାପତି ଭାବେ ଜ୍ୟୋତି ପ୍ରକାଶ ରଥ ନିର୍ବାଚିତ ହୋଇଥିବାବେଳେ ଉପସଭାପତି ଭାବେ ସତ୍ୟବ୍ରତ ଦାସ ନିଦ୍ୱର୍ନ୍ଦରେ ନିର୍ବାଚିତ ହୋଇଛନ୍ତି, ସମ୍ପାଦକ ଭାବେ ପୁଣିଥରେ ସପ୍ତମଥର ପାଇଁ ବିପ୍ଳବ ବାରିକ୍ ନିର୍ବାଚିତ ହୋଇଥିବାବେଳେ ଯୁଗ୍ମ ସମ୍ପାଦକ ଭାବେ ସ୍ୱରୂପ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ (ପ୍ରଶାସନ) ପଙ୍କଜ କୁମାର ମହାକୁଡ୍, ଯୁଗ୍ମ ସମ୍ପାଦକ (ପାଠାଗାର) କୃଷ୍ଣଚନ୍ଦ୍ର ମହାନ୍ତି ଏବଂ କୋଷାଧ୍ୟକ୍ଷ ଭାବେ ପଦ୍ମଲୋଚନ ମହାନ୍ତି ନିଦ୍ୱର୍ନ୍ଦରେ ନିର୍ବାଚିତ ହୋଇଛନ୍ତି।

ସେହିପରି ସାଧାରଣ ପରିଷଦ ମହିଳା ସଦସ୍ୟ ଭାବେ ବୈଜନ୍ତୀ ବାସ୍କେ, ମଧୁସ୍ମୃତି ସେଠୀ, ରୂପଶ୍ରୀ ବାରିକ, ସୁସ୍ମିତା ଘୋଷାଲ ଓ ସ୍ୱପ୍ନା ମହାନ୍ତି ନିଦ୍ୱର୍ନ୍ଦରେ ନିର୍ବାଚିତ ହୋଇଛନ୍ତି। ଅନ୍ୟପକ୍ଷରେ ସାଧାରଣ ପରିଷଦ ସଦସ୍ୟ ଭାବେ ଦେବରାଜ ମିଶ୍ର, ଗିରିଶ ଚନ୍ଦ୍ର ମହାପାତ୍ର ଓ ଗୌତମ ଶଙ୍କର ରାୟ ନିର୍ବାଚିତ ହୋଇଛନ୍ତି।

## ବୁଗୁଡ଼ା ଓକିଲ ସଂଘ ନିର୍ବାଚନ

# ମାନସ ରଞ୍ଜନ ଦାଶ -ସଭାପତି , ଶ୍ୟାମ ସୁନ୍ଦର ବିଷୋୟୀ -ସମ୍ପାଦକ

ବୁଗୁଡ଼ା, (ସବ୍ୟୁ) : ବୁଗୁଡ଼ା ଓକିଲ ସଙ୍ଘ ର୍ନିବାଚନ ଅନୁଷ୍ଠିତ ହୋଇ ଫଳାଫଳ ଘୋଷଣା ହୋଇଛି । ଏଥିରେ ମାନସ ରଞ୍ଜନ ଦାଶ - ସଭାପତି , ସୁବ୍ରତ କୁମାର ପଟ୍ଟନାୟକ - ଉପସଭାପତି, ଶ୍ୟାମସୁନ୍ଦର ବିଷୋୟୀ - ସମ୍ପାଦକ,ମନୋଜ କୁମାର ପାଣିଗ୍ରାହୀ - ସହସମ୍ପାଦକ, କାହ୍ନୁ ଚରଣ ସାହୁ - କୋଷାଧ୍ୟକ୍ଷ ଭାବେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦିତାରେ ର୍ନିବାଚିତ ହୋଇଛନ୍ତି । ଅନ୍ୟପକ୍ଷରେ ଇସି ମେମ୍ବର ଭାବେ ସରୋଜ କୁମାର ଦାଶ ର୍ନିଦ୍ୱନ୍ଦରେ ର୍ନିବାଚିତ ହୋଇଥିବା ବେଳେ ମହିଳା ଓକିଲ ସାଇ ସନ୍ତୋଷିନୀ ପ୍ରଧାନ ଓ ଦେବୀ ନିବେଦିତା ଚୋଧୁରୀ ସଦସ୍ୟା ଭାବେ ମନୋନୀତ ହେବା ନିଶ୍ଚିତ ହୋଇଛି । ର୍ନିବାଚନ ଅଧିକାରୀ ଭାବେ ସତ୍ୟ ନାରାୟଣ ମିଶ୍ର ଓ ସହ-ର୍ନିବାଚନ ଅଧିକାରୀ ଭାବେ ସଂଗ୍ରାମ ପାତ୍ର ଦାୟିତ୍ୱ ର୍ନିବାହ ପୂର୍ବକ ର୍ନିବାଚନ ପରିଚାଳନା କରିଥିଲେ ।

# ଘରକୁ ଘର ବୁଲି ଅଭିଭାବକଙ୍କୁ ନିମନ୍ତ୍ରଣ

ବୁଗୁଡା ,(ସବ୍ୟୁ): ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉଦ୍ଦେଶ୍ୟରେ ରାଜ୍ୟ ସରକାର ନୂତନ ଶିକ୍ଷାନୀତି ଗତ ଶିକ୍ଷାବର୍ଷରୁ ଶିଶୁ ବାଟିକା ଆରମ୍ଭ କରିଛନ୍ତି । ଶିଶୁ ବାଟିକାରେ କୁନିକୁନି ପିଲାମାନେ ସରକାରୀ ବିଦ୍ୟାଳୟରେ ନାମ ଲେଖାଇବାକୁ ସ୍ୱତନ୍ତ୍ର ନିମନ୍ତ୍ରଣ କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ରହିଛି । ଏ ପରିପ୍ରେକ୍ଷୀରେ ଶିଶୁ ବାଟିକାରେ ନାମ ଲେଖାଇବାକୁ ବୁଗୁଡା ଏନଏସି ଅନ୍ତର୍ଗତ ବିଭିନ୍ନ ସାହିର ଘରକୁ ଘର ଯାଇ ଶିଶୁ ବାଟିକାରେ ନାମଭୂ ଲେଖାଇବାକୁ ନିମନ୍ତ୍ରଣ ପତ୍ର ପରିବାରବର୍ଗଙ୍କୁ ପ୍ରଦାନ କରାଯାଇଛି । ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀ ଚିନ୍ମୟ ମହାପାତ୍ର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଆସିଥିବା ନିମନ୍ତ୍ରଣ ପତ୍ର ପ୍ରଦାନ ପୂର୍ବକ ଶିଶୁଙ୍କ ପରିବାର ସହ ଆଲୋଚନା କରିଛନ୍ତି । ଆସନ୍ତା ଏପ୍ରିଲ ୨ରୁ ୫ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ସମସ୍ତ ସରକାରୀ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

ଏଥି ସହ ଆସ ସ୍କୁଲ ଯିବା ଅଭିଯାନ କ୍ରମେ ବିଦ୍ୟାଳୟ ବାହାରେ ଥିବା ୫ରୁ ୧୮ ବର୍ଷ ବୟସର ପିଲାମାନଙ୍କୁ ଶିକ୍ଷା ବ୍ୟବସ୍ଥାରେ ସାମିଲ କରିବା ପ୍ରୟାସ ଜାରି ରହିଛି । ଏହି ନିମନ୍ତ୍ରଣ ପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁତିକୃଷ୍ଣ ପାତ୍ର, ତହସିଲଦାର ତାପସ ରାଉତ, ସିଆରସିସି କିରଣ ବାଳା ତ୍ରିପାଠୀ ଓ ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ମହାରଣାଙ୍କ ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସାମିଲ ରହିଥିଲେ ।

# ବିଜେପିରେ ମିଶ୍ରଣ ପର୍ବ



ବ୍ରହ୍ମପୁର ,(ସବ୍ୟୁ): ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ୧୭ ନମ୍ବର ୱାର୍ଡ, ଗେଟ ବଜାର ମଣ୍ଡଳରୁ ବୃହି ବିଜେପି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇ ଯାଇଛି । ଶନିବାର ଦିନ ୱାର୍ଡ ନଂ୧୭, ଗେଟ ବଜାର ମଣ୍ଡଳରୁ କଂଗ୍ରେସ ଓ ବିଜେଡି ଦଳର ପ୍ରାୟ ୨୦୦ରୁ ଅଧିକ କର୍ମୀ ଓ ସମର୍ଥକ ମାନେ ମାନ୍ୟବର ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାରଙ୍କ ନେତୃତ୍ୱରେ ଅନୁପ୍ରାଣିତ ହୋଇ ଗାନ୍ଧୀନଗର ସ୍ଥିତ ବିଧାୟକ କାର୍ଯ୍ୟାଳୟରେ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଛନ୍ତି ।

ଏହି ଯୋଗଦାନରେ ବରିଷ୍ଠ ନାଗରିକ ଓ ଯୁବ ସମାଜର ବ୍ୟାପକ ସମର୍ଥନ ଦେଖିବାକୁ ମିଳିଛି । ବ୍ରହ୍ମପୁରର ଉନ୍ନତି ଯାତ୍ରାକୁ ଆହୁରି ଦୃଢ଼ କରିବ । ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ସୁଶାସନ ଓ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ପରିବର୍ତ୍ତନମୁଖୀ ନୀତି ଓ ଉନ୍ନତିମୂଖୀ ଦୃଷ୍ଟିକୋଣରେ ଅନୁପ୍ରାଣିତ ହୋଇ ସମସ୍ତେ ଦଳ ସହ ଯୋଗ ଦେଇ ଛନ୍ତି ।

# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ପାଠଚକ୍ର

ବ୍ରହ୍ମପୁର ,(ସବ୍ୟୁ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଗଣିତ ବିଭାଗ ପକ୍ଷରୁ ଏକ ଦିବସୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟାପକ ଅଶୋକ ମୁଦୁଲିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡ଼ଃ ଯତୀନ ବିଷୋୟୀ ଅଧ୍ୟକ୍ଷତା କରି ଥିଲେ ।ପାଠଚକ୍ର ପ୍ରାରମ୍ଭରେ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ପୁଷ୍ପ ଅର୍ପଣ ସହିତ ବୃକ୍ଷରେ ଜଳ ସିଞ୍ଚନ କରି ସଭା କାର୍ଯ୍ୟକୁ ଉ"ାଟନ କରିଥିଲେ ଆଜିର ଅତିଥି ବୃନ୍ଦ ତ୍ରିପୁରା ସ୍ଥିତ ଏନଆଇଟିର ଗଣିତ ବିଭାଗର ପ୍ରଫେସର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟ ବକ୍ତା ରୂପେ ଉପସ୍ଥିତ ରହି ଟେନସର ବିଜ୍ଞାନ କିପରି ମାନବ ସଭ୍ୟତାର ମୌଳିକ ଆବଶ୍ୟକତାରେ ଉପଯୋଗ ହୋଇପାରିବ ତାହା ସଂନ୍ଦବ ମାଧ୍ୟମରେ ଉପସ୍ଥାପନା କରିଥିଲେ । ଡ଼ଃ ଯତୀନ ବିଷୋୟୀ ଅତିଥି ରୂପେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଚରିତ୍ର ଗଠନରେ ଗଣିତର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ ।ଅଧ୍ୟାପକ ଚିନ୍ମୟ ରାଉତ,ଅଧ୍ୟାପିକା ସୁପ୍ରିୟା ସାହୁ ଓ କର୍ମଚାରୀ ଜଗନ୍ନାଥ ଚୌଧୁରୀ ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀ ପ୍ରତିନିଧି ମୋନାଲିସା ମାଇତି, ରାଜନ୍ତ ଉଠାଣସଂ,ମାନସୀ ସ୍ୱାଇଁ, ସମୀର କୁମାର ସାହୁ,ବିଶ୍ୱଜିତ ପାଢ଼ୀ, ଲିଂତା ବେହେରା, ସାଜିଦ ଶତ୍ରୁଶଲ୍ୟ ,ରଶ୍ମି ଜେନା, ସିମ୍ରନ ରାଉତ ଓ ଶତାଧିକ ଛାତ୍ର ଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ସଫଳ କରିଥିଲେ । ସଭାକାର୍ଯ୍ୟ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ବାବାଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ

# ନିଶା ବଟିକା ଖୁଆଇ ଯୁବତୀଙ୍କୁ କରିଥିଲେ ଦୁଷ୍କର୍ମ

ରେଢ଼ାଖୋଲ , (ସବ୍ୟୁ): ନିଶା ଔଷଧ ଦେଇ ଜଣେ ଯୁବତୀଙ୍କୁ ଦୁଷ୍କର୍ମ କରିଥିବା ରେଢ଼ାଖୋଲ ଥାନା ବୈଷ୍ଣବଝୁଲି ଆଶ୍ରମର ବାବା ପ୍ରଫୁଲ୍ଲ ମହାଲ୍ଲାଙ୍କୁ ରେଢ଼ାଖୋଲ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍‌କୋର୍ଟ ୨୦ ବର୍ଷ ସଶ୍ରମ କାରାଦାଣ୍ଡାଦେଶ ଦେଇଛନ୍ତି ।

ଏହା ସହିତ ତାଙ୍କ ଉପରେ ୧୦ ହଜାର ଟଙ୍କାର ଜୋରିମାନା ପକାଇଛନ୍ତି । ଜୋରିମାନା ଦେଇ ନପାରିଲେ ତାଙ୍କୁ ଆଉ ଗୋଟିଏ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସେହିଭଳି ପୀଡ଼ିତାଙ୍କୁ ସହାୟତା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ । ଏହି ଘଟଣା ଘଟିଥିଲା ୨୦୨୪ ମସିହା ଡିସେମ୍ବର ମାସ ୫ ତାରିଖରେ । ପୀଡ଼ିତା ଯୁବତୀ ଜଣଙ୍କ ଅସୁସ୍ଥ ଥିବାରୁ ସେ ବୈଷ୍ଣବଝୁଲି ଆଶ୍ରମର ବାବା ପ୍ରଫୁଲ୍ଲ ମହାଲ୍ଲାଙ୍କ ନିକଟକୁ ଯାଇଥିଲେ ।

ବାବା ତାଙ୍କୁ କିଛି ଚେରମୂଳି ଔଷଧ ସହିତ ୪ଟି ନିଶା ବଟିକା ଖାଇବାକୁ ଦେଇଥିଲେ । ଯୁବତୀ ଜଣଙ୍କ ନିଶା ବଟିକା ଖାଇବା ପରେ ଅଚେତ ହୋଇଯାଇଥିଲେ ।

ତା'ପରେ ବାବା ତାଙ୍କୁ ଦୁଷ୍କର୍ମ କରିଥିଲେ । ସେଠାରୁ ଫେରିବା ପରେ ଯୁବତୀ ଜଣଙ୍କ ଅସୁସ୍ଥ ଅନୁଭବ କରିଥିଲେ ଓ ତାଙ୍କୁ ଦୁଷ୍କର୍ମ କରାଯାଇଥିବା ଜାଣିପାରିଥିଲେ ।

ଏ ନେଇ ପୀଡ଼ିତା ଯୁବତୀ ଜଣଙ୍କ ୨୦୨୪ ଡିସେମ୍ବର ୬ ତାରିଖରେ ରେଢ଼ାଖୋଲ ଥାନାରେ ଏନେଇ ଅଭିଯୋଗ କରିଥିଲେ ।

ପୁଲିସ ଘଟଣାର ତଦନ୍ତ କରି ବାବାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ପରବର୍ତ୍ତୀ ସମୟରେ ରେଢ଼ାଖୋଲ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ କୋର୍ଟରେ ମାମଲାର ଶୁଣାଣି ହୋଇଥିଲା । ଏହି ଶୁଣାଣି ବେଳେ ୨୧ ଜଣ ସାକ୍ଷୀଙ୍କ ବୟାନ ତଥା ଅନ୍ୟାନ୍ୟ ତଥ୍ୟ ଓ ପ୍ରମାଣ ଆଧାରରେ କୋର୍ଟ ଅଭିଯୁକ୍ତ ବାବା ପ୍ରଫୁଲ୍ଲ ମହାଲ୍ଲାଙ୍କୁ ଦୋଷୀ ସାବ୍ୟସ୍ତ କରିବା ପରେ ୨୦ ବର୍ଷର ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି ।

## ଆସିକା ଓକିଲ ସଂଘ ନିର୍ବାଚନ

# ଛବିଳ ମିଶ୍ର-ସଭାପତି ଚିତ୍ତରଂଜନ-ସମ୍ପାଦକ

ଆସିକା, (ସବ୍ୟୁ) : ଆସିକା ଓକିଲ ସଂଘର କର୍ମକର୍ତ୍ତା ର୍ନିବାଚନ ଶନିବାର ଅନୁଷ୍ଠିତ ହୋଇ ଅପରାହ୍ନ ରେ ଫଳାଫଳ ଘୋଷିତ ହୋଇଛି । ମୋଟ ୧୬୪ ସଦସ୍ୟଙ୍କ ମଧ୍ୟରୁ ୧୪୫ ଜଣ ଆଇନଜୀବୀ ନିଜର ମତାଧିକାର ସାବ୍ୟସ୍ତ କରିଥିଲେ ।

ସଦସ୍ୟମାନେ ୨୦୨୭ ବର୍ଷ ନିମନ୍ତେ ସଭାପତି ରୂପେ ବରିଷ୍ଠ ଆଇନଜୀବୀ ଛବିଳ ରାମ ମିଶ୍ର ,ଉପସଭାପତି ରୂପେ ଜୀ. ସୂର୍ଯ୍ୟ ପ୍ରକାଶ ରାଓ ସମ୍ପାଦକ ରୁପେ ଚିତ୍ତରଞ୍ଜନ ଦାସଙ୍କୁ ନିର୍ବାଚିତ କରିଛନ୍ତି । ସେହିଭଳି ଯୁଗ୍ମ ସମ୍ପାଦକ ପଦବୀ ଲାଗି ଅଜିତ କୁମାର ମୁନି, କୋଷାଧ୍ୟକ୍ଷ ପଦବୀ ଲାଗି ରାଘବ କୁମାର ନାହାକ, ଲାଇବ୍ରେରୀ ସମ୍ପାଦକ ଲାଗି ସୀମାଞ୍ଚଳ ସେଠୀ ଜଣେ ଲେଖାଏଁ ପ୍ରାର୍ଥୀ ରହିଥିବାରୁ ସେମାନେ ଅପ୍ରତିଦ୍ୱନ୍ଦୀ ଭାବେ ଆଜି ର୍ନିବାଚିତ ଘୋଷିତ ହୋଇଥିବା ର୍ନିବାଚନ ଅଧିକାରୀ କାଳୀ ଚରଣ ଦାଶ ସୂଚନା ଦେଇଛନ୍ତି ।

ର୍ନିବାଚନ ଫଳ ଘୋଷଣା ପରେ ସମସ୍ତ ନୂତନ କର୍ମକର୍ତ୍ତା ମାନଙ୍କୁ ଆଜି ଆସିକା ଓକିଲ ସଙ୍ଘ କାର୍ଯ୍ୟାଳୟ ପରିସରରେ ପୁଷ୍ପ ଗୁଚ୍ଛ ଦେଇ ଉପସ୍ଥିତ ଥିବା ସମସ୍ତ ଆଇନଜୀବୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ଥିଲେ ।

# ଡିଜେକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଦାବି



ବାରିପଦା, (ସବ୍ୟୁ) : ବାରିପଦା ସହରରେ ଡିଜେର ବିକଟାଳ ଶବ୍ଦ ଓ ଲେଜର ଲାଇଟ ସାଧାରଣ ଜନତାଙ୍କୁ ଅସ୍ତବ୍ୟସ୍ତ କରିପକାଇଛି। ଡିଜେ ବାଲା , ଜିଲ୍ଲା ପ୍ରଶାସନ ଅଥବା ପୋଲିସ ପ୍ରୋଶାସନ କଟକଣାକୁ ଫୁ କରିଦେଇଛନ୍ତି । ବାରିପଦା ସହରରେ ଜନଗହଳି ପୂର୍ଣ୍ଣ ସ୍ଥାନରେ ଡିଜେ ଗାଡି ପ୍ରଚଣ୍ଡ ଶବ୍ଦ କରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ଶୋଭାଯାତ୍ରାରେ ଖୋଲମ ଖୋଲା ବୁଲୁଥିଲା ବେଳେ ନୀରବଦ୍ରଷ୍ଟା ସାଜିଛି ପୋଲିସି । ଶୁକ୍ରବାର ବାରିପଦା କଲେଜ ଛକ ନିକଟରେ ଏକ ଅଭାବନୀୟ ଘଟଣା ଘଟିଯାଇଛି ।

ଡିଜେର ପ୍ରଚଣ୍ଡ ଶବ୍ଦରେ ଲୋକପ୍ରିୟ କ୍ରିକେଟ ଖେଳାଳି ତଥା ସମାଜସେବୀ ଲୋଲାତେନ୍ଦୁ ବେହେରା (ଲଲା ଭାଇ) ହଠାତ ଟଳି ପଡିଥିଲେ, ତାଙ୍କୁ ସଙ୍ଗେ ସଙ୍ଗେ ଜିଲ୍ଲା ମୁଖ୍ୟଚିକିତ୍ସାଳୟ ରେ ଭର୍ତ୍ତି କରଯାଇଥିଲା । ଡାକ୍ତର ଡିଜେର ଅତ୍ୟଧିକ ଶବ୍ଦ ଯୋଗୁ ତାଙ୍କର ହୃଦଘାତ ହୋଇଥିଲା ବୋଲି କହିଥିଲେ । ଲୋଲାତେନ୍ଦୁଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଇଛି ।

ଅନ୍ୟପକ୍ଷରେ ଶନିବାର ସନ୍ଧ୍ୟାରେ ସ୍ଥାନୀୟ ଜନସାଧାରଣ, ବୃଦ୍ଧିଜୀବି ଓ ସମାଜସେବୀ ମାନେ ଡିଜେକୁ ବନ୍ଦ କରାଯାଉ ବୋଲି ଏକ ଦାବିପତ୍ର ବାରିପଦା ଟାଉନଥାନ ଅଧିକାରୀକୁ ପ୍ରଦାନ କରିଛନ୍ତି । ସାଧାରଣରେ ଡିଜେକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଉ ବୋଲି ଦାବି ହୋଇଛି ।

# ଜିଲ୍ଲା ସଂଚାଳନ ସମିତି ବୈଠକ

ଭଦ୍ରକ, (ସବ୍ୟୁ): ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ମିଳିତ ନିର୍ଦ୍ଦେଶନାମା ଅନୁଯାୟୀ ଜିଲ୍ଲାସ୍ତରୀୟ ବର୍ଜ୍ୟ ପରିଚାଳନା ସଂଚାଳନ ସମିତିର ବୈଠକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାର ଚାରିଗୋଟି ବ୍ଲକର ମୋଟ ୨୧୮ ଟି ଗ୍ରାମ ପଂଚାୟତରୁ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଅଧୀନରେ ସଂଗ୍ରହ ହେଉଥିବା ଶୁଖିଲା ଓ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁକୁ ସିଧାସଳଖ ଭାବେ ଗୃହ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ଥିବା ନଗର ପାଳିକା ଓ ବିଜ୍ଞାପିତ ଅଂଚଳ ପରିଷଦ ଦ୍ୱାରା ସଂଗ୍ରହ କରାଯିବା ପାଇଁ ଆଲୋଚନା ହୋଇଥିଲା ।

ଏହା ସହ ଜିଲ୍ଲାର ଭଦ୍ରକ ପୌରପାଳିକା, ବାସୁଦେବପୁର ପୌରପାଳିକା,ଚାନ୍ଦବାଲି ଓ ଧାମନଗର ବିଜ୍ଞାପିତ ଅଂଚଳରେ ନିର୍ମିତ ପଦାର୍ଥ ପୁନରୁଦ୍ଧାର କେନ୍ଦ୍ର (ଏମଆରଏଫ୍) ଗୁଡ଼ିକୁ ବ୍ୟବହାର କରି ସୁଚାରୁ ପରିଚାଳନା ପାଇଁ ରୁଟ୍ ଚାର୍ଟ ପ୍ରସ୍ତୁତି ଉପରେ ମଧ୍ୟ ଚର୍ଚ୍ଚା କରାଯାଇଥିଲା । ବୈଠକରେ ଜିଲ୍ଲାର ୧୧ଟି ପର୍ଯ୍ୟଟନ ସ୍ଥଳୀ ଏବଂ ସଂଲଗ୍ନ ମୁଖ୍ୟ ରାସ୍ତା ପାର୍ଶ୍ୱ ଗ୍ରାମ, ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ଓ ବ୍ୟବସାୟିକ ପ୍ରତିଷ୍ଠାନମାନଙ୍କରେ ଦିନକୁ ଦିନ ସୃଷ୍ଟି ହେଉଥିବା ବର୍ଜ୍ୟ ବସ୍ତୁ ପରିମାଣର ସର୍ଭେ କରି ନିୟମିତ ସଂଗ୍ରହ ବ୍ୟବସ୍ଥା କରିବା ଓ ସ୍ୱଚ୍ଛତା ସୁନିଶ୍ଚିତ କରିବାକୁ ପଞ୍ଚାୟତିରାଜ, ନଗର ଉନ୍ନୟନ ଓ ପର୍ଯ୍ୟଟନ ବିଭାଗର ମିଳିତ ପ୍ରୟାସ ଉପରେ ଗୁରୁତ୍ୱ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଯୋଗେନ୍ଦ୍ର ସିଂହ, ରାଜ୍ୟସ୍ତରୀୟ ପରିମଳ ପରାମର୍ଶଦାତା ଏବଂ ୟୁନିସେଫ ରିସୋର୍ସ ପର୍ସନ ଭାବେ ଯୋଗ ଦେଇଥିଲେ ।

ଏଥିରେ ଜିଲ୍ଲା ପଂଚାୟତ ଅଧିକାରୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଶୁଭେନ୍ଦ୍ର ସାମଲ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଧନାଇ ଚରଣ ଟୁଡ୍ଡୁ ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ନଗର ଉନ୍ନୟନ ସଂସ୍ଥା, ହେମନ୍ତ କୁମାର ମହାନ୍ତ ଏବଂ ସମସ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ପୌରପାଳିକା ଓ ବିଜ୍ଞାପିତ ଅଂଚଳ ପ୍ରତିନିଧିମାନେ ଓ ଜିଲ୍ଲା ଜଳ ଓ ପରିମଳ ମିଶନର କର୍ମଚାରୀମାନେ ଉପସ୍ଥିତ ଥିଲେ । ପରିଶେଷରେ ଜିଲ୍ଲା ନଗର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଆଗାମୀ ଦିନରେ କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ତ୍ୱରାନ୍ୱିତ କରିବା ନେଇ ଆଲୋକପାତ କରି ଧନ୍ୟବାଦ ଜଣାଇଥିଲେ । ସଭାରେ ପରିବେଶ-ବନ୍ଧୁ ପଦ୍ଧତିକୁ ପ୍ରୋତ୍ସାହନ ଦେଇ କପାସ ତିଆରି ବ୍ୟାନର ଓ କାଗଜର କପ୍, ପ୍ଲେଟ୍ ଓ ଗ୍ଲାସ୍ ବ୍ୟବହାର କରାଯାଇଥିଲା ।

# ୨୫% ପୁଞ୍ଜି ପ୍ରତ୍ୟାହାର କରିବ ଏମ୍‌ସିଏଲ୍ - ଅଧ୍ୟକ୍ଷ




ତାଳଚେରି, (ସବ୍ୟୁ) : କେନ୍ଦ୍ର ସରକାର ଏମସିଏଲ (ମହାନଦୀ କୋଲଫିଲ ଲିଃ) ୨୫ ପ୍ରତିଶତ ପୁଞ୍ଜି ପ୍ରତ୍ୟାହାର କରିବାକୁ ଏକ ଦିବସୀୟ ତାଳଚେର ଗସ୍ତରେ ଆସି କୋଲଇଣ୍ଡିଆ ଅଧ୍ୟକ୍ଷ ବି. ସାଇରାମ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହା ପ୍ରକାଶ କରିଛନ୍ତି । ପୂର୍ବରୁ ବି.କୋ.କୋ ଲିଃ (ଭାରତ କୋକିଙ୍ଗ କୋ ଲିଃ) ଓ ସିଏମପି (କୋଇଲା ଖଣି ଯୋଜନା ଏବଂ ପ୍ରତିଷ୍ଠାନ)ରୁ ପୁଞ୍ଜି ପ୍ରତ୍ୟାହାର ହୋଇଥିବା ବେଳେ ଏବେ ଏମସିଏଲରୁ ଏହା ପ୍ରତ୍ୟାହାର ହେବ । ଏମସିଏଲର କୋଇଲା ସମସ୍ତ ପ୍ରକାର ଗ୍ରାହକମାନଙ୍କ ମଧ୍ୟରେ ଗ୍ରହଣୀୟ ହୋଇପାରିଛି । ତାଳଚେର ସମେତ ଝାରସୁଗୁ-- କୋର୍ବା ଓ ସିଙ୍ଗଲୋରୀ ହେଉଛି ଭାରତ ପ୍ରମୁଖ କୋଇଲା କ୍ଷେତ୍ର, ଯେଉଁଠାରୁ ସର୍ବାଧିକ କୋଇଲା ଉତ୍ପାଦନ ହୋଇଥାଏ । ଚଳିତ ଆର୍ଥିକ ବର୍ଷରେ କୋଲଇଣ୍ଡିଆ ୭ଶହ ୮୧ନିୟୁତ ଟନ କୋଇଲା ଉତୋଳନ କରିବ ବୋଲି ସିଏମ ଆଶା ପ୍ରକୋଟ କରିଥିଲେ । ସୌରଶକ୍ତି ଉତ୍ପାଦନ ବୃଦ୍ଧି ପାଇଥିଲେ ହେଁ ସିଆଇଏଲ ବାର୍ଷିକ ୬%ରୁ ୭% ଅଭିବୃଦ୍ଧି ହାସଲ କରିବାକୁ ଲକ୍ଷ୍ୟ ରଖିଛି ଓ ଆଗାମୀ ମାସୁ କୋଇଲା ଚାହିଦା ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି । ଏହି ଅବସରରେ ଏମସିଏଲ ସିଏମ ଉଦୟ ଅନନ୍ତ କାଓଲେ କହିଥିଲେ ପରିବହନ ସମସ୍ୟା ଯୋଗୁଁ ୪୪ ନିୟୁତ ଟନ କୋଇଲା ଷ୍ଟକ ରହିଛି । ଗ୍ରୀଷ୍ମଋତୁରେ ଚାହିଦା ବୃଦ୍ଧି ପାଇବା ଆଶା କରାଯାଉଛି । ମହାରାଷ୍ଟ୍ର ବିଦେଶରୁ କୋଇଲା ଆଣିବା ପରିବର୍ତ୍ତେ ଏମସିଏଲରୁ କୋଇଲା ନେଉଥିବାରୁ ଚାହିଦା ଦିନକୁ ଦିନ ବୃଦ୍ଧି ପାଉଛି । ଏହି ଅବସରରେ ଶ୍ରୀ ସାଇରାମ ଭୁବନେଶ୍ୱରୀ ଅଂଚଳରେ ସ୍ୱଙ୍ଗ ଚାଳିତ ଟ୍ରକ ଲୋ ସିଷ୍ଟମ ଯାଂଚ କରିବା ସହ ଭୁବନେଶ୍ୱରୀ ଓସିପି ସାଇଲୋ ଓ ଅନନ୍ତ ଓସିପିରେ ଖଣିକାର୍ଯ୍ୟ ଯାଂଚ କରିଛନ୍ତି ।

ଏହି ଅବସରରେ ତାଳଚେର ଅଂଚଳରେ କୋଇଲା ଚାହିଦା ବୃଦ୍ଧି ପାଉଥିବା ବେଳେ ଉତ୍ପାଦନ ମଧ୍ୟ ବୃଦ୍ଧିଦ ପାଇବାରେ ଲାଗିଛି ।

ଏହି କାରଣରୁ ସମଗ୍ର ତାଳଚେର ଅଂଚଳଟି ବର୍ତ୍ତମାନ ପରିବେଶ ବିଗି ସହ ଲୋକମାନେ ବିଭିନ୍ନ ମାରାତ୍ମକ ରୋଗର ଶୀକାର ହେଉଥିବା ଘଟଣାର ସାମ୍ବାଦିକଙ୍କ ପ୍ରଶ୍ନର ଉତର ଦେଇ ସିଏମ ପ୍ରକାଶ କରିଥିଲେ କି, ଆଗାମୀ ଦିନରେ ଏହାକୁ କିପରି କିଛିକାଂଶରେ ରୋକାଯାଇ ପାରିବ ତାଉପରେ କାର୍ଯ୍ୟକ୍ରମ କରାଯାଉଛି ଓ ଏମସିଏଲ ପକ୍ଷରୁ ଓ ସିଏସଆର ଫଣ୍ଡ କିପରି ଏଦିଗରେ ଖର୍ଚ୍ଚ ହୋଇପାରିବ ତା ଉପରେ ଧ୍ୟାନ ଦିଆଯିବ । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଏମସିଏଲ ନିର୍ଦ୍ଦେଶକ କେଶବ ରାଓ, ବୈଷୟିକ ସଞ୍ଜୟ ଝା, ଏକେ ବେଉରୀଆ, ଜଗନ୍ନାଥ ମହାପ୍ରବନ୍ଧକ ଅଶୋକ ଧଳ ଓ ବିଭିନ୍ନ ପଦାଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ ।

## ଶ୍ରୀରାମ ନବମୀ ଶୋଭାଯାତ୍ରାରେ ବାରିପଦା ଉତ୍ସବମୁଖର

ବାରିପଦା, (ସବ୍ୟୁ) : ପବିତ୍ର ଶ୍ରୀରାମ ନବମୀରେ ବାରିପଦା ସହର ଉତ୍ସବ ମୁଖର ହୋଇପଡିଥିଲା। ସକାଳୁ ସହରର ବିଭିନ୍ନ ମନ୍ଦିରରେ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ସାରା ସହର ଗେରୁଆ ପତାକାରେ ସୁସଜ୍ଜିତ କରାଯାଇଥିଲା। ଜିଲ୍ଲାସ୍ତରୀୟ ଶ୍ରୀରାମ ନବମୀ ପାଳନ ପାଇଁ ସଙ୍ଗଠନ ଗୁଡିକୁ ଏକତ୍ରିତ କରି ଶ୍ରୀରାମ ନବମୀ ମହୋତ୍ସବ ସମିତି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୂର୍ବାହ୍ନରେ ବିଭିନ୍ନ ମନ୍ଦିରରେ ପ୍ରଭୁ ଶ୍ରୀରାମ ପୂଜାର୍ଚ୍ଚନା ଓ ହନୁମାନଙ୍କ ଚାଳିଶା ପାଠ କରାଯାଇଥିଲା। ଅପରାହ୍ନରେ ନନ୍ଦିକେଶ ସେଜପଡାଙ୍କ ନେତୃତ୍ୟରେ ହଜାର ହଜାର ଭକ୍ତ ମଧୁବନ ସ୍ଥିତ ମାଁଭୈରବୀଙ୍କ ମନ୍ଦିର ପ୍ରାଙ୍ଗଣରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ବାଣ ରୋଷଣି, ହନୁମାନ ଓ ବାନର ବେଶରେ ନିଜକୁ ସଜ୍ଜିତ କରିଥିବା କଳାକାର ଆକର୍ଷଣର କେନ୍ଦ୍ର ବିନ୍ଦୁ ସାଜିଥିଲେ। ଡିଜେ, ବାଜା, ପାରମ୍ପରିକ ନୃତ୍ୟଦଳ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ବିଶେଷକରି ବହୁ ସଂଖ୍ୟାରେ ଟ୍ରାକଫର ମଧ୍ୟ ଶୋଭଯାତ୍ରାରେ ସାମିଲ ହୋଇଥିଲା। ଭବ୍ୟ ରାମ ଶୋଭାଯାତ୍ରା ଛଉ ପଡିଆରେ ପହଞ୍ଚିବା ପର୍ଯ୍ୟନ୍ତ ଏହାକୁ ଶୃଙ୍ଖଳାବଦ୍ଧ ଓ ସ୍ମରଣୀୟ କରିବା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଶାନ୍ତିପୂର୍ଣ୍ଣ ଓ ଧୁମଧାମରେ ଏହି ଉତ୍ସବ ପାଳନ ପାଇଁ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ଜିଲ୍ଲାସ୍ତରୀୟ ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ

# ୧୫୦୯ ଶ୍ରମିକଙ୍କୁ ୯ କୋଟି ବାଣ୍ଟିଲେ ମନ୍ତ୍ରୀ



ରେଙ୍ଗାଳି,(ସବ୍ୟୁ): ଅନୁଗୋଳ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ରେଙ୍ଗାଳି ପ୍ରକଳ୍ପ ହାଇସ୍କୁଲ ପଡିଆ ଠାରେ ଜିଲ୍ଲା ସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ମୁଖ୍ୟ ଅତିଥି ଭାବେ ଜଙ୍ଗଲ ପରିବେଶ ଓ ଶ୍ରମମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଯୋଗ ଦେଇ ରାଜ୍ୟ ସରକାର ଶ୍ରମିକମାନଙ୍କ ଉନ୍ନତି ପାଇଁ କରିଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନା ଓ ଏହାର ସୁଫଳ କିପରି ଶ୍ରମିକମାନେ ନେଇପାରିବେ ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ।

ସମ୍ମାନିତ ଅତିଥି ଭାବେ ପାଲଲହଡା ବିଧାୟକ ଅଶୋକ କୁମାର ମହାନ୍ତି ଯୋଗଦେଇ ଶ୍ରମିକଙ୍କ ସାମଗ୍ରିକ ବିକାଶ ପାଇଁ ରାଜ୍ୟର ବିଜେପି ସରକାର ମୃତ୍ୟୁକାଳୀନ ସହାୟତା, ମେଡିକାଲ କଲେଜର ଏମବିବିଏସ ପାଠ ପଢାରେ ପଚାଶ ପ୍ରତିଶତ ସ୍ଥାନ ସଂରକ୍ଷଣ ଠାରୁ ଆରମ୍ଭକରି କନ୍ୟା ବିବାହ, ଗର୍ଭବତୀ, ଶିକ୍ଷା ପ୍ରଭୃତି ବିଭିନ୍ନ ସହାୟତା ଶ୍ରମିକଙ୍କୁ ପ୍ରଦାନ କରାଯାଉଥିବା କହିଥିଲେ । ଅନ୍ୟତମ ଅତିଥି ଭାବେ ତାଳଚେର ଉପ ଜିଲ୍ଲାପାଳ ଗୌରବମୟ ପ୍ରଧାନ, ଜିଲ୍ଲା ଶ୍ରମ କମିଶନର କୁବେର ବେହେରା, ଜିଲ୍ଲା ଶ୍ରମ ଅଧିକାରିଣୀ ଇତିଶ୍ରୀ ଗାଗରାଇ, କଣିହାଁ ବିଡିଓ ତ୍ରିବିକ୍ରମ କୁମୁରା ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବିଭାଗ ପକ୍ଷରୁ ୧୫୦୯ ଜଣଙ୍କୁ ୯ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା । ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଶ୍ରମିକମାନଙ୍କୁ ପଞ୍ଜୀକରଣ ପତ୍ର ଓ ସହାୟତା ରାଶି ପ୍ରଦାନ କରିଥଲେ । କରୁଣାକର ବାଇ ମଞ୍ଚ ପରିଚାଳନା ସହ ଧନ୍ୟବାଦ ପ୍ରଦାନ କରିଥିଲେ ।

## କାମାକ୍ଷାନଗର ଓକିଲ ସଙ୍ଘ ନିର୍ବାଚନ

# ରଞ୍ଜନ ସଭାପତି, ପ୍ରଶାନ୍ତ ସମ୍ପାଦକ

କାମାକ୍ଷାନଗର,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଓକିଲ ସଙ୍ଘ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏହି ନିର୍ବାଚନରେ ସଭାପତି ଭାବେ ରଞ୍ଜନ କୁମାର ରାଉତ ନିର୍ବାଚିତ ହୋଇଥିବା ବେଳେ ସମ୍ପାଦକ ଭାବେ ପ୍ରଶାନ୍ତ କୁମାର ପାଣି ନିର୍ବାଚିତ ହୋଇଛନ୍ତି ।ରଞ୍ଜନ ଲଗାତାର ଦ୍ୱିତୀୟଥର ପାଇଁ ଓକିଲ ସଙ୍ଘର ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ସେ ନିଜର ନିକଟତମ ପ୍ରତିଦ୍ୱନ୍ଦୀ ପବିତ୍ର ମୋହନ ବିଶ୍ୱାଳଙ୍କ ଠାରୁ ୧୨ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି । ରଞ୍ଜନ ୧୦୬ ଖଣ୍ଡ ଭୋଟ ପାଇଥିବା ବେଳେ ପବିତ୍ର ୯୪ ଖଣ୍ଡ ଭୋଟ ପାଇଛନ୍ତି । ସେହିପରି ସମ୍ପାଦକ ଭାବେ ପ୍ରଶାନ୍ତ କୁମାର ପାଣି ଓ ଅଜିତ କୁମାର ତ୍ରିପାଠୀଙ୍କ ମଧ୍ୟରେ ନିର୍ବାଚନ ହୋଇଥିବା ବେଳେ ପ୍ରଶାନ୍ତ ୧୦୨ ଖଣ୍ଡ ଭୋଟ ପାଇଥିବା ବେଳେ ଅଜିତ ୧୦୦ ଖଣ୍ଡ ଭୋଟ ପାଇ ମାତ୍ର ଦୁଇଟି ଭୋଟ ବ କାର୍ଯ୍ୟାଳୟ ବଧାନରେ ପରାଜିତ ହୋଇଛନ୍ତି । ଉପସଭାପତି ପଦ ପାଇଁ ଅରୁଣ କୁମାର ନନ୍ଦ ଓ ସଂଜୀବ କୁମାର ବେହେରାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥିବା ବେଳେ ଅରୁଣ ୩୬ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି । କାମାକ୍ଷାନଗର ଓକିଲ ସଙ୍ଘରେ ସମୁଦାୟ ୨୨୬ ଜଣ ଭୋଟର ରହିଥିବା ବେଳେ ୨୦୨ ଜଣ ଭୋଟର ଉପସ୍ଥିତ ରହି ଭୋଟ ଦେଇଥିଲେ ।

## କ୍ରିମିନାଲ କୋର୍ଟ ବାର ଆସୋସିଏସନର ନୂତନ କର୍ମକର୍ତ୍ତା

ଆଠମଲ୍ଲିକ, (ସବ୍ୟୁ) : ଆଠମଲ୍ଲିକ କ୍ରିମିନାଲ କୋର୍ଟ ବାର ଆସୋସିଏସନର କର୍ମକର୍ତ୍ତା ନିର୍ବାଚନ ରେ ସମସ୍ତ ପ୍ରାର୍ଥୀ ରେ ଜଣେ ଲେଖାଏଁ ପ୍ରାର୍ଥୀ ଥିବାରୁ ନିର୍ଦ୍ୱନ୍ଦ ରେ ସମସ୍ତ କର୍ମକର୍ତ୍ତା ନିର୍ବାଚିତ ହୋଇଥିବା ଜଣାପଡିଛି । ସଭାପତି ଭାବରେ ଅଞ୍ଜନ କୁମାର ପ୍ରଧାନ, ଉପସଭାପତି (ଅର୍ଗାନାଇଜେସନ) ଘନଶ୍ୟାମ ବେହେରା, ଭାଇସ ପ୍ରେସିଡେଣ୍ଟ (ପବ୍ଲିକ ରିଲେସନ) ପ୍ରଭଞ୍ଜନ ମିଶ୍ର, ସମ୍ପାଦକ ସବ୍ୟସାଚୀ ସିଂ ସାମନ୍ତ, ସହ ସମ୍ପାଦକ ବିଧୁଭୂଷଣ ବଡ଼ମାଳି, କୋଷାଧକ୍ଷ ସୁଜିତ କୁମାର ବିଶ୍ୱାଳ, ସାଂସ୍କୃତିକ ସମ୍ପାଦକ ବନ୍ଦିତା ମିଶ୍ର, ଲାଇବ୍ରେରୀ ଇନ ଚାର୍ଜ ସନମ ତ୍ରିବ୍ୱାଲା ନିର୍ଦ୍ୱନ୍ଦରେ ନିର୍ବାଚିତ ହେଲେ ବୋଲି ନିର୍ବାଚନ ଅଧିକାରୀ ତଥା ଆଇନଜୀବି ପ୍ରାଣବନ୍ଧୁ ମେଣ୍ଡୁଲି ଘୋଷଣା କରିଥିଲେ । ସମସ୍ତ ନିର୍ବାଚିତ କର୍ମକର୍ତାଙ୍କୁ ସମସ୍ତ ସଭ୍ୟ ଶୁଭେଚ୍ଛା ଜଣାଇଥିଲେ ।

## ପୋଖରୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

ବୁଗୁଡ଼ା, (ସବ୍ୟୁ) : ବୁଗୁଡ଼ା ବ୍ଲକ କରଚୁଲି ପଞ୍ଚାୟତ ଅନ୍ତର୍ଗତ ହାତୀଗଣ୍ଡ ଗ୍ରାମରେ ଜନୈକା ବିଧବା ମହିଳା ପୋଖରୀରେ ବୁଡି ମୃତ୍ୟୁ ବରଣ କରିଥିବା ଜଣାଯାଇଛି । ମୃତା ଜଣକ ହେଲେ ମେଘ ନାଇକ(୫୭) । ପ୍ରକାଶ ଯେ, ଆଜି ସକାଳ ୯ଟା ସମୟରେ ମେଘ ଗାଁ ପୋଖରୀକୁ ଗାଧୋଇବାକୁ ଯାଇ ଆଉ ଘରକୁ ଫେରି ନଥିଲେ ।

ଅପରାହ୍ନରେ ତାଙ୍କର ଶରୀର ପୋଖରୀରେ ଭାସମାନ ଅବସ୍ଥାରେ ଦେଖିବାକୁ ମିଳିଥିଲା । ଖବର ପାଇ ଦମକଳବାହିନୀ ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରି କେସ୍ ନଂ ୯/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାଯାଇଛି ।

## ପରଜଙ୍ଗ ଓକିଲ ସଙ୍ଘ ନିର୍ବାଚନ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଓକିଲ ସଂଘର ପରଜଙ୍ଗ କୋଟ ପରିସରରେ ଓକିଲ ସଂଘ କାର୍ଯ୍ୟାଳୟ ଠାରେ ନିର୍ବାଚନ ପ୍ରକ୍ରିୟା ହେବା ପାଇଁ ସ୍ଥିରୀକୃତ ହେଇଥିଲା । ଓକିଲ ସଂଘର ୩୮ ଜଣ ସଭ୍ୟ କାର୍ଯ୍ୟାଳୟ ଠାରେ ଏକତ୍ରିତ ହେବା ପରେ ନିର୍ବାଚନ ପରିଚାଳନା କରିବା ପାଇଁ ଆଡଭୋକେଟ ପ୍ରମୋଦ କୁମାର ସାହୁଙ୍କୁ ଦାୟିତ୍ୱ ଅର୍ପଣ କରିଥିଲେ। ସମସ୍ତ ଓକିଲମାନଙ୍କ ସହମତିରେ ନିର୍ବାଚନ ପଦ୍ଧତିରେ କର୍ମକର୍ତ୍ତା ନିର୍ବାଚନ ନ କରି ଶୃଙ୍ଖଳାର ସହମତିରେ ସଭାପତି ଭାବେ ଆଡଭୋକେଟ ଅଶୋକ କୁମାର ଦଳବେହେରା, ଉପସଭାପତି ଆଡଭୋକେଟ ଉନେନ୍ଦ୍ର କୁମାର ଲେଙ୍କା ଏବଂ ସଂପାଦକ ଭାବେ ଆଡଭୋକେଟ ବେଣୁଧର ସାହୁଙ୍କୁ ମନୋନୀତ କରିଥିଲେ । ଅପରାହ୍ନ ୩ ଟା ବେଳେ, ନିର୍ବାଚନ ପରିଚାଳନା ଆଡଭୋକେଟ ପ୍ରମୋଦ କୁମାର ସାହୁ ସେମାନଙ୍କର ନାମ ସମସ୍ତ ଆଡ ଭୋକେଟ ମାନଙ୍କ ସମୁଖରେ ଘୋଷଣା କରିଥିଲେ ।

## ଓଡ଼ିଆ ବିଭାଗର ବିଦାୟ ସମ୍ବର୍ଦ୍ଧନା ଉତ୍ସବ



ଆଠମଲ୍ଲିକ, (ସବ୍ୟୁ) : ଆଠମଲ୍ଲିକ ମହାବିଦ୍ୟାଳୟର ଯୁକ୍ତ ତିନି ଓଡ଼ିଆ ବିଭାଗ ର ଶେଷ ବଷର ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା ।

ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଅଧକ୍ଷ ଡ଼ଃ ତ୍ରିଲୋଚନ ପ୍ରଧାନ ସଭାପତିତ୍ୱ କରି ଭଲ ମଣିଷ ହୋଇ ସମାଜ ପାଇଁ ଦେଶ ପାଇଁ କାର୍ଯ୍ୟ କରିବାକୁ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଓଡ଼ିଆ ଅଧ୍ୟାପକ ଡ଼ଃ ହୃଷିକେଶ ମହାକୁଡ଼, ଅଧ୍ୟାପକ ଅମ୍ବରୀଶ ଷଡ଼ଙ୍ଗୀ, ଅଧ୍ୟାପକ ଶ୍ରୀତମ ରଣା, ଅଧ୍ୟାପିକା ପ୍ରିୟ ଦର୍ଶିନୀ ଭୁକ୍ତା ପ୍ରମୁଖ ମଞ୍ଚାସିନ ଥିଲେ ।

ଏହି ଅବସରରେ ଶେଷ ବର୍ଷର ଛାତ୍ରଛାତ୍ରୀ ନିଜର ଅନୁଭୂତି ବଖାଣିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିଲେ । ଶେଷରେ ଯୁକ୍ତ ତିନି ପ୍ରଥମ ବର୍ଷ ଓଡ଼ିଆ ବିଭାଗ ଛାତ୍ରୀ ଆଦ୍ୟାଶା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭାମଶ୍ୟାଳି, ପୋଚାଲୁଣ୍ଡି, ପଙ୍କଲବାଡି ଓ ବଙ୍କିପଲ୍ଲୀରେ ପ୍ରସିଦ୍ଧ ଦଣ୍ଡଯାତ୍ରା ଆରମ୍ଭ

ବୁଗୁଡା, (ସବ୍ୟୁ) : ବୁଗୁଡା ବ୍ଲକ ଅନ୍ତର୍ଗତ ଭାମଶ୍ୟାଳି, ପୋଚାଲୁଣ୍ଡି, ପଙ୍କଲବାଡି ଓ ବଙ୍କିପଲ୍ଲୀ ଗ୍ରାମରେ ପ୍ରସିଦ୍ଧ ଦଣ୍ଡଯାତ୍ରା ଆରମ୍ଭ ହୋଇଯାଇଛି । ଯାତ୍ରାର ପ୍ରଥମ ଦିନରେ ଦଣ୍ଡ ଉଠୁଥିବା କାଳୀ ମନ୍ଦିର ଗୁଡିକରେ ପାରମ୍ପରିକ ରୀତିନୀତି ପ୍ରକାରେ ସମସ୍ତ କାର୍ଯ୍ୟ ପ୍ରାତଃ କାଳରୁ ଆରମ୍ଭ ହୋଇଥିଲା ।

ଗ୍ରାମରେ ଥିବା ସମସ୍ତ ଦେବାଦେବୀଙ୍କୁ ନିମନ୍ତ୍ରଣ କରିବା ପରେ ପଇତାପକା, ଅପରାହ୍ନରେ ଦାଣ୍ଡ ଭ୍ରମଣ, ଧୂଳି ଦଣ୍ଡ, ପାଣିଦଣ୍ଡ ଓ ସନ୍ଧ୍ୟା ସମୟରେ ଆଳତି ସହ ରାତିରେ ଦଣ୍ଡୁଆମାନଙ୍କ ଅନ୍ନ ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ହୋଇଥିଲା । ଦଣ୍ଡଯାତ୍ରା କାଳରେ ଏ ସମସ୍ତ ଗ୍ରାମରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲାବେଳେ ଆଖପାଖ ଗ୍ରାମର ବହୁ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରି କୃପା ଭିକ୍ଷା କରିଥିଲେ । ଅନ୍ୟପକ୍ଷରେ ଏବର୍ଷ ଦଣ୍ଡନାଚରେ ପରିବେଷଣ ସମୟରେ ଅଶ୍ଳୀଳତା, ଅପସଂସ୍କୃତି ଓ ଅସାମାଜିକତତ୍ତ୍ୱଙ୍କ ପ୍ରାଦୁର୍ଭାବକୁ ପ୍ରତିହତ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ମାନକ ପରିଚାଳନା ପ୍ରଣାଳୀରେ ବ୍ୟତିକ୍ରମ ଘଟିଲେ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାଯାଇଛି ।

# ରେଙ୍ଗାଳି ସରସ୍ୱତୀ ଶିଶୁ ମନ୍ଦିରର ୨୪ତମ ବାର୍ଷିକ ଉତ୍ସବ

କଣିହାଁ, (ସବ୍ୟୁ) : କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୪ତମ ବାର୍ଷିକ ଉତ୍ସବ ଶନିବାର ସନ୍ଧ୍ୟାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ଉତ୍ସବରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଜଙ୍ଗଲ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ଓ ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ଇଁ ଗଣେଶ ରାମ ସିଂ ଖୁଣ୍ଟିଆ, ମୁଖ୍ୟବକ୍ତା ଭାବରେ ପଣ୍ଡିତ ମହେଶ ସାହୁ, ସମ୍ମାନିତ ଅତିଥି ଭାବରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଏମସିଏଲ କଣିହାଁ କୋଇଲା କ୍ଷେତ୍ରର ମହାପ୍ରବନ୍ଧକ ନରେଶ ସିଂ , ବିଦ୍ୟାଳୟ ପୂର୍ବତନ ସଭାପତି ଶତ୍ରୁଘ୍ନ ପ୍ରଧାନ, ସଭାପତି ସଞ୍ଜୟ କୁମାର ସାହୁ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥଲେ । ଭାଷଣ ପ୍ରସଙ୍ଗରେ ମୁଖ୍ୟ ଅତିଥି ଶ୍ରୀ ଖୁଣ୍ଟିଆ ବୃକ୍ଷରୋପଣକୁ ଗୁରୁତ୍ୱ ଦେଇ ଶିଶୁ ମାନଙ୍କୁ ମା'ପାଇଁ ଗଛ ଟିଏ ଆହ୍ୱାନ କ୍ରମରେ ଜଙ୍ଗଲ ବଞ୍ଚିଲେ ଯିବ ଓ ଜୀବନ ବଞ୍ଚିବ ବୋଲି କହିଥିଲେ ।

ମୁଖ୍ୟବକ୍ତା ଶ୍ରୀ ସାହୁ ଭାରତ ମାତାର ସୁରକ୍ଷା ସହିତ ଶିକ୍ଷା, ସଂସ୍କୃତି, ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ଆଜିର ଶିଶୁ ଜଣେ ବଡ ମଣିଷ ଭାବେ ଗଢି ତୋଳିବା ଅପେକ୍ଷା ସମାଜରେ ଜଣେ ଭଲ ମଣିଷ ଭାବେ ଗଢି ତୋଳିବାକୁ ଯନିବାନ ହେବାକୁ କହିଥିଲେ । ସମ୍ମାନିତ ଅତିଥି ବିଧାୟକ ଶ୍ରୀ ମହାନ୍ତି ଛାତ୍ରଛାତ୍ରୀମାନେ ସତ୍ୟ ନିଷ୍ଠ ଓ ଚରିତ୍ରବାନ ହେବାକୁ ପରାମର୍ଶ ଦେବା ସହ ରେଙ୍ଗାଳି ଅଞ୍ଚଳରର ବିକାଶ ଦିଗରେ ଅହରହ ଉଦ୍ୟମ ଜାରୀ ରହିଛି ବୋଲି କହିଥିଲେ । ଉତ୍ସବ ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ଏମସିଏଲ ସହାୟତାରେ ବିଦ୍ୟାଳୟ ପରିସରରେ ନିର୍ମାଣ କରାଯାଇଥିବା ଅତିରିକ୍ତ ଶ୍ରେଣୀଗୃହର ଶୁଭ ଉଦଘାଟନ କରିଥିଲେ ।

ସରସ୍ୱତୀ ବନ୍ଦନା ପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା । ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ନିରଂଜନ ପ୍ରଧାନ ଅତିଥି ପରିଚୟ, ବିଦ୍ୟାଳୟ ସଂପାଦକ ନିରଞ୍ଜନ ପ୍ରଧାନ ବାର୍ଷିକ ବିବରଣୀ ପଠନ ଓ ଉପସଭାପତି ସୁପ୍ରଭା ନଳିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା କର୍ମଚାରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

## ଢେଙ୍କାନାଳ ଓକିଲ ସଙ୍ଘ ନିର୍ବାଚନ

# ଗୋପାଳ ପାତ୍ର ସଭାପତି ଓ ଟଙ୍କଧର ସମ୍ପାଦକ



ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଓକିଲ ସଙ୍ଘର ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ନିର୍ବାଚନରେ ଗୋପାଳ ଚନ୍ଦ୍ର ପାତ୍ର ସଭାପତି ଭାବରେ ନିର୍ବାଚିତ ହୋଇଥିବା ବେଳେ ଉପସଭାପତି ଭାବରେ ଦ୍ୱିତୀଚନ୍ଦ୍ର ବରାଳ, ସମ୍ପାଦକ ଭାବରେ ଟଙ୍କଧର ବେହେରା, ଯୁଗ୍ମ ସମ୍ପାଦକ ଭାବରେ ତ୍ରିଲୋଚନ ସାହୁ ନିର୍ବାଚିତ ହୋଇଛନ୍ତି । ସେହିପରି କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ଭାବରେ ମଳୟ ପାଣିଗ୍ରାହୀ, ସାଇ କମ୍ୟୁନିଟି ପୃଷ୍ଟି ଓ ପ୍ରେମାନନ୍ଦ ବିହାରୀ ନିର୍ବାଚିତ ହୋଇଛନ୍ତି। ଚଳିତ ଥର ମୋଟ ୬୬୬ ଜଣ ଭୋଟ ପ୍ରଦାନ କରିଥିବାର ଜଣାପଡିଛି। ନିର୍ବାଚନକୁ ଭାବଗ୍ରାହୀ ପଣ୍ଡା ପରିଚାଳନାକ ରିଥିଲେ । ସମସ୍ତ ନିର୍ବାଚିତ କର୍ମକର୍ତ୍ତାଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି ।

# ଜୈବ ବିବିଧତାର ସୁରକ୍ଷା ଓ ପରିଚାଳନାରେ ଜନ ସହଯୋଗ ଜରୁରୀ

ଅନୁଗୋଳ, (ସବ୍ୟୁ) : ଜୈବ ବିବିଧତା ପରିଚାଳନା ସମିତି (ବିଏମସି) ଗ୍ରାମ ପଂଚାୟତ ସ୍ତରୀୟ ଏକ ଆଇନଗତ ସଂଗଠନ ଅଟେ । ଓଡିଶା ଜୈବବିବିଧତା ବୋର୍ଡ ପକ୍ଷରୁ ସମିତିର କର୍ମକର୍ତ୍ତା ମାନଂକର ଏକ ଦକ୍ଷତାବୃଦ୍ଧି କାର୍ଯ୍ୟକ୍ରମ ଅନୁଗୋଳ କୃଷି ବିଜ୍ଞାନ କେନ୍ଦ୍ର ଠାରେ ଆୟୋଜନ କରାଯାଇଥିଲା । ଅନୁଗୋଳ ବନଖଣ୍ଡ ଏବଂ ସାତକୋଶିଆ ବନ୍ୟପ୍ରାଣୀ ଅନ୍ତର୍ଗତ ୧୨ ଗୋଟି ଜୈବବିବିଧତା ପରିଚାଳନା ସମିତିରୁ ୧୧୭ ଜଣ ବିଏମସି ସଭ୍ୟସଭ୍ୟା ଅଂଶଗ୍ରହଣ କରିଥିଲେ । ଅନୁଗୋଳ ସର୍କଲ ଆଂଚଳିକ ମୁଖ୍ୟ ବନସଂରକ୍ଷକ ଡା. ସଂଜୟ କୁମାର ସ୍ୱାଇଁ ଦକ୍ଷତାବୃଦ୍ଧି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।

ସଂପ୍ରତ୍ତି ଶାଗୁଣା , ଘରଚଟିଆ, ବାଇଚଢେଇ , ଘଡିଆଳ କୁମ୍ଭୀର, କଇଁଛ ପ୍ରଭୃତି ଜୀବ ମାନଂକର ସଂଖ୍ୟା ହ୍ରାସ ପାଉଥିବା ଜୈବବିବିଧତା ସଂରକ୍ଷଣ ପ୍ରତି ବିପଦ ରହିଥିବା ପ୍ରକାଶ କରିଥିଲେ । ଜଂଗଲ, ଜୀବଜନ୍ତୁ, ବିଭିନ୍ନ ଭୂମିରୂପ , ଜଳାଶୟ , କୃଷି ଜମି , ପ୍ରଭୃତି ଜୈବବବିଧତାର ସଂରକ୍ଷଣ ଓ ପରିଚାଳନା କ୍ଷେତ୍ରରେ ସ୍ଥାନୀୟ ବିଏମସି ଆନ୍ତରିକ କାର୍ଯ୍ୟକରି ଉଦାହରଣ ସୃଷ୍ଟି କରିବା ଉପରେ ଡା. ସ୍ୱାଇଁ ପରାମର୍ଶ ପ୍ରଦାନ କରିଥିଲେ । ଅନ୍ୟମାନଂକ ମଧ୍ୟରେ ଅନୁଗୋଳ ବନଖଣ୍ଡ ଅଧିକାରୀ ନୀତିଶ କୁମାର ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ଜଂଗଲ ନିଆଁ ର ପ୍ରତିରୋଧ କ୍ଷେତ୍ରରେ ଗ୍ରାମବାସୀଂକର ସହଯୋଗ କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀ ଜଳଛାୟା ପ୍ରକଳ୍ପର ପ୍ରକଳ୍ପ ନିର୍ଦ୍ଦେଶକ ଜୟ ଶଂକର ପ୍ରଧାନ, ଜିଲ୍ଲା ମୁଖ୍ୟ ପ୍ରାଣୀ ଅଧିକାରୀ ଡା. ସତ୍ୟନାରାୟଣ ସାହୁ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଦେବାଶିଷ ମିଶ୍ର , ସହକାରୀ ଉଦ୍ୟାନ ଅଧିକାରୀ ଐଶର୍ଯ୍ୟା ସାହୁ, ଅନୁଗୋଳ ବ୍ଲକ ସହକାରୀ କୃଷି ଅଧିକାରୀ ଚିନ୍ମୟୀ ରାଏ, ଅତିରିକ୍ତ ମତ୍ସ୍ୟ ଅଧିକାରୀ ଅନୁଗୋଳ ଜୟଶ୍ରୀ ଛତ୍ରୀୟା ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଜଂଗଲ ନିଆଁର ପ୍ରତିରୋଧ ଓ ନିୟନ୍ତ୍ରଣ ଏବଂ ଜଂଗଲ ଓ ବନ୍ୟଜନ୍ତୁ ଜୈବବିବିଧତାର ସଂରକ୍ଷଣ ସଂପର୍କିତ ଏକ ଶପଥପାଠ ପରିବେଶବି ପ୍ରସନ୍ନ କୁମାର ବେହେରା ସମସ୍ତ ଅଂଶଗ୍ରହଣକାରୀଂକୁ କରାଇଥିଲେ । ଏହି ଦକ୍ଷତା ବୃଦ୍ଧି ତାଲିମ ଶିବିରରେ ସାଧନବ୍ୟକ୍ତି ଭାବେ ଓଡିଶା ଜୈବବିବିଧତା ବୋର୍ଡ ର ଉପବନସଂରକ୍ଷକ ଶିଶିର କୁମାର ମିଶ୍ର ଜୈବବବିଧତାର ସୁରକ୍ଷା ଓ ପରିଚାଳନା କ୍ଷେତ୍ରରେ ବିଏମସିର ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ପ୍ରକାଶ କରିଥିଲେ । ଓଡିଶା ଜୈବବିବିଧତା ବୋର୍ଡର ସଂଯୋଜକ ଡା. ଶୁଭ୍ରାଂଶୁ କୁମାର ନାୟକ କୃଷି ଜୈବବିବିଧତାର , ଅଣୁଜୀବ ସଂରକ୍ଷଣ , ଦେଶୀୟ ବିହନର ସୁରକ୍ଷା , ଜଂଗଲୀ କିସମ କୃଷି , ମିଲେଟ କୃଷି ଉପରେ ପରାମର୍ଶ ପ୍ରଦାନ କରିଥିଲେ । ସେହିପରି ଉଦ୍ଭିଦ ବିଜ୍ଞାନୀ ଡା. ପ୍ରଭାତ କୁମାର ଦାସ ବିଭିନ୍ନ ପ୍ରକାର ଉଦ୍ଭିଦ ଓ ସେମାନଂକର ଗୁଣାବଳୀ , ବିଭିନ୍ନ କାରଣ ଜନିତ ବିଲୁପ୍ତ ପାଉଥିବା ଏବଂ ତାହାର ସଂରକ୍ଷଣ ର ଆବଶ୍ୟକତା ଓ ପଦ୍ଧତି ପ୍ରକ୍ରିୟା ଉପରେ ସୁପରାମର୍ଶ ପ୍ରଦାନ କରିଥିଲେ ଏବଂ ବନ୍ୟଜୀବ ବିଶେଷଜ୍ଞ ଡା. ଶିବ ପ୍ରସାଦ ପରିଡା ବନ୍ୟଜୀବ, ଗୃହପାଳିତ ପଶୁ ମାନଂକ ସମ୍ବନ୍ଧରେ ବିଏମସିର କର୍ମକର୍ତା ମାନଂକୁ ପରାମର୍ଶ ଦେଇଥିଲେ । ବିଭିନ୍ନ ବନ୍ୟପ୍ରାଣୀଂକର ସ୍ଥିତାବସ୍ଥା, ସେମାନଂକ ପ୍ରତି ରହିଥିବା ସମସ୍ୟା ସେମାନଂକର ଆଚରଣ ବ୍ୟବହାରିକ ଚଳଣି , ପ୍ରକୃତି ପାଇଁ ସେମାନଂକର ପ୍ରତ୍ୟେକ୍ଷ ଓ ପରୋକ୍ଷ ଉପକାର ସହିତ ସୁରକ୍ଷା ଉପରେ ରହିଥିବା ଉପାୟ ଓ କୌଶଳ ଉପରେ ପରାମର୍ଶ ଦିଆଯାଇଥିଲା । ସ୍ଥାନୀୟ ଅଂଚଳରେ ରହିଥିବା ଗଛଲତା, ଘାସ ପ୍ରଭୃତିର ଜୈବବିବିଧତାର ସୁରକ୍ଷା ଉପରେ ସୁପରାମର୍ଶ ପ୍ରଦାନ କରାଯାଇଥିଲା । ଜୈବବିବିଧତା ପରିଚାଳନା ସମିତି ର ଅଧ୍ୟକ୍ଷ ବିରେନ ପ୍ରଧାନ, ସୁଶୀଲ କୁମାର ପ୍ରଧାନ, ପ୍ରଦୀପ କୁମାର ସାହୁ, ମୁରଲୀଧର ବେହେରା ପ୍ରମୁଖ ନିଜର ଅଭିଜ୍ଞତା ସଂପର୍କରେ ପ୍ରକାଶ କରିଥିଲେ ।

## ଦିବ୍ୟାଙ୍ଗ ଯୁବତୀ ଗର୍ଭବତୀ

# ଆସାମୀକୁ ୧୦ବର୍ଷ ଜେଲ, ପୀଡ଼ିତାଙ୍କୁ ୮ଲକ୍ଷ ସହାୟତା

କେନ୍ଦୁଝର,(ସବ୍ୟୁ): ବିବାହ କରିବାର ପ୍ରତିଶ୍ରୁତି ଦେଇ ଭଲ ପାଇବା, ଶାରିରୀକ ସମ୍ପର୍କ ରଖି ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ଗର୍ଭବତୀ କରିବା ଓ ପରେ ବିବାହ ନ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଶନିବାର ଦିନ କେନ୍ଦୁଝର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ତଥା ଫାଷ୍ଟଟ୍ରାକ କୋର୍ଟ ବିଚାରପତି ବିଜୟ କୁମାର ମିଶ୍ର ୧୦ବର୍ଷ ଜେଲଦଣ୍ଡାଦେଶ ପ୍ରଦାନ କରିବା ସହ ୧୦ହଜାର ଟଙ୍କା ଜୋରିମାନା ରାୟ ପ୍ରଦାନ କରିଛନ୍ତି । ଜୋରିମାନା ଅନାଦେୟ ଅଭିଯୁକ୍ତ ଆଉ ଏକବର୍ଷ ଅଧିକ ଜେଲ ଦଣ୍ଡ ପାଇବା ସହିତ ପୀଡ଼ିତାଙ୍କୁ ଆଇନ ସେବା ସେବା ପ୍ରାଧିକରଣରୁ ୮ଲକ୍ଷ ଟଙ୍କା ସହାୟତା ଦେବାକୁ ରାୟ ଦେଇଛନ୍ତି । କେନ୍ଦୁଝର ଜିଲ୍ଲାର ହରିଚନ୍ଦନପୁର ଥାନା ଅନ୍ତର୍ଗତ ଶଗଡପଟା ଗ୍ରାମର କୁଶ ନାୟକ ( ବିଟୁ )ତାଙ୍କ ପିଉସା ଘର ପଣ୍ଡାପଡା ଥାନା ଅନ୍ତର୍ଗତ ଧାରପଡାରେ ଗତ ୧୫ରୁ ୧୬ବର୍ଷ ଧରି ରହୁଥିଲେ । ଏହି ସମୟରେ କୁଶ ସେହି ଗ୍ରାମର ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ଭଲ ପାଇବା ସହିତ ଶାରିରୀକ ସମ୍ପର୍କ ରଖିଥିଲେ । ଯୁବତୀ ଜଣକ ଚାରିମାସର ଗର୍ଭବତୀ ହେବା ପରେ ଗତ ୨୦୨୫ ମସିହା ମାର୍ଚ୍ଚ ମାସ ୭ତାରିଖରେ କୁଶ କୁଆଡେ ପଳାଇବା ସହ ଆଉ ଫୋନ ଉଠାଇ ନ ଥିଲେ । ଏହାକୁ ନେଇ ଯୁବତୀ ଜଣକ ନିଜେ ପଣ୍ଡାପଡା ଥାନାକୁ ଯାଇ ଏକ ଏତଲା ଦେବା ସହ ପୋଲିସ ଭାରତୀୟ ନ୍ୟାୟ ସଂହିତାର ଧାରା ୬୪(୨),ଓ ତଦନ୍ତ ପରେ ୬୯/୬୪(୨)(କେ) କେଶ ସଂଖ୍ୟା ୪୧/୨୦୨୫ରେ ମାମଲା ରୁଜୁ କରିଥିଲେ । ୧୫ଜଣ ସାକ୍ଷୀଙ୍କ ବୟାନ ଓ ଅନ୍ୟାନ୍ୟ ପାରିପାର୍ଶ୍ୱିକ ଅବସ୍ଥାକୁ ଦେଖି ବିଚାରପତି ଶ୍ରୀ ଯୁକ୍ତ ମିଶ୍ର ଅଭିଯୁକ୍ତ କୁଶ ନାୟକଙ୍କୁ ୧୦ବର୍ଷ ଜେଲ ଦଣ୍ଡାଦେଶ ପ୍ରଦାନ କରିବା ସହିତ ୧୦ହଜାର ଟଙ୍କା ଜୋରିମାନା ପ୍ରଦାନ କରିଛନ୍ତି । ଜୋରିମାନା ଅନାଦେୟ ଅଧିକ ଏକବର୍ଷ ଜେଲ ଦଣ୍ଡ ସହ ଭିନ୍ନକ୍ଷମ ଯୁବତୀଙ୍କୁ ଆଇନ ସେବା ପ୍ରାଧିକରଣରୁ ୮ଲକ୍ଷଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସ୍ୟୁକ୍ୟୁଟର ପତିତପାବନ ନାଥ ମାମଲା ପରିଚାଳନା କରୁଥିଲେ ।

## ଶ୍ରୀରାମ ବିଜୟା ଦଶମୀ ମହାଯଜ୍ଞ ଆରମ୍ଭ

# ୧୦୦୮ ମହିଳାଙ୍କ ବିଶାଳ କଳସ ଶୋଭାଯାତ୍ରା



ଧାମନଗର,(ସବ୍ୟୁ) :ଧାମନଗରରେ ଶ୍ରୀରାମ ବିଜୟା ଦଶମୀ ମହାଯଜ୍ଞ ଆରମ୍ଭ ହୋଇଛି। ଏହି ଆଧ୍ୟାତ୍ମିକ ଉତ୍ସବ ପାଳନ ପରିପ୍ରେକ୍ଷୀରେ ଆଜି ଏକ ବିଶାଳ କଳସ ଶୋଭାଯାତ୍ରା ସହ ସାଧୁସନ୍ଥ ଓ ଗୋମାତା ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶନିବାର ସକାଳେ ୧୦୦୮ସଂକଳ୍ପଧାରୀ ମହିଳାମାନେ ପୂଜାର୍ଚ୍ଚନା ପରେ ସ୍ଥାନୀୟ ଜୟନଗରସ୍ଥିତ ଯ'ନଦୀ ଘାଟରୁ କଳସରେ ଜଳ ଗ୍ରହଣ କରିବା ପରେ ଏକ ବିରାଟ ଶୋଭାଯାତ୍ରାରେ ବାହାରିଥିଲେ। ଏହି ଶୋଭାଯାତ୍ରା ଜୟନଗର ଛକ, ସାନ ବଜାର, ବଡ଼ ବଜାର, ମେଡ଼ିକାଲ ବଜାର ପରିକ୍ରମା କରି ମେଳଣ ପଡ଼ିଆରେ ପହଂଚିବା ପରେ ଯଜ୍ଞ ମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା। ଗୋମାତା ପୂଜନ ପରେ ରାଜ୍ୟର ବିଭିନ୍ନ ମଠ ମନ୍ଦିରରୁ ଆମନ୍ତ୍ରିତ ହୋଇଥିବା ସାଧୁସନ୍ଥ ମାନଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଏଥି ସହିତ ରାମଚରିତ ମାନସ ଏବଂ ହନୁମାନ ଚାଳିସା ପାଠ ଅନୁଷ୍ଠିତ ହୋଇଥିଲା। ଧାମନଗର ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଅନୁଷ୍ଠିତ ଏହି ଭବ୍ୟ କଳସ ଶୋଭାଯାତ୍ରାରେ ହଜାର ହଜାର ପୁରୁଷ ଓ ମହିଳା ସାମିଲ ହୋଇଥିଲେ। ଏହି କଳସ ଶୋଭାଯାତ୍ରାରେ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ କୁମାର ପୁହାଣ, ସାଂସଦଙ୍କ ବ୍ଲକ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର, ସରୋଜ କୁମାର ମହାପାତ୍ର, ସମାଜସେବୀ ଅରବିନ୍ଦ ପତି, ବିଜୟ କୁମାର ରାମ, ଶ୍ରୀଧର ବେହେରା, ରଞ୍ଜିତ କୁମାର ମହାନ୍ତି, କୃଷ୍ଣଚନ୍ଦ୍ର ଜେନା, ପ୍ରମୋଦ ସୂତାର, ସରୋଜ ପରିଡ଼ା, ନାରାୟଣ ଚନ୍ଦ୍ର ରାଉତ, ବିପିନ ବିହାରୀ ପଣ୍ଡା, ରଞ୍ଜିତା ସ୍ୱାଇଁ, ପୁଷ୍ପାଞ୍ଜଳି ବେହେରା, କବିତା ରାୟ ପ୍ରମୁଖ ସାମିଲ ହୋଇଥିଲେ। ଶ୍ରୀରାମ ବିଜୟା ଦଶମୀ ପାଇଁ ଧାମନଗର ସହର ଗୈରିକମୟ ହୋଇଥିବା ବେଳେ ସୋମବାର ସନ୍ଧ୍ୟାରେ ମହାଯଜ୍ଞର ପୂର୍ଣ୍ଣାହୂତି, ରାବଣପୋଡି ଓ ନଗର ଶୋଭାଯାତ୍ରା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

## ଅଜଗର ସାପ ଉଦ୍ଧାର

ନୀଳଗିରି, (ସବ୍ୟୁ): ନୀଳଗିରି ଉପଖଣ୍ଡ ଅଧିନ ବାଉଁଶବଣିଆ ପଞ୍ଚାୟତ ହାଟସାହି ଗ୍ରାମ ସନ୍ତୋଷ କୁମାର ମହାରଣାଙ୍କ ଘରେ ଏକ ଅଜଗର ସାପ ଉଦ୍ଧାର ହୋଇଛି। ଶନିବାର ପୂର୍ବାହ୍ନରେ ହାଟସାହି ଗ୍ରାମ ସନ୍ତୋଷ କୁମାର ମହାରଣାଙ୍କ ପରିବାର ଅଜଗର ସାପକୁ ଦେଖିବା ପରେ ପ୍ରଥମେ ସ୍ଥାନୀୟ ଅଞ୍ଚଳର ଲୋକେ ରଣଜିତ କୁମାର ପଣ୍ଡିତଙ୍କୁ ଖବର ଦେଲା ପରେ ରଣଜିତ କୁମାର କୁଲଡିହା ରେଞ୍ଜ ଅଧିକାରୀଙ୍କୁ ଖବର ଦେଲେ ଓ ତାପରେ ସୁବ୍ରତ ବେହେରା, ମହେଶ୍ୱର ବେହେରା ଓ ଜୟନ୍ତ ସେଠିଙ୍କୁ ତୁରନ୍ତ ପଠେଇ ଅଜଗର ସାପକୁ ଉଦ୍ଧାର କରି ନିକଟସ୍ଥ କୁଲଡିହା ଅଭୟାରଣ୍ୟରେ ଛାଡିଦେଇଛନ୍ତି।

## ପୂର୍ବଶତ୍ରୁତାକୁ ନେଇ ଆକ୍ରମଣ

ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅଧୀନ କୁପାରୀ ଗ୍ରାମରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ବିଜୟ ଗିରି ଓ ସଞ୍ଜୟ ଗିରି ତଥା ଅନ୍ୟକିଛି ସହଯୋଗୀଙ୍କ ଆକ୍ରମଣରେ ବଗେଇପୁର ଗ୍ରାମର ଦିପକ ମହାରଣା ଗୁରୁତର ଓ ତାଙ୍କର ଅନ୍ୟ ୨ସହଯୋଗୀ ଆହତ ହୋଇଛନ୍ତି । ଚିକିତ୍ସା ପାଇଁ ତାଙ୍କୁ ଖଇରା ଗୋଷ୍ଠୀ କେନ୍ଦ୍ରରେ ଭର୍ତ୍ତି କରାଯାଇଛି । ପ୍ରାଥମିକ ତଦନ୍ତ ପରେ ଖଇରା ପୋଲିସ ବିଜୟ ଗିରି ଓ ସଞ୍ଜୟ ଗିରିଙ୍କ ସମେତ ଅନ୍ୟ କିଛି ସହଯୋଗୀଙ୍କ ନାମରେ ଏକ ମାମଲା(୭୦/୨୬) ରୁଜୁ କରିଛି । ଗୁରୁବାର ସକାଳ ପ୍ରାୟ ୯ଟା ସମୟରେ ଦିପକ ଅନ୍ୟକିଛି ସହଯୋଗୀଙ୍କ ସହ ରାମନବମୀ ଶୋଭାଯାତ୍ରାକୁ ଯାଉଥିବା ବେଳେ ଶୂନ୍ୟମଣ୍ଡପ ନିକଟରେ ବିଜୟ ଓ ତାଙ୍କର ସହଯୋଗୀ ମାନେ ଅଚାନକ ଆକ୍ରମଣ କରିଥିବା ନେଇ ଖଇରା ଥାନାରେ ଅଭିଯୋଗ କରିଥିଲେ ।

## ଜିଲ୍ଲାପ୍ରଶାସନର ବଦାନ୍ୟତା
## ଦୁବାଇରୁ ଆସିଲା ଶ୍ରମିକର ଶବ

ଭଦ୍ରକ,(ସବ୍ୟୁ): ଭଦ୍ରକ ଜିଲ୍ଲା ପ୍ରଶାସନର ବଦାନ୍ୟତାରୁ ସୁଦୂର ଦୁବାଇରୁ ଜଣେ ଶ୍ରମିକଙ୍କ ଶବ ଭଦ୍ରକ ଆସିପାରିଛି । ଦେଶାନ୍ତର ପ୍ରବାସୀ ଶ୍ରମିକ ବୀରଭଦ୍ର ନାୟକ ଉତାକୁଡ, ଉଗ୍ରତାରା, ଚାନ୍ଦବାଲି, ଭଦ୍ରକ ନିବାସୀ ଦୁବାଇରେ ପାଣି ପାଇପ୍ ମିସ୍ତ୍ରୀ ଭାବେ କାର୍ଯ୍ୟରତ ଜଣେ ଶ୍ରମିକ ଫେବୃଆରୀ ୨୭ ତାରିଖ ରାତିରେ କାମ କରୁଥିବା ସମୟରେ ଖସି ପଡ଼ି ମୃତ୍ୟୁ ବରଣ କରିଥିଲେ । ଏକଥା ଜାଣିବାପରେ ତାଙ୍କ ପରିବାର ଲୋକଙ୍କ ଅନୁରୋଧ କ୍ରମେ ଅନ୍ତେଷ୍ଟିକ୍ରୀୟା ନିମନ୍ତେ ଦୁବାଇରୁ ଶବ ହସ୍ତାନ୍ତର ପାଇଁ ଓଡ଼ିଶା ପରିବାରରୁ ଖବରପାଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ସହ ଶ୍ରମ ଅଧିକାରୀ ମାର୍ଚ୍ଚ ୨ତାରିଖ ତଦନ୍ତ କରି ଏହାର ଏକ ସବିଶେଷ ରିପୋର୍ଟ ଜିଲ୍ଲା ଶ୍ରମ ଅଧିକାରୀ, ପ୍ରବର୍ତ୍ତନ, ଭଦ୍ରକ ଶ୍ରମ ଆୟୁକ୍ତ, ଓଡ଼ିଶାଙ୍କୁ ମାର୍ଚ୍ଚ ୨ତାରିଖରେ ପ୍ରଦାନ କରିଥିଲେ। ଫଳସ୍ୱରୂପ ଶ୍ରମ ଆୟୁକ୍ତ ଦେଶାନ୍ତର ପ୍ରବାସୀ ଶ୍ରମିକ ହେତୁ ଡାଇରେକ୍ଟର, ଗଲ୍ଫ ଡିଭିଜନ, ଏକ୍ସଟର୍ନାଲ ମିନିଷ୍ଟ୍ରିଙ୍କୁ ବୀରଭଦ୍ର ନାୟକଙ୍କ ଶବ ପ୍ରତ୍ୟାବର୍ତ୍ତନ ଓ ଅନ୍ୟାନ୍ୟ ଆର୍ଥିକ ପ୍ରକ୍ରିୟା କାର୍ଯ୍ୟରେ ସହଯୋଗ ପାଇଁ ପତ୍ର ପ୍ରଦାନ କରିଥିଲେ। ଓଡ଼ିଶା ସରକାର, ଶ୍ରମ ବିଭାଗ, ଓଡ଼ିଶା ପରିବାର, ଜିଲ୍ଲା ପ୍ରଶାସନ ମିଳିତ ପ୍ରୟାସରେ ଓ ସଂପୃକ୍ତ କଂପାନୀଙ୍କ ଆର୍ଥିକ ସହାୟତା ଯୋଗୁ ଶୁକ୍ରବାର ଦିନ ବିମାନ ଯୋଗେ ବୀରଭଦ୍ର ପାର୍ଥିବ ଶରୀର ହାଇଦ୍ରାବାଦ ଓ ପୁନଶ୍ଚ ଆମ୍ବୁଲାନ୍ସ ଯୋଗେ ତାଙ୍କ ନିଜ ଜନ୍ମମାଟିକୁ ସମ୍ମାନ ସହ ଶବସତ୍କାର ପାଇଁ ଜିଲ୍ଲା ପ୍ରସାଶନ ଓ ଶ୍ରମ ବିଭାଗ ତରଫରୁ ସହ ଶ୍ରମ ଅଧିକାରୀ ଲୋକନାଥ ଦାସ ଉପସ୍ଥିତ ଥିଲେ।

## ଅଟୋ ଓଲଟି ଜଣେ ମୃତ: ୩ ଗୁରୁତର

ବାଲେଶ୍ୱର,(ସବ୍ୟୁ): ସିମୁଳିଆ ଥାନା ଅନ୍ତର୍ଗତ ଗୌରଗଡ଼ି ଛକରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସକାଳେ ଗୌରଗଡ଼ି ଛକରେ ଏକ ବାଇକ୍‌କୁ ରକ୍ଷା କରିବାକୁ ଯାଇ ଯାତ୍ରୀବାହୀ ଅଟୋଟି ଓଲଟି ପଡ଼ିଥିଲା । ଫଳରେ ଅଟୋରେ ଥିବା ସିମୁଳିଆ ଥାନା କାଞ୍ଚପଡ଼ା ପଞ୍ଚାୟତ ପେଡ଼ାସାହି ଗ୍ରାମର ମଧୁସୂଦନ ପୃଷ୍ଟିଙ୍କ ପତ୍ନୀ ରତ୍ନମଣି (୪୦)ଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଅନ୍ୟ ୩ ଜଣ ଯାତ୍ରୀ ଗୁରୁତର ଆହତ ହୋଇଥିଲେ । ଆହତମାନଙ୍କୁ ଉଦ୍ଧାର କରି ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସିମୁଳିଆ ପୁଲିସ ଘଟଣାସ୍ଥଳରେ ପହଁଚି ପରିସ୍ଥିତି ନିୟନ୍ତ୍ରଣ କରିବା ସହ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଖବର ପାଇ ଯୁବନେତା ଗୌତମ ପାଣିଗ୍ରାହୀ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହିତ ଆହତଙ୍କ ଚିକିତ୍ସା ବାବଦରେ ପଚାରି ବୁଝିଛନ୍ତି ।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ବାଲେଶ୍ୱର,(ସବ୍ୟୁ): ଜଳେଶ୍ୱର- ଶିଖରପୁର-ରାଇବଣିଆ ରାସ୍ତାର ନାଣ୍ଡିପୋଖରୀ ଛକରେ ଏକ ବାଲିବୋଝେଇ ଟ୍ରାକ୍ଟର ଧକାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି । ମୃତକ ହେଉଛନ୍ତି ଶିଖରପୁର ଗ୍ରାମର ପ୍ରାଣକୃଷ୍ଣ ଗିରି(୩୫) ।ପ୍ରାଣକୃଷ୍ଣ ଚମାରଗାଁରୁ ନିଜଘରକୁ ଫେରୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ଦ୍ରୁତଗାମୀ ବାଲିବୋଝେଇ ଟ୍ରାକ୍ଟର ସହ ମୁହାଁମୁହିଁ ଧକା ହୋଇଥିଲା। ଫଳରେ ପ୍ରାଣକୃଷ୍ଣ ରାସ୍ତାରେ ଛିଟିକି ପଡ଼ିଥିଲେ। ଏହି ସମୟରେ ସେହିରାସ୍ତାରେ ଯାଉଥିବା ଜଳେଶ୍ୱର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ଜିକେ ଭଟ୍ଟର ହସ୍ପିଟାଲକୁ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଜଳେଶ୍ୱର ପୁଲିସ ଟ୍ରାକ୍ଟର ଜବତ କରିବା ସହ ଚାଳକଙ୍କୁ ଅଟକ ରଖିଛି।

## ଗଡିଆ ଭିତରକୁ ପଶି ଗଲା ଟ୍ରାକ୍ଟର

ନୀଳଗିରି,(ସବ୍ୟୁ): ଡ୍ରାଇଭରର ବେ ପାରୁଆ ଗାଡ଼ି ଚାଳନା ପାଇଁ ଅଳ୍ପକେ ବଂଚିଗଲେ ଡ୍ରାଇଭର, କିନ୍ତୁ ଗଡ଼ିଆ ଭିତରକୁ ପଶି ଗଲା ଟ୍ରାକ୍ଟର। ଏପରି ଏକ ଘଟଣା ନୀଳଗିରି ଗୋପିନାଥପୁର ଗ୍ରାମରେ ସନ୍ଧ୍ୟାରେ ଦେଖିବାକୁ ମିଳିଛି। ତାର ଜାଲି ନେଇ ଏକ ନମ୍ବର ବିହୀନ ଟ୍ରାକ୍ଟର ଗ୍ରାମକୁ ଯାଉଥିବା ବେଳେ ଲକ୍ଷ୍ମୀଧର ରାଉଳଙ୍କ ଗଡିଆ ମଝିକୁ ପଳାଇ ଯାଇଥିଲା। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଡ୍ରାଇଭରକୁ ଉଦ୍ଧାର କରିଥିବା ବେଳେ ଟ୍ରାକ୍ଟର ଟି ଗାଡ଼ିଆ ଭିତରେ ପଡ଼ି ରହିଥିବାର ଦେଖିବାକୁ ମିଳିଛି।

## କେନ୍ଦୁଝର ଜିଲ୍ଲା ଓକିଲ ସଂଘ ନିର୍ବାଚନ
## ଆଲୋକ -ସଭାପତି, ଅନ୍ତର୍ଯ୍ୟାମୀ -ସମ୍ପାଦକ

କେନ୍ଦୁଝର,(ସବ୍ୟୁ): କେନ୍ଦୁଝର ସଦର ମହକୁମାଠାରେ ଥିବା ଜିଲ୍ଲା ଓକିଲ ସଂଘର ନିର୍ବାଚନ ଶନିବାର ଦିନ ଶେଷ ହୋଇଛି । ଗୁରୁତ୍ୱପୂର୍ଣ୍ଣ ସଭାପତି ପଦ ପାଇଁ ଆଲୋକ କୁମାର ମହାନ୍ତ ପୁନଃ ନିର୍ବାଚିତ ହୋଇଥିବାବେଳେ ବିଜୟୀ ପ୍ରାର୍ଥୀ ମହାନ୍ତ ୨୧୮ଖଣ୍ଡ ଭୋଟ ପାଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଶ୍ରୀ ବସନ୍ତ କୁମାର ବେହେରା ୧୯୨ଟି ଭୋଟ ପାଇଛନ୍ତି । ଉପସଭାପତି ପଦ ପାଇଁ ତୁଷାରକାନ୍ତ ସାମନ୍ତ ୨୩୭ଟି ଭୋଟ ପାଇଥିବାବେଳେ ତାଙ୍କର ଏକମାତ୍ର ପ୍ରତିଦ୍ୱନ୍ଦୀ ସେକ ଶାହାବୁଦ୍ଦିନ ୨୨୨ଟି ଭୋଟ ପାଇ ପରାସ୍ତ ହୋଇଛନ୍ତି । ସମ୍ପାଦକ ପାଇଁ ଅନ୍ତର୍ଯ୍ୟାମୀ ସାହୁ ନିର୍ବାଚିତ ହୋଇଥିବାବେଳେ ସେ ୧୯୨ ଖଣ୍ଡ ଭୋଟ ପାଇଛନ୍ତି । ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ତଥା ଏବେ ସମ୍ପାଦକ ଥିବା ଅକ୍ଷୟ କୁମାର ଜେନା ୧୭୭ଭୋଟ ପାଇଛନ୍ତି ।ଦୁଇଗୋଟି ଯୁଗ୍ମ ସମ୍ପାଦକ ପଦବୀ ପାଇଁ ଦେବାଶିଷ ପତି ଓ ତାରିଣ ପ୍ରସାଦ ପୋଥାଳ ବିଜୟଲାଭ କରିଥିବାବେଳେ ଦେବାଶିଷ ପତି ୨୬୦ଟି ଏବଂ ତାରିଣୀ ପ୍ରସାଦ ପୋଥାଳ ୨୦୨ଟି ଭୋଟ ପାଇ ଜିତିଥିବାବେଳେ ଅନ୍ୟତମ ପ୍ରାର୍ଥିନୀ ଅର୍ଚ୍ଚନା ଦାଶ ୧୮୨ ଟି ଭୋଟ ପାଇ ହାରିଯାଇଛନ୍ତି । ନିର୍ବାଚନ ଅଧିକାରୀ ଦେବାଶିଷ ରଣା ଓ ସହ ନିର୍ବାଚନ ଅଧିକାରୀ ମନୋଜ ବେହେରା, ସୁମନ୍ତ ସାହୁ, ଦୁର୍ଗାପ୍ରସାଦ ମହାନ୍ତି, କରୁଣାକର ବ୍ରହ୍ମ, ସୁଧୀର ସାହୁ, ସୁରଜିତ ଦାସ ଏହି ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିଥିଲେ । ନବନିର୍ବାଚିତ କର୍ମକର୍ତ୍ତାମାନେ ଆସନ୍ତା ଏକବର୍ଷ ପାଇଁ ଦାୟିତ୍ୱ ସମ୍ପାଦନ କରିବେ ।

## କାଳବୈଶାଖୀରେ ବ୍ୟାପକ ଚାଷ ନଷ୍ଟ

ଖଇରା,(ସବ୍ୟୁ): ଗୁରୁବାର ରାତିରେ ପ୍ରବଳ ଝଡ ବର୍ଷା ଯୋଗୁଁ ବାଲେଶ୍ୱର ଜିଲା ଖଇରା ବ୍ଲକ ର ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ବଡନୁଆଗାଁ ପଞ୍ଚାୟତ ଅଧୀନ ବାଘୁଆ ଗ୍ରାମରେ ଏହି ଝଡ ପ୍ରଭାବରେ ରମାକାନ୍ତ ପଣ୍ଡାଙ୍କର ଛତୁ ଘର ସହ ପରିବା ଚାଷ ପାଇଁ ନିର୍ମିତ ଛାୟାଗୃହ ଭାଙ୍ଗି ନଷ୍ଟ ହୋଇ ଯାଇଛି । ସେହିଭଳି ବଙ୍କିତିରା ଗ୍ରାମର ଜଗବନ୍ଧୁ ସାହୁଙ୍କ କଦଳୀ ଚାଷ ନଷ୍ଟ ହୋଇ ଯାଇଥିବା ବେଳେ ବାଘୁଆ ଗ୍ରାମର ଅନନ୍ତ ନନ୍ଦ ଓ ଗଜେନ୍ଦ୍ର ବେହେରା ଘର ଛପର ନଷ୍ଟ ହୋଇଛି । ଚାଷୀ ମାନେ କ୍ଷତିପୂରଣ ପାଇଁ ଉଦ୍ୟାନବିଭାଗ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଛନ୍ତି । ଏହାଛଡା ପତିରାଜପୁର ଓ ସଇଁ ଗ୍ରାମରେ ମଧ ପରିବା ଚାଷ ନଷ୍ଟ ହୋଇଛି ।

## ମଧୁସୂଦନପୁର ସ୍କୁଲ ଫାଟକରେ ତାଲା : ରାସ୍ତାର ଛାତ୍ରଛାତ୍ରୀ

ବାସୁଦେବପୁର,(ସବ୍ୟୁ) :ବାସୁଦେବପୁର ବ୍ଲକର ବରଣ୍ଡୁଆ ପଂଚାୟତର ମଧୁସୂଦନପୁର କାମିନୀ କୁମାରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ବଣ୍ଟନ ପ୍ରାପ୍ୟ ପ୍ରଦାନ ଦାବୀରେ ମା ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସ୍କୁଲ ଫାଟକରେ ତାଲା ପକାଇ ଦେଇଥିଲେ। ଫଳରେ ଛାତ୍ର ଛାତ୍ରୀମାନଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡିଥିଲା। ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ଫାଟକ ଆଗରେ ଅଟକି ରହିଥିଲେ। ଖବରପାଇ ବାସୁଦେବପୁର ସିପିଆର ଭେନ ପୋଲିସ ପହଂଚି ଘଟଣାର ହସ୍ତକ୍ଷେପ କରିବା ପରେ ଫାଟକରୁ ତାଲା ଖୋଲି ଥିଲେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ। ବରଣ୍ଡୁଆ ପଞ୍ଚାୟତର ମଧୁସୂଦନପୁର କାମିନୀ କୁମାରୀ ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲରେ ଶିଶୁ ବାଟିକା ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୦୩ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ୨୦୧୩ ମସିହାରୁ ୨୦୧୯ ପର୍ଯ୍ୟନ୍ତ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ବଣ୍ଟନ ଦାୟିତ୍ୱ ମା ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲେ ବି ଖାଦ୍ୟ ସୁଚାରୁ ରୂପେ ବଣ୍ଟନ କରିବାରେ ବିଫଳ ହୋଇଥିଲେ। ତେଣୁ ଖାଦ୍ୟ ଯୋଗାଣରୁ ୨୦୧୯ମସିହାରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ବାଦ ଦେଇଥିଲେ। ଖାଦ୍ୟ ପରିବେଷଣ ବେଳେ ସ୍ୱୟଂ ସହାୟକ ଗୋଷ୍ଠୀ ୨୯ହଜାର ୨୧୫ଟଙ୍କା ବକେୟା ପ୍ରାପ୍ୟ ପାଇବେ ବୋଲି ଦାବୀ କରି ଆସୁଛନ୍ତି। ଏହି ଅଭିଯୋଗକୁ ବ୍ଲକ ଶିକ୍ଷାଧିକାରୀଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଛନ୍ତି। ସେତେବେଳେ ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ଓ ପ୍ରଧାନଶିକ୍ଷକଙ୍କ ନାମରେ ଯୁଗ୍ମ ଆକାଉଣ୍ଟ ଥିଲା। ଦୁଇ ଜଣଙ୍କର ସହମତି ଅର୍ଥ ଉଠାଯାଇ ସ୍ୱୟଂ ସହାୟକ ଗୋଷ୍ଠୀକୁ ପୈଠ କରାଯାଇ ଅଛି ବୋଲି ପ୍ରଧାନଶିକ୍ଷକ ଜଗବନ୍ଧୁ ଜେନା କହିଛନ୍ତି। ଯଦି କାହାର ପାଉଣା ବାକି ଅଛି ଶିକ୍ଷାଧିକାରୀଙ୍କ ଠାରେ ଅଭିଯୋଗ କରନ୍ତୁ କିମ୍ବା ନ୍ୟାୟାଳୟର ଆଶ୍ରୟ ନିଅନ୍ତୁ। କୁନି କୁନି ଶିଶୁମାନଙ୍କ କ୍ଲାସ ବନ୍ଦ କରିବାକୁ ଫାଟକରେ ତାଲା ପକାଇବା କେତେ ଆଇନ ସଙ୍ଗତ ବୋଲି ପ୍ରଶ୍ନ କରିଥିଲେ। ଉଭୟ ପକ୍ଷଙ୍କୁ ପୋଲିସ ବୁଝାସୁଝା କରିବା ପରେ ଫାଟକର ତାଲା ଖୋଲି ଦେଇଥିଲେ।

## ବରିଷ୍ଠ ଆଇନଜୀବୀ ରମାକାନ୍ତ ସାହୁଙ୍କ ପରଲୋକ

ବାଲେଶ୍ୱର,(ସବ୍ୟୁ): ଜଳେଶ୍ୱର ମ୍ୟୁନିସିପାଲିଟି ଅଧୀନ ଦେଉଳି ପଞ୍ଚୁଘଣ୍ଟା ଗ୍ରାମର ଆଇନଜୀବୀ ରମାକାନ୍ତ ସାହୁ (୫୮)ଙ୍କର ପରଲୋକ ଘଟିଛି। ସେ ଗତ କିଛି ବର୍ଷ ଧରି କିଡନି ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁଶର୍ଯ୍ୟା ନିକଟରେ ପତ୍ନୀ ଗୌରୀବାଳା ଓ ପରିବାର ବର୍ଗ ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁ ଖବର ପାଇ କାଉନସିଲର ଚନ୍ଦନ କୁମାର ଦାସ, ପୂର୍ଣ୍ଣେନ୍ଦୁ ନନ୍ଦୀ, ସମର କରଣ, ପୂର୍ଣ୍ଣଚନ୍ଦ୍ର ଜେନା, ଭବାନୀ ପାତ୍ର ପ୍ରମୁଖ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସେହିପରି ଜଳେଶ୍ୱର ଓକିଲ ସଂଘ ପକ୍ଷରୁ କୁଞ୍ଜ ବିହାରୀ ଦାସ, ଅନିଲ କୁମାର ପରିଡ଼ା, ଦେବକାନ୍ତ ପ୍ରମୁଖ ଶ୍ରୀ ସାହୁଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିଛନ୍ତି। ସୁବର୍ଣ୍ଣରେଖା ନଦୀର ପୀର ଘାଟରେ ଶବ ସତ୍କାର କରାଯାଇଥିବା ବେଳେ ପୁତୁରା ଗୋପାଳ ମୁଖାଗ୍ନି ଦେଇଥିଲେ ।

## ଓୟୁଜେର ବେଳାଭୂମି ସ୍ୱଚ୍ଛତା ଅଭିଯାନ



ବାଲେଶ୍ୱର,(ସବ୍ୟୁ) :ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆଜି ଲବଣ ସତ୍ୟାଗ୍ରହର ସ୍ମୃତି ପୀଠ ଇଞ୍ଚୁଡ଼ି ର ସମୁଦ୍ର କୂଳ କଳାମାଟିଆ ପାହି ରେ ବେଳାଭୂମି ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ୟୁନିଅନ ପକ୍ଷରୁ ବେଳାଭୂମି ରେ ପଡିରହିଥିବା ବିଭିନ୍ନ ଅଦରକାରୀ ସାମଗ୍ରୀ କୁ ସଫେଇ କରଯାଇଥିଲା । ବିଶେଷ କରି ବେଳାଭୂମି ବୁଲିବାକୁ ଓ ବଣଭୋଜି କରିବାକୁ ଆସୁଥିବା ଲୋକେ ବ୍ୟବହୃତ କରୁଥିବା ସାମଗ୍ରୀ କୁ ଏଣେତେଣେ ଫୋପାଡି ଦେଇ ପଳାଇଯାନ୍ତି ।ଏହାଦ୍ୱାରା ସମ୍ପୃକ୍ତ ଅଞ୍ଚଳର ଲୋକେ ନାନା ପ୍ରକାର ସ୍ୱାସ୍ଥ୍ୟଗତ ସମସ୍ୟାରେ ସମ୍ମୁଖୀନ ହୋଇଥାନ୍ତି ଓ ପରିବେଶ ପ୍ରଦୂଷିତ ହୋଇଥାଏ। ସମୁଦ୍ର ଉପକୂଳ ବାସୀ ମାନେ ଏ ଦିଗରେ ସଚେତନ ହେବାକୁ ୟୁନିଅନର ସଦସ୍ୟ ମାନେ ଉପକୂଳ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କହିଲେ ଯେ, ବେଳାଭୂମିର ପରିବେଶ ସୁରକ୍ଷା ସହିତ ସମୁଦ୍ର ପଥରେ ବେଆଇନ ଅନୁପ୍ରବେଶ କୁ ରୋକିବା ପାଇଁ ଉପକୂଳ ବାସୀ ଅଧିକ ସଚେତନ ହୋଇ କାମ କରିବା ଆବଶ୍ୟକ। ସମୁଦ୍ର ଉପକୂଳରେ ରହୁଥିବା ଲୋକେ ଅନୁପ୍ରବେଶ କାରୀ ଙ୍କ ସଂପର୍କରେ ଜିଲ୍ଲା ପ୍ରଶାସନ ଓ ପୋଲିସ କୁ ଜଣାଇବା ଆବଶ୍ୟକ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଅନାମ ଚରଣ ପଣ୍ଡା, ଶିଶିର କୁମାର ଦାସ, ରାମ ନାରାୟଣ ଶତପଥି, ସୁରେଶ ଚନ୍ଦ୍ର ଦାସ, ଲକ୍ଷ୍ମୀଧର ଗାଣ, ଅରୂପ କୁମାର ଦାସ ,ସୋମନାଥ ସାହୁ, ରମାକାନ୍ତ ପଣ୍ଡା, କହ୍ନେଇ ଚରଣ ପ୍ରଧାନ, ଉତ୍କଳବନ୍ଧୁ ପଣ୍ଡା, ଶମ୍ଭୁନାଥ ନାୟକ, କୈଳାସ ଚନ୍ଦ୍ର ଦାସ, ବଳରାମ ଲେଙ୍କା, ସୁଶାନ୍ତ କୁମାର ବେହେରା, ଶ୍ରୀଲେଖା ସାହୁ, ଜୟଦେବ ଆଚାର୍ଯ୍ୟ, ଭବାନୀ ଶଙ୍କର ପଣ୍ଡା ପ୍ରମୂଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବେଶ୍ୱର ଦାସ, ରାମଚନ୍ଦ୍ର ପ୍ରଧାନ, ଶିବପ୍ରସାଦ ଯାନା ପ୍ରମୁଖ ସଫେଇ କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରି ସହଯୋଗ କରିଥିଲେ।

## କେଜିବିଭିରେ ବାର୍ଷିକ ଉତ୍ସବ

ଠାକୁରମୁଣ୍ଡା ,(ସବ୍ୟୁ): ଠାକୁରମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତଥା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ 'ଅନନ୍ୟା' -୨୦୨୬ ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ଟୁଡୁ ସଭାପତିତ୍ୱ କରିଥିଲେ । ମୁଖ୍ୟବକ୍ତା ଭାବେ ଠାକୁରମୁଣ୍ଡା ପ୍ରେସ କ୍ଲବ ସଭାପତି ଶରତ ତ୍ରିପାଠୀ ଯୋଗଦେଇ ଥିଲା ବେଳେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦିଲୀପ କୁମାର ଧଳ, ଠାକୁରମୁଣ୍ଡା ସରପଞ୍ଚ ସୁଜିତ ଲୁଗୁନ, ସିଆରସିସି ଅଲେଖ ପଲେଇ ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ । ପ୍ରଧାନ ଶିକ୍ଷୟତ୍ରୀ ଶାନ୍ତିଲତା ଟୁଡୁ ସ୍ୱାଗତ ସୂଚନା ଓ ବିବରଣୀ ପାଠ କରିଥିବାବେଳେ ଅତୃଷ୍ଣା ମହାନ୍ତ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ । ଶିକ୍ଷୟତ୍ରୀ ଆର୍ଯ୍ୟବାଳା ସେନାପତି ଧନ୍ୟବାଦ ଦେଇଥିଲେ । ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବ ଆୟୋଜିତ ହୋଇଥିଲା । ଜିଲ୍ଲା ବାଳିକା ଶିକ୍ଷା ସଂଯୋଜକ ପ୍ରଫୁଲ୍ଲ କୁମାର ବାରିକଙ୍କ ସଭାପତିତ୍ୱରେ



ଅନୁଷ୍ଠିତ ସଭାରେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶୀଧର ସିଂ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାଏକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଚତୁର୍ଭୁଜ ବାରିକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲୀପ ଧଳ, ପୂର୍ବତନ ବିଇଓ ଭାଗ୍ୟରଥୀ ମହାନ୍ତି, ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ସଦାନନ୍ଦ ମହାନ୍ତ, ପୂର୍ବତନ ଏବିଇଓ କାୟୁ ମୁର୍ମୁ ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ । ପ୍ରଧାନ ଶିକ୍ଷୟତ୍ରୀ ଶାନ୍ତିଲତା ଟୁଡୁ ବିବରଣୀ ପାଠ କରିଥିବାବେଳେ ଶିକ୍ଷୟତ୍ରୀ ଅତୃଷ୍ଣା ମହାନ୍ତ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ । ପୂର୍ବରୁ ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ଟ୍ରଫି ଓ ପ୍ରମାଣପତ୍ର ହସ୍ତାନ୍ତର କରିଥିଲେ । ଶେଷରେ ଶିକ୍ଷକ ପ୍ରକାଶ ମହାରଣା ଧନ୍ୟବାଦ ଦେଇଥିଲେ ।

## କରଞ୍ଜିଆ ଓକିଲ ସଂଘ ନିର୍ବାଚନ
## ବିଶ୍ୱଜିତ ଚୌଧୁରୀ -ସଭାପତି ଓ ସରୋଜ ରାଉଳ -ସଂପାଦକ

କରଞ୍ଜିଆ, (ସବ୍ୟୁ): କରଞ୍ଜିଆ ଓକିଲ ସଂଘର ନିର୍ବାଚନ ଶାନ୍ତି ଶୃଙ୍ଖଳା ସହିତ ଶେଷ ହୋଇଛି । ଦେବାଶିଷ କୁମାର ବେହେରା ନିର୍ବାଚନ ପରିଚାଳନା



କରିଥିବା ବେଳେ ତାଙ୍କୁ ସୁଦର୍ଶନ ବେହେରା, ବିଚିତ୍ରା ନାରାୟଣ ମହାନ୍ତ, ଉଦିପ୍ତ ବେହେରା ଅନୁପମା କର ଓ ପୀତବାସ ମହାନ୍ତ ସହଯୋଗ କରିଥିଲେ। ମୋଟ ୧୬୯ ସଭ୍ୟ ଥିବାବେଳେ ୧୩୨ଜଣ ଆଡ଼ଭୋକେଟ ମତଦାନ କରିଥିଲେ । ନିର୍ବାଚିତ ପଦାଧିକାରୀ ମାନେ ହେଲେ ସଭାପତି : ବିଶ୍ୱଜିତ ଚୌଧୁରୀ ,ଉପ ସଭାପତି :ରେଣୁବାଳା ବାରିକ ।ସମ୍ପାଦକ ସରୋଜ ରାଉଳ ସହ ସମ୍ପାଦକ : ମହମ୍ମଦ ଫିରୋଜ କୋଷାଧକ୍ଷ :ତପନ କୁମାର ଶଥ ପଥୀ କାର୍ଯ୍ୟକାରୀ ସଭ୍ୟ ସଭ୍ୟା : ଅଶୋକ କୁ ସାହୁ, ପିପୁନ ସାହୁ, ତ୍ରିଶୂଳ ମହାନ୍ତ, ଜିତେନ୍ଦ୍ର ବାରିକ, ସୁବର୍ଣ୍ଣ ଧୂଙ୍ଗିଆ, ଝରଣା ପୃଷ୍ଟି ।

## ରେମୁଣା ଏନ୍‌ଏସି ଅଞ୍ଚଳରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ବାଲେଶ୍ୱର,(ସବ୍ୟୁ) :ଶନିବାର ଅପରାହ୍ନ ୪ ଘଟିକା ସମୟରେ ରେମୁଣା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ବିଭିନ୍ନ ୱାର୍ଡରେ ବହୁ ଲୋକାଭିମୁଖୀ ପ୍ରକଳ୍ପର ଶୁଭ ଶିଳାନ୍ୟାସ ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସଙ୍କ



କରକମଳରେ ହୋଇଥିଲା। ଅଞ୍ଚଳ ବାସୀଙ୍କ ବହୁ ଦିନର ଆଶା ପୂରଣ ତଥା ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ବିଧାୟକ ଶ୍ରୀ ଦାସ ଆଜି ପ୍ରାୟ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାମୂଲ୍ୟ ପ୍ରକଳ୍ପର ଶୁଭ ଶିଳାନ୍ୟାସ କରିଥିଲେ। ଏହି ଶିଳାନ୍ୟାସ ଉତ୍ସବରେ ସ୍ଥାନୀୟ ଜନସାଧାରଣଙ୍କ ସମେତ ରେମୁଣା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ କମଳ ବିହାରୀ ଦାସ, ସାଂସଦ ପ୍ରତିନିଧି ଉମାକାନ୍ତ ପଣ୍ଡା, ମହେଶ୍ୱର ପ୍ରଧାନ, ମଣ୍ଡଳ ସଭାପତି ମାୟାଧର ପ୍ରଧାନ, କାଉନସିଲର ସିବୋନ ରାୟ, କାହ୍ନୁ ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ରାଇକମା ଆଶ୍ରମ ବିଦ୍ୟାଳୟର ଆସ ସ୍କୁଲ ଯିବା ପଦଯାତ୍ରା

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନ ରାଇକମା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଜତ କୁମାର ଦାଶଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ 'ଆସ ସ୍କୁଲ ଯିବା' ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବର୍ଷ,୨୦୨୬-୨୦୨୭ ଆଗାମୀ ଏପ୍ରିଲ ପହିଲାରୁ



ଆରମ୍ଭ ହେବା।ଏଣୁ ସରକାରଙ୍କ ମାର୍ଗଦର୍ଶିକା ଅନୁସରଣ ପୂର୍ବକ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷିକା, ଶିଶୁ ସେବିକା, ପରିଚାଳନା କମିଟି ସଦସ୍ୟ ସଦସ୍ୟା ଏକ ବିରାଟ ଶୋଭାଯାତ୍ରାରେ ବାହାରି ବେନର, ପ୍ଲାକାର୍ଡ ଧରି ରାଇକମା ଗ୍ରାମ ପରିକ୍ରମା କରିଥିଲେ। ପ୍ରଧାନଶିକ୍ଷକ ସମେତ ସମସ୍ତ ଶିକ୍ଷକ ଶିକ୍ଷିକା, ଶିଶୁ ସେବିକା ମାନନୀୟ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କର ପ୍ରବେଶ ଉତ୍ସବ ନିମନ୍ତ୍ରଣ ପତ୍ର ଘର ଘର ବୁଲି ବାଣ୍ଟି ଥିଲେ। ଆଗାମୀ ସେପ୍ଟେମ୍ବର ମାସପହିଲାକୁ ଯେଉଁ ପିଲାର ବୟସ ୫ବର୍ଷ /୬ ବର୍ଷ ପୂର୍ଣ୍ଣ ହେଉଥିବ, ସେମାନେ ଯଥାକ୍ରମେ ଶିଶୁବାଟିକା/ ପ୍ରଥମ ଶ୍ରେଣୀରେ ଆଡ଼ମିଶନ କରାଯିବ। ସେମାନଙ୍କୁ ଏପ୍ରିଲ ୨ ତାରିଖରେ ବିଦ୍ୟାଳୟକୁ ନେଇ ଆସିବାକୁ ପିତାମାତା/ ଅଭିଭାବକମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ ପତ୍ର ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷିକାସରସତୀ ଜେନା, ଦିପାଞ୍ଜଳି ଦାସ, ପ୍ରତିମା ପରିଡା, ସୁବାସିନୀ ପରିଡା, ଝୁଲଣା ରାୟ ପ୍ରମୁଖ ସହଯୋଗ କରିଥିଲେ।

# ଦିନରେ ଫେରି ରାତିରେ ଚୋରି : ବନ୍ଧାହେଲେ ଆନ୍ତଃରାଜ୍ୟ ଚୋର

ଠାକୁରମୁଣ୍ଡା ,(ସବ୍ୟୁ): ଅତିରିକ୍ତ ଏସପି ଯଦୁନାଥ ଜେନା ଠାକୁରମୁଣ୍ଡା ଥାନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପଶ୍ଚିମବଙ୍ଗରୁ ୨ ଦୁର୍ଦ୍ଦାନ୍ତ ଚୋରଙ୍କୁ ବାନ୍ଧି ଆଣିଥିବା ନେଇ ଖୁଲାସା କରିଛନ୍ତି। ଗତ ଫେବୃଆରୀ ୧୧ ତାରିଖ ରାତିରେ ସିନ୍ଧି କରି ଗୋଟିଏ ସୁନା ଗହଣା ଦୋକାନରୁ ଲକ୍ଷାଧିକ ମୂଲ୍ୟର ସୁନା, ରୁପା ନେଇଥିବା ନେଇ ଅଭିଯୋଗ ହୋଇଥିଲା । ପୋଲିସ ପାଇଁ ଚୋର ଧରିବା ଏକ ଚ୍ୟାଲେଞ୍ଜ ରେ ପରିଣତ ହୋଇଥିଲା । ଡିଆଇଜି ପିନାକ ମିଶ୍ରଙ୍କ ମାର୍ଗଦର୍ଶନ ଓ ଏସପି ବରୁଣ ଗୁଣ୍ଟୁପାଲିଙ୍କ ନେତୃତ୍ୱରେ ଏକ ଟିମ ଗଠନ ହୋଇଥିଲା । ଠାକୁରମୁଣ୍ଡା ଥାନାଧିକାରିଣୀ ସାବିତ୍ରୀ ଦଳେଇ ଏବଂ ମୋରଡା ଆଇଆଇସିଙ୍କୁ ନେଇ ଗଠିତ ଟିମ ସଦସ୍ୟମାନେ ନିର୍ଦ୍ଦିଷ୍ଟ ସୁରାକ ପାଇବା ପରେ ଝାଡଖଣ୍ଡ ଅଞ୍ଚଳରୁ ୨ଜଣଙ୍କୁ ଉଠାଇଆଣି ସେମାନଙ୍କ ନିକଟରୁ ସୁନା ଓ ରୁପା ତଥା ବ୍ୟବହୃତ ସାମଗ୍ରୀ ଜବତ କରିଛି । ମୁଖ୍ୟ ଆସାମୀ ସମେତ ଅନ୍ୟ ସାଥି ମାନେ ଖସି ଯାଇଛନ୍ତି । ତେବେ ସେମାନଙ୍କୁ ଖୁବ ଶୀଘ୍ର ଧରିବ ବୋଲି ପୋଲିସ ସାମମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସପି ଯଦୁନାଥ ଜେନା ସମେତ ଏସଡିପିଓ ନବକିଶୋର ନାଏକ, ଥାନାଧିକାରୀଣୀ ସାବିତ୍ରୀ ଦଳେଇ ଉପସ୍ଥିତ ଥିଲେ । ପୋଲିସ ସୂଚନା ମୁତାବକ ଚୋରୀରେ ୮ ଜଣ ସମ୍ପୃକ୍ତ ଅଛନ୍ତି । ଅଭିଯୁକ୍ତ ମାନେ ଠାକୁରମୁଣ୍ଡାରେ ରହି ଫେରି କରି ଚାଦର, ଲୁଗା ଆଦି ବିକ୍ରି କରୁଥିଲେ। ଦୋକାନ ସମ୍ପର୍କରେ ପୂର୍ଣ୍ଣ ବିବରଣୀ ହାସଲ କରି ଅନ୍ୟ ସାଥୀଙ୍କୁ ଡାକିଥିଲେ। ଆଡିଶନାଲ ଏସପି ନିବେଦନ କରି କହିଲେଯେ, ବାହାରୁ ଯେଉଁମାନେ ଫେରି କରିବାକୁ ଆସୁଛନ୍ତି ସ୍ଥାନୀୟ ଲୋକ ତାଙ୍କୁ ଆଶ୍ରୟ ଦିଅନ୍ତୁ ନାହିଁ ଏବଂ ପ୍ରଶ୍ରୟ ଦିଅନ୍ତୁ ନାହିଁ । ସେମାନଙ୍କ ଠାରୁ ନକିଣି ଦୋକାନରୁ କିଣନ୍ତୁ ସେମାନଙ୍କୁ କେହି ବି ଘର ଭଡା ଦେଉଥିଲେ ତାଙ୍କର ଆଧାର ସହିତ ପୂର୍ଣ୍ଣ ବିବରଣୀ ଥାନାରେ ଦାଖଲ କରିବାକୁ ସେ ଅପିଲ କରିଥିଲେ।


# ନାରୀଙ୍କ ଯନ୍ତ୍ରଣା, ଜୀବନ ସଂଘର୍ଷ ଓ 'ରେବତୀ'



ଭାସ୍କର ପରିଚ୍ଛା

## ପୁନରାବଲୋକନ-୫

ଫକୀର ମୋହନ ସେନାପତିଙ୍କ 'ରେବତୀ' (୧୮୯୮) ଓଡ଼ିଆ ସାହିତ୍ୟରେ ଏକ ଐତିହାସିକ ସ୍ଥାନ ଅଧିକାର କରି ଆସିଛି । ଏହାକୁ ଓଡ଼ିଆ ସାହିତ୍ୟର ପ୍ରଥମ କ୍ଷୁଦ୍ରଗଳ୍ପ ବୋଲି ଧରାଯାଏ ଏବଂ ଏହା ଊନବିଂଶ ଶତାବ୍ଦୀର ଶେଷଭାଗରେ ଗ୍ରାମୀଣ ଓଡ଼ିଶାର ସାମାଜିକ ପରିସ୍ଥିତିକୁ ଗଭୀର ଭାବରେ ପ୍ରତିଫଳିତ କରିଥାଏ । ସରଳ କିନ୍ତୁ ଗମ୍ଭୀର ଶୈଳୀରେ ଲେଖା ଯାଇଥିବା ଏହି କାହାଣୀରେ ନାରୀ ଶିକ୍ଷା, ପୁରୁଷତାନ୍ତ୍ରିକ ମନୋଭାବ, ଅନ୍ଧବିଶ୍ୱାସ ଓ ସମାଜରେ ନାରୀଙ୍କ ସ୍ଥିତି ଭଳି ମୁଖ୍ୟ ଦିଗଗୁଡ଼ିକୁ ଉନ୍ମୋଚିତ କରାଯାଇଛି । ରେବତୀ ଯଦିଓ ଗୋଟିଏ କ୍ଷୁଦ୍ର ଗଳ୍ପ, ଏହା ଆଧୁନିକ ଓଡିଆ ଉପନ୍ୟାସର ମୂଳଦୁଆ ପକାଇଥିଲା ଏବଂ ସେହି କାରଣରୁ





ଏହାକୁ ଉପନ୍ୟାସର ମାନ୍ୟତା ଦିଆଯାଇଥାଏ ।

କାହାଣୀର କେନ୍ଦ୍ରବିନ୍ଦୁରେ ଦଶବର୍ଷୀୟା ରେବତୀ, ଯିଏ କଟକ ଜିଲ୍ଲାର ପାଟପୁର ଗାଁରେ ବସବାସ କରେ । ସେ ଅନ୍ୟ ଝିଅମାନଙ୍କ ଭଳି ନୁହେଁ । ତା' ମନରେ ପଢ଼ିବା ଓ ଲେଖିବାର ପ୍ରବଳ ଆକାଂକ୍ଷା ରହିଛି । କିନ୍ତୁ ସେହି ସମୟର ସମାଜ ଏହାକୁ ନିଷିଦ୍ଧ ଇଚ୍ଛା ଭାବରେ ଦେଖିଛି । ତା'ର ପିତା ଶ୍ୟାମବନ୍ଧୁ ମହାନ୍ତି କିନ୍ତୁ ଜଣେ ପ୍ରଗତିଶୀଳ ମନୋଭାବର ଲୋକ, ଯିଏ ଝିଅର ଶିକ୍ଷାକୁ ସମର୍ଥନ କରନ୍ତି । ସେହିପରି ଗାଁର ଶିକ୍ଷକ ବାସୁଦେବ ମଧ୍ୟ ରେବତୀଙ୍କୁ ପଢ଼ାଇବାକୁ ଉତ୍ସାହିତ କରାନ୍ତି । ଏହି ଦୁଇଜଣ ପୁରୁଷ ତତ୍କାଳୀନ ସମାଜରେ ଉଦୟମାନ ପରିବର୍ତ୍ତନ ଓ ସୁଧାରମୂଳକ ଚେତନାର ପ୍ରତୀକ ।

କିନ୍ତୁ ଏହି ପ୍ରଗତିଶୀଳ ଚିନ୍ତାଧାରା ବିରୋଧରେ ଥାଆନ୍ତି ଘରର ଜେଜେମା, ଯିଏ ପୁରୁଣା ପ୍ରଥା ଓ ଅନ୍ଧବିଶ୍ୱାସର ପ୍ରତୀକ । ସେ ଭାବନ୍ତି ଯେ ଝିଅମାନଙ୍କୁ ପଢ଼ାଇବା ପ୍ରକୃତି ବିରୋଧୀ ଓ ପାପ । ତାଙ୍କ ଦୃଷ୍ଟିରେ ଏହା ସମାଜିକ ଓ ଧାର୍ମିକ ନିୟମର ଉଲ୍ଲଂଘନ । ସେ ବାରମ୍ବାର ଚେତାବନୀ ଦିଅନ୍ତି ଯେ ଏହାର ଫଳ ଭୟାବହ ହେବ । 'ଲୋ ରେବତି ! ଲୋ ରେବ ! ଲୋ ନିଆଁ !' ଏପରି କିଛି ଉଚ୍ଚାରଣ ନାରୀ ଶିକ୍ଷା ପ୍ରତି ସମାଜର ଭୟ ଓ ବିରୋଧକୁ ସ୍ପଷ୍ଟ କରେ ।





କାହାଣୀରେ ହଠାତ୍ ଏକ ଦୁଃଖଦ ପରିବର୍ତ୍ତନ ଆସେ, ଯେତେବେଳେ ଗାଁରେ ମହାମାରୀ ବ୍ୟାପିଯାଏ । ଏହି ରୋଗ ପ୍ରଥମେ ରେବତୀର ପିତାଙ୍କୁ ନେଇଯାଏ, ପରେ ମାଆଙ୍କୁ ମଧ୍ୟ । ପରିବାରର ଆର୍ଥିକ ଓ ଭାବନାତ୍ମକ ଭିତ୍ତି ଧ୍ୱଂସ ହୋଇଯାଏ । କିନ୍ତୁ ଜେଜେମାଙ୍କ ଦୃଷ୍ଟିରେ ଏହି ସବୁ ବିଘଟଣ ସାଧାରଣ ନୁହେଁ, ସେଗୁଡ଼ିକୁ ସେ ରେବତୀର ଶିକ୍ଷାର ପରିଣାମ ବୋଲି ଦେଖନ୍ତି । ରେବତୀ ଅନ୍ୟାୟ ଭାବେ ସମସ୍ତ ଘଟଣାରେ ଦୋଷୀ ହୋଇଯାଏ ।

ପିତାମାତାଙ୍କ ମୃତ୍ୟୁ ପରେ ରେବତୀର ଜୀବନ ଅଧିକ କଷ୍ଟଦାୟକ ହୋଇଯାଏ । ଜେଜେମାଙ୍କ ଅଭିଯୋଗ ଓ କଠୋର ବ୍ୟବହାର ତା' ମନୋବଳକୁ ଭାଙ୍ଗିଦିଏ । ଏହି ସମୟରେ ତା' ଜୀବନର ଆଉ ଏକ ମହତ୍ତ୍ୱପୂର୍ଣ୍ଣ ସମ୍ପର୍କ- ଶିକ୍ଷକ ବାସୁଦେବଙ୍କ ତା' ପ୍ରତି ଥିବା ସ୍ନେହ- କାହାଣୀକୁ ଅଧିକ ଭାବପ୍ରବଣ କରେ । କିନ୍ତୁ ଏହି ଆଶା ମଧ୍ୟ ଦୀର୍ଘ ସମୟ ରହି ପାରେନି, କାରଣ ବାସୁଦେବ ମଧ୍ୟ ମହାମାରୀରେ ପ୍ରାଣ ହରାନ୍ତି । ଏହା ରେବତୀ ପାଇଁ ଶେଷ ଆଘାତ ସାବ୍ୟସ୍ତ ହୁଏ ।

ସମସ୍ତ ଆଶ୍ରୟ ଓ ସ୍ନେହ ହରାଇ ରେବତୀ ସଂପୂର୍ଣ୍ଣ ଏକାକୀନୀ ହୋଇଯାଏ । ତାର ଶିକ୍ଷାର ସ୍ୱପ୍ନ, ଯାହା ଦିନେ ଆଶା ଓ ପ୍ରଗତିର ପ୍ରତୀକ ଥିଲା, ସମାଜର କୁସଂସ୍କାର ଓ ପାରିବାରିକ ଦୁର୍ଦ୍ଦଶା ସହିତ ଧ୍ୱଂସ ହୋଇଯାଏ । ଦୁଃଖ, ନିରାଶା ଓ ଅନ୍ୟାୟ ଅଭିଯୋଗର ଭାର ବୋହି ନପାରି ଅବଶେଷରେ ସେ ଚାଲିଯାଏ ।

ଯଦିଓ କାହାଣୀର ଉପସଂହାର ଦୁଃଖଦ, ରେବତୀ ମାନସିକ ଓ ସାମାଜିକ ସ୍ତରରେ ପାଠକଙ୍କୁ ଚିନ୍ତା କରିବାର ସୁଯୋଗ ଦିଏ । ମୋଟାମୋଟି ଭାବରେ ଦେଖିଲେ ଏହା ଏକ ଚେତାବନୀ ଭଳି ଲାଗିପାରେ, କିନ୍ତୁ ଗଭୀରତା ସହ ବିଚାର କଲେ ଏହା ଅନ୍ଧବିଶ୍ୱାସ ଓ ପୁରୁଣା ପ୍ରଥା ଉପରେ ତୀବ୍ର ସମାଲୋଚନା । ଫକୀର ମୋହନ ଦେଖାଇଛନ୍ତି ଯେ ପ୍ରାକୃତିକ ଦୁର୍ଘଟଣାକୁ ନାରୀ ଶିକ୍ଷା ସହ ଯୋଡ଼ିବା କେତେ ଅସଂଗତ ଓ ଅନ୍ୟାୟ ଥିଲା ।

ରେବତୀ କାହାଣୀର ଆଉ ଏକ ଦିଗ ହେଉଛି ଏହାର ଧାରଣାଗତ ଦ୍ୱନ୍ଦ୍ୱ । ଏହା ନାରୀ ଶିକ୍ଷାକୁ ସମର୍ଥନ କରିଥିବା ସତ୍ତ୍ୱେ ଏକ ସଫଳ ଓ ସୁଖାନ୍ତ ଫଳ ପ୍ରଦର୍ଶିତ କରେ ନାହିଁ । ଗଳ୍ପଟି ଦେଖାଇଛି ଯେ ସମାଜିକ ପରିବର୍ତ୍ତନ ଅତ୍ୟନ୍ତ ଧୀର ଓ କଷ୍ଟସାଧ୍ୟ ପ୍ରକ୍ରିୟା ।

ସାହିତ୍ୟ ଦୃଷ୍ଟିରୁ 'ରେବତୀ' ଓଡ଼ିଆ ସାହିତ୍ୟରେ ଏକ ନୂତନ ଧାରାର ଆରମ୍ଭ କରିଥିଲା । ଏହା ପରବର୍ତ୍ତୀ ଲେଖକମାନଙ୍କୁ, ବିଶେଷକରି ନାରୀ ଲେଖିକାମାନଙ୍କୁ, ପ୍ରେରଣା ଦେଇଥିଲା । ସରଳ କାହାଣୀ ମାଧ୍ୟମରେ ଗଭୀର ସତ୍ୟକୁ ପ୍ରକାଶ କରିବାରେ ଫକୀର ମୋହନଙ୍କ କୌଶଳ ଅପୂର୍ବ ।

ଏହି କାହାଣୀ ଆଜି ମଧ୍ୟ ସମାନ ଭାବେ ପ୍ରାସଙ୍ଗିକ, କାରଣ ଗ୍ରାମୀଣ ଭାରତର ଅନେକ ସ୍ଥାନରେ ନାରୀ ଶିକ୍ଷା ଓ ସମାନ ଅଧିକାର ପାଇଁ ସଂଘର୍ଷ ଏବେ ବି ଚାଲିଛି ।

**ରେବତୀ ଏକ ଦୁଃଖଦ କାହାଣୀ ହେଉଥିବା ସତ୍ତ୍ୱେ ଏହା ନାରୀ ସଶକ୍ତିକରଣ ଓ ସାମାଜିକ ସଚେତନତାର ଏକ ଶକ୍ତିଶାଳୀ ପ୍ରତୀକ । ରେବତୀ ପାତ୍ରଟି ଏକାଧାରରେ ନିର୍ଦ୍ଦୋଷର ଶିକାର ହୁଏ ଓ ପ୍ରତିରୋଧର ପ୍ରତୀକ ମଧ୍ୟ । ଏହି ଗଳ୍ପଟି ଆମକୁ ସମାଜର ଅନ୍ୟାୟ ଓ ଲିଙ୍ଗ ବିଷମତା ବିଷୟରେ ଗଭୀର ଭାବରେ ଚିନ୍ତା କରିବାକୁ ପ୍ରେରିତ କରେ ।**

**ସାହିତ୍ୟ ଦୃଷ୍ଟିରୁ ରେବତୀ ଓଡ଼ିଆ ସାହିତ୍ୟରେ ଏକ ନୂଆ ଯୁଗର ଆରମ୍ଭ କରିଥିଲା । ଏହା ପରବର୍ତ୍ତୀ ଲେଖକମାନଙ୍କୁ, ବିଶେଷକରି ନାରୀ ଲେଖିକାମାନଙ୍କୁ, ପ୍ରେରଣା ଦେଇଥିଲା ।** ଆଜିର ପରିପ୍ରେକ୍ଷ୍ୟରେ ମଧ୍ୟ ରେବତୀ ଅତ୍ୟନ୍ତ ପ୍ରାସଙ୍ଗିକ । ଗ୍ରାମୀଣ ଭାରତର ଅନେକ ସ୍ଥାନରେ ଝିଅମାନେ ଏପର୍ଯ୍ୟନ୍ତ ଶିକ୍ଷା ଓ ସମାନ ଅଧିକାର ପାଇଁ ସଂଘର୍ଷ କରୁଛନ୍ତି । ଏହି କାହାଣୀ ଆମକୁ ସେହି ସଂଘର୍ଷକୁ ସ୍ମରଣ କରାଏ ଏବଂ ସମାଜକୁ ଅଧିକ ନ୍ୟାୟସଙ୍ଗତ ଓ ସମାନତାମୂଳକ କରିବାକୁ ପ୍ରେରିତ କରେ । ନାରୀ ସଶକ୍ତିକରଣ ଓ ସାମାଜିକ ସଚେତନତାର ଏକ ଶକ୍ତିଶାଳୀ ଆହ୍ୱାନ ଫକୀରମୋହନଙ୍କ ଏହି ଗଳ୍ପ ।

**ରେବତୀ ଓଡ଼ିଆ ସାହିତ୍ୟରେ ନାରୀ ଚରିତ୍ରର ଏକ ନୂତନ ଧାରାର ଆରମ୍ଭ କରିଥିଲା, ଯାହାର ଫଳସ୍ୱରୂପ ସରଳା ଦେବୀ, କୁନ୍ତଳା କୁମାରୀ ସାବତ, କୋକିଳା ଦେବୀ ପ୍ରଭୃତି ନାରୀ ଲେଖିକାମାନେ ଉଦୟ ହେଲେ । ପରବର୍ତ୍ତୀ ସମୟରେ ମଧ୍ୟ ଓଡ଼ିଆ କ୍ଷୁଦ୍ରଗଳ୍ପ ଲେଖକମାନଙ୍କୁ ଏହି କାହାଣୀ ଗଭୀର ଭାବେ ପ୍ରଭାବିତ କରିଛି ।**

ରେବତୀ ପ୍ରଥମେ ଉତ୍କଳ ସାହିତ୍ୟ ପତ୍ରିକାର ୧୦ମ ଖଣ୍ଡରେ ପ୍ରକାଶିତ ହୋଇଥିଲା । ୧୯୮୦ ଦଶକରେ ଜଗଦୀଶ ମହାନ୍ତି ରେବତୀ ପାତ୍ରକୁ ଆଧାର କରି ଗୋଟିଏ ନୂତନ କାହାଣୀ ରଚନା କରିଥିଲେ, ଯାହା ଓଡ଼ିଆ ସାହିତ୍ୟରେ ଏକ ନୂଆ ପରମ୍ପରା ସୃଷ୍ଟି କରିଥିଲା । ତାହାକୁ କେନ୍ଦ୍ର କରି ଶତାଧିକ କାହାଣୀ ରଚିତ ହେଲା, ଯେଉଁଥିରେ ରେବତୀ ପାତ୍ରଟିକୁ ସମୟ ପରିବର୍ତ୍ତନ ସହିତ ନାରୀ ଭାଗ୍ୟର ପ୍ରତୀକ ଭାବେ ଦେଖାଯାଇ ଆସିଛି । ଫକୀରମୋହନ ଓ ଜଗଦୀଶ ମହାନ୍ତିଙ୍କ ରେବତୀ ସମେତ ଏହି ଧରଣର ସମସ୍ତ କାହାଣୀକୁ ଏକାଠି କରି ଅସିତ କୁମାର ମହାନ୍ତି ଏକ ସଂକଳନ ବି ପ୍ରସ୍ତୁତ କରିଛନ୍ତି ।

୨୦୨୧ରେ ଧଉଳି ବୁକ୍ସ Rebati: Speaking in Tongues ପ୍ରକାଶ କରିଥିଲା । ଏଥିରେ ପ୍ରସିଦ୍ଧ ଅନୁବାଦକମାନଙ୍କ ଦ୍ୱାରା ୩୬ଟି ଜାତୀୟ ଓ ଅନ୍ତର୍ଜାତିକ ଭାଷାରେ ରେବତୀ କାହାଣୀର ଅନୁବାଦ ପଢ଼ିବାକୁ ମିଳିବ । ଭାରତର ୨୩ଟି ଅନୁସୂଚିତ ଭାଷା ଓ ୨ଟି ଅଣଅନୁସୂଚିତ ଭାଷା ସମେତ ଜର୍ମାନ, ଜାପାନୀ, ରୁଷ, ଫରାସୀ, ସ୍ପାନିଶ, ପଲିଶ, ହିବ୍ରୁ, ତୁର୍କି, ସିଂହଳ, ନେପାଳୀ ବାଲୋଚି, ଉଜବେକ ଏବଂ ପଞ୍ଜାବୀ-ଗୁରୁମୁଖୀ ପରି ୧୨ଟି ବିଦେଶୀ ଭାଷା ମଧ୍ୟ ଏହି ପୁସ୍ତକରେ ଅନ୍ତର୍ଭୁକ୍ତ ହୋଇଛି ଏବଂ ସେହି ସବୁ ଭାଷାରେ ରେବତୀ ପହଞ୍ଚି ପାରିଛି । ରେବତୀ ଗଳ୍ପର ବୈଶ୍ୱିକ ଯାତ୍ରା ଅତୁଳନୀୟ !

**ଭୁବନେଶ୍ୱର, ମୋ-୯୩୩୭୫୦୮୫୯୨**

---

## କଟକ ଲୋକଙ୍କ ଜୀବନଧାରା ମୋତେ ଗଭୀର ଭାବେ ପ୍ରଭାବିତ କରିଥିଲା:

# କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ଗିରିଜା ବଳିଆର ସିଂ

ଗିରିଜା ବଳିୟାର ସିଂହ ଓଡ଼ିଆ ସାହିତ୍ୟ ଜଗତର ଜଣେ ଅନ୍ୟତମ ସୃଜନଶୀଳ ପ୍ରତିଭା । ହୃଦୟର ନିଭୃତ ନିଳୟର ପ୍ରତ୍ୟେକ ଅଳିନ୍ଦରୁ ଜାତ ପ୍ରେରଣା ସ୍ପନ୍ଦନ ହେଉଛି ତାଙ୍କର ସର୍ଜନା । ଲେଖନୀର ବଳିଷ୍ଠ ମୁନରେ ପରିସ୍ଫୁଟିତ କରନ୍ତି ମାନବୀୟ ସଂସ୍କୃତିର ଅମୃତ ଧାରା ।

ତାଙ୍କର ସୃଷ୍ଟିରେ ଜୀବନ୍ତ ହୋଇପଡେ ଗ୍ରାମ୍ୟ,ସହର ଦେଶ ବିଦେଶର ଭୌଗୋଳିକ ପ୍ରବଣତା । ମହାନଦୀ ଓ କାଠଯୋଡି ପଠାରେ କଣ୍ଟେଇକୋଳିର ବାସ୍ନା, ପହିଲି ବର୍ଷାରେ ମାଟିର ସୁଗନ୍ଧ ହେଉ ବା ସୁଲୁସୁଲିଆ ପବନରେ ତରଙ୍ଗାୟିତ କାଶତଣ୍ଡିର ଦୃଶ୍ୟ ତାଙ୍କୁ ଦେଇଛି ସ୍ରଷ୍ଟାର ପରିଚୟ । ତାଙ୍କଦ୍ୱାରା ରଚିତ ଓଡ଼ିଆ କବିତା ସଂକଳନ 'ପାଦପୂରଣ' ଗତ ୨୦୨୫ ମସିହା ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହେଇଛି । ବିଳମ୍ବରେ ଏକାଡେମୀ କର୍ତ୍ତୃପକ୍ଷ ଏହି ଘୋଷଣା କରିଛନ୍ତି ।

ତାଙ୍କ ସହ କଟକରୁ ଆମ 'ସମୟ' ପ୍ରତିନିଧି ଶ୍ରୀ ପ୍ରଫୁଲ୍ଲ ମହାନ୍ତି କରିଥିବା ଏକ ସାକ୍ଷାତକାରର କିୟଦଂଶ ।





**ପ୍ରଶ୍ନ:** ଆପଣ କେବେଠାରୁ ଲେଖା ଆରମ୍ଭ କଲେ?

**ଉତ୍ତର:** ମୁଁ ଖୁବ୍ ପିଲାଦିନରୁ ଲେଖା ଆରମ୍ଭ କରିଥିଲି । କଟକକୁ ପିଲାଦିନରୁ ଦେଖିଥିବାରୁ ସେଠାର ଇତିହାସ, ପରିବେଶ ଏବଂ ଲୋକଙ୍କ ଜୀବନଧାରା ମୋତେ ଗଭୀର ଭାବେ ପ୍ରଭାବିତ କରିଥିଲା । ପିଲାଦିନର ଅନୁଭୂତି ମୋର ଲେଖାରେ ଏକ ଅଲଗା ପ୍ରବଣତା ଆଣିଥିଲା ।

**ପ୍ରଶ୍ନ:** ଆପଣ ଲେଖିବା ପାଇଁ କେଉଁଠୁ ପ୍ରେରଣା ପାଇଲେ?

**ଉତ୍ତର:** ପ୍ରେରଣା ଏକ ଆତ୍ମାନୁଭୂତି । ଆମେ ଆଖି ଖୋଲିଲେ ବାହ୍ୟ ଦୃଶ୍ୟ ଦେଖୁଥାଉଁ, କିନ୍ତୁ ଆଖି ବୁଜିଲେ ମନର ଭିତର ଦୃଶ୍ୟ ଅଧିକ ସ୍ପଷ୍ଟ ହୋଇ ଆସେ । ସେହି ଅନ୍ତର୍ଜାତ ଅନୁଭୂତି ହିଁ ମୋର କବିତା ଓ ସୃଜନଶୀଳତାର ମୂଳ ସ୍ରୋତ ।

**ପ୍ରଶ୍ନ:** ଆପଣଙ୍କ 'ପାଦପୂରଣ' କୃତିକୁ ଆପଣ ସର୍ବଶ୍ରେଷ୍ଠ ବୋଲି ଭାବୁଛନ୍ତି କି?

**ଉତ୍ତର:** ନା । ମୁଁ କେବେ ଏମିତି ଭାବୁନି ଯେ କୌଣସି କୃତି ପୁରସ୍କାର ପାଇବା ପାଇଁ ଲେଖାଯାଏ । ଏ କଥା ସତ ଯେ କବି ପ୍ରଥମେ ନିଜକୁ ଭୁଲିଯାଏ । ଯେତେବେଳେ ସେ ନିଜକୁ ଭୁଲିଯାଏ, ସେତେବେଳେ ତା'ର ଭିତରୁ ସ୍ୱତଃସ୍ଫୂର୍ତ୍ତ ଭାବେ କବିତା ବାହାରିଥାଏ ।

**ପ୍ରଶ୍ନ:** ଆପଣଙ୍କ କବିତାରେ ମାନବିକତା କିପରି ପ୍ରକାଶ ପାଏ?

**ଉତ୍ତର:** ମୋର କବିତା ଏକ ବିଚିତ୍ରମୟ ଜଗତ । ଏଥିରେ ଗାଁ, ସହର, ଦେଶ, ମଣିଷର ଦୁଃଖ, ସୁଖ ଓ ଅନ୍ୟାୟ-ସବୁକିଛି ରହିଛି । ମନର ଭାବନା ଏବଂ ଅନୁଭୂତି ମିଶି ମାନବିକତାକୁ ଗଢ଼େ ।

**ପ୍ରଶ୍ନ:** ଆପଣଙ୍କ ଲେଖାରେ ଗ୍ରାମୀଣ ଜୀବନକୁ ଅଧିକ ଗୁରୁତ୍ୱ ଦିଆଯାଇଛି କି?

**ଉତ୍ତର:** ନା । କେବଳ ଗ୍ରାମୀଣ ଜୀବନ ନୁହେଁ । ମୋର ଲେଖାରେ ସମସ୍ତ ଦିଗ-ଗାଁ, ସହର, ଦେଶ ଓ ବିଶ୍ୱ-ସବୁକିଛିର ଛବି ରହିଛି । ଏହା ଏକ ବଂଶଲତା ଭଳି, ଯାହାର ଆରମ୍ଭ ଘରୁ ହୋଇ ବିଶ୍ୱ ପର୍ଯ୍ୟନ୍ତ ପ୍ରସାରିତ ।

**ପ୍ରଶ୍ନ:** ସାହିତ୍ୟ କେବେ ଆବଦ୍ଧ ହୋଇପାରେ କି?

**ଉତ୍ତର:** ସାହିତ୍ୟ କେବେ ଆବଦ୍ଧ ନୁହେଁ । ଏହା ଏକ ସ୍ୱାଧୀନ ଧାରା, ଯାହା ସମୟ, ସମାଜ ଓ ଅନୁଭୂତି ସହ ଚାଲିଥାଏ ।

**ପ୍ରଶ୍ନ:** ଆଧୁନିକ ଯୁଗରେ (AI) କୃତ୍ରିମ ବୁଦ୍ଧିମତା ସାହିତ୍ୟକୁ ପ୍ରଭାବିତ କରୁଛି କି?


**ଉତ୍ତର:** କୃତ୍ରିମ ବୁଦ୍ଧିମତା (AI) ସାହିତ୍ୟକୁ ସହାୟତା କରିପାରେ, କିନ୍ତୁ ସାହିତ୍ୟର ମୂଳ ହେଉଛି ହୃଦୟର ସ୍ପନ୍ଦନ । ଯନ୍ତ୍ର ଏହାକୁ ସୃଷ୍ଟି କରିପାରିବ ନାହିଁ ।

**ପ୍ରଶ୍ନ:** ଆପଣଙ୍କ ଜୀବନର ଲକ୍ଷ୍ୟ କ'ଣ?

**ଉତ୍ତର:** ମୋର ଜୀବନ ଯୋଜନାହୀନ, କିନ୍ତୁ ସ୍ୱାଧୀନ । ମୁଁ ମୋର ଭିତର ଅନୁଭୂତିକୁ ଅନୁସରଣ କରି ବଞ୍ଚିବାକୁ ପସନ୍ଦ କରେ ।

**ପ୍ରଶ୍ନ:** ଆଗାମୀ ପିଢ଼ି ପାଇଁ ଆପଣଙ୍କ ସନ୍ଦେଶ କ'ଣ?

**ଉତ୍ତର:** ମୁଁ କାହାକୁ ଉପଦେଶ ଦେବିନି । ପ୍ରତ୍ୟେକ ଲୋକ ନିଜର ରାସ୍ତା ନିଜେ ତିଆରି କରିବା ଉଚିତ । ଅନ୍ୟମାନଙ୍କୁ ଅନୁସରଣ କରିବାଠାରୁ ନିଜ ଅନୁଭୂତିକୁ ଅନୁସରଣ କରିବା ଅଧିକ ଜରୁରୀ ।



**ପ୍ରଶ୍ନ:** ଆଜିର ଯୁବ ଲେଖକମାନଙ୍କ ପାଇଁ କ'ଣ କହିବେ?

**ଉତ୍ତର:** ସେମାନେ ଅଧିକ ପଢ଼ିବା ସହିତ ଲୋକମାନଙ୍କୁ ବୁଝିବା ଦରକାର । କେବଳ ନିଜକୁ ଲେଖକ ବୋଲି କହିଲେ ହେବ ନାହିଁ-ସତ୍ୟ ଉପରେ ଆଧାରିତ ସୃଜନଶୀଳତା ଓ ଅନୁଭୂତି ଦରକାର ।

**ପ୍ରଶ୍ନ:** ସମାଜରେ ସାହିତ୍ୟର ଆବଶ୍ୟକତା କେତେ?

**ଉତ୍ତର:** ସାହିତ୍ୟ ବହୁତ ଦରକାର । ଏହା ମନୁଷ୍ୟର ଦୁଃଖକୁ ଭୁଲାଇଦିଏ, ଜୀବନକୁ ଅନୁଭବ କରିବାର ଶକ୍ତି ଦିଏ ଏବଂ ମନକୁ ସମ୍ବେଦନଶୀଳ କରେ ।

**ପ୍ରଶ୍ନ:** ଅନ୍ୟ ଲେଖକମାନଙ୍କ ସହ ଆପଣଙ୍କ ସମ୍ପର୍କ କେମିତି?

**ଉତ୍ତର:** ମୋର ପୂର୍ବଜ ଲେଖକମାନଙ୍କ ସହ ଗଭୀର ସ୍ନେହ ଓ ସମ୍ମାନର ସମ୍ପର୍କ ରହିଛି । ସେମାନଙ୍କର ଆଶୀର୍ବାଦ ଓ ପ୍ରେରଣା ମୋତେ ଆଗକୁ ବଢ଼ାଇଛି ।

**ପ୍ରଶ୍ନ:** ଆପଣଙ୍କର ଲେଖନୀରେ ଅନ୍ୟାୟ, ଯୁଦ୍ଧ, ମାନବିକ ସଂକଟ ଆଦି କେମିତି ପ୍ରବେଶ କରେ?

**ଉତ୍ତର:** ସମାଜରେ ଯାହା କିଛି ଘଟୁଛି-ଯୁଦ୍ଧ, ଅନ୍ୟାୟ, ନିର୍ଯ୍ୟାତନା, ମଣିଷର ଦୁଃଖ-ସେସବୁ ମୋତେ ଗଭୀରଭାବେ ଛୁଇଁଯାଏ । ସେହି ଅନୁଭୂତିମାନ ମୋର ଲେଖାରେ ସ୍ୱାଭାବିକ ଭାବେ ପ୍ରବେଶ କରେ ।

**ପ୍ରଶ୍ନ:** 'ବଂଶଲତା' ବା 'ଲିନିଏଜ୍' ବିଷୟଟିକୁ ଆପଣ କିପରି ବ୍ୟାଖ୍ୟା କରିବେ?

**ଉତ୍ତର:** ବଂଶ ମାନେ କେବଳ ପରିବାର ନୁହେଁ । ଏହା ଗୋଟିଏ ଯାତ୍ରା-ଘରୁ ଆରମ୍ଭ କରି ସମାଜ, ଦେଶ ଏବଂ ବିଶ୍ୱ ପର୍ଯ୍ୟନ୍ତ । ଶେଷରେ ସମସ୍ତେ ନିଜ ମୂଳକୁ ଫେରିଆସନ୍ତି-ସେହି ମୂଳ ହେଉଛି ଘର ।

**ପ୍ରଶ୍ନ:** ସାହିତ୍ୟରେ ବିଭିନ୍ନ ଭାବ-ଦୁଃଖ, ଆନନ୍ଦ, କ୍ରୋଧ-ସବୁ ଥିବା ଆବଶ୍ୟକ କି?

**ଉତ୍ତର:** ନିଶ୍ଚୟ । ସାହିତ୍ୟ ଗୋଟିଏ ସମୁଦ୍ର ଭଳି । ଏଥିରେ ସବୁ ଭାବ-ଦୁଃଖ, ସୁଖ, କ୍ରୋଧ, ଉଲ୍ଲାସ-ମିଶିଥାଏ । ଏହି ସମନ୍ୱୟ ହିଁ ସାହିତ୍ୟର ସୌନ୍ଦର୍ଯ୍ୟ ।

**ପ୍ରଶ୍ନ:** ସାହିତ୍ୟ ମଣିଷର ଜୀବନକୁ କିପରି ପ୍ରଭାବିତ କରେ?

**ଉତ୍ତର:** ସାହିତ୍ୟ ମଣିଷଙ୍କୁ ଆନ୍ତରିକ ଶାନ୍ତି ଦିଏ । ଏହା ଦୁଃଖକୁ କମାଇଥାଏ, ମନକୁ ସନ୍ତୁଳିତ କରେ ଏବଂ ଜୀବନକୁ ନୂଆ ଭାବରେ ଦେଖିବାକୁ ସାହାଯ୍ୟ କରେ ।

**ପ୍ରଶ୍ନ:** ସୋସିଆଲ ମିଡିଆ ଯୁଗରେ ଯେକୌଣସି ଲୋକ ନିଜକୁ 'ଲେଖକ' ବୋଲି କହୁଛନ୍ତି-ଏହାକୁ ଆପଣ କିପରି ଦେଖୁଛନ୍ତି?

**ଉତ୍ତର:** ଏହା ଏକ ପ୍ରବୃତ୍ତି । କିନ୍ତୁ ସତ ଲେଖକ ହେବା ପାଇଁ ଗଭୀର ପାଠପଢ଼ା, ଅନୁଭୂତି ଏବଂ ଭାଷା ଉପରେ ଦକ୍ଷତା ଥିବା ଆବଶ୍ୟକ । କେବଳ ଲେଖି ଦେଲେ ଲେଖକ ହୋଇପାରିବେ ନାହିଁ ।

**ପ୍ରଶ୍ନ:** ଯୁବପିଢ଼ି ପାଇଁ ଆପଣଙ୍କ ମତାମତ କ'ଣ?

**ଉତ୍ତର:** ଯୁବପିଢ଼ି ଦୁଃସାହସୀ ହେବା ଦରକାର । ସେମାନେ ନିଜ ମନର କଥାକୁ ଶୁଣନ୍ତୁ, ଅନ୍ୟମାନଙ୍କ ଚାପରେ ନ ପଡ଼ନ୍ତୁ । ନିଜର ପଥ ନିଜେ ତିଆରି କରନ୍ତୁ ।

**ପ୍ରଶ୍ନ:** ଆପଣ ଏକ ଉଦାହରଣ ଦେଇଥିଲେ ଯୁବପିଢ଼ିର ଜୀବନ ସମ୍ପର୍କରେ-ସେଥି ପାଇଁ କିଛି କହିବେ?

**ଉତ୍ତର:** ମୁଁ ଏମିତି ଘଟଣା ଦେଖିଛି ଯେଉଁଠାରେ ଯୁବକମାନେ ସମାଜର ଚାପରେ ନିଜର ସ୍ୱପ୍ନ ଛାଡ଼ି ଦେଇଛନ୍ତି, ଏପର୍ଯ୍ୟନ୍ତ ଜୀବନକୁ ସମାପ୍ତ କରି ଦେଇଛନ୍ତି । ଯଦି ସେମାନେ ନିଜର ମନକୁ ଶୁଣିଥାନ୍ତେ, ସେମାନଙ୍କ ଜୀବନ ଅନ୍ୟ ଭଳି ହୋଇ ପାରୁଥାନ୍ତା ।

---

# କବିତା

## ଖୋଜିବା ଥମେନି...



କାମାକ୍ଷା ମହତାବ

ଭାବ ସରିଯାଏ
ହେଲେ ଭାବନା ସରେନି...
ଅନ୍ତିମ କ୍ଷଣ ବି ଲାଗେ ଯେମିତି
ଆରମ୍ଭ ହିଁ ହୋଇନି...
କିଛି ତ ହଜିନି
ତଥାପି ଖୋଜିବା ଥମେନି...
ସଭିଙ୍କ ମୁହଁରେ ଗୋଟିଏ କଥା
କିଛି ନେଇ କରି ଯିବାନି
ତାହେଲେ କୁହ ବନ୍ଧୁ
ତୋର ମୋର
ଆଉ ମୋର ତୋର
ବିବାଦ କାହିଁକି ତୁଟୁନି...

**ମୋ-୯୯୩୭୦୯୭୫୩୭**



## ବନ୍ଦ କର ବିଶ୍ୱ ଯୁଦ୍ଧ



ଦିଲ୍ଲୀପ ଶତପଥୀ

ତମ୍ପ ଚଳାଉଛି ଗୋଟି,
ଥରୁଛି ବସୁଧା ମାଟି,
ଚିପିଲେ ସୁଇଚ କୋଠା ଭୁଶୁଡୁଛି
ଦେଖୁଚି ଆଖି ତରାଟି ।
ଥିଲା କୁରୁକ୍ଷେତ୍ର ମାଟି
ଶକୁନି ଚଳାଏ ଗୋଟି,
କୌରବ ପାଣ୍ଡ ସେନା ସେନାପତି
ସାମନାରେ ଭେଟାଭେଟି ।
ଇଏ କିମିତିକା ଯୁଦ୍ଧ,
ନାହିଁ ଯହିଁ ରକ୍ତପାତ,
ମିଜାଇଲି ମାରି ଦେଶର ସମ୍ପତ୍ତି
କରୁଅଛ ଧୂଳିସାତ ।
ଆସ ଆସ ସେନାପତି,
ଧରି ତୁମ ଯନ୍ତ୍ରପାତି,
ଶତ୍ରୁ ପକ୍ଷ ସେନା ପଡିଆରେ ରେଡି
ଚଢି ତାଙ୍କ ଘୋଡା ହାତୀ ।
କ୍ଷେପଣାସ୍ତ୍ର କରି ମାଡ଼,
ଭାଙ୍ଗ ଦେଶ ମେରୁ ହାଡ଼,
ଦେଶର ଜନତା ନଖାଇ ମରନ୍ତୁ
ଅବା ଯାଅ ଦେଶ ଛାଡ଼ ।
ପାଞ୍ଚ ପ୍ରାଣୀ ଘରେ ଓପାସେ
ମିଳୁନି ରନ୍ଧନ ଗ୍ୟାସ,
ହାଣ୍ଡିଶାଳେ ପଶି ଘରଣୀ କହୁଚି
ରାନ୍ଧିବି କଣ ଡ୍ୟାସ..
କହିଲି ଯୁଦ୍ଧ ସଘନେ,
କାଠ ଚୁଲି ଘରେ କୋଣେ,
ଚୁଲି ଫୁଙ୍କି ଫୁଙ୍କି କରିବା ରୋଷାଇ
ଘଷି ଦୁଇ ଫଡା ଆଣେ ।
ମାଗୁଣି ହେ ଜଗନ୍ନାଥ,
ପରିବେଶ ହେଉ ଶାନ୍ତ,
ଶାନ୍ତି ମୈତ୍ରୀ ପ୍ରୀତି ବାର୍ତ୍ତା ଦିଏ ମାଟି
ବନ୍ଦ କର ବିଶ୍ୱ ଯୁଦ୍ଧ ।

**ମୋ-୯୪୩୭୧୭୫୭୬୪**



## ବସନ୍ତ



ମଲ୍ଲୀକା ପାତ୍ର

ଶୀତ ଅପସରି ଯାଇଅଛି
ଋତୁ ବସନ୍ତର ଆଗମନେ,
ମାଧୁର୍ଯ୍ୟେ ଭରିଚି ବନ ଉପବନ
କୋଇଲିର କୁହୁତାନେ ।
ଚୂତ ତରୁଡାଳେ ବଉଳର ବାସ
ଚହଟଇ ଚଉପାଶ,
ବସନ୍ତର ଆଗମନେ ତରୁ
ନବ ପଲ୍ଲବରେ ସାଜେ ବେଶ ।।
ବସନ୍ତ ପରଶେ ନବ କିଶଳୟ
ମଥାରୁ ଓଢ଼ଣା ଖୋଲି,
ମଳୟ ପବନେ ମଥା ଦୋହଲାଇ
ହସୁଥାଏ ଖିଲିଖିଲି ।
ନାହିଁ ଗ୍ରୀଷ୍ମର ନିଦାଘ କଷଣ
ଅବା ଶୀତ ଶୀହରଣ,
ତନୁ ପୁଲକଇ ବସନ୍ତରେ
ମୃଦୁ ମଳୟର ସମୀରଣ ।।
ଫଗୁଣ ଫଗୁରେ ସଜ ହୁଏ
କୁଞ୍ଜ ସଜ ହୁଏ ବ୍ରଜପୁର,
ପ୍ରୀତିର ରଙ୍ଗରେ ହୋଲି ଖେଳୁଥାଏ
ରାଇ ସାଥେ ସାଥେ ଦାମୋଦର ।
ଦୋଳପୂର୍ଣ୍ଣିମାରେ ଚାନ୍ଦ ହସୁଥାଏ
କହ୍ନେଇର ଲୀଳା ଦେଖି
ନାଲି ଅଧରରେ ହସୁଥାଏ କାହ୍ନୁ
ଲାଜେ ଭିଜେ ରାଇ ନିରିମାଖି ।।
ଚଇତରେ ବହେ ଚଇତାଳୀ ବାଆ
ଲାଗିଯାଏ ଝାମୁଯାତ,
ଭକତଙ୍କ ଆସ୍ଥା ପୂର୍ଣ୍ଣ କରେ
ମା' ଚଇତି ମଙ୍ଗଳା ବ୍ରତ ।
ଫଗୁଣ ଚଇତ ଦୁଇ ମାସ ସିନା
ବସନ୍ତ ଋତୁର ଅଂଶ,
ଧରଣୀ ରାଣୀର ଶୋଭା ଅପରୂପ
ପାଇ ତା କୋମଳ ସ୍ପର୍ଶ ।।
ନୈସର୍ଗିକ ଶୋଭାକାନ୍ତି ବସନ୍ତର
ତୁଳନାର ନାହିଁ ଅନ୍ତ ।
ଋତୁଙ୍କର ମଧ୍ୟେ ବୋଲାଏ ସେ ରାଜା
ନାଁଟି ତାର ବସନ୍ତ ।।

**କଟକ, ଚମ୍ପତି**

*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)*
samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଡ୍ରାଇଭର...

ସନ୍ତୋଷଙ୍କ ବାପା ଏଲ.ହରି ପାତ୍ର ଓ ମା' ଏଲ.ଲକ୍ଷ୍ମୀ ପାତ୍ର, ସୁମିତ୍ରା ସାହୁ ଓ ସୁପ୍ରଭା ସାହୁଙ୍କ ମୃତ୍ୟୁ ଘଟିଥିଲା । ଧୋବାବନ୍ଧ ହୁଡ଼ା ସାହିର ସୁମତି ସାହୁ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଛନ୍ତି । ୧୦ ବର୍ଷ ପୂର୍ବରୁ ତାଙ୍କ ସ୍ୱାମୀ ଛାଡ଼ି ଯିବା ପରେ ସେ ମଜୁରିଆ କାମ କରି ପରିବାର ଚଳାଉଥିଲେ । ମା'ଙ୍କ ଅକାଳ ବିୟୋଗପରେ ତାଙ୍କ ପୁଅ ଅଭିଜିତ ଓ ଝିଅ ସୁରଭି ମା' ଛେଉଣ୍ଡ ହୋଇଯାଇଛନ୍ତି । ଏଣୁ ପରିବାର ପ୍ରତିପୋଷଣ ପାଇଁ ସରକାର ସହାୟତା ଲୋ ପରିବାରବର୍ଗ । ସେହିପରି ବ୍ୟାଙ୍କ କଲୋନୀ ଅଞ୍ଚଳର ସୁପ୍ରଭା ସାହୁ ମଧ୍ୟ ଏହି ମର୍ମନ୍ତୁଦ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି । କୁଳା ଗ୍ରାମର ବସ ଚାଳକ ପ୍ରବୀଣ ସାହୁ ମଧ୍ୟ ଏଥିରେ ମୃତ୍ୟୁବରଣ କରିଛନ୍ତି ।ମା'ର ମୃତ୍ୟୁ ପରେ ଅନାଥ ହୋଇଗଲେ ଭାଇ ଭଉଣୀ । ତେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏହି ଦୁର୍ଘଟଣାରେ ଦୁଃଖ ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀ ରିଲିଫ ଫାଣ୍ଡିରୁ ପ୍ରତ୍ୟେକ ମୃତକ ପରିବାରର ନିକଟତମ ସମ୍ପର୍କୀୟମାନଙ୍କ ପାଇଁ ୪ଲକ୍ଷ ଲେଖାଏଁ ଟଙ୍କା ସହାୟତା ଘୋଷଣା କରିଛନ୍ତି ।

## ନେପାଳ...

ହୋଇଛି । ଓଲିଙ୍କୁ ପ୍ରଥମେ ପୋଲିସ ଅଟକ ରଖିଥିଲା । ପୂର୍ବରୁ ସେ ଜେଏନ୍ - ଜି ଆନ୍ଦୋଳନ ବେଳେ ହୋଇଥିବା ଗୁଳି ଚାଳନାକୁ ନିର୍ଦ୍ଦେଶ ଦେଇନଥିଲେ ବୋଲି କହିଥିଲେ । ପୋଲିସ କହିବାନୁଯାୟୀ ପୂର୍ବତନ ସ୍ୱତନ୍ତ୍ର କୋର୍ଟ ବିଚାରପତି ଗୌରୀ ବାହାଦୂର କାର୍କିଙ୍କ ଅଧ୍ୟକ୍ଷତାରେ ଗଠିତ ତଦନ୍ତ ସୁପାରିଶକୁ କାର୍ଯ୍ୟକାରୀ କରିବା ପାଇଁ ଏହି କାର୍ଯ୍ୟାନୁଷ୍ଠାନ ହୋଇଛି । କମିଶନଙ୍କ ରିପୋର୍ଟରେ ପୂର୍ବ ପ୍ରଧାନମନ୍ତ୍ରୀ ଓଲି, ପୂର୍ବତନ ଗୃହ ମନ୍ତ୍ରୀ ଓ ତତ୍‌କାଳୀନ ପୋଲିସ ମହାନିର୍ଦ୍ଦେଶକ ଚନ୍ଦ୍ର କୁବେର ଖାପୁଙ୍ଗଙ୍କୁ ଦାୟି କରାଯାଇଛି । ଅପରାଧିକ ଅବହେଳା ପାଇଁ ଅଭିଯୁକ୍ତ କରିବାକୁ ସୁପାରିଶ କରାଯାଇଛି । ଯେଉଁଥିରେ ୧୦ ବର୍ଷ ଲାଗି ଜେଲ ଦଣ୍ଡ ବ୍ୟବସ୍ଥା ହୋଇପାରେ । ସୋସିଆଲ ମିଡିଆ ପ୍ଲାଟଫର୍ମ ଉପରେ ପ୍ରତିବନ୍ଧକ ଓ ଦୁର୍ନୀତି ବିରୋଧରେ ସେତେବେଳେ ପ୍ରତିବାଦ କରାଯାଇଥିଲା । ସେପ୍ଟେମ୍ବର ୮ ରେ କାଠମାଣ୍ଡୁ ସମେତ ବିଭିନ୍ନ ସହରରେ ପୋଲିସ ଓ ପ୍ରଦର୍ଶନକାରୀଙ୍କ ମଧ୍ୟରେ ହିଂସାତ୍ମକ ସଂଘର୍ଷ ଘଟି ୧୯ ଜଣଙ୍କର ମୃତ୍ୟୁ ହୋଇଥିଲା । ସମଗ୍ର ଦେଶରେ ପ୍ରାୟ ୭୦ ଜଣଙ୍କ ମୃତ୍ୟୁ ହୋଇଥିଲା । ଏହି ଘଟଣା ଓଲିଙ୍କ ନେତୃତ୍ୱାଧୀନ ସରକାରଙ୍କ ପତନର କାରଣ ହୋଇଥିଲା ।

## ଏପ୍ରିଲ...

୧୮ ରୁ ଆରମ୍ଭ ହୋଇଥିବା ଏହି ପରୀକ୍ଷା ମାର୍ଚ୍ଚ ୨୮ ରେ ଶେଷ ହୋଇଛି । ୫ ହଜାର ୩୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇନାହାଁନ୍ତି । ୪ ଲକ୍ଷ ୧୬୨୩ ପରୀକ୍ଷାର୍ଥୀ ଫର୍ମ ଫିଲପ୍ କରିଥିଲେ ।

## ଏପ୍ରିଲ ପହିଲାରୁ...

ସୁଦ୍ଧା ଯେଉଁ ମହିଳାମାନଙ୍କର ବୟସ ୨୧ ବର୍ଷରୁ ୬୦ ବର୍ଷ ମଧ୍ୟରେ ହୋଇଥିବ ସେମାନେ ଆବେଦନ କରିପାରିବେ । ଯୋଗ୍ୟ ବିବେଚିତ ହିତାଧିକାରୀମାନେ ୨୦୨୬ -୨୭ ଆର୍ଥିକ ବର୍ଷରୁ ବାର୍ଷିକ ଦୁଇଟି କିସ୍ତିରେ ୧୦ ହଜାର ଟଙ୍କାର ସହାୟତା ରାଶି ପାଇବେ । ଯେଉଁ ମହିଳା ମାନେ ପୂର୍ବରୁ ସୁଭଦ୍ରା ଯୋଜନା ଲାଗି ଆବେଦନ କରିନାହାଁନ୍ତି କେବଳ ସେହିମାନେ ହିଁ ଆବେଦନ କରିବେ । ପୂର୍ବରୁ ଆବେଦନ କରିଥିବା ମହିଳାଙ୍କ ଆବେଦନ ଗ୍ରହଣୀୟ ହେବ ନାହିଁ । ନୂତନ ଆବେଦନଗୁଡିକ ସାଧାରଣ ସେବା କେନ୍ଦ୍ର ଏବଂ ଆମ ସେବା କେନ୍ଦ୍ର ମାଧ୍ୟମରେ ସୁଭଦ୍ରା ପୋର୍ଟାଲ ଜରିଆରେ ପଞ୍ଜିକୃତ ହେବ । ଆବେଦନ ଲାଗି ଫର୍ମଗୁଡିକ ଅଙ୍ଗନୱାଡି କେନ୍ଦ୍ର ଓ ସିଡିପିଓଙ୍କ କାର୍ଯ୍ୟାଳୟରେ ସମ୍ପୂର୍ଣ୍ଣ ମାଗଣା ଭାବେ ଉପଲବ୍ଧ ହେବ । ସୁଭଦ୍ରା ଯୋଜନା ହେଉଛି ରାଜ୍ୟ ମହିଳାଙ୍କ ପାଇଁ ଏକ ଐତିହାସିକ ପଦକ୍ଷେପ । ଏଥିରୁ ଯେପରି କୌଣସି ଯୋଗ୍ୟ ହିତାଧିକାରୀ ବାଦ ନପଡନ୍ତି ସେଥିପାଇଁ ସରକାର ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା କରିଛନ୍ତି ।

## ୮ ରୁ ବାହାର...

ପ୍ରସ୍ତୁତି ବୈଠକ ଆରମ୍ଭ ହୋଇଛି । ଏହା ଭିତରେ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ବାରମ୍ବାର ବୈଠକ ବସିଛି । ବଡ ଦାଣ୍ଡକୁ ଯେପରି ଅଧିକ ଗାଡି ପ୍ରବେଶ ନକରିବ ତାହା ଉପରେ ଗୁରୁତ୍ୱ ଦିଆଯାଉଛି । ରଥ ଦାଣ୍ଡକୁ ସଲଗ୍ନ ରାସ୍ତାଗୁଡ଼ିକୁ ପ୍ରଶସ୍ତି କରିବା ନେଇ ମଧ୍ୟ ଗୁରୁତ୍ୱ ଦିଆଯାଇଛି ।

## ୯ ବୋମା...

ଅବକାରୀ ଟିମ୍ ଅଟକାଇ ଥିଲା । ହେଲେ ସେମାନେ କାର୍ ଧକ୍କା କରି ସେଠାରୁ ଖସିଯିବାରେ ସଫଳ ହୋଇଥିଲେ । ଶନିବାର ଦିନ ସାଇ ମନ୍ଦିର ପାଖରେ ଦୁହେଁ କାର୍‌ରେ ଗଞ୍ଜେଇ ନେଇ ଯାଉଥିବାବେଳେ ଅବକାରୀ ଟିମ୍ ହାତରେ ଧରାପଡ଼ିଲେ । କାର୍ ଯାଞ୍ଚ କରିବା ବେଳକୁ ୯ ବୋମା, ୪୫ କେଜି ଗଞ୍ଜେଇ ମିଳିଥିଲା । ଦୁଇ କାର, ବୋମା ଓ ଗଞ୍ଜେଇ ଜବତ କରାଯିବା ପରେ ଦୁହିଁଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ଦୁହିଁଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

ଏହି ଗ୍ୟାଙ୍ଗ୍ ପୁଷ୍ପା ଗ୍ୟାଙ୍ଗ୍ ଭାବେ ପରିଚିତ । ସୁନ୍ଦରୀ ତରୁଣୀ ଓ ନାବାଳକମାନଙ୍କୁ ଗଞ୍ଜେଇ ଚାଲାଣରେ ବ୍ୟବହାର କରି ଗ୍ୟାଙ୍ଗ୍ ବିପୁଳ ପରିମାଣର ଟଙ୍କା ରୋଜଗାର କରନ୍ତି । ଆନ୍ତଃ ରାଜ୍ୟ ଗଞ୍ଜେଇ ଚାଲାଣରେ ପୁଷ୍ପା ଗ୍ୟାଙ୍ଗ୍ ଧୁରୀଣ । କାରଣ ରାଜ୍ୟ ବାହାରେ ଓଡ଼ିଶା ଗଞ୍ଜେଇର ଦାମ ଅଧିକ । ବାସ୍ତବରେ ଏହି ଗ୍ୟାଙ୍ଗ୍ ଭାରତର କେଉଁକେଉଁ ରାଜ୍ୟକୁ ଗଞ୍ଜେଇ ଚାଲାଣ କରନ୍ତି, ସେ ଖବର ଅବକାରୀ ପାଖରେ ନାହିଁ ।

# କଣ୍ଟିଲୋରେ ରାମନବମୀ ପାଳିତ

କଣ୍ଟିଲୋ,(ସବ୍ୟୁ): କଣ୍ଟିଲୋ ଓ ଆଖ ପାଖ ଗ୍ରାମମାନଙ୍କ ରେ ରାମନବମୀ ଭକ୍ତିମୟ ପରିବେଶ ମଧ୍ୟରେ ପାଳିତ ହୋଇଛି । ମାଧବ ଚୌଧୁରୀ ପାଟଣା, ବାପୁଜୀ ନଗର ସ୍ଥିତ ରାମ ମନ୍ଦିରରେ ଦିନବ୍ୟାପି ହୋମ ଯଜ୍ଞ ଓ ଭଜନ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ସାହି ସଭାପତି ପବିତ୍ର ମହାରଣା,କୃଷ୍ଣଚନ୍ଦ୍ର ମହାରଣା, ଚିତ୍ତରଞ୍ଜନ ମହାରଣା, ବସନ୍ତ ମହାରଣା ପ୍ରମୁଖ ସହଯୋଗ କରିଥିଲେ । ଏଥିସହ ସାହି ରେ ରାମଲୀଳା ପାଇଁ ପ୍ରସ୍ତୁତି ଚାଲିଛି ।କୃଷ୍ଣେଶ୍ୱର ପାଟଣା ସମେତ ବ ଜଗନ୍ନାଥ ମନ୍ଦିର,ରାମଚଣ୍ଡୀ ସାହି ଭାଗବତ ଗୃହ, ରେ ପ୍ରତିବର୍ଷ ପାରି ରାମନବମୀ ପାଳନ ସହ ଆଜି ଠାରୁ ରାମାୟଣ ପଠନ ଆରମ୍ଭ ହୋଇଛି ।ପ୍ରଫୁଲ୍ଲ ପ୍ରଧାନ, ସୋମନାଥ ରଣା,ସୁବାଷ ବେହୁରୁକ, ପବିତ୍ର ରଣା ପୁରାଣ ପାଠ କରିଥିଲେ ।ସତ୍ୟବାଦୀ ବେହୁରୁକ,ଦୁର୍ଯ୍ୟୋଧନ ରାଉତ ସତ୍ୟବାଦୀ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ ।

# ଅଟୋ - ଟ୍ରକ ସହ ସ୍କୁଟି ଧକ୍କା : ମହିଳା ଗୁରୁତର

ଦଶପଲ୍ଲା,(ସବ୍ୟୁ): ଶନିବାର ଅପରାହ୍ନ ସମୟ ରେ ଦଶପଲ୍ଲା ଥାନା ତ୍ରିନାଥ ବଜାର ଠାରେ ରାସ୍ତା କଡରେ ଠିଆ ହୋଇଥିବା ଏକ ଅଟୋ ସହ ଏକ ମାଲ ବୋଝେଇ ଟ୍ରକକୁ ଧକ୍କା ଦେଇଛି ସ୍କୁଟି । ଫଳରେ ସ୍କୁଟିରେ ଯାଉଥିବା ଜଣେ ମହିଳା ଙ୍କ ବାମ ହାତ ଭାଙ୍ଗି ଯାଇଥିବା ବେଳେ ଚାଳକ ଏବଂ ତାଙ୍କ କନ୍ୟାଶିଶୁ ଅଳ୍ପକେ ରକ୍ଷା ପାଇଯାଇଛନ୍ତି । ଆହତ ମହିଳା ଙ୍କ ନାଁ ରିତାରାଣୀ ମହାପାତ୍ର ଓ ତାଙ୍କ ଘର ବ୍ରହ୍ମଗିରି ଅଞ୍ଚଳରେ ବୋଲି ଜଣାପଡିଛି । ଗୁରୁତର ଆହତ ମହିଳାଙ୍କୁ ନୟାଗଡ଼ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି । ମହିଳା ଜଣଙ୍କ ତାଙ୍କ ସମ୍ପର୍କୀୟଙ୍କ ସହ ସ୍କୁଟି ରେ ବସି ଦେଢସରରେ ଥିବା ଭଉଣୀ ଘରକୁ ଯାଉଥିଲେ ।

# ଦେହରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଲେ ଯୁବକ

ବାଙ୍କୀ ,(ସବ୍ୟୁ) : ବାଙ୍କୀ ଥାନା ଅନ୍ତର୍ଗତ ବିଲିପଡା ତାରିଣୀ ଛକ ରେ ଘଟିଛି ଅଭାବନୀୟ ଘଟଣା । ତାଳବସ୍ତ ଗ୍ରାମର ଯୁବକ ଜଣକ ନିଜ ବାଇକ ରେ ବାଙ୍କୀ ଆସୁଥିବା ବେଳେ ବିଲିପଡ଼ା ତାରିଣୀ ଛକ ରେ ଜଣେ ଯୁବତୀଙ୍କ ଉପସ୍ଥିତିରେ ନିଜ ଦେହରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇଦେଇଥିଲେ । ଯୁବକ ଙ୍କ ଯୁବତୀ ବନ୍ଧୁ ସଙ୍ଗେ ସଙ୍ଗେ ବାଙ୍କୀ ଡାକ୍ତର ଖାନାରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ ଯୁବକଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ତେବେ ପ୍ରେମ ବ୍ୟାପାରକୁ ନେଇ ଯୁବତୀଙ୍କ ଉପସ୍ଥିତି ରେ ତାଳବାସ୍ତ ଗ୍ରାମର ଶିକ୍ଷିତ ଯୁବକ ସୌମ୍ୟ ରଞ୍ଜନ ବାରିକ ନାମକ ଯୁବକ ଜଣକ ନିଜ ଦେହରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଥିବାର ଅନୁମାନ କରାଯାଉଛି । ବାଙ୍କୀ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । କେଉଁ କାରଣ ରୁ ଯୁବକ ଜଣକ ଆତ୍ମ ହତ୍ୟା କରିବା ପାଇଁ ନିଷ୍ପତ୍ତି ନେଇ ଏଭଳି କାଣ୍ଡ ଭିଆଇଲେ ତଦନ୍ତ ପରେ ସବୁ ଘଟଣା ପଦାକୁ ଆସିବ । କିନ୍ତୁ ଯୁବକଙ୍କ ପରିବାର ଲୋକେ ଡାକ୍ତର ଖାନାକୁ ଆସିବା ମାତ୍ରେ ଦେଖି ଯୁବତୀ ଜଣକ ତାଙ୍କର ଜଣେ ସମ୍ପର୍କୀୟ ଭାଇଙ୍କ ସହିତ କେଉଁ ଆଡ଼େ ପଳାଇ ଯାଇ ଥିବାର ସୂଚନା ଦେଇଛନ୍ତି ଆହାତ ଯୁବକ ଙ୍କ ସମ୍ପର୍କୀୟ । ତେବେ ବିଲିପଡା ତାରିଣୀ ଛକ ରେ ବାଙ୍କୀ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରି ପୋଡ଼ା ଗଞ୍ଜି କୁ ଜବତ କରିଛି । ଏ ସମ୍ପର୍କ ରେ ବାଙ୍କୀ ଥାନା ଆଇ ଆଇ ସି ଦିଲ୍ଲୀପ କୁମାର ମର୍ଦ୍ଦରାଜ ଭୁଁୟା କହିଛନ୍ତି ଆହାତ ଯୁବକ ଙ୍କ । ପକ୍ଷରୁ ଅଭିଯୋଗ ହୋଇ ନ ଥିଲେ ମଧ୍ୟ ପୋଲିସ ନିଜ ଆଡୁ ମାମଲା ରୁଜୁ କରିଛି ।

# ଉଚ୍ଛେଦ ହେଲା ୧୪୨ ଦୋକାନ ସହ ୪ ରୁ ଉର୍ଦ୍ଧ୍ୱ ବାସଗୃହ



ଗୋପ,(ସବ୍ୟୁ): ଗୋପ ତହସିଲ କାର୍ଯ୍ୟାଳୟ ଅଧିନସ୍ଥ ନାଗପୁର ବଜାରରେ ଶନିବାର ଉଚ୍ଛେଦ କାର୍ଯ୍ୟ ସକାଳ ୯ ଟା ରେ ଆରମ୍ଭ ହୋଇ ସନ୍ଧ୍ୟା ରେ ଶେଷ ହୋଇଛି । ଏହି ଉଚ୍ଛେଦ ଭିତରେ ୧୪୨ ଗୋଟି ଦୋକାନ ସହିତ ୪ ରୁ ଉର୍ଦ୍ଧ୍ୱ ବାସଗୃହକୁ ଉଚ୍ଛେଦ କରା ଯାଇଥିବା ଜଣାପଡ଼ିଛି । ଏହି ଉଚ୍ଛେଦ କରିବା ପାଇଁ ରାଜସ୍ୱ ବିଭାଗ, ପୋଲିସ, ଅଗ୍ନିଶମ ବିଭାଗ ସହିତ ବିଦ୍ୟୁତ କର୍ମଚାରୀ ମାନେ ନିୟୋଜିତ ରହିଥିଲେ । ପ୍ରକାଶ ଯେ ରାଜ୍ୟ ସରକାର ପର୍ଯ୍ୟଟକ ର ଭିତ୍ତିଭୂମି ଉପରେ ଗୁରୁତ୍ୱ ଦେଇ କିଛି ମାସ ପୂର୍ବରୁ ନିମାପଡ଼ା - କୋଣାର୍କ ରାସ୍ତା ର ଗୋପ ବଜାର କୁ ପ୍ରାୟତଃ ୭୦ ଭାଗ ଉଚ୍ଛେଦ କରା ଯାଇଥିବା ବେଳେ ଅଳ୍ପ ଦିନ ମଧ୍ୟରେ ଅବଶିଷ୍ଟ ଜବରଦଖଲ କରିଥିବା ସରକାରୀ ଦୋକାନ ଗୃହ କୁ ଉଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି । ଶନିବାର ଗୋପ ତହସିଲଦାର ସୁର୍ଯ୍ୟ ଶଙ୍କର ଦାଶଙ୍କ ନେତୃତ୍ୱରେ ୪ ଗୋଟି ବିଭାଗର ଶତାଧିକ କର୍ମଚାରୀ ଉପସ୍ଥିତ ରହି ଏହି ଉଚ୍ଛେଦ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରା ଯାଇଥିଲା । ହସିଲଦାର ସୁର୍ଯ୍ୟ ଶଙ୍କର ଦାଶ ଗତ ମାସରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜବରଦଖଲକାରୀ ଦୋକାନୀ ମାନଙ୍କୁ ନୋଟିସ କରିଥିଲେ ।

# ନୀଳଗିରି ଓକିଲସଂଘ ନିର୍ବାଚନ

ନୀଳଗିର,(ସବ୍ୟୁ): ନୀଳଗିରିର ଉଭୟ ବାର୍ ର ନିର୍ବାଚନ ହୋଇଯାଇଛି । ତେବେ ପୂର୍ବରୁ ଉପଖଣ୍ଡବାରର ସମସ୍ତ କର୍ମକର୍ତ୍ତା ତଥା ସଦସ୍ୟ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବାବେଳେ କେବଳ ଆନୁଷ୍ଠାନିକ ଘୋଷଣା ବାକିରହିଥିଲା । ଉପଖଣ୍ଡ ଓକିଲସଂଘରୁ ପୂର୍ବତନ ବିଧାୟକ ତଥା ବରିଷ୍ଠ ଆଇନଜୀବି ଚିତ୍ତରଞ୍ଜନ ଷଡ଼ଙ୍ଗୀ ସଭାପତି ଏବଂ କିଶୋର କୁମାର ଦାସ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବାବେଳେ ସଂଘର ଅନ୍ୟସମସ୍ତ ସଦସ୍ୟ ମଧ୍ୟ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ । କାର୍ତ୍ତିକ କୁମାର ରାଉତ ନିର୍ବାଚନ ଅଧିକାରୀଭାବେ ପରିଚାଳନା କରିଥିଲେ ।ମାତ୍ର ୫୫ସଦସ୍ୟ ବିଶିଷ୍ଟ ନୀଳଗିରି ଓକିଲ ସଂଘର ସଭାପତି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା । ଏହି ନିର୍ବାଚନରେ ୪୯ ଜଣ ଆଇନଜୀବୀ ଭୋଟ ପ୍ରଦାନ କରିଥିବା ବେଳେ ବରିଷ୍ଠ ଆଇନଜୀବୀ ମିହିର କୁମାର ରାଉତ ଏବଂ ସୁନୀଲ ବିଶ୍ୱାଳଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା ।ମିହିର କୁମାର ରାଉତ ୩୭ ଖଣ୍ଡ ଭୋଟପାଇ ସଭାପତି ନିର୍ବାଚିତ ହୋଇଥିବା ବେଳେ ସୁନୀଲ କୁମାର ବିଶ୍ୱାଳ ୧୨ଖଣ୍ଡ ପାଇ ପରାଜିତ ହୋଇଥିଲେ । ସମ୍ପାଦକ ଭାବେ ଶୁଭେନ୍ଦ୍ର କୁମାର ବିଶ୍ୱାଳ, ଅନନ୍ତ ପ୍ରସାଦ ଉପସଭାପତି, ଶରତ କୁମାର ବେହେରା ସହସଂପାଦକ, କରୁଣାକର ସ୍ୱାଇଁ କୋଷାଧ୍ୟକ୍ଷ ନିର୍ବାଚିତ ହୋଇଥିବା ବେଳେ କାର୍ଯ୍ୟକାରୀ ସଦସ୍ୟଭାବେ ନିବେଦିତା ଜେନା, ପ୍ରତିମା ମହାନ୍ତି, ରାଜଲକ୍ଷ୍ମୀ ପଟ୍ଟନାୟକ, ପ୍ରଶାନ୍ତ ରଣା ଓ ଶାନ୍ତନୁ କୁମାର ବିଶ୍ୱାଳ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ । ବରିଷ୍ଠ ଆଇନଜୀବି କ୍ଷୀରୋଦ କୁମାର ଦାସ ନିର୍ବାଚନ ପରିଚାଳନା କରିଥିବା ବେଳେ ମିହିର କୁମାର ରାଉତ ବିପୁଳଭୋଟରେ ବିଜୟଲାଭ କରିଥିବାରୁ ତାଙ୍କୁ ନୀଳଗିରି ଓକିଲସଂଘ ପକ୍ଷରୁ ଅଭିନନ୍ଦନ ଜଣାଯାଇଥିଲା ।

# ବାର ଆସୋସିଏସନର ନିର୍ବାଚନ ସହଦେବ ଦାସ ସଭାପତି

ବାସୁଦେବପୁର,(ସବ୍ୟୁ): ବାସୁଦେବପୁର କୋର୍ଟରେ ବାର ଆସୋସିଏସନ ନିର୍ବାଚନରେ ସଭାପତି ପ୍ରାର୍ଥୀ ସହଦେବ ଦାସ ଷଷ୍ଠ ଥର ପାଇଁ ସଭାପତି ଭାବେ ବିଜୟ ଲାଭ କରି ଛକା ମାରିଛନ୍ତି । ବାସୁଦେବପୁର କୋର୍ଟରେ ବାର ଆସୋସିଏସନ ନିର୍ବାଚନ ଛକାପଂଜାରେ ଚାଲିଥିଲା । ସହଦେବ ଦାସଙ୍କ ଗୋଷ୍ଠୀର ସଭାପତି ଭାବେ ସହଦେବ ଦାସ,ଉପସଭାପତି ସୁଶାନ୍ତ କୁମାର ବିଶ୍ୱାଳ,ସମ୍ପାଦକ ଭାବେ କୃପାସିନ୍ଧୁ ଯେନା ବିଜୟ ଲାଭ କରିଛନ୍ତି । କୃପାସିନ୍ଧୁ ଯେନା ଦ୍ୱିତୀୟ ଥର ପାଇଁ ଲଗାତର ବିଜୟ ଲାଭ କରିଛନ୍ତି । ସେହିପରି ସହସମ୍ପାଦକ ଭାବେ ସନ୍ତୋଷ କୁମାର ନାୟକ,କୋଷାଧ୍ୟକ୍ଷ ଚକ୍ରଧର ମହାଳିକ ଓ ସଦସ୍ୟ ଭାବେ ତରୁଣ କୁମାର ନାୟକ,ଶ୍ରୀଧର ମଳିକ,ଭାରତୀ ସୂତାର ନିର୍ଦ୍ଦୋନ୍ଦରେ ନିର୍ବାଚିତ ହୋଇଛନ୍ତି । ବିଜୟୀ ପ୍ରାର୍ଥୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି ।

# ବୋଲେରୋ ଧକ୍କାରେ ବାଇକ ଆରୋହୀ ଗୁରୁତର

ଅମ୍ବାଭୋନା, (ସବ୍ୟୁ): ବରଗଡ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଗଣ୍ଡିଆପାଲି ଗ୍ରାମରେ ବୋଲୋରୋ ଧକ୍କାରେ ଜଣେ ଧକ୍କାରେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି । ଗୁରୁତର ଯୁବକ ଜଣଙ୍କ ଲୁଦୁପାଲି ଗ୍ରାମର ରାମେଶ୍ୱର ପାତିକାର( ୩୩ ) । ସେ ତାଙ୍କର ଓଆର-୧୭-ଇ-୩୧୮ ୯ ନମ୍ବର ବିଶିଷ୍ଟ ହିରୋହୋଣ୍ଡା ସିଡି ଡନ ବାଇକରେ ଚିଖିଲିରୁ ନିଜ ଗାଁକୁ ଫେରୁଥିବା ବେଳେ, ଗଣ୍ଡିଆପାଲି ନିକଟରେ ବିପରୀତ ଦିଗରୁ ଆସୁଥିବା ଓଡି-୦୮ -୧୧୫୩ ନମ୍ବର ବୋଲେରୋ ଗାଡ଼ି ଜୋରଦାର ଧକ୍କା ଦେଇଥିଲା ।ଘଟଣାରେ ବାଇକ ଆରୋହୀ ରାସ୍ତାରେ ଛିଟିକି ପଡ଼ି ମୁଣ୍ଡରେ ଗୁରୁତର ଆଘାତ ପାଇଥିଲେ ଓ ପ୍ରଚୁର ରକ୍ତସ୍ରାବ ହୋଇଥିଲା ।ସ୍ଥାନୀୟ ଲୋକମାନେ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଗୁରୁତର ଅବସ୍ଥାରେ ଭୁକ୍ତା ମୁଖ୍ୟ ଚିକିତ୍ସାଳୟକୁ ପହଞ୍ଚାଇଥିଲେ । ପରେ ତାଙ୍କର ଅବସ୍ଥା ସଂକଟାପନ୍ନ ହେବାରୁ ଡାକ୍ତରମାନେ ତାଙ୍କୁ ଖେଦାପାଲି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ ।ଏହି ଘଟଣା ସମ୍ପର୍କରେ ଅମ୍ବାଭୋନା ପୋଲିସ ଘଟଣାସ୍ଥଳକୁ ପହଞ୍ଚି ବୋଲେରୋ ଗାଡ଼ିକୁ ଜବତ କରିବା ସହ ଦୁଇ ଜଣଙ୍କୁ ଅଟକ ରଖି ଘଟଣାର ଅଧିକ ତଦନ୍ତ ଚଳାଇଛି ।

# ରାମନବମୀ ଅବସରରେ ବିଶାଳ ଶୋଭାଯାତ୍ରା

ସାକ୍ଷୀଗୋପାଳ , (ସବ୍ୟୁ) : ସାକ୍ଷୀଗୋପିନାଥ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଶ୍ରୀରାମ ଜନ୍ମ ମହୋତ୍ସବ କମିଟି ତରଫରୁ ଶ୍ରୀରାମ ଜନ୍ମୋତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ସତ୍ୟବାଦୀ ମହୋତ୍ସବ କମିଟି ଓ ଶ୍ରୀରାମ ଜନ୍ମ ମହୋତ୍ସବ ଅନୁଷ୍ଠାନ ଆନୁକୂଲ୍ୟରେ ସତ୍ୟବାଦୀ ବ୍ଲକ ଛକ ନିକଟସ୍ଥ ବାଟ ମହାବୀର ମନ୍ଦିର ଠାରୁ ସାକ୍ଷୀଗୋପାଳ ମନ୍ଦିର ନିକଟରେ ଅବସ୍ଥିତ ରାମ ମନ୍ଦିର ପର୍ଯ୍ୟନ୍ତ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଶୋଭାଯାତ୍ରାରେ ପାରମ୍ପରିକ ଗୋଟିପୁଅ ନୃତ୍ୟ, ନାଗା ନୃତ୍ୟ, ସଂକୀର୍ତ୍ତନ ମଣ୍ଡଳୀ, ରାମ, ଲକ୍ଷ୍ମଣ, ସୀତା ଏବଂ ହନୁମାନ ବେଶରେ କୁନି କୁନି ପିଲାମାନେ ଶୋଭାଯାତ୍ରାର ଶୋଭା ବର୍ଦ୍ଧନ କରିଥିଲେ । ସତ୍ୟବାଦୀ ମହୋତ୍ସବ କମିଟିର ସଭାପତି ତଥା ସତ୍ୟବାଦୀ ବିଧାୟକ ଓମପ୍ରକାଶ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ,ସମ୍ପାଦକ ଦୀପକ ଶତପଥୀ, ଯୁଗ୍ମ ସମ୍ପାଦକ ଭବାନୀ ଶଙ୍କର ନନ୍ଦ, ସଂଯୋଜକ ଜାନକୀ ବଲ୍ଲଭ ବରାଳ, କୋଷାଧ୍ୟକ୍ଷ ପ୍ରିୟରଞ୍ଜନଙ୍କ ସମେତ ଶତାଧିକ ଯୁବକ ଓ ମହିଳା ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଜୟ ଶ୍ରୀରାମ ନାରାରେ ଗୁଞ୍ଜରିତ ହୋଇଥିଲା ସମଗ୍ର ଅଞ୍ଚଳ । ଏହି ଅବସରରେ ଶ୍ରୀରାମ ମନ୍ଦିର ନିକଟରେ ରାମଚନ୍ଦ୍ରଙ୍କ ଆଳତୀ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ଯୋଗଦେଇ ଶ୍ରୀ ରାମ ଜନ୍ମ ମହୋତ୍ସବ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଅନୁଷ୍ଠାନର ସଭାପତି ସତ୍ୟବାଦୀ ଦାଶ ଓ ସମ୍ପାଦକ ଶ୍ରୀ ବାଳକୃଷ୍ଣ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ । ବିଳମ୍ବିତ ରାତି ପର୍ଯ୍ୟନ୍ତ ଆରାଧନା ଭଜନ ସନ୍ଧ୍ୟାରେ କ=ଶିଳ୍ପୀ ସୌଭାଗ୍ୟ ପ୍ରହରାଜ, ଚିତ୍ତରଞ୍ଜନ ସାମନ୍ତରାୟ, କାଜଲ , ଦେବସ୍ମିତା ହୋତା ପ୍ରମୁଖ ଭଜନ ପରିବେଷଣ କରିଥିଲେ ।

# ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର ଅନୁଷ୍ଠିତ

କନ୍ଧମାଳ : (ସବ୍ୟୁ) : ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଅନ୍ତର୍ଗତ ପଲଶାଗୋରା ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବିପରଯ୍ୟୟ ପରିଚାଳନା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପରିଚାଳନା ତାଲିମ ଶିବିର କୁ କଲେଜ ର ଅଧକ୍ଷ ବିଶଶ୍ୱେର ପାଣିଗ୍ରାହୀ ଅଧ୍ୟକ୍ଷତା କରିବା ସଙ୍ଗେ ସଙ୍ଗେ ବିପର୍ଯ୍ୟୟ ପରିଚାଳନାରେ ଛାତ୍ରଛାତ୍ରୀଙ୍କ ଭୂମିକା ଓ ତାଲିମ ଉପରେ ଗୁରୁତ୍ୱଆରୋପ କରିଥିଲେ ୫ କଲେଜ ର କ୍ରୀଡା ଶିକ୍ଷକ ତଥା ଯୁବରେଡ଼କ୍ରସ ର ପରାମର୍ଶଦାତା ଶ୍ରୀ ନାରାୟଣ ପଧାନ ଛାତ୍ରଛାତ୍ରୀ ମାନଙ୍କୁ ବିପର୍ଯ୍ୟୟ ସମ୍ପର୍କରେ ତାଲିମ ଦେଇଥିଲେ ଏହି କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା ଅଧିକାରିଣୀ ସୁଶ୍ରୀ ପ୍ରଜ୍ଞା ପରିମିତା ମିଶ୍ର ପରିଚାଳନା କରିଥିଲେ । ପରିଚାଳନା ତାଲିମ ଶିବିର ରେକଲେଜ ର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀବୃନ୍ଦ ଉପସ୍ଥିତ ରହିଥିଲେ ଶେଷରେ ଓଡ଼ିଆ ବିଭାଗର ଅଧ୍ୟାପିକା ସୁଶ୍ରୀ କାମେଶ୍ୱରୀ ପଧାନ ଧନ୍ୟବାଦ ଅର୍ପଣ କରି ଥିଲେ ।

# ଦୟାନନ୍ଦ ତପୋଭୂମିର ବାର୍ଷିକ ଉତ୍ସବ ଅନୁଷ୍ଠିତ

କନ୍ଧମାଳ, (ସବ୍ୟୁ) : ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଶିମିଳିପଦର ପଞ୍ଚାୟତ ଅନ୍ତର୍ଗତ ଗୋବଯୋର ଗ୍ରାମର ଦୟାନନ୍ଦ ତପଭୂମି ଆଶ୍ରମ ଠାରେ ନବମ ବାର୍ଷିକ ବେଦ ଯଜ୍ଞଉତ୍ସବ ଅଗ୍ନିହୋତ୍ରୀ ଦୁର୍ଯ୍ୟୋଧନ ଦାସ ଏବଂ ପଣ୍ଡିତ ନିରଞ୍ଜନ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା ଯଜମାନ ଭାବରେ ତପୋଭୂମିର ସଭାପତି ଲକ୍ଷ୍ମଣ ଭୋଇ ଏବଂ ତାଙ୍କର ଧର୍ମପନି ପୁଷ୍ପାଞ୍ଜଳି ଭୋଇ ଯଜ୍ଞକାର୍ଯ୍ୟ ତୁଲାଇଥିଲେ ।

# ଅରଡିଆପଦାରେ ବାସନ୍ତୀ ଦୁର୍ଗାପୂଜା ଯଜ୍ଞ ମହୋତ୍ସବ

ଫୁଲନଖରା ,(ସବ୍ୟୁ):କଟକ ସଦର ଥାନା ଅନ୍ତର୍ଗତ ଅରଡିଆପଦା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା ନବମଲ୍ଲିକାଙ୍କ ପବିତ୍ର ବିଜେ ସ୍ଥଳୀରେ ଚଳିତ ବର୍ଷ ବାସନ୍ତୀ ଦୁର୍ଗା ପୂଜା ଯଜ୍ଞ ମହୋତ୍ସବ ଅତ୍ୟନ୍ତ ଭକ୍ତିମୟ ପରିବେଶ ଓ ଆଡମ୍ବର ସହିତ ପାଳିତ ହୋଇଯାଇଛି । ପ୍ରଭାତ ସମୟରୁ ମାଙ୍କର ପୂଜାର୍ଚ୍ଚନା, ମାର୍ଜନା ଓ ବିଧିବି ଆଚାର ଆରମ୍ଭ ହୋଇଥିଲା । ପଣ୍ଡିତମାନଙ୍କ ମନ୍ତ୍ରୋଚ୍ଚାରଣ ଓ ବେଦୀୟ ପରମ୍ପରା ଅନୁସାରେ ଯଜ୍ଞ କାର୍ଯ୍ୟ ଶୁଭାରମ୍ଭ ହୋଇ ଦିନ ଭରି ଭକ୍ତମାନଙ୍କ ଉପସ୍ଥିତିରେ ଧାର୍ମିକ ମାହୋଲ ସୃଷ୍ଟି ହୋଇଥିଲା । ସନ୍ଧ୍ୟାରେ ର ମହା ପୂର୍ଣ୍ଣାହୁତି ଦ୍ୱାରା ଯଜ୍ଞ କାର୍ଯ୍ୟର ସମାପନ ହୋଇଥିଲା, ଯାହା ସମୟରେ ଘଣ୍ଟ, ଘଣ୍ଟା, ବାଜା ଓ ବାଣର ଶବ୍ଦରେ ସମଗ୍ର ଅଞ୍ଚଳ ଭକ୍ତିମୟ ମନୋଭାବରେ ପ୍ରକମ୍ପିତ ହୋଇଯାଇଥିଲା । ଏହି ପବିତ୍ର ଯଜ୍ଞ ମହୋତ୍ସବରେ କର୍ତ୍ତା ଭାବେ ବରାଦ ପ୍ରସାଦ ବେଉରା ଓ ସୌଭାଗ୍ୟ ବେଉରା ନିଜ ଦାୟିତ୍ୱକୁ ସଫଳ ଭାବରେ ପାଳନ କରିଥିଲେ । ବିଦ୍ୱାନ ପଣ୍ଡିତ ପ୍ରଣବ କୁମାର ଦାଶଙ୍କ ନିର୍ଦ୍ଦେଶନା ଓ ବେଦମନ୍ତ୍ର ପାଠ ଯଜ୍ଞକୁ ଅଧିକ ଗମ୍ଭୀର ଓ ପବିତ୍ର କରିଥିଲା । ଏହା ସହ ଉପେନ୍ଦ୍ର ବେଉରା, ବ୍ରଜବନ୍ଧୁ ବେଉରା, ଅଜୟ କୁମାର ବେଉରା, ବାନାମ୍ବର ବେଉରା, ପ୍ରତିଶ କୁମାର ବେଉରା, ରାଜ କିଶୋର ବେଉରା, ଦିଲ୍ଲୀପ କୁମାର ବେଉରା, ପ୍ରତାପ କୁମାର ବେଉରା ଓ ଅନ୍ୟାନ୍ୟ ଗ୍ରାମବାସୀମାନେ ସମ୍ମିଳିତ ଭାବରେ ଏହି ଉତ୍ସବକୁ ସଫଳ କରିବାରେ ଉଲ୍ଲେଖନୀୟ ସହଯୋଗ ପ୍ରଦାନ କରିଥିଲେ । ସନ୍ଧ୍ୟାରେ ରେ ଚାରି ମଣ୍ଡଳର ସଙ୍କୀର୍ତ୍ତନ କାର୍ଯ୍ୟକ୍ରମ ଭକ୍ତମାନଙ୍କୁ ଭକ୍ତିରସରେ ମଗ୍ନ କରିଥିଲା । ଭଜନ, କୀର୍ତ୍ତନ ଓ ଧାର୍ମିକ ସଙ୍ଗୀତରେ ସମଗ୍ର ପରିବେଶ ଆଧାତ୍ମିକ ମାହୋଲରେ ମୁU ହୋଇଯାଇଥିଲା । ଏହି ପରମ୍ପରାଗତ ବାସନ୍ତୀ ଦୁର୍ଗା ପୂଜା ଯଜ୍ଞ ମହୋତ୍ସବ ଗ୍ରାମବାସୀଙ୍କ ଆସ୍ଥା ଓ ସଂସ୍କୃତିକ ଐତିହ୍ୟକୁ ଅଧିକ ସୁଦୃଢ଼ କରିଥିବା ବେଳେ ଆଗାମୀ ବର୍ଷ ପାଇଁ ନୂତନ ଉତ୍ସାହ ଓ ଆଶା ସୃଷ୍ଟି କରିଛି ।

# ବେଆଇନ ଖଣି ବ୍ଲାଷ୍ଟିଂକୁ ନେଇ ରାସ୍ତାରୋକ



ରଣପୁର,(ସବ୍ୟୁ) :ନୟାଗଡ ଜିଲ୍ଲା ରଣପୁର ତହସିଲ ଅଞ୍ଚଳରେ ଦୀର୍ଘ ଦିନ ଧରି ବେଆଇନ ଖଣି ବାଷ୍ଟିଙ୍ଗ କୁ ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ତରଫରୁ ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲା ପ୍ରଶାସନଙ୍କ ବାରମ୍ବାର ଅଭିଯୋଗ ପରେ ବି ବେଆଇନି ବ୍ଲାଷ୍ଟିଙ୍ଗ ବନ୍ଦ ନହେବାରୁ ଶନିବାର ସ୍ଥାନୀୟ ଗ୍ରାମବାସୀ ଶତାଧିକ ମହିଳାମାନେ ୬ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ରଣପୁର ରାଜସୁନାଖଳା ରାସ୍ତାକୁ କୋଇଲମା ଛକ ଠାରେ ରାସ୍ତା ରୋକ କରିଥିଲେ । ପ୍ରଶାସନ ତରଫରୁ ବେଆଇନି ବ୍ଲାଷ୍ଟିଙ୍ଗ ବନ୍ଦ ପାଇଁ ନିର୍ଭର ପ୍ରତିଶ୍ରୁତି ପାଇବା ପରେ ରାସ୍ତାରୋକ ହଟିଥିଲା ରଣପୁର ତହସିଲ ଅନ୍ତର୍ଗତ ଲୋଧାଛୁଆ ଆର ଆଇ ସର୍କଲ ରେ ଦୀର୍ଘଦିନ ହେବ ବେଆଇନ ଭାବେ କଳା ମୁଗୁନି ପଥର ଖଣି ଖାନନ ଦିନ ରାତି ଅହରହ ବ୍ଲାଷ୍ଟିଙ୍ଗ କରାଯାଉଥିବା ନେଇ ସ୍ଥାନୀୟ କୋଇଲିମା ଗ୍ରାମବାସୀ ବାରମ୍ବାର ସ୍ଥାନୀୟପ୍ରଶାସନ ଓ ଜିଲ୍ଲାପ୍ରଶାସନ ପାଖରେ ଅଭିଯୋଗ କରିଆସୁଥିବା ବେଳେ ପ୍ରଶାସନ ଶୁଣୁ ନଥିବା ଅଭିଯୋଗ କରିଛନ୍ତି ଲୋକେ । ଫଳରେ ବେଆଇନ ବାଷ୍ଟିଙ୍ଗ ପାଇଁ ଲୋକଙ୍କର ଘର ଫାଟୁଥିବା ସହ ପଥର ଖଣ୍ଡ ଲୋକଙ୍କ ଉପରେ ପଡି ଲୋକ ଆହତ ହେଉଛନ୍ତି ଏବଂ ବ୍ଲାଷ୍ଟିଙ୍ଗ ଧ୍ୱନି ରେ ସାପ ଆଦି ଘରେ ପଶି ଯାଉଥିବା ଅଭିଯୋଗ କରୁଛନ୍ତି ଗ୍ରାମବାସୀ ।ଏନେଇ ଶନିବାର କୋଇଲିମା ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ସୁନାଖଳା -ରଣପୁର ରାସ୍ତା ଅବରୋଧ କରିଥିଲେ । ଖବର ପାଇ ରଣପୁର ତହସିଲ ଦାର ଆର୍ଯ୍ୟ କୁମାର ସର୍ବଦମନ ଜିଲ୍ଲା ପୋଲିସ ଅଧିକାରୀ ସ୍ଥାନୀୟ ଆଇ ଆଇ ସି ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିବା ବେଳେ ସମ୍ପୂର୍ଣ୍ଣ ଖଣି ବନ୍ଦ ପାଇଁ ଲୋକେ ଜିଦିଧରୀ ବସିଥିଲେ । ଏନେଇ ଘଟଣା ସ୍ଥଳରେ କିଛି ସମୟ ଚାପା ଉତେଜନା ଲାଗିରହିଥିଲା ପରେ ଜିଲ୍ଲା ପ୍ରଶାସନ ତରଫରୁ ବ୍ଲାଷ୍ଟିଙ୍ଗ ସମ୍ପୂର୍ଣ୍ଣ ବନ୍ଦ ପାଇଁ ଲିଖିତ ପ୍ରତିଶୃତି ପାଇବା ପରେ ରାସ୍ତାରୋକ ହଟିଥିଲା ।

# ଖଣ୍ଡପଡ଼ା ବାର ଆସୋସିଏସନର ନୂତନ କର୍ମକର୍ତ୍ତା

ଖଣ୍ଡପଡ଼ା ,(ସବ୍ୟୁ) : ଓଡିଶା ଅଧିବକ୍ତା ପରିଷଦର ନିଷ୍ପତ୍ତିକ୍ରମେ ଆଗାମୀ ବର୍ଷ ନିମନ୍ତେ ଖଣ୍ଡପଡ଼ା ଅଧିବକ୍ତା ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇ ଶନିବାର ସେମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ଜଣାଯାଇଛି ।ଖଣ୍ଡପଡ଼ା ଅଧିବକ୍ତା ସଂଘର ନୂତନ ସଭାପତି ଭାବେ ବରିଷ୍ଠ ଆଇନଜୀବି ସଂଗ୍ରାମ କେଶରୀ ମିଶ୍ର,ଉପ ସଭାପତି ଭାବେ ଗିରିଜା ପ୍ରସାଦ ମିଶ୍ର,ସଂପାଦକ ଭାବେ ବିକ୍ରମ କେଶରୀ ଦେଓ,ଯୁଗ୍ମ ସଂପାଦକ ଭାବେ ଧନେଶର ମହାନ୍ତି,କୋଷାଧ୍ୟକ୍ଷ ଭାବେ ମନୋଜ କୁମାର ମିଶ୍ର,କାର୍ଯ୍ୟନିର୍ବାହୀ ପରିଷଦର ସଦସ୍ୟ ଭାବେ ସିଦ୍ଧାର୍ଥ ଶଙ୍କର ରାୟ ଓ ଯୁଧିଷ୍ଠିର ସାହୁଙ୍କୁ ଚୟନ କରାଯାଇଥିବା ଜଣାଯାଇଛି ।ରାଜ୍ୟ ଅଧିବକ୍ତା ପରିଷଦ ଦ୍ୱାରା ନିଯୁକ୍ତ ନିର୍ବାଚନ ଅଧିକାରୀ ଭାବେ ବାବୁଲି ଚରଣ ସାହୁ ସୁଚାରୁରୁପେ ଦାୟୀବ ତୁଲାଇ ଥିଲେ । ସମସ୍ତ ନୂତନ କର୍ମକର୍ତ୍ତାଙ୍କୁ ସଂଘର ସଦସ୍ୟମାନେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ।

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୭୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୨୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ-୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

### ସମ୍ ହସ୍ପିଟାଲ୍ ପକ୍ଷରୁ ଯକ୍ଷ୍ମା ରୋଗ ନେଇ ସଚେତନତା କାର୍ଯ୍ୟକ୍ରମ

# ବିନା ଲକ୍ଷଣରେ ଯକ୍ଷ୍ମା ରୋଗରେ ପୀଡ଼ିତଙ୍କ ସଂଖ୍ୟା ୪୦ ପ୍ରତିଶତ

ଭୁବନେଶ୍ୱର, (ସବ୍ୟୁ): ଦେଶର ୪୦ ପ୍ରତିଶତ ବ୍ୟକ୍ତି ଯକ୍ଷ୍ମା ରୋଗରେ ପୀଡ଼ିତ ଥିବା ବେଳେ ସେମାନଙ୍କ ଠାରେ କୌଣସି ଲକ୍ଷଣ ଦେଖାଦେଉ ନଥିବାରୁ ସେମାନଙ୍କ ଚିକିତ୍ସା ସମ୍ଭବପର ହେଉ ନାହିଁ। ଏଥି ସହିତ ଏହି ରୋଗକୁ ଏକ ସାମାଜିକ କଳଙ୍କ ବୋଲି ଅନେକ ଭ୍ରାନ୍ତ ଧାରଣା ରହିଥିବାରୁ ପୀଡ଼ିତ ବ୍ୟକ୍ତି ଚିକିତ୍ସା ପାଇଁ ଆଗଭର ହେଉ ନାହାଁନ୍ତି। ତେବେ ଉପଯୁକ୍ତ ଚିକିତ୍ସା ଦ୍ୱାରା ଯକ୍ଷ୍ମା ନିରାକରଣ ହୋଇପାରିବ ବୋଲି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ (ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ)ର ପିଜି ଡିପାର୍ଟମେଂଟ ଅଫ୍ ପଲ୍ମୋନାରି ମେଡିସିନ୍ ବିଭାଗ ପକ୍ଷରୁ ବିଶ୍ୱ ଯକ୍ଷ୍ମା ଦିବସ ପରିପ୍ରେକ୍ଷୀରେ ଆୟୋଜିତ ସିଏମଇରେ ଶନିବାର ବିଶେଷଜ୍ଞମାନେ ମତ ଦେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ପୁରୀ ସ୍ଥିତ ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ପଲମୋନାରୀ ମେଡିସିନ ବିଭାଗର ମୁଖ୍ୟ ପ୍ରଫେସର



(ଡାକ୍ତର) ସୁଦର୍ଶନ ପୋଥାଳ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ କହିଥିଲେ ଯେ ଯଦିଓ ଆମ ସମାଜରେ ଆଜି ବି ଏହାକୁ ଏକ ସାମାଜିକ କଳଙ୍କ ଭାବେ ବିବେଚନା କରାଯାଉଛି ତେବେ ଏହାର ଲକ୍ଷଣକୁ ନ ଲୁଚାଇ ଉପଯୁକ୍ତ ଚିକିତ୍ସା କରାଇବା ସହ ଔଷଧ ସେବନ କଲେ ରୋଗୀଟି ଆରୋଗ୍ୟ ଲାଭ କରିପାରିବ। ଯକ୍ଷ୍ମା ମୁକ୍ତ ଭାରତ ନିମନ୍ତେ ସାମାଜିକ ସ୍ତରରେ ସଚେତନତାର ଆବଶ୍ୟକତା ରହିଥିବା ସେ କହିଥିଲେ। ଏହି ପରିପ୍ରେକ୍ଷୀରେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯକ୍ଷ୍ମା ରୋଗର ଚିହ୍ନଟ ସହିତ ସେମାନଙ୍କୁ କିପରି ସଠିକ୍ ଭାବରେ ଚିକିତ୍ସା ପ୍ରଦାନ କରାଯାଇପାରିବ ସେଥି ନିମନ୍ତେ ସମ ହସ୍ପିଟାଲରେ ଖୁବ ଶୀଘ୍ର ଏକ ମଲ୍ଟି ଡ୍ରଗ୍ ରେଜିଷ୍ଟାନ୍ସ ଟିବି ୱାର୍ଡ଼ ଆରମ୍ଭ କରାଯିବ ବୋଲି ସୂଚନା ଦେଇଥିଲେ।

ସେହିପରି କାର୍ଯ୍ୟକ୍ରମରେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଚେତନତା କାର୍ଯ୍ୟକ୍ରମ ଓ ଉପଯୁକ୍ତ ପନ୍ଥା ପ୍ରସ୍ତୁତ କରାଗଲେ ଟିବି ହାରିବ ଓ ଦେଶ ଜିତିବ ବୋଲି କହିଥିଲେ। ମୁଖ୍ୟବକ୍ତା ଡାକ୍ତର ପୋଥାଳ ଟିବି ଓ ଲାଟେନ୍ଟ ଟିବି କିଭଳି ଜଣେ ରୋଗୀ ପାଇଁ କ୍ଷତିକାରକ ତାହା ବର୍ଣ୍ଣନା କରିବା ସହ ଏହାର ନିରାକରଣ କରିବା ନିମନ୍ତେ ଉପଯୁକ୍ତ ଚିକିତ୍ସା ଓ ପଦକ୍ଷେପ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ।

### ଖୋର୍ଦ୍ଧା ଓକିଲ ସଂଘ ନିର୍ବାଚନ

# ସଭାପତି ଲୋତକବିନ୍ଦୁ, ଲିଙ୍ଗରାଜ ସମ୍ପାଦକ


ଖୋର୍ଦ୍ଧା, (ସବ୍ୟୁ): ରାଜ୍ୟ ବାର କାଉନ୍ସିଲ ନିଷ୍ପତି କ୍ରମେ ଆଜି ସମଗ୍ର ରାଜ୍ୟର ସମସ୍ତ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧାଜିଲ୍ଲା ଓକିଲସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ରୂପେ ଲୋତକବିନ୍ଦୁ ପଟ୍ଟନାୟକ ୧୫୧ଖଣ୍ଡ ଭୋଟ ପାଇ ସଭାପତିଭାବେ ନିର୍ବାଚିତ ହୋଇଛନ୍ତି। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ମାନସ ରଞ୍ଜନ ପଟ୍ଟନାୟକ ୧୨୧ଖଣ୍ଡ ଭୋଟ ପାଇଥିବାବେଳେ ୫୬ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି ଲିଙ୍ଗରାଜ ସାହୁ (ଟୁଟୁ)। ସେହିପରି ଉପସଭାପତି ଭାବେ ହରପ୍ରସାଦ ମହାପାତ୍ର ୧୮୨ ଖଣ୍ଡ ଭୋଟ ରେ ବିଜୟୀ ହୋଇଛନ୍ତି। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ସନ୍ତୋଷ କୁମାର ସାମନ୍ତସିଂହାର ୧୪୮ଖଣ୍ଡ ଭୋଟ ପାଇଥିଲେ। ସମ୍ପାଦକ ଭାବେ ଲିଙ୍ଗରାଜ ସାହୁ ୧୯୫ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦୀ ବଳରାମ ସାହୁ



ମାତ୍ର ୭୭ଖଣ୍ଡ ଭୋଟ ପାଇଛନ୍ତି। ଯୁଗ୍ମ ସମ୍ପାଦକ ଲଲାଟେନ୍ଦୁ କେଶରୀ ପ୍ରଧାନ ଓ କୋଷାଧ୍ୟକ୍ଷ ଭାବେ ବସନ୍ତ କୁମାର ଭଞ୍ଜ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ସେହିପରି ବରିଷ୍ଠ କାର୍ଯ୍ୟକାରୀ ସଦସ୍ୟଭାବେ ବିକ୍ରମ କେଶରୀ ଛୁଆଳସିଂହ, ପ୍ରଦୀପ କୁମାର ମିଶ୍ର, ରାଧାକାନ୍ତ ରାୟ ସାମନ୍ତ, ସାବିତ୍ରୀ ଦେବୀ, ଜମିରୁଦ୍ଦିନ୍ ଖାନ୍ ଏବଂ ମୋନାଲିସା ମିଶ୍ର ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଆଜି ସକାଳ ସାଢେ ୭ରୁ ଆରମ୍ଭ ହୋଇ ଅପରାହ୍ଣ ୩ଟାରେ ଶେଷ ହୋଇଥିଲା। ଭୋଟ ଗଣତି ଅପରାହ୍ଣ ୪ଟାରେ ଆରମ୍ଭ ହୋଇଥିଲା। ସର୍ବମୋଟ ୩୬୧ଭୋଟରଙ୍କ ମଧ୍ୟରୁ ୩୩୪ଜଣ ସେମାନଙ୍କ ମତଦାନ କରିଛନ୍ତି। ଆଜିର ନିର୍ବାଚନକୁ ନିର୍ବାଚନ ଅଧିକାରୀ ଭାବେ ବିଜୟ ଚନ୍ଦ୍ର ମହାନ୍ତି ପରିଚାଳନା କରିଥିବାବେଳେ ପ୍ରଭଞ୍ଜନ ଜେନା, ପୁଷ୍ପାଞ୍ଜଳୀ ଉଦୟସିଂ, ପ୍ରଦୀପ୍ତ ପ୍ରସାଦ ରାମ ଓ ସଞ୍ଜୟ ଶତପଥୀ ପରିଚାଳନା ରେ ସହଯୋଗ କରିଥିଲେ। ପୂର୍ବତନ ସଭାପତି ଶିଶିର କୁମାର ପରିଡା, ଜୀବନଜ୍ୟୋତି ମିଶ୍ର, ପୂର୍ବତନ ସମ୍ପାଦକ ପ୍ରଭଞ୍ଜନ ଜେନା, ଚିଲିକା ବାର ସଭାପତି ପ୍ରମୋଦ କୁମାର ଜେନା ପ୍ରମୁଖ ସମସ୍ତ ନିର୍ବାଚିତ ସମସ୍ୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## କ୍ୟାଟ ବାର ନିର୍ବାଚନ : ଦେବେନ୍ଦ୍ର ସଭାପତି, ରମାକାନ୍ତ ସମ୍ପାଦକ





କଟକ, (ସବ୍ୟୁ):କ୍ୟାଟ ବାର ଆସୋସିଏସନର ୨୦୨୬-୨୭ ବର୍ଷ ପାଇଁ ନିର୍ବାଚନ ଅନୁଷ୍ଠିତ ହେଇ ଫଳାଫଳ ଘୋଷଣା ହୋଇଯାଇଛି। ଏହି ନିର୍ବାଚନରେ ଦେବେନ୍ଦ୍ର କୁମାର ବେହେରା ସଭାପତି, ପ୍ରଭାସ ରଞ୍ଜନ ଜୀବନ ଦାଶ ଉପ-ସଭାପତି, ରମାକାନ୍ତ ସାହୁ ସମ୍ପାଦକ, ଅର୍ପିତ ସିକଦାର ସହ-ସମ୍ପାଦକ ଓ ଛବିଳେନ୍ଦୁ ମହାନ୍ତ କୋଷାଧ୍ୟକ୍ଷ ଭାବରେ ନିର୍ବାଚିତ ହେଇଛନ୍ତି। କାର୍ଯ୍ୟନିର୍ବାହୀ ପରିଷଦକୁ ତିନି ଜଣ ମହିଳା ଆଇନଜୀବୀଙ୍କ ସମେତ ମୋଟ ପାଞ୍ଚ ଜଣ ନିର୍ବାଚିତ ହେଇଛନ୍ତି। ସୁଶାନ୍ତ କୁମାର ନାୟକ, ସ୍ୱର୍ଣ୍ଣପ୍ରଭା ଧଳ, କୈଳାସ ଚନ୍ଦ୍ର ଶତପଥୀ, ଜ୍ୟୋସ୍ନା ମିଶ୍ର ଓ ଯୋଗମାୟା ପ୍ରଧାନ ପ୍ରମୁଖ କାର୍ଯ୍ୟନିର୍ବାହୀ ପରିଷଦକୁ ନିର୍ବାଚିତ ହେଇଛନ୍ତି ବୋଲି ନିର୍ବାଚନ ଅଧିକାରୀ ନିର୍ମଳ ରଞ୍ଜନ ରାଉତରାୟ ଜଣାଇଛନ୍ତି।

# ଦୁଇ ସାପ୍ତାହିକ ଏକ୍ସପ୍ରେସ୍ ଟ୍ରେନ ପ୍ରଚଳନ

ଭୁବନେଶ୍ୱର, (ସବ୍ୟୁ): ଦୂରଗାମୀ ରେଳ ସଂଯୋଗୀକରଣ ବୃଦ୍ଧି ଏବଂ ଯାତ୍ରୀମାନଙ୍କୁ ଉନ୍ନତ ଯାତ୍ରା ସୁବିଧା ପ୍ରଦାନ କରିବ ଦୁଇଟି ସାପ୍ତାହିକ ଏକ୍ସପ୍ରେସ୍ ଟ୍ରେନ୍। ଟ୍ରେନ୍ ନମ୍ବର ୧୮୦୬୩ ସାନ୍ତ୍ରାଗାଛି-ଯଲାହାଙ୍କା ଏସି ଏକ୍ସପ୍ରେସ୍ ୨ ଏପ୍ରିଲ ୨୦୨୬ ରୁ ପ୍ରତି ଗୁରୁବାର ଦିନ ୧୨:୫୦ ରେ ସାନ୍ତ୍ରାଗାଛିରୁ ଛାଡ଼ିବ ଏବଂ ଶନିବାର ଦିନ ରାତି ୧୨ :୨୦ ରେ ଯଲାହାଙ୍କାରେ ପହଞ୍ଚିବ। ଫେରିବା ଦିଗରେ, ଟ୍ରେନ ନମ୍ବର ୧୮୦୬୪ ଯଲାହାଙ୍କା – ସାନ୍ତ୍ରାଗାଛି ଏସି ଏକ୍ସପ୍ରେସ ୪ ଏପ୍ରିଲ ୨୦୨୬ ଠାରୁ ପ୍ରତି ଶନିବାର ଯଲାହାଙ୍କାରୁ ଭୋର ୦୪:୫୦ ରେ ଛାଡିବ ଏବଂ ରବିବାର ସନ୍ଧ୍ୟା ୫ ଟାରେ ସାନ୍ତ୍ରାଗାଛିରେ ପହଞ୍ଚିବ। ଯାତ୍ରା ସମୟରେ, ଟ୍ରେନଟି ପୂର୍ବ ତଟ ରେଳପଥ କ୍ଷେତ୍ରାଧିକାର ଅନ୍ତର୍ଗତ ପ୍ରମୁଖ ଷ୍ଟେସନଗୁଡ଼ିକ ଦେଇ ଯିବ, ଯଥା ଭଦ୍ରକ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍, ବ୍ରହ୍ମପୁର, ପଲାସା, ଶ୍ରୀକାକୁଲମ୍ ରୋଡ୍, ବିଜୟନଗରମ୍, କୋଟ୍ଟାଭାଲସା, ପେଣ୍ଡୁର୍ଟି ଏବଂ ଦୁଭାଡା ଇତ୍ୟାଦି। ଟ୍ରେନ ନମ୍ବର ୧୮୦୪୧ ଶାଲିମାର–ଏମଜିଆର ଚେନ୍ନାଇ ଏକ୍ସପ୍ରେସ୍ ୬ ଏପ୍ରିଲ ୨୦୨୬ ଠାରୁ ପ୍ରତି ସୋମବାର ଅପରାହ୍ଣ ୨:୪୫ ରେ ଶାଲିମାରରୁ ଛାଡିବ ଏବଂ ମଙ୍ଗଳବାର ସନ୍ଧ୍ୟା ୬:୪୫ ରେ ଏମଜିଆର ଚେନ୍ନାଇରେ ପହଞ୍ଚିବ।

ଫେରିବା ଦିଗରେ, ଟ୍ରେନ ନମ୍ବର ୧୮୦୪୨ ଏମଜିଆର ଚେନ୍ନାଇ-ଶାଲିମାର ଏକ୍ସପ୍ରେସ୍ ୭ ଏପ୍ରିଲ ୨୦୨୬ ଠାରୁ ପ୍ରତି ମଙ୍ଗଳବାର ସନ୍ଧ୍ୟା ୬:୪୫ ରେ ଏମଜିଆର ଚେନ୍ନାଇରୁ ଛାଡିବ ଏବଂ ଗୁରୁବାର ଭୋର ୪:୦୦ ରେ ଶାଲିମାରରେ ପହଞ୍ଚିବ। ଯାତ୍ରା ସମୟରେ, ଟ୍ରେନଟି ପୂର୍ବ ତଟ ରେଳବାଇ କ୍ଷେତ୍ରାଧିକାର ଅନ୍ତର୍ଗତ ଅନେକ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ଦେଇ ଗତି କରିବ, ଯେପରିକି ଭଦ୍ରକ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍, ବ୍ରହ୍ମପୁର, ବିଜୟନଗରମ୍ ଏବଂ ଦୁଭାଡା ଇତ୍ୟାଦି। ଏହି ନୂତନ ସେବାଗୁଡ଼ିକ ପଶ୍ଚିମବଙ୍ଗ, ଓଡ଼ିଶା, ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକ ଏବଂ ତାମିଲନାଡୁ ମଧ୍ୟରେ ଯୋଗାଯୋଗରେ ଉଲ୍ଲେଖନୀୟ ଉନ୍ନତି ଆଣିବ, ଯାତ୍ରୀମାନଙ୍କୁ ଉନ୍ନତ ଯାତ୍ରା ବିକଳ୍ପ ଏବଂ ଅଧିକ ସୁବିଧା ପ୍ରଦାନ କରିବ।

# ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଶ୍ରୀରାମ ମହୋତ୍ସବ

ଜଟଣୀ, (ସବ୍ୟୁ) : ବିଶ୍ୱହିନ୍ଦୁ ପରିଷଦ ଜଟଣୀ ପ୍ରଖଣ୍ଡ ପକ୍ଷରୁ ଶ୍ରୀରାମ ମହୋତ୍ସବ ମହା ଆଡମ୍ବର ସହକାରେ ସିଟି କେୟାର ହସ୍ପିଟାଲ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି । ଜଟଣୀ ପ୍ରଖଣ୍ଡ ସଭାପତି ରମେଶ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରବଚକ ପଣ୍ଡିତ ବିଶେଷ ଚୈତନ୍ୟ ମହାରାଜ, ବିଶ୍ୱହିନ୍ଦୁ ପରିଷଦ ଖୋର୍ଦ୍ଧା ଜିଲ୍ଲା ପ୍ରଖଣ୍ଡ ଉପସଭାପତି ଡ ସୁକାନ୍ତି ମହାପାତ୍ର, ପ୍ରଖଣ୍ଡ ସମ୍ପାଦକ ଅଶ୍ୱିନୀ ମହାରଣା, ଜିଲ୍ଲା ଉପସଭାପତି ନରେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଅତିଥି ମାନେ ଉପସ୍ଥିତ ଜନତାଙ୍କୁ ପ୍ରଭୁ ଶ୍ରୀରାମଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ପରାମର୍ଶ ଦେଇଥିଲେ । ଚୈତ୍ର ଶୁକ୍ଳ ପ୍ରତିପଦା ଠାରୁ ଶ୍ରୀରାମଲାଲାଙ୍କ ଏକ ସୁସଜ୍ଜିତ ରଥ ଜିଲ୍ଲା ପରିକ୍ରମା କରୁଥିବା ବେଳେ ଏହି ପରିପ୍ରେକ୍ଷୀରେ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଡ଼ମୁଣେଇ ଠାକୁରାଣୀଙ୍କ ପୀଠ ଠାରୁ ଟ୍ରାଫିକ କଲୋନୀ ରାମ ମନ୍ଦିର ପର୍ଯ୍ୟନ୍ତ ଆନନ୍ଦ ଉଲ୍ଲାସର ସହିତ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ପ୍ରଶାନ୍ତ କୁମାର ବେହେରା, ଦିଲ୍ଲୀପ କୁମାର ପ୍ରଧାନ, ଶରତ କୁମାର ରେଡ୍ଡୀ, ଚିତ୍ତରଞ୍ଜନ ପ୍ରଧାନ, ରଙ୍କନିଧି ମୁଦୁଲି, ସଞ୍ଜୟ କୁମାର ବରୀଶଲ, ପରେଶ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ । ଏ ନେଇ ସନ୍ଧ୍ୟାରେ ପ୍ରବଚନ ଅନୁଷ୍ଠିତ ହୋଇଥିଲା, ପରିଶେଷରେ ପ୍ରତିଧ୍ୱନି କଳା ସଂସଦ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ତରଫରୁ ରାମନବମୀ ଅବସରରେ ସେବା କାର୍ଯ୍ୟ

ଭୁବନେଶ୍ୱର (ସବ୍ୟୁ): ପବିତ୍ର ରାମନବମୀ ଅବସରରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଭଦ୍ରକ ୟୁନିଟ୍ର ରାମନବମୀ କମିଟି ପକ୍ଷରୁ ଏକ ବିଶାଳ ଓ ସୁସଂଗଠିତ ଖାଦ୍ୟ ପାନୀୟ ବଣ୍ଟନ କାର୍ଯ୍ୟକ୍ରମ ଭବ୍ୟ ଭାବେ ଆୟୋଜିତ ହୋଇଥିଲା। ଭଦ୍ରକ ସହରର ଏହି ସେବାମୂଳକ କାର୍ଯ୍ୟକ୍ରମରେ ଲକ୍ଷାଧିକ ଭକ୍ତଙ୍କୁ ସୁସ୍ୱାଦୁ ଖାଦ୍ୟ ଓ ଶୀତଳ ପାନୀୟ ବଣ୍ଟନ କରାଯାଇଥିଲା। ବ୍ୟାଙ୍କର ଅଧିକାରୀ ଓ କର୍ମଚାରୀମାନେ



ଅତ୍ୟନ୍ତ ଶୃଙ୍ଖଳାବଦ୍ଧ, ସମନ୍ୱିତ ଓ ନିଷ୍ଠାପୂର୍ଣ୍ଣ ଭାବରେ ଏହି ବ୍ୟବସ୍ଥାକୁ ସଫଳ କରିଥିଲେ। ଭକ୍ତମାନଙ୍କ ସୁବିଧା, ପରିଷ୍କାରତା ଓ ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦେଇ ସମଗ୍ର ବ୍ୟବସ୍ଥାପନା କରାଯାଇଥିବାରୁ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ପ୍ରଶଂସା ଲାଭ କରିଛି। ବିଭିନ୍ନ ସଂଗଠନ ମଧ୍ୟରେ ଏହାକୁ ସର୍ବୋତ୍କୃଷ୍ଟ ବ୍ୟବସ୍ଥାପନା ଭାବେ ଆଲୋଚନା କରାଯାଉଛି।

ଏହା ହେଉଛି ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ୍ ଭଦ୍ରକ ୟୁନିଟ୍ର ପକ୍ଷରୁ ତୃତୀୟ ବର୍ଷ ଧରି ଅବିରତ ଭାବେ ଆୟୋଜିତ ହେଉଥିବା ଏକ ସେବାମୂଳକ ପ୍ରୟାସ। ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ଆହୁରି ବ୍ୟାପକ, ସୁସଂଗଠିତ ଓ ଲୋକପ୍ରିୟ ହେଉଥିବାରୁ ଏହା ପ୍ରତି ଭକ୍ତମାନଙ୍କ ଆକର୍ଷଣ ବୃଦ୍ଧି ପାଇଛି। ଏହି ପବିତ୍ର ଅବସରରେ ବ୍ୟାଙ୍କର କର୍ମଚାରୀମାନେ ସମାଜ ସେବା, ମାନବିକତା ଓ ଧାର୍ମିକ ଏକତାର ଏକ ଉତ୍କୃଷ୍ଟ ଉଦାହରଣ ସ୍ଥାପନ କରିଛନ୍ତି, ଯାହା ଅନ୍ୟ ସଂଗଠନମାନଙ୍କ ପାଇଁ ପ୍ରେରଣାର ସୂତ୍ର ପାଲଟିଛି ।

## ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ସ୍ମଲକ୍ୟାପ ୨୫୦ ଇଣ୍ଡେକ୍ସ ଫଣ୍ଡର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସ ପକ୍ଷରୁ ଏହାର ୟୁନିଟ ଲିଙ୍କ୍ଡ ଇନ୍ସୁରାନ୍ସ ପ୍ଲାନ୍ (ୟୁଏଲଆଇପି) ଅଧୀନରେ, ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ସ୍ମଲକ୍ୟାପ ୨୫୦ ଇଣ୍ଡେକ୍ସ ଫଣ୍ଡର ଶୁଭାରମ୍ଭ କରାଯାଇଛି। ଏହି ଫଣ୍ଡ ଗ୍ରାହକଙ୍କୁ ଉଦୀୟମାନ ତାଲିକାଭୁକ୍ତ କମ୍ପାନୀଗୁଡିକର ଏକ ବିସ୍ତୃତ ଶୃଙ୍ଖଳାରେ ନିବେଶ କରିବା ଏବଂ ଏକ ଶୃଙ୍ଖଳିତ, ସୂଚକାଙ୍କ-ଆଧାରିତ ପଦ୍ଧତି ମାଧ୍ୟମରେ ଦୀର୍ଘାବଧିରେ ସମ୍ପତି ସୃଷ୍ଟି ପାଇଁ ସକ୍ଷମ କରୁଛି। ଏହି ଫଣ୍ଡ ସ୍ମଲକ୍ୟାପ ୨୫୦ ଇଣ୍ଡେକ୍ସକୁ ଟ୍ରାକ କରିଥାଏ, ଯାହା ନିଫ୍ଟି ୫୦୦ ମଧ୍ୟରେ ୨୫୧ତମରୁ ୫୦୦ତମ ର୍ୟାଙ୍କରେ ଥିବା ୨୫୦ଟି କମ୍ପାନୀଗୁଡିକର ପ୍ରତିନିଧିତ୍ୱ କରିଥାଏ। ଏହି ଫଣ୍ଡ କ୍ଷୁଦ୍ର ତାଲିକାଭୁକ୍ତ ବ୍ୟବସାୟଗୁଡିକର ଏକ ଶୃଙ୍ଖଳା ପାଇଁ ଏକ୍ସପୋଜର ପ୍ରଦାନ କରିଥାଏ ଯେଉଁମାନେ ନିଜ ଅଭିବୃଦ୍ଧି ଯାତ୍ରାର ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଥାନ୍ତି ଏବଂ ସେମାନଙ୍କ ପାଖରେ ସମୟକ୍ରମେ ବିକଶିତ ହେବାର ସମ୍ଭାବନା ରହିଥାଏ। ଏହି ଶୁଭାରମ୍ଭ ସମ୍ପର୍କରେ ମତପ୍ରକାଶ କରି ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସ କମ୍ପାନୀ ଲିମିଟେଡର ମୁଖ୍ୟ ନିବେଶ ଅଧିକାରୀ ଶ୍ରୀଯୁକ୍ତ ମନିଷ କୁମାର କହିଛନ୍ତି, "ସ୍ମଲକ୍ୟାପ ୨୫୦ ଇଣ୍ଡେକ୍ସ ଫଣ୍ଡ ଗ୍ରାହକଙ୍କୁ ଉଦୀୟମାନ କମ୍ପାନୀଗୁଡିକର ଅଭିବୃଦ୍ଧି ସମ୍ଭାବନାରେ ନିବେଶ କରିବା ଏବଂ ଦୀର୍ଘାବଧିରେ ସମ୍ପତି ହାସଲ କରିବା ପାଇଁ ଏକ ସରଳ ଓ ସ୍ୱଚ୍ଛ ମାର୍ଗ ପ୍ରଦାନ କରୁଛି।

### କଟକ ସାହିତ୍ୟ ସରୋବର ୨୦୨୬

# ସାହିତ୍ୟ ଓ ନୃତ୍ୟର ସମ୍ପର୍କ ଖୁବ୍ ନିବିଡ : ମେୟର

ଭୁବନେଶ୍ୱର (ସବ୍ୟୁ): କଟକ ମହାନଦୀକୂଳ ବାଲିଯାତ୍ରା ପଡିଆରେ କଟକ ମହାନଗର ନିଗମ ତରଫରୁ ଆୟୋଜିତ ହେଉଥିବା କଟକ ପୁସ୍ତକ ମେଳାର ପ୍ରଥମ ସଂସ୍କରଣ " କଟକ ସାହିତ୍ୟ ସରୋବର ୨୦୨୬ ମହାସମାରୋହରେ ପାଳିତ ହେଉଥିବାବେଳେ ସମସ୍ତ ପରିବେଶ ପାଠକ ଓ ଦର୍ଶକଙ୍କୁ ଖୁବ ନିଆରା ଅନୁଭୂତି ଦେଉଛି। ପ୍ରତ୍ୟୋହ ସନ୍ଧ୍ୟାରେ ଶତାଧିକ ଦର୍ଶକଙ୍କ ଗହଣରେ ସାହିତ୍ୟ ଓ ନୃତ୍ୟମଞ୍ଚ ଦର୍ଶକଙ୍କୁ ଆମୋହିତ କରୁଛି। ଶୁକ୍ରବାର ମଞ୍ଚରେ ମେୟର ସୁବାସ ସିଂହ, ବିଶିଷ୍ଟ ସାହିତ୍ୟକ ପ୍ରାଧ୍ୟାପକ ଡ଼କ୍ଟର ବାବାଜୀ ଚରଣ ପଟ୍ଟନାୟକ, ଗୀତିକବି ସମାଜର ସଭାପତି ଗୌର ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ପୁସ୍ତକ ଓ ପାଠକ ସମାଜର ଏକ ଅଙ୍ଗ ବୋଲି କହିଥିବାବେଳେ ସାହିତ୍ୟରେ ନୃତ୍ୟର ସମନ୍ୱୟ ପାଠକଙ୍କୁ



ସମୋହନ କରେ ବୋଲି ମେୟର ସୁବାସ ସିଂହ କହିଛନ୍ତି। ବିଶିଷ୍ଟ ଓଡିଶୀ ନୃତ୍ୟଶିଳ୍ପୀ ତଥା ନୃତ୍ୟଶାଳା, ସଂସ୍କୃତି କେନ୍ଦ୍ର କଟକର ପ୍ରତିଷ୍ଠାତା ଓଡ଼ିଆ ଅଧ୍ୟାପକ ତଥା ଓଡିଶୀ ନୃତ୍ୟଶିଳ୍ପୀ ଡ଼କ୍ଟର ଚିତ୍ତରଞ୍ଜନ ସାହାଣୀଙ୍କ ନିର୍ଦ୍ଦେଶିତ ଓ ଡ଼କ୍ଟର ସଂଗୀତା ସାହୁଙ୍କ ସଂଯୋଜିତ ଓଡ଼ିଶୀନୃତ୍ୟ ଗଣେଶ ବନ୍ଦନା ଓ ଜୟଦେବଙ୍କ କୃତ ଗୀତଗୋବିନ୍ଦ ଆଧାରିତ ନୃତ୍ୟ ସାହିତ୍ୟନୁରାଗୀ ଓ ନୃତ୍ୟପ୍ରେମୀ ଦର୍ଶକଙ୍କୁ କିଛି କ୍ଷଣପାଇଁ ନୃତ୍ୟ ମନସ୍କ କରିଥିଲା। ମହାନଗରନିଗମର ଲୋକ ସମ୍ପର୍କ ଅଧିକାରୀ ଅବିନାଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ଚୌଦ୍ୱାର ଟାଙ୍ଗୀ ଅଞ୍ଚଳ

# ଶ୍ରୀରାମ ସେନାର ବିଶାଳ ବାଇକ୍ ଶୋଭାଯାତ୍ରା

କଟକ,(ସବ୍ୟୁ): ସାରା ଦେଶରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ଜନ୍ମ ଜୟନ୍ତୀ ତଥା ରାମନବମୀ ପାଳନ ହେଉଛି। ଏହି ଅବସରରେ କଟକ ଜିଲ୍ଲା ଟାଙ୍ଗୀ ଚୌଦ୍ୱାର ବ୍ଲକ ଅଞ୍ଚଳରେ ଶ୍ରୀରାମ ସେନା ଟାଙ୍ଗୀର ଆବାହକ ତଥା ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରାଙ୍କ ନେତୃତ୍ୱରେ ଦୁଇ ହଜାରରୁ ଉର୍ଦ୍ଧ୍ୱ ବାଇକ୍ ସମେତ ତିନି ହଜାର ଜନସାଧାରଣ ବାଇକ୍ ଶୁକ୍ରବାର ଶୋଭାଯାତ୍ରାରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି। ଉକ୍ତ ବାଇକ୍ ଶୋଭାଯାତ୍ରାରେ ସମସ୍ତେ ଅପରାହ୍ଣ ତିନି ଘଟିକାରେ କୋଟସାହି ସ୍ଥିତ ରାମ ମନ୍ଦିରରେ ଏକତ୍ରିତ ହୋଇ ଟାଙ୍ଗୀ, ଭଗତପୁର, ବରପଦା, ବିଶ୍ୱନାହାକାଣୀ, ଗରୁଡ଼ଗାଁ ଓ ସଫା ରାମ ମନ୍ଦିର ପର୍ଯ୍ୟନ୍ତ ଯାଇ ପୁନର୍ବାର ସଫାରୁ ଫେରି କନ୍ହେଇପୁର ପଞ୍ଚାୟତ କନମିରା ମନ୍ଦିରରେ ଏକତ୍ରିତ ହୋଇଥିଲେ। ସନ୍ଧ୍ୟାରେ ହିନ୍ଦୁ ଧର୍ମର ପ୍ରଚାରକ ମାନସ ବାବାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ଧର୍ମଜାଗରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ବାବାଜୀ ବିଶ୍ୱନାଥ ଦାସ ମହାରାଜ ଓ ଦର୍ଶନ ବିଦ୍ୟାର୍ଥୀ



ବାବାଜୀ କବିନ୍ଦ୍ର ମହାରାଜାଙ୍କ ସମେତ ବିଭିନ୍ନ ସାଧୁସନ୍ଥ ଯୋଗଦେଇଥିଲେ। ଏହି ଅବସରରେ ଶ୍ରୀରାମ ସେନାର ଆବାହକ ଶ୍ରୀ ବେହେରା ସମସ୍ତ ସାଧୁସନ୍ଥ, ସହଯୋଗ କରିଥିବା ସ୍ୱେଚ୍ଛାସେବୀ ଓ ପୋଲିସ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଶାଳ ରାଲିସହ ଏକ ସୁସଜ୍ଜିତ ରଥରେ ପିଲାମାନେ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ପୋଷାକ ପିନ୍ଧି ଅଭିନୟ କରୁଥିବା ଦେଖିବାକୁ ମିଳିଛି। ଶିକ୍ଷାବିତ ତ୍ରିଦେବ ବେହେରାଙ୍କ ନେତୃତ୍ୱରେ ଏପରି ବିଶାଳ ଶୋଭାଯାତ୍ରା ଟାଙ୍ଗୀ ଅଞ୍ଚଳରେ ପ୍ରଥମ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଥିବା ଜାଣିବାକୁ ମିଳିଛି। କାର୍ଯ୍ୟକ୍ରମରେ ଅମନ ବେଉରା,ଆକାଶ ପାତ୍ର, ହୃଷୀକେଶ ସାମଲ, ଦେବାଶିଷ ପ୍ରଧାନ,ମାନସ ସାହୁ, ବିଶ୍ୱଜିତ ଆଞ୍ଚଲ, ଜୟପ୍ରକାଶ ମହାନ୍ତି, ତ୍ରିନାଥ ମହାରଣା, ରକ୍ଷ୍ୟାନନ୍ଦ ସ୍ୱାଇଁ ଓ ପ୍ରଭାତ ତରାଇଙ୍କ ସମେତ ବିଭିନ୍ନ ପଞ୍ଚାୟତର ରାମ ଭକ୍ତ ସହଯୋଗ ଦେଇଥିଲେ।

### ବେଦାନ୍ତ ଆଲୁମିନିୟମର ଭେଦଗ୍ରାମ ଝାରସୁଗୁଡ଼ାରେ

# ଗ୍ରାମୀଣ ଜୀବିକା ଏବଂ ନିରନ୍ତର କୃଷିକୁ ସୁଦୃଢ଼ କରିଛି

ଭୁବନେଶ୍ୱର (ସବ୍ୟୁ) ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ାରେ କେନ୍ଦ୍ରିତ ସାମୁଦାୟିକ ବିକାଶ ପଦକ୍ଷେପ ମାଧ୍ୟମରେ ଏହାର ମୂଳ କାର୍ଯ୍ୟଠାରୁ ଅଧିକ ଅନ୍ତର୍ଭୁକ୍ତ ଅଭିବୃଦ୍ଧିକୁ ଆଗେଇ ନେଉଛି। ସ୍ଥାୟୀ ଏବଂ ସମାନ ପ୍ରଗତି ପ୍ରତି ଦୃଢ଼ ପ୍ରତିବଦ୍ଧତା ଦ୍ୱାରା ଚାଳିତ, କମ୍ପାନୀ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା, ପରିବେଶଗତ ପରିଚାଳନାକୁ ପ୍ରୋତ୍ସାହିତ କରିବା ଏବଂ ଗ୍ରାମୀଣ ସମ୍ପ୍ରଦାୟ ମଧ୍ୟରେ ଜୀବନର ଗୁଣବତା ଉନ୍ନତ କରିବା ପାଇଁ ଦୀର୍ଘକାଳୀନ କାର୍ଯ୍ୟକ୍ରମରେ ନିବେଶ କରୁଛି। ଏପରି ଏକ ପଦକ୍ଷେପ, ଭେଦଗ୍ରାମ ପ୍ରକଳ୍ପ, କମ୍ପାନୀର ଝାରସୁଗୁଡ଼ା କାର୍ଯ୍ୟର ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ କୃଷି ଉତ୍ପାଦନ ବୃଦ୍ଧି କରିବା, ଆୟ ଉତ୍ସକୁ ବିବିଧ କରିବା ଏବଂ ନିରନ୍ତର କୃଷି ପଦ୍ଧତିକୁ ପ୍ରୋତ୍ସାହିତ କରିବା ପାଇଁ ଡିଜାଇନ୍ କରାଯାଇଛି, ଯେଉଁଥିରେ ବଞ୍ଜାରୀ, ସିରିଆପାଲି, ପ୍ରମାଣପୁର, କାଟିକେଲା, ପତ୍ରପାଲି, ବଡ଼ମାଲ, ଭୂରକାମୁଣ୍ଡା, ଡାଲକି, ଭାଗିପାଲି ଏବଂ ପାଣ୍ଡ୍ରିପଥର ଅନ୍ତର୍ଭୁକ୍ତ।

ଏହି ଅଂଚଳଗୁଡ଼ିକରେ, ଯେଉଁଠାରେ କୃଷି ଜୀବିକାର ପ୍ରାଥମିକ ଉତ୍ସ ହୋଇ ରହିଛି, ଏହି ପ୍ରକଳ୍ପ କୃଷି, ପଶୁପାଳନ ଏବଂ ଆନୁଷଙ୍ଗିକ କାର୍ଯ୍ୟକଳାପକୁ ନେଇ ସମନ୍ୱିତ ହସ୍ତକ୍ଷେପର ଏକ ଶୃଙ୍ଖଳା ମାଧ୍ୟମରେ ଚାଷୀମାନଙ୍କୁ ଜୀବିକା-ଭିତିକ ଅଭ୍ୟାସରୁ ଅଧିକ ସ୍ଥିର ଏବଂ ଆୟ-ଉତ୍ପାଦନକାରୀ ମଡେଲକୁ ପରିବର୍ତ୍ତନ କରିବାକୁ ସକ୍ଷମ କରୁଛି। କାର୍ଯ୍ୟକ୍ରମର ପ୍ରଭାବ ଉପରେ ଆଲୋକପାତ କରି, ବେଦାନ୍ତ ଝାରସୁଗୁଡାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି, "ଆମର ଲକ୍ଷ୍ୟ ହେଉଛି ଆମେ ଯେଉଁ ସମ୍ପ୍ରଦାୟରେ କାର୍ଯ୍ୟ କରୁଛୁ ସେଠାରେ ମାପଯୋଗ୍ୟ ଏବଂ ସ୍ଥାୟୀ ପ୍ରଭାବ ସୃଷ୍ଟି କରିବା। ଭେଦଗ୍ରାମ ମାଧ୍ୟମରେ, ଆମେ ମାଟିରୁ ବଜାର ପର୍ଯ୍ୟନ୍ତ ସମଗ୍ର ଗ୍ରାମୀଣ ମୂଲ୍ୟ ଶୃଙ୍ଖଳକୁ ସୁଦୃଢ଼ କରୁଛୁ, ଚାଷୀମାନଙ୍କ ପାଖରେ ସ୍ଥିର ଏବଂ ଉଚ୍ଚ ଆୟ ହାସଲ କରିବା ପାଇଁ ଉପକରଣ ଏବଂ ଜ୍ଞାନ ଅଛି ତାହା ନିଶ୍ଚିତ କରୁଛୁ। ଭେଦଗ୍ରାମ ପଦକ୍ଷେପର ମୂଳ ହେଉଛି ୱାଡି କାର୍ଯ୍ୟକ୍ରମ, ଯାହା ଅଧୀନରେ ୫୦ ଜଣ ଚାଷୀ ଉଦ୍ୟାନ-ଭିତିକ କୃଷି ମଡେଲ ଗ୍ରହଣ କରିଛନ୍ତି। ଏହି ହସ୍ତକ୍ଷେପ ପୂର୍ବରୁ ୨୫ ଏକର ବନ୍ଧ୍ୟା ଜମିକୁ ଉତ୍ପାଦନକ୍ଷମ କୃଷି-ଉଦ୍ୟାନ କୃଷି ସମ୍ପତିରେ ପରିଣତ କରିଛି। ସମନ୍ୱିତ କୃଷି ବନୀକରଣ ଏବଂ ଆନ୍ତଃଫସଲ ଭଳି ଅଭ୍ୟାସ ସହିତ, ଚାଷୀମାନେ ସ୍ଥାୟୀ ଆୟ ସ୍ରୋତ ନିର୍ମାଣ କରିପାରିବେ, ପ୍ରତି ପରିବାର ପାଇଁ ଟ.୩୫,୦୦୦ ପର୍ଯ୍ୟନ୍ତ ବାର୍ଷିକ ଆୟ ବୃଦ୍ଧି ପାଇବାର ଆକଳନ କରାଯାଇଛି।

# ନୋଏଡା ଅନ୍ତର୍ଜାତୀୟ ବିମାନବନ୍ଦର ଉଦଘାଟନ କଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତ୍ତର ପ୍ରଦେଶର ଜେୱରରେ ନୋଏଡା ଆନ୍ତର୍ଜାତୀୟ ବିମାନବନ୍ଦର (ଜେୱର ବିମାନବନ୍ଦର)ର ପ୍ରଥମ ପର୍ଯ୍ୟାୟ ଉଦଘାଟନ କରିଛନ୍ତି। ଏହା ଦିଲ୍ଲୀ-ଏନସିଆରରେ ଦ୍ୱିତୀୟ ପ୍ରମୁଖ ଅନ୍ତର୍ଜାତୀୟ ବିମାନବନ୍ଦର, ଯାହା ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର ଉପରେ ବଢୁଥିବା ବୋଝକୁ ହ୍ରାସ କରିବାରେ ସାହାଯ୍ୟ କରିବ।

ପ୍ରଧାନମନ୍ତ୍ରୀ ମୋଦୀ ପୂର୍ବାହ୍ନ ପ୍ରାୟ ୧୧:୩୦ ସମୟରେ ବିମାନବନ୍ଦର ଟର୍ମିନାଲ କୋଠାର ପରିଦର୍ଶନ କରିଥିଲେ। ଉଦଘାଟନ ପ୍ରାୟ ୧୨:୨୦ ସମୟରେ ହୋଇଥିଲା, ତା'ପରେ ସେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିଥିଲେ। ଏହି ପର୍ଯ୍ୟାୟରେ ବିମାନବନ୍ଦର ବାର୍ଷିକ ୧.୨ କୋଟି ଯାତ୍ରୀଙ୍କୁ ପରିଚାଳନା କରିପାରିବ। ଭବିଷ୍ୟତରେ ଏହାକୁ ଆହୁରି ସମ୍ପ୍ରସାରିତ କରାଯିବ। ତାଙ୍କ ସହିତ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କିଞ୍ଜରାପୁ ରାମ ମୋହନ ନାଇଡୁ ମଧ୍ୟ ଉପସ୍ଥିତ ଥିଲେ। ଉଦଘାଟନ ପୂର୍ବରୁ ମୁଖ୍ୟମନ୍ତ୍ରୀ ଯୋଗୀ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭଗବାନ ବୁଦ୍ଧଙ୍କ ଏକ ପବିତ୍ର ଅବଶେଷ ପ୍ରଦାନ କରିଥିଲେ। ବିମାନବନ୍ଦରର ପ୍ରଥମ ପର୍ଯ୍ୟାୟ ଉଦଘାଟନ ଅବସରରେ ଏକ ସାଧାରଣ ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, "ଏହା ଯୁବପିଢ଼ିଙ୍କ ଭବିଷ୍ୟତକୁ ଉଡାଣ ଦେବ। ନୋଏଡାର ଏହି ବିମାନବନ୍ଦର ଆଗ୍ରା, ମଥୁରା, ଆଲିଗଡ଼, ଗାଜିଆବାଦ, ମିରଟ, ଇଟାୱା, ବୁଲନ୍ଦସହର ଏବଂ ଫରିଦାବାଦ ଭଳି ଅଞ୍ଚଳକୁ ବହୁତ ଲାଭ ଦେବ। ଏହା ପଶ୍ଚିମ ଉତ୍ତର ପ୍ରଦେଶର ଚାଷୀ, କ୍ଷୁଦ୍ର ଶିଳ୍ପ ଏବଂ ଯୁବକମାନଙ୍କ



ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ।"

"ଏହି ଉଡ଼ାଣଗୁଡ଼ିକ ଏହି ଅଞ୍ଚଳକୁ ବିଶ୍ୱ ସହିତ ଯୋଡ଼ିବ, ଏବଂ ଏହା ଏକ ବିକଶିତ ଉତ୍ତର ପ୍ରଦେଶର ଉଦୟର ପ୍ରତୀକ ମଧ୍ୟ ହେବ। ମୁଁ ଏହି ଭବ୍ୟ ବିମାନବନ୍ଦର ପାଇଁ ଉତ୍ତର ପ୍ରଦେଶର ଲୋକମାନଙ୍କୁ, ବିଶେଷକରି ପଶ୍ଚିମ ଯୁପିର ଲୋକମାନଙ୍କୁ ଅଭିନନ୍ଦନ ଜଣାଉଛି।" ସେ ଆହୁରି କହିଛନ୍ତି, "ଆଜିର କାର୍ଯ୍ୟକ୍ରମ ଭାରତର ନୂତନ ଭାବନାକୁ ପ୍ରତିଫଳିତ କରେ। ଯେତେବେଳେ ସମଗ୍ର ବିଶ୍ୱ ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ଏବଂ ଖାଦ୍ୟ, ଇନ୍ଧନ ଏବଂ ସାର ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀର ଅଭାବକୁ ନେଇ ଚିନ୍ତିତ, ସେତେବେଳେ ଭାରତ ପୂର୍ଣ୍ଣ ଶକ୍ତି ସହିତ ଏହି ସଙ୍କଟର ସାମ୍ନା କରୁଛି। ସରକାର ନିଶ୍ଚିତ କରୁଛନ୍ତି ଯେ ଏହି ବୋଝ ସାଧାରଣ ପରିବାର ଏବଂ କୃଷକମାନଙ୍କ ଉପରେ ନ ପଡ଼େ।" ୩,୦୦୦ ଏକରରୁ ଅଧିକ ଜମିରେ ୧୧,୨୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏବଂ ୪ କିଲୋମିଟର ଲମ୍ବା ରନୱେ ବିଶିଷ୍ଟ ଜେୱର ବିମାନବନ୍ଦର ଆନ୍ତର୍ଜାତୀୟ ବିମାନ ଯାତ୍ରା ପରିଚାଳନା କରିବାକୁ ସମ୍ପୂର୍ଣ୍ଣ ସକ୍ଷମ। ବିମାନବନ୍ଦରର ପ୍ରଥମ ପର୍ଯ୍ୟାୟ ପ୍ରାୟ ୧୧,୨୦୦ କୋଟି ଟଙ୍କା ନିବେଶ ସହିତ ସରକାରୀ-ଘରୋଇ ସହଭାଗୀତା (PPP) ମଡେଲ ଅଧୀନରେ ବିକଶିତ ହୋଇଛି। ଏଥିରେ ୩,୯୦୦ ମିଟର ଲମ୍ବ ରନୱେ ଅଛି ଯାହା ବଡ଼ ଆକାରର ବିମାନ ପରିଚାଳନା କରିପାରିବ। ଏଥିରେ ଆଧୁନିକ ନାଭିଗେସନ୍ ସିଷ୍ଟମ, ଯେଉଁଥିରେ ଏକ ଯନ୍ତ୍ର ଅବତରଣ ସିଷ୍ଟମ (ILS) ଏବଂ ଉନ୍ନତ ଏୟାରଫିଲ୍ଡ ଲାଇଟିଂ ଅନ୍ତର୍ଭୁକ୍ତ, ଯାହା ଦକ୍ଷ, ସମସ୍ତ ପାଣିପାଗ ଏବଂ ୨୪ ଘଣ୍ଟା କାର୍ଯ୍ୟକୁ ସମର୍ଥନ କରେ। ଏହି ବିମାନବନ୍ଦରରେ ଏକ ସୁଦୃଢ଼ କାର୍ଗୋ ଇକୋସିଷ୍ଟମ ମଧ୍ୟ ରହିଛି, ଯେଉଁଥିରେ ଏକ ମଲ୍ଟି-ମୋଡାଲ୍ କାର୍ଗୋ ହବ୍ ଅନ୍ତର୍ଭୁକ୍ତ, ଯେଉଁଥିରେ ଏକ ସମନ୍ୱିତ କାର୍ଗୋ ଟର୍ମିନାଲ ଏବଂ ଲଜିଷ୍ଟିକ୍ସ ଜୋନ୍ ଅନ୍ତର୍ଭୁକ୍ତ। ପିଏମଓର ଏକ ପ୍ରେସ୍ ରିଲିଜ୍ ଅନୁଯାୟୀ, ଏହି କାର୍ଗୋ ସୁବିଧା ବାର୍ଷିକ ୨.୫ ଲକ୍ଷ ମେଟ୍ରିକ୍ ଟନ୍ ରୁ ଅଧିକ କାର୍ଗୋ ପରିଚାଳନା କରିବା ପାଇଁ ଡିଜାଇନ୍ କରାଯାଇଛି, ଯାହା ପ୍ରାୟ ୧୮ ଲକ୍ଷ ମେଟ୍ରିକ୍ ଟନ୍ କୁ ବିସ୍ତାର କରାଯାଇ ପାରିବ। ଏଥିରେ ଚାଳିଶ ଏକର ଜମିରେ ବିସ୍ତାରିତ ଏକ ଖାସ୍ ରକ୍ଷଣାବେକ୍ଷଣ, ମରାମତି ଏବଂ ଓଭରହାଲ୍ (MRO) ସୁବିଧା ମଧ୍ୟ ଅନ୍ତର୍ଭୁକ୍ତ।

# ଘରୋଇ ଏଲପିଜି ସିଲିଣ୍ଡରର ବିତରଣ ସ୍ୱାଭାବିକ !

**ନୂଆଦିଲ୍ଲୀ :** ପଶ୍ଚିମ ଏସିଆର ପରିସ୍ଥିତିକୁ ଦୃଷ୍ଟିରେ ରଖି, ଭାରତ ସରକାର ପ୍ରମୁଖ କ୍ଷେତ୍ରଗୁଡ଼ିକରେ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ପ୍ରସ୍ତୁତି ଏବଂ ପ୍ରତିକ୍ରିୟା ପଦକ୍ଷେପ ଗ୍ରହଣ କରୁଛନ୍ତି। ଶକ୍ତି ଯୋଗାଣ, ସାମୁଦ୍ରିକ କାର୍ଯ୍ୟ ଏବଂ ଏହି କ୍ଷେତ୍ରରେ ଭାରତୀୟ ନାଗରିକମାନଙ୍କୁ ସହାୟତା କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପ ବିଷୟରେ ନିମ୍ନଲିଖିତ ସୂଚନା ଦିଆଯାଇଛି। ହର୍ମୁଜ୍ ପ୍ରଣାଳୀ ବନ୍ଦ ହେବା ମଧ୍ୟରେ, ସାରା ଦେଶରେ ପେଟ୍ରୋଲିୟମ୍ ଉତ୍ପାଦ ଏବଂ ଏଲପିଜିର ନିରନ୍ତର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନିଆଯାଇଛି। ସମସ୍ତ ରିଫାଇନାରୀ ଉଚ୍ଚ କ୍ଷମତାରେ କାର୍ଯ୍ୟ କରୁଛି, ପର୍ଯ୍ୟାପ୍ତ ଅଶୋଧିତ ତୈଳ ସଂଗ୍ରହାଳୟ ଅଛି। ଦେଶ ମଧ୍ୟ ପେଟ୍ରୋଲ ଏବଂ ଡିଜେଲର ପର୍ଯ୍ୟାପ୍ତ ଷ୍ଟକ୍ ବଜାୟ ରଖିଛି। ଘରୋଇ ବ୍ୟବହାରକୁ ସମର୍ଥନ କରିବା ପାଇଁ ରିଫାଇନାରୀରୁ ଘରୋଇ ଏଲପିଜି ଉତ୍ପାଦନ ବୃଦ୍ଧି କରାଯାଇଛି। ସାରା ଦେଶରେ ସମସ୍ତ ଖୁଚୁରା ଦୋକାନ ସ୍ୱାଭାବିକ ଭାବରେ କାର୍ଯ୍ୟ କରୁଛି। ଭାରତ ସରକାର ପେଟ୍ରୋଲ ଏବଂ ଡିଜେଲ ଉପରେ ଉତ୍ପାଦ ଶୁଳ୍କ ପ୍ରତି ଲିଟର ୧୦ ଟଙ୍କା ହ୍ରାସ କରିଛନ୍ତି। ଏହା ବ୍ୟତୀତ, ଭାରତ ସରକାର ଘରୋଇ ବଜାରରେ ଏହି ଉତ୍ପାଦଗୁଡ଼ିକର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ଡିଜେଲ ଉପରେ ପ୍ରତି ଲିଟର ୨୧.୫ ଟଙ୍କା ଏବଂ ବିମାନ ଟରବାଇନ୍ ଇନ୍ଧନ (ଏଟିଏଫ୍) ଉପରେ ପ୍ରତି ଲିଟର ୨୯.୫ ଟଙ୍କା ରପ୍ତାନି ଶୁଳ୍କ ଲାଗୁ କରିଛନ୍ତି। କିଛି ଅଞ୍ଚଳରେ ଆତଙ୍କ କିଣିବା ରିପୋର୍ଟ ହୋଇଛି। କିଛି ଗୁଜବ ଥିଲା ଯାହା କିଛି ରାଜ୍ୟର କିଛି ଖୁଚୁରା ଦୋକାନରେ ଆତଙ୍କ କିଣିବା ପାଇଁ କାରଣ ହୋଇଥିଲା, ଯାହା ଫଳରେ ଅସ୍ୱାଭାବିକ ଭାବରେ ଅଧିକ ବିକ୍ରୟ ଏବଂ ଖୁଚୁରା ଦୋକାନରେ ପ୍ରବଳ ଭିଡ଼ ହୋଇଥିଲା। ତଥାପି, ଏହା ସୂଚନା ଦିଆଯାଇଛି ଯେ ଦେଶର ସମସ୍ତ ପେଟ୍ରୋଲ ପମ୍ପରେ ପେଟ୍ରୋଲ ଏବଂ ଡିଜେଲର ପର୍ଯ୍ୟାପ୍ତ ଷ୍ଟକ୍ ଉପଲବ୍ଧ ଅଛି। ଗୁଜବରେ ବିଶ୍ୱାସ ନ କରିବାକୁ ସରକାର ଜନସାଧାରଣଙ୍କୁ ତାଙ୍କର ପରାମର୍ଶ ଦୋହରାଉଛନ୍ତି।

ଗ୍ରାହକମାନଙ୍କୁ ଡି-ପିଏନଜି ଏବଂ ସିଏନଜି-ପରିବହନକୁ ୧୦୦% ଯୋଗାଣ ସହିତ ପ୍ରାଥମିକତା ଦିଆଯାଇଛି। ଗ୍ରୀଡ୍ ସହିତ ସଂଯୁକ୍ତ ଶିଳ୍ପ ଏବଂ ବାଣିଜ୍ୟିକ ଗ୍ରାହକମାନଙ୍କୁ ଯୋଗାଣ ସେମାନଙ୍କ ହାରାହାରି ବ୍ୟବହାରର ୮୦% ରହିଛି। ଭାରତ ସରକାରଙ୍କ ଦ୍ୱାରା ସିଜିଡି ସଂସ୍ଥାଗୁଡ଼ିକୁ ପରାମର୍ଶ ଦିଆଯାଇଛି ଯେ ସେମାନେ ବାଣିଜ୍ୟିକ ଏଲପିଜି ର ଉପଲବ୍ଧତା ସମ୍ପର୍କିତ ଚିନ୍ତାଧାରାକୁ ଦୂର କରିବା ପାଇଁ ସେମାନଙ୍କର ସମସ୍ତ ଗୋଳିକ କ୍ଷେତ୍ର (ଜିଏ) ରେ ରେଷ୍ଟୁରାଣ୍ଟ, ହୋଟେଲ ଏବଂ କ୍ୟାଣ୍ଟିନ୍ ଭଳି ବାଣିଜ୍ୟିକ ପ୍ରତିଷ୍ଠାନ ପାଇଁ ପିଏନଜି ସଂଯୋଗକୁ ପ୍ରାଥମିକତା ଦିଅନ୍ତୁ। ଆଇଜିଏଲ୍, ଏମଜିଏଲ୍, ଗେଲ୍ ଗ୍ୟାସ୍ ଏବଂ ବିପିସିଏଲ୍ ପରି ସିଜିଡି କମ୍ପାନୀଗୁଡ଼ିକ ଘରୋଇ ଏବଂ ବାଣିଜ୍ୟିକ ପିଏନଜି ସଂଯୋଗ ନେବା ପାଇଁ ପ୍ରୋତ୍ସାହନ ପ୍ରଦାନ କରିଛନ୍ତି। ଭାରତ ସରକାର ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶ ଏବଂ କେନ୍ଦ୍ର ମନ୍ତ୍ରଣାଳୟଗୁଡ଼ିକୁ ସିଜିଡି ନେଟୱାର୍କର ସମ୍ପ୍ରସାରଣ ପାଇଁ ଆବଶ୍ୟକୀୟ ଆବେଦନଗୁଡ଼ିକର ଅନୁମୋଦନକୁ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଛନ୍ତି। ଭାରତ ସରକାର ୧୮.୦୩.୨୦୨୬ ତାରିଖର ପତ୍ର ମାଧ୍ୟମରେ ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକୁ ରାଜ୍ୟଗୁଡ଼ିକୁ ବାଣିଜ୍ୟିକ ଏଲପିଜି ର ଅତିରିକ୍ତ ୧୦% ଆବଣ୍ଟନ ପ୍ରଦାନ କରିଛନ୍ତି। ପରବର୍ତ୍ତୀ ସମୟରେ, ଏମଓପିଏନଜି ବିଭିନ୍ନ ରାଜ୍ୟରୁ ଆବେଦନ ଗ୍ରହଣ କରିଛି ଯେଉଁମାନେ ସିଜିଡି ନେଟୱାର୍କକୁ ପ୍ରୋତ୍ସାହିତ କରିବା ପାଇଁ ସଂସ୍କାର ପାଇଁ ପଦକ୍ଷେପ ନେଇଛନ୍ତି। ତଦନୁସାରେ, କିଛି ରାଜ୍ୟ ପାଇଁ ଅତିରିକ୍ତ ଆବଣ୍ଟନ ସୁପାରିଶ କରାଯାଇଛି।

# ରୁଷକୁ ବାଧୁଛି ଯୁଦ୍ଧ ଖର୍ଚ୍ଚ ୨୫ ବର୍ଷ ପରେ ଆରମ୍ଭ କଲା ସୁନା ବିକ୍ରି

**ନୂଆଦିଲ୍ଲୀ:** ନିଅଣ୍ଟିଆ ବଜେଟ ଏବଂ ଲଗାତାର ବଢୁଥିବା ସୈନ୍ୟ ଖର୍ଚ୍ଚର ଚାପକୁ ନେଇ ଚିନ୍ତାରେ ରୁଷ । ଏମିତିରେ ଏହାର ସମାଧାନ ପାଇଁ ରୁଷ ନିଜର କେନ୍ଦ୍ରୀୟ ବ୍ୟାଙ୍କର ଭଣ୍ଡାରରୁ ସୁନା ବିକ୍ରି କରିବା ଆରମ୍ଭ କରିଛି। ବଡ଼ କଥା ହେଲା ଗତ ୨୫ ବର୍ଷରେ ଏହା ପ୍ରଥମ ଥର, ଯେତେବେଳେ ରୁଷ ଏଭଳି କୌଣସି ପଦକ୍ଷେପ ନେଇଛି।ରିପୋର୍ଟ ଅନୁସାରେ, ଦୀର୍ଘ ଦିନରୁ ଲାଗି ରହିଥିବା ଯୁଦ୍ଧ ଯୋଗୁ ରୁଷର ସୈନ୍ୟ ଖର୍ଚ୍ଚ ବଢ଼ିଛି। ଫଳରେ ଏହାର ସିଧାସଳଖ ପ୍ରଭାବ ସରକାରୀ ଅର୍ଥ ଉପରେ ଚାପ ପକାଇଛି। ତେଣୁ ଏହାର ସମାଧାନ ପାଇଁ ଏବେ ରୁଷୀୟ ସରକାରଙ୍କୁ ସୁନା ଏବଂ ବିଦେଶୀ ମୁଦ୍ରା ଭଣ୍ଡାରର ସହଯୋଗ ନେବାକୁ ପଡୁଛି। ଏହାଦ୍ୱାରା ବଜେଟ ନିଅଣ୍ଟକୁ ନିୟନ୍ତ୍ରିତ କରାଯାଇପାରିବ। ସେପଟେ ଲଗାତାର ବିକ୍ରି କାରଣରୁ ରୁଷର ଗୋଲ୍ଡ ରିଜର୍ଭ ଏବେ ଗତ ୪ ବର୍ଷର ସବୁଠୁ ନିମ୍ନ ସ୍ତରରେ ପହଞ୍ଚିଛି। ଏହା ଏକ ସଙ୍କେତ ଯେ, ରୁଷ ଉପରେ ଆର୍ଥିକ ଚାପ ଅଧିକ ହେଉଛି ଆଉ ସରକାରଙ୍କୁ ନିଜ ସୁରକ୍ଷିତ ଭଣ୍ଡାରକୁ ମଧ୍ୟ ବ୍ୟବହାର କରିବାକୁ ପଡୁଛି। ତଥ୍ୟ ଅନୁସାରେ, ୨୦୨୨ରୁ ୨୦୨୫ ମଧ୍ୟରେ ସୁନା ଏବଂ ବିଦେଶୀ ମୁଦ୍ରା ମିଶାଇ ୧୫ ଟ୍ରିଲିୟନ ରୁବଲ (ପ୍ରାୟ ୧୫୦ ବିଲିୟନ ଡଲାର)ରୁ ଅଧିକ ବିକ୍ରି ହୋଇଛି। ସେହିଭଳି ୨୦୨୬ର ପ୍ରଥମ ଦୁଇ ମାସରେ ହିଁ ଅତିରିକ୍ତ ୩.୫ ଟ୍ରିଲିୟନ ରୁବଲ (୩୫ ବିଲିୟନ ଡଲାର)ର ରିଜର୍ଭ (ଭଣ୍ଡାର) ବିକ୍ରି ହୋଇସାରିଛି।

# ବାଂଲାଦେଶର ରକ୍ଷାକର୍ତ୍ତା ସାଜିଲା ଭାରତ

## ❒ ସାହାଯ୍ୟ ଭୁଲିହେବନି କହିଲା ଢ଼ାକା

**ନୂଆଦିଲ୍ଲୀ:** ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ପ୍ରଭାବିତ ହୋଇଛି ଗ୍ୟାସ୍ ଓ ପେଟ୍ରୋଲିୟମ କ୍ଷେତ୍ର। ବାଂଲାଦେଶରେ ପେଟ୍ରୋଲ ଏବଂ ଡିଜେଲକୁ ନେଇ ଗମ୍ଭୀର ସଙ୍କଟ ଦେଖାଦେଇଛି। ଏହାରି ଭିତରେ ଭାରତ ପଡ଼ୋଶୀକୁ ଅତିରିକ୍ତ ୫ ହଜାର ଟନ୍ ଡିଜେଲ ଯୋଗାଇ ସାହାଯ୍ୟ କରିବାକୁ ଆଗେଇ ଆସିଛି। ଜଣେ ବରିଷ୍ଠ ସରକାରୀ ଅଧିକାରୀ ଏହି ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି। ବାଂଲାଦେଶ ପେଟ୍ରୋଲିୟମ୍ କର୍ପୋରେସନ (BPC)ର ମହାପ୍ରବନ୍ଧକ ମହମ୍ମଦ ମୁର୍ଶେଦ ହୋସେନ ଆଜାଦ କହିଛନ୍ତି ଯେ ଭାରତରୁ ଅତିରିକ୍ତ 5,000 ଟନ୍ ଡିଜେଲ ବାଂଲାଦେଶରେ ପହଞ୍ଚିଛି। ବାଂଲାଦେଶ ଗତ କିଛି ଦିନ ମଧ୍ୟରେ ଭାରତରୁ ମୋଟ ୧୫ ହଜାର ଟନ୍ ଡିଜେଲ ପାଇଛି। ଆଉ ୬ ହଜାର ଟନ୍ ଡିଜେଲ ପଠାଇବା ପାଇଁ ପମ୍ପିଂ ପ୍ରକ୍ରିୟା ମାର୍ଚ୍ଚ ୨୮ରେ ହେବାର କାର୍ଯ୍ୟକ୍ରମ ରହିଛି। ଭାରତ ଆଗାମୀ ଏପ୍ରିଲ ମାସରେ ୪୦ ହଜାର ଟନ୍ ଡିଜେଲ ଯୋଗାଣ ପ୍ରସ୍ତାବ ଦେଇଛି। ଯାହାକୁ ବାଂଲାଦେଶ ସରକାର ଆନୁଷ୍ଠାନିକ ଭାବରେ ଗ୍ରହଣ କରିଛନ୍ତି। ଏହି ଡିଜେଲ ଆସାମରେ ଅବସ୍ଥିତ 'ନୁମାଲିଗଡ଼ ରିଫାଇନାରୀ' ରୁ ଯୋଗାଣ କରାଯାଉଛି। 'ଭାରତ-ବାଂଲାଦେଶ ବନ୍ଧୁତା ପାଇପଲାଇନ୍' ମାଧ୍ୟମରେ ବାଂଲାଦେଶର ପାର୍ବତୀପୁର ଡିପୋକୁ ଇନ୍ଧନ ପରିବହନ କରାଯାଏ। ୨୦୨୪ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ବିରୁଦ୍ଧରେ ବ୍ୟାପକ ଜନସାଧାରଣଙ୍କ ବିରୋଧ ପରେ ଏହି ପାଇପଲାଇନର କାର୍ଯ୍ୟ ସ୍ଥଗିତ ରଖାଯାଇଥିଲା।

ଫେବୃଆରୀରେ ଅନୁଷ୍ଠିତ ସାଧାରଣ ନିର୍ବାଚନ ପରେ ତାରିକ ରହମାନଙ୍କ ନେତୃତ୍ୱରେ ନୂତନ ସରକାର କ୍ଷମତା ଗ୍ରହଣ କରିଥିଲେ। ଏହି ପାଇପଲାଇନର କାର୍ଯ୍ୟ ପୁନଃସ୍ଥାପିତ ହୋଇଥିଲା। ପୁନଃସ୍ଥାପନ ହେବା ପରଠାରୁ, ଏହି ପାଇପଲାଇନ୍ ମାଧ୍ୟମରେ ମୋଟ ୧୫ ହଜାର ଟନ୍ ଡିଜେଲ ପରିବହନ କରାଯାଇଛି। ଶକ୍ତି ବିଶେଷଜ୍ଞ ଏଜାଜ୍ ଅହମ୍ମଦ କହିଥିଲେ ଯେ ବାଂଲାଦେଶର ବାର୍ଷିକ ଡିଜେଲ ଚାହିଦା ୪ ମିଲିୟନ ଟନ୍, ଯାହା ସମ୍ପୂର୍ଣ୍ଣ ଆମଦାନୀ ଉପରେ ନିର୍ଭରଶୀଳ। ବିଦେଶରୁ ଆମଦାନୀ ହେଉଥିବା ଅଶୋଧିତ ତେଲ ମଧ୍ୟରୁ କେବଳ 500,000 ଟନ୍ ବାଂଲାଦେଶର 'ପୂର୍ବ ରିଫାଇନାରୀ'ରେ ବିଶୋଧନ କରାଯାଇପାରିବ। ଅବଶିଷ୍ଟ ଆବଶ୍ୟକତା ପୂରଣ କରିବା ପାଇଁ, ବିଶୋଧିତ ଡିଜେଲ ସିଧାସଳଖ ଆମଦାନୀ କରିବାକୁ ପଡିବ। ଏହାର ଡିଜେଲ ଯୋଗାଣ ପାଇଁ, ବାଂଲାଦେଶ ମୁଖ୍ୟତଃ ଭାରତ, ସିଙ୍ଗାପୁର ଏବଂ ମଧ୍ୟପ୍ରାଚ୍ୟ ଉପରେ ନିର୍ଭର କରେ।

# ନେତାନ୍ୟାହୁଙ୍କୁ ଭାନ୍ସଙ୍କ ସମାଲୋଚନା

**ୱାସିଂଟନ:** ଇରାନ ଯୁଦ୍ଧକୁ ମାସେ ହୋଇଥିବାବେଳେ ଏହାର ଫଳାଫଳ ନେଇ କୌଣସି ସ୍ୱଷ୍ଟତା ଦେଖାଯାଉନି। ଯୁଦ୍ଧ ଆରମ୍ଭରେ ଆମେରିକା ଓ ଇସ୍ରାଏଲ ଏହାକୁ ଯେତେ ସହଜ ମନେ କରୁଥିଲେ ବାସ୍ତବତା କିନ୍ତୁ ଭିନ୍ନ ରହିଛି। ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ ଓ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ମଧ୍ୟରେ ଏକ ପ୍ରାଇଭେଟ ଫୋନ୍ କଲ ଦୁଇ ସହଯୋଗୀ ଦେଶ ମଧ୍ୟରେ ନିରବ ମତଭେଦକୁ ପରିପ୍ରକାଶ କରୁଛି। ଚିରାଚରିତ କୂଟନୀତିଠାରୁ ଅଲଗା ଏହି କଥାବାର୍ତ୍ତାରେ ପ୍ରାରମ୍ଭରେ କିପରି ଯୁଦ୍ଧକୁ ନେଇ ପ୍ରସ୍ତୁତି ଓ ବର୍ତ୍ତମାନର ସ୍ଥିତିକୁ ନେଇ ୱାସିଂଟନ ବିଚଳିତ ଅଛି ତାହା ଜଣାପଡୁଛି। ଯୁଦ୍ଧ ଆଗକୁ ବଢୁଥିବାବେଳେ ଇରାନର ଆଭ୍ୟନ୍ତରୀଣ ସମସ୍ୟା ଓ କ୍ଷମତା ପରିବର୍ତ୍ତନ ନେଇ ଆମେରିକା ଓ ଇସ୍ରାଏଲର ଆକଳନ ଭୁଲ ଥିଲା କି ବୋଲି ପ୍ରଶ୍ନ ଉଠିଛି। 'ଆକ୍ସିଓ' ଦ୍ୱାରା ପ୍ରକାଶିତ ସୂତ୍ର ଅନୁଯାୟୀ, ଇରାନର ଆଭ୍ୟନ୍ତରୀଣ ଅଶାନ୍ତି ନେଇ ଭାନ୍ସ ସିଧାସଳଖ ଯୁଦ୍ଧ ପୂର୍ବରୁ ନେତାନ୍ୟାହୁଙ୍କ ଆକଳନକୁ ଚାଲେଞ୍ଜ କରିଛନ୍ତି। 'ଆକ୍ସିଓ' ଅନୁଯାୟୀ, ଭାନ୍ସ କହିଛନ୍ତି ଯେ, ଯୁଦ୍ଧ ପୂର୍ବରୁ ନେତାନ୍ୟାହୁ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଇରାନରେ କ୍ଷମତା ପରିବର୍ତ୍ତନ ପୂରାପୂରି ସହଜ ବୋଲି ଖୁବ୍ ସହଜରେ ବୁଝାଇ ଦେଇଥିଲେ। ନେତାନ୍ୟାହୁଙ୍କ ଅନେକ ଆକଳନ ଆଶାବାଦୀ ଥିଲା ବୋଲି ଭାନ୍ସ କହିଥିଲେ। ଏହି ଫୋନ୍ କଲର ଦିନକ ପରେ ୱେଷ୍ଟ ବ୍ୟାଙ୍କରେ ହିଂସାକୁ ନେଇ ଭାନ୍ସ ନେତାନ୍ୟାହୁଙ୍କ ଉପରେ ଚିତ୍କାର କରିଥିଲେ ବୋଲି ଇସ୍ରାଏଲର ଏକ ଦକ୍ଷିଣପନ୍ଥୀ ଖବରକାଗଜ ପ୍ରକାଶ କରିଥିଲା। ତେବେ ଏହି ରିପୋର୍ଟର ବାସ୍ତବିକତାକୁ ନେଇ ଆମେରିକୀୟ ଓ ଇସ୍ରାଏଲୀୟ ସୂତ୍ର ମଧ୍ୟରେ ମତଭେଦ ଦେଖାଯାଇଛି।

# ମୋଦିଙ୍କ ସହ ମିଶିକି କାମ କରିବାକୁ ନେପାଳ ପ୍ରଧାନମନ୍ତ୍ରୀ ଉତ୍ସାହିତ

**ନୂଆଦିଲ୍ଲୀ:**ଶନିବାର ଦିନ ନେପାଳ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଧନ୍ୟବାଦ ଜଣାଇଛି। ନେପାଳ ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତାଙ୍କ ଅଭିନନ୍ଦନ ପାଇଁ ଧନ୍ୟବାଦ ଜଣାଇଛନ୍ତି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନେପାଳର ନୂତନ ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହଙ୍କୁ ତାଙ୍କ ଶପଥ ଗ୍ରହଣ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଟ୍ୱିଟ୍ କରି କହିଛନ୍ତି ଯେ ଶାହଙ୍କ ନେତୃତ୍ୱରେ ଭାରତ ଏବଂ ନେପାଳ ମଧ୍ୟରେ ବନ୍ଧୁତା ଏବଂ ସହଯୋଗ ଆହୁରି ମଜବୁତ ହେବ। ସେ ଏହା ମଧ୍ୟ କହିଛନ୍ତି ଯେ ନେପାଳର ଲୋକଙ୍କ ତାଙ୍କ ନେତୃତ୍ୱ ଉପରେ ବିଶ୍ୱାସ ଅଛି । ପ୍ରଧାନମନ୍ତ୍ରୀ ମୋଦୀ ଆଶା ପ୍ରକାଶ କରିଛନ୍ତି ଯେ ଦୁଇ ଦେଶ ସେମାନଙ୍କ ସମ୍ପର୍କକୁ ଆହୁରି ଉଚ୍ଚତାକୁ ନେଇଯିବା ପାଇଁ ଏକାଠି କାମ କରିବେ।



ଶନିବାର ନେପାଳ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ କହିଛି ଯେ, ପ୍ରଧାନମନ୍ତ୍ରୀ ଶାହ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ମୋଦୀଙ୍କ ସହ କାମ କରିବାକୁ ମଧ୍ୟ ଅପେକ୍ଷା କରିଛନ୍ତି। X ରେ ପୋଷ୍ଟ ହୋଇଥିବା ଏକ ବିବୃତ୍ତି ଅନୁସାରେ,"ପ୍ରଧାନମନ୍ତ୍ରୀ ମୋଦୀ ଜୀ, ଆପଣଙ୍କ ସ୍ନେହ ଏବଂ ଶୁଭେଚ୍ଛା ପାଇଁ ଧନ୍ୟବାଦ। ଆମ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବା ଏବଂ ଆମ ଲୋକଙ୍କ କଲ୍ୟାଣ ପାଇଁ ମୁଁ ଆପଣଙ୍କ ସହିତ କାମ କରିବାକୁ ଅପେକ୍ଷା କରିଛି।" ଶୁକ୍ରବାର ଦିନ ନେପାଳ ରାଷ୍ଟ୍ରପତି ରାମଚନ୍ଦ୍ର ପାଉଡେଲ ବାଲେନ୍ଦ୍ର ଶାହଙ୍କୁ ଶପଥ ପାଠ କରାଇଥିଲେ। ନେପାଳର ପ୍ରଧାନମନ୍ତ୍ରୀ ହେବା ପରେ, ଶାହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ତାଙ୍କ ନିର୍ଦ୍ଦେଶରେ ପୋଲିସ ପୂର୍ବତନ ପ୍ରଧାନମନ୍ତ୍ରୀ କେପି ଶର୍ମା ଏବଂ ପୂର୍ବତନ ଗୃହମନ୍ତ୍ରୀ ରମେଶ ଲେଖକଙ୍କୁ ଗିରଫ କରିଛି। ଏହି ମାମଲାରେ ସମସ୍ତ ଅଭିଯୁକ୍ତଙ୍କ ପାଇଁ ସର୍ବାଧିକ ଦଶ ବର୍ଷ ଜେଲଦଣ୍ଡ ସୁପାରିଶ କରାଯାଇଛି। କୋର୍ଟର ନିଷ୍ପତ୍ତି କ'ଣ ହେବ ତାହା ଦେଖିବାକୁ ବାକି ଅଛି। ଶାହ ସରକାର ଏହି ମାମଲାରେ ସେତେବେଳର ପୋଲିସ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ନିଷ୍ପତ୍ତି ନେଇଛନ୍ତି। ନିକଟ ଭବିଷ୍ୟତରେ, ଅନେକ ବରିଷ୍ଠ ନେପାଳୀ ପୋଲିସ ଅଧିକାରୀ ଗିରଫ ହୋଇପାରନ୍ତି ।

# ଭାରତରେ ପୁଣି ଲାଗିବ କି ଲକଡାଉନ୍ !

**ନୂଆଦିଲ୍ଲୀ:** ଦେଶରେ ପୁଣି ଥରେ କୋଭିଡ୍ ଭଳି ପରିସ୍ଥିତି ଏବଂ ଲକଡାଉନ୍ ଲଗାଯିବା ନେଇ କିଛି ଦିନ ହେବ ଚର୍ଚ୍ଚା ହେଉଛି। ବିଶେଷ କରି LPG ବା ରନ୍ଧନ ଗ୍ୟାସ୍ର ଅଭାବ ଏବଂ ଅର୍ଥନୈତିକ କଟକଣାକୁ ନେଇ ସାଧାରଣ ଲୋକଙ୍କ ମନରେ ଭୟ ସୃଷ୍ଟି କରାଯାଉଛି। କିନ୍ତୁ ଏବେ କେନ୍ଦ୍ର ସରକାର ଏହି ସବୁ ଗୁଜବ ଉପରେ ପୂର୍ଣ୍ଣଛେଦ ପକାଇଛନ୍ତି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସ୍ୱଷ୍ଟ କରିଛନ୍ତି ଯେ, ଦେଶରେ ଲକଡାଉନ୍ ଲଗାଇବାର କୌଣସି ଯୋଜନା ନାହିଁ।

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଶୁକ୍ରବାର କହିଛନ୍ତି ଯେ, କୋଭିଡ୍ ଭଳି କୌଣସି ଲକଡାଉନ୍ ଲାଗିବ ନାହିଁ। କିଛି ନେତା ଏବଂ ଗୋଷ୍ଠୀ ଇନ୍ଧନ ଅଭାବକୁ ନେଇ ଯେଉଁ ଭୟ ସୃଷ୍ଟି କରୁଛନ୍ତି, ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ। ସରକାର ଜନସାଧାରଣଙ୍କ ଯାତାୟାତ କିମ୍ବା ଆର୍ଥିକ କାର୍ଯ୍ୟକଳାପ ଉପରେ କୌଣସି କଟକଣା ଲଗାଇବାକୁ ବିଚାର କରୁନାହାନ୍ତି।

ସେହିପରି କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂ ପୁରୀ ମଧ୍ୟ ଏହି ଗୁଜବକୁ ସମାଲୋଚନା କରିଛନ୍ତି। ସେ ସୋସିଆଲ ମିଡିଆ ପ୍ଲାଟଫର୍ମ X ରେ ଲେଖିଛନ୍ତି ଯେ, ଭାରତରେ ଲକଡାଉନ୍ ଖବର ସମ୍ପୂର୍ଣ୍ଣ ମିଥ୍ୟା। ଏଭଳି ସମୟରେ ଆମକୁ ଶାନ୍ତ ଏବଂ ଦାୟିତ୍ୱବାନ ରହିବାକୁ ହେବ। ତେବେ ଏହି ଗୁଜବ ପଛର ପ୍ରକୃତ କାରଣ କ'ଣ ? ବାସ୍ତବରେ ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ଯୋଗୁଁ ଅଶୋଧିତ ତୈଳ ଦର ବୃଦ୍ଧି ପାଇଛି। ଏହାର ପ୍ରଭାବରୁ ସାଧାରଣ ଜନତାଙ୍କୁ ରକ୍ଷା କରିବା ପାଇଁ ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଗ୍ଲୋବାଲ୍ ଏନର୍ଜି ସଙ୍କଟକୁ ଦୃଷ୍ଟିରେ ରଖି ସରକାର ପେଟ୍ରୋଲ ଏବଂ ଡିଜେଲ ଉପରୁ Excise Duty ବା ଅବକାରୀ ଶୁଳ୍କରେ ଭାରି କାଟ୍ କରିଛନ୍ତି। ପେଟ୍ରୋଲରେ ଏକ୍ସାଇଜ୍ ଡ୍ୟୁଟି ଲିଟର ପିଛା ୩ ଟଙ୍କାକୁ ହ୍ରାସ ପାଇଛି।

# ଦୁବାଇରେ ମିସାଇଲ୍ ମାଡ଼ କଲା ଇରାନ୍

**ନୂଆଦିଲ୍ଲୀ:** ଇରାନ୍ ଉପରେ ଇସ୍ରାଏଲ ଏବଂ ଆମେରିକା ମିଳିତ ଭାବରେ ଆକ୍ରମଣ କରିଥିଲେ । ଏହି ଯୁଦ୍ଧକୁ ୩୦ ଦିନ ବିତିଛି, କିନ୍ତୁ ତୀବ୍ରତା ବୃଦ୍ଧି ପାଇଛି । ଇରାନ୍ ଦେଉଛି ଜୋରଦାର ଜବାବ । ଇସ୍ରାଏଲ ସମେତ ନିଜର ପଡ଼ୋଶୀ ଗଲ୍ଫ ଦେଶଙ୍କୁ ଟାର୍ଗେଟ କରୁଛି ଇରାନ୍ । ଘନଘନ ମିସାଇଲ୍ ମାଡ଼ରେ ୟୁଏଇ, କୁଏତ ଏବଂ ସାଉଦି ଆରବ ଭଳି ଦେଶ ଅସ୍ତବ୍ୟସ୍ତ ହୋଇପଡ଼ିଛନ୍ତି । ଯୁଦ୍ଧ ମଧ୍ୟରେ ଗଲ୍ଫ ଦେଶ ଉପରେ ଆକ୍ରମଣ କରାଯିବ ନାହିଁ ବୋଲି ଇରାନ ରାଷ୍ଟ୍ରପତି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଏହାର କିଛି ଦିନ ପରେ ଇରାନ୍ ପକ୍ଷରୁ ଏହି ସବୁ ଦେଶ ଉପରେ ଆକ୍ରମଣ ଆରମ୍ଭ ହୋଇଥିଲା । ଏହାରି ମଧ୍ୟରେ ଶନିବାର ଇରାନ୍, କୁଏତ, ଦୁବାଇ ଏବଂ ଇସ୍ରାଏଲ ଉପରେ ମିସାଇଲ୍ ମାଡ଼ କରିଥିବା ଜଣାପଡ଼ିଛି ।

ଇରାନୀୟ ସେନା ଶନିବାର କହିଛି ଯେ, ୟୁଏଇରେ ଥିବା ୟୁକ୍ରେନର ଡ୍ରୋନ ପ୍ରତିରୋଧୀ ପ୍ରଣାଳୀ ଉପରେ ଆକ୍ରମଣ କରାଯାଇଛି । ଏହି ପ୍ରଣାଳୀ ଆମେରିକୀୟ ସେନାକୁ ସହାୟତା କରିବା ଉଦ୍ଦେଶ୍ୟରେ ସ୍ଥାପନ କରାଯାଇଥିଲା । ଇରାନର କେନ୍ଦ୍ରୀୟ ସେନା ଅଭିଯାନର ମୁଖ୍ୟ ସରକାରୀ ଟିଭିକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଦୁବାଇରେ ଥିବା ଆମେରିକୀୟ ସୈନିକ ଠିକଣା ସମେତ ୟୁକ୍ରେନୀୟ ଡ୍ରୋନ ପ୍ରତିରୋଧୀ ପ୍ରଣାଳୀକୁ ଟାର୍ଗେଟ କରାଯାଇଛି । ଏହା ପୂର୍ବରୁ ଆଜି ୟୁକ୍ରେନ ରାଷ୍ଟ୍ରପତି ଭୋଲଡିମିର ଜେଲେନସ୍କି ୟୁଏଇରେ ପହଞ୍ଚି ଦେଶର ରାଷ୍ଟ୍ରପତିଙ୍କୁ ଭେଟିଛନ୍ତି । ଦୁଇ ଦେଶ ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗ ଲାଗି ସହମତି ପ୍ରକାଶ କରିଛନ୍ତି ବୋଲି ଜେଲେନସ୍କି କହିଛନ୍ତି । ଇରାନ ସମର୍ଥିତ ହୁତି ବିଦ୍ରୋହୀମାନେ ଶନିବାର ପ୍ରତ୍ୟୁଷରେ ଇସ୍ରାଏଲରେ ଏକ କ୍ଷେପଣାସ୍ତ୍ର ମାଡ଼ କରିଥିବା ଦାବି କରିଛନ୍ତି। ଏହା ମଧ୍ୟପ୍ରାଚ୍ୟ ଯୁଦ୍ଧ ଆରମ୍ଭ ହେବା ପରଠାରୁ ସେମାନଙ୍କର ପ୍ରଥମ ଆକ୍ରମଣ। ଇସ୍ରାଏଲୀ ସେନା କହିଛି ଯେ, ଏହି କ୍ଷେପଣାସ୍ତ୍ରକୁ ଆକାଶରେ ଧ୍ୱଂସ କରାଯାଇଛି । ଇସ୍ରାଏଲ ଶୁକ୍ରବାର ତେହେରାନ ବିରୁଦ୍ଧରେ ଏହାର ଅଭିଯାନକୁ 'ତୀବ୍ର ଏବଂ ବିସ୍ତାର' କରିବାକୁ ଧମକ ଦେଇଥିଲା । ଏହାର କିଛି ଘଣ୍ଟା ପରେ ଇସ୍ରାଏଲ ଇରାନର ପରମାଣୁ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିଥିଲା ।ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ମଧ୍ୟରେ ଇରାନ ଶନିବାର ଦିନ ଦାବି କରିଛି ଯେ, ଏହା ଦୁବାଇରେ ଦୁଇଟି ଆମେରିକୀୟ ସାମରିକ ଘାଟି ଉପରେ ଆକ୍ରମଣ କରିଛି। ଇରାନର ସରକାରୀ ଗଣମାଧ୍ୟମ, ଫାର୍ସ ନ୍ୟୁଜ୍ ଏଜେନ୍ସି ଏହା ରିପୋର୍ଟ କରିଛି। ସମ୍ବାଦ ସରବରାହ ସଂସ୍ଥା ଅନୁଯାୟୀ, ହଜରତ ଖାତମ ଅଲ-ଆନବିୟାର କେନ୍ଦ୍ରୀୟ ମୁଖ୍ୟାଳୟର ଜଣେ ମୁଖପାତ୍ର ଦାବି କରିଛନ୍ତି ଯେ ଏହି ଅଞ୍ଚଳରେ ଥିବା ଆମେରିକୀୟ ଘାଟି ଉପରେ ଇରାନୀ ଆକ୍ରମଣ ପରେ ଆମେରିକୀୟ ସାମରିକ କର୍ମଚାରୀମାନେ ଏହି ସ୍ଥାନଗୁଡ଼ିକୁ ଛାଡ଼ି ଚାଲି ଯାଇଛନ୍ତି ।

# ପଶ୍ଚିମବଙ୍ଗରେ ନିର୍ବାଚନୀ ପ୍ରଚାର ଜୋରଦାର

**କୋଲକାତା:** ଆଗାମୀ ବିଧାନସଭା ନିର୍ବାଚନ ପାଇଁ ପଶ୍ଚିମବଙ୍ଗରେ ଜୋରଦାର ପ୍ରଚାର ଚାଲିଥିବାବେଳେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍ସି) ଓ ବିଜେପି ପରସ୍ପରକୁ ତୀବ୍ର ଆକ୍ରମଣ କରିଛନ୍ତି। ଶନିବାର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କୋଲକାତାରେ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମ୍ସି ସରକାରର ତଥାକଥିତ ବିଫଳତା ନେଇ ଅଭିଯୋଗପତ୍ର ଜାରି କରିଛନ୍ତି। କୋଲକାତା ନିଉଟାଉନ୍ସ୍ଥିତ ଏକ ହୋଟେଲରେ ସାମ୍ବାଦିକ ସମ୍ମିଳନୀ ବେଳେ ଶାହ ଅଭିଯୋଗ କରିଛନ୍ତି ଯେ, ତୃଣମୂଳ କଂଗ୍ରେସର ୧୫ ବର୍ଷର କୁଶାସନ ଭିତରେ ଅନୁପ୍ରବେଶ ଓ ମହିଳାଙ୍କ ବିରୋଧରେ ଅପରାଧଠାରୁ ଆରମ୍ଭ କରି ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ସୁନାର ବାଂଗଲା ସ୍ୱପ୍ନ ଦେଖାଇ ଟିଏମ୍ସି ସିଣ୍ଡିକେଟ୍ ରାଜ୍ ସ୍ଥାପିତ କରି ପଶ୍ଚିମବଙ୍ଗ ଜନତାଙ୍କ ଶୋଷଣ କରୁଛି। ଆଗାମୀ ନିର୍ବାଚନରେ ପଶ୍ଚିମବଙ୍ଗ ଜନସାଧାରଣ ଭୟ ନା ଭରସା କାହାକୁ ବାଛିବେ ତାହା ସ୍ୱଷ୍ଟ ହେବ ବୋଲି ଶାହ କହିଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି, ଟିଏମ୍ସି କାର୍ଯ୍ୟକାଳରେ ପଶ୍ଚିମବଙ୍ଗ ଦୁର୍ନୀତିର ପ୍ରୟୋଗଶାଳରେ ପରିଣତ ହୋଇଛି। ଶୀର୍ଷରୁ ତଳ ପର୍ଯ୍ୟନ୍ତ ଅପରାଧିକ ସିଣ୍ଡିକେଟ୍ ଜନସାଧାରଣଙ୍କୁ ହଇରାଣ କରୁଛନ୍ତି। ବିକାଶ ଅଭାବରୁ ପଶ୍ଚିମବଙ୍ଗ ଏକପ୍ରକାରର ଶ୍ମଶାନ



ପାଲଟି ଗଲାଣି।

ଶାହ କହିଛନ୍ତି ପଶ୍ଚିମବଙ୍ଗ ନିର୍ବାଚନ ପୂରା ଦେଶ ପାଇଁ ଗୁରୁତ୍ୱପୂର୍ଣ୍ଣ। ସମଗ୍ର ଦେଶର ସୁରକ୍ଷା ପଶ୍ଚିମବଙ୍ଗ ନିର୍ବାଚନ ସହିତ ଜଡ଼ିତ। ତାଙ୍କ ଦ୍ୱାରା ଦାଖଲ ହୋଇଥିବା ଅଭିଯୋଗ ଫର୍ଦ୍ଦକୁ ଶାହ ପଶ୍ଚିମବଙ୍ଗ ଜନସାଧାରଣଙ୍କ ଦ୍ୱାରା ମମତା ବାନାର୍ଜୀଙ୍କ ବିରୋଧରେ ଥିବା ଅସନ୍ତୋଷର ପ୍ରତିଫଳନ ବୋଲି କହିଛନ୍ତି। ସଙ୍କଳ୍ପପତ୍ରରେ ଆମେ ଏହାର ସମାଧାନ ନେଇ ଆସିବୁ ବୋଲି ଶାହ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଟିଏମ୍ସି ୧୫ ବର୍ଷରେ ଭୟ, ଭ୍ରଷ୍ଟାଚାର, ତୁଷ୍ଟିକରଣ ଓ ହିଂସା ରାଜନୀତିକୁ ପ୍ରୋତ୍ସାହନ ଦେଇଛି। ମମତା ଭିକ୍ଟିମ କାର୍ଡ଼ ଖେଳୁଛନ୍ତି ବୋଲି ଶାହ ଅଭିଯୋଗ କରିବା ସହିତ ନିର୍ବାଚନ ଜିତିଲେ ଅବୈଧ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ଦେଶରୁ ବାହାର କରାଯିବ ବୋଲି କହିଥିଲେ। ଶାହ ଆହୁରି ମଧ୍ୟ କହିଛନ୍ତି, ସାରା ଦେଶରେ ଏସ୍ଆଇଆର୍ ହେଲା, କିନ୍ତୁ କେବଳ ପଶ୍ଚିମବଙ୍ଗରେ ନ୍ୟାୟିକ ଅଧିକାରୀଙ୍କୁ ନିଯୁକ୍ତ କରାଯିବାକୁ ପଡ଼ିଲା। ଅନ୍ୟପକ୍ଷରେ ମମତା ବିଜେପି ଓ ଶାହଙ୍କୁ ତୀବ୍ର ଆକ୍ରମଣ କରିଛନ୍ତି। ମମତା କହିଛନ୍ତି, ମୁଖ୍ୟମନ୍ତ୍ରୀ ଭାବେ ତାଙ୍କର ଯାହା କ୍ଷମତା ଓ ଅଧିକାର ରହିବା କଥା ସେସବୁ ଛଡ଼ାଇ ନିଆଯାଇଛି। 'ମୁଁ ଜଣେ ନିର୍ବାଚିତ ପ୍ରତିନିଧି କିନ୍ତୁ ସେମାନେ ମୋର ସମସ୍ତ କ୍ଷମତା ଛଡ଼ାଇ ନେଇଛନ୍ତି' ବୋଲି ମମତା କହିଛନ୍ତି। ରାମ ନବମୀରେ ମୁର୍ଶିଦାବାଦର ରଘୁନାଥଗଞ୍ଜରେ ହୋଇଥିବା ହିଂସା ପାଇଁ ମମତା ବିଜେପିକୁ ଦାୟୀ କରିଛି। ମମତା କହିଛନ୍ତି, ମୋର ସମସ୍ତ ଅଧିକାରୀଙ୍କୁ ବଦଳି କରିଦିଆଯାଇଛି। ମୋର ସମସ୍ତ ଅଧିକାର ଛଡ଼ାଇ ନିଆଯାଇଛି। ବିଜେପି ଲୋକଙ୍କୁ ରାଜ୍ୟକୁ ପଠାଯାଉଛି। କିନ୍ତୁ ସେମାନେ ଜାଣି ନାହାନ୍ତି ଆମେ ନିର୍ବାଚନ ଜିତିବୁ। ରଘୁନାଥଗଞ୍ଜରେ ଦଙ୍ଗା କରାଯାଇଛି। ଦୋକାନ ବଜାର ଭଙ୍ଗାରୁଜା କରାଯାଇଛି। ବିଜେପି ରାଜ୍ୟରେ କ୍ଷମତାକୁ ଆସିଲେ ବୁଲଡୋଜର ଲଗାଇ ସମସ୍ତଙ୍କୁ ବାହାର କରିଦେବ ବୋଲି ମମତା କହିଥିଲେ। ସୂଚନାଯୋଗ୍ୟ ଏପ୍ରିଲ ୨୩ ଓ ଏପ୍ରିଲ ୨୯ ତାରିଖରେ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ମେ' ୪ରେ ଭୋଟ ଗଣତି ହେବ।

## ଆଇପିଏଲ୍ ମହାସମର

# ହୋମ୍ ଭେନ୍ୟୁରୁ ଆର୍‌ସିବିର ବିଜୟ ବିଗୁଲ





ବେଙ୍ଗାଲୁରୁ,୨୮।୩(ଏଜେନ୍ସି): ଆଇପିଏଲ୍- ୧୯ତମ ସଂସ୍କରଣ ବିଗୁଲ ବାଜିଛି । ଉଦଘାଟନୀ ମ୍ୟାଚରେ ମୁହାଁମୁହିଁ ହୋଇଛନ୍ତି ଡିଫେଣ୍ଡିଂ ଚାମ୍ପିଅନ୍ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ସନରାଇଜର୍ସ ହାଇଦ୍ରାବାଦ । ଗତ ସଂସ୍କରଣର ବିଜେତା ବେଙ୍ଗାଲୁରୁ ଉଦ୍‌ଘାଟନୀ ମ୍ୟାଚରେ ସନରାଇଜର୍ସଙ୍କୁ ୬ ୱିକେଟରେ ପରାଜିତ କରି ହୋମ୍ ଭେନ୍ୟୁରୁ ବିଜୟ ବିଗୁଲ ବଜାଇଛି । ଦଳ ବିଜୟରେ ଦେବଦୂତ ପଡିକାଲ ଓ ବିରାଟ କୋହଲି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏହି ମ୍ୟାଚରେ ସନରାଇଜର୍ସ ୨୦ ଓଭରରେ ୯ ୱିକେଟ ହରାଇ ୨୦୧ ରନ୍ କରିଥିଲା । ଜବାବରେ ବେଙ୍ଗାଲୁରୁ ୧୫.୪ ଓଭରରେ ୨୦୩/୪ ରନ୍ କରି ଲକ୍ଷ୍ୟ ସ୍ଥଳରେ ପହଞ୍ଚିଥିଲା ।

ଟସ ହାରି ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିଲା । ସନରାଇଜର୍ସ । ଅବଶ୍ୟ ଦଳ ୨ ଓପନର ଟ୍ରେଭିସ ହେଡ ୧୧ ରନ୍ ଓ ଅଭିଶେକ ଶର୍ମା ୭ ରନ୍ କରି ଆଉଟ୍ ହୋଇଥିଲେ । ତାଙ୍କ ପରେ ପରେ ନୀତିଶ କୁମାର ରେଡ୍ଡୀ ମଧ୍ୟ ୧ ରନ୍ କରି ପାଭିଲିୟନ୍ ଫେରିଯାଇଥିଲେ । ୨୯ ରନରେ ୩ ୱିକେଟ୍ ହରାଇବା ସତ୍ତ୍ୱେ ଅଧିନାୟକ ଇଶାନ କିଷାନ ଓ ହେନରିଚ କ୍ଲାସେନ ସ୍ଥିତି ସମ୍ଭାଳିଥିଲେ । କ୍ଲାସେନ ୨୨ ବଲରୁ ୩୧ ରନ୍ ଏବଂ ଇଶାନ କିଷାନ ୩୮ ବଲରୁ ୮ ଚୌକା ଓ ୫ଟି ଛକା ସହାୟତାରେ ୮୦ ରନ୍ କରିଥିଲେ । ଚତୁର୍ଥ ୱିକେଟ୍ ପାଇଁ ଉଭୟଙ୍କ ମଧ୍ୟରେ ୯୭ ରନର ପାଟନରସିପ ହୋଇଥିଲା । ଅଙ୍କିତ ବର୍ମା ୧୮ ବଲରୁ ୩ ଚୌକା ଓ ୪ ଛକା ସହାୟତାରେ ୪୩ ରନ୍ କରିବାରୁ ଦଳୀୟ ସ୍କୋର ୨୦୦ ଟପି ଥିଲା । ଡେଭିଡ ପାୟେନି ୬ ଓ ଜୟଦେବ ଉନାଦକଟ ୪ ରନ୍ କରିଥିଲେ । ବେଙ୍ଗାଲୁରୁର ଜାକବ ଡୁଫି ୩ଟି, ରୋମାରିଓ ସେଫେର୍ଡ ୩ ୱିକେଟ୍ ସଫଳତା ହାସଲ କରିଥିଲେ ।

ଜବାବରେ ବେଙ୍ଗାଲୁରୁ ୧୫.୪ ଓଭରରେ ୨୦୩/୪ ରନ୍ କରିଥିଲା । ଫିଲ ସଲ୍ଟ ୮ ରନ୍ କରି ପାଭିଲିୟନ୍ ଫେରିଥିବା ବେଳେ ବିରାଟ କୋହଲି ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ । ଦେବଦୂତ ପଡିକାଲ ୨୬ ବଲରୁ ୬୧ ରନର ଇନିଂସ ଖେଳିଥିଲେ । ଅଧିନାୟକ ରଜତ ପଟିଦାର ୧୨ ବଲରୁ ୩୧ ରନ୍ କରିଥିଲେ । ଶେଷ ଭାଗରେ ଟିମ ଡେଭିଡ ଉପଯୋଗୀ ଇନିଂସ ଖେଳି ମ୍ୟାଚ ଫିନିସ କରିଥିଲେ । କୋହଲି ୩୮ ବଲର ସମ୍ମୁଖୀନ ହୋଇ ୫ଟି ଚୌକା, ୫ଟି ଛକା ସହାୟତାରେ ଅପରାଜିତ ୬୯ ରନ୍ କରିଥିଲେ । ଟିମ ଡେଭିଡ ୧୦ ବଲରୁ ୧୬ ରନ କରିଥିଲେ । କୋହଲି ଏହି ମ୍ୟାଚରେ ମୁଖ୍ୟ ଭୂମିକା ଗ୍ରହଣ କରି ଆଇପିଏଲ ସିଜନ ଆରମ୍ଭ କରି ଅର୍ଦ୍ଧଶତକ ସହ ଆଗକୁ ବଢ଼ିଛନ୍ତି ।

### ଆଜିର ମ୍ୟାଚ

- ମୁମ୍ବାଇ-କୋଲକାତା।
- ସ୍ଥାନ - ୱାଙ୍ଖେଡେ
- ସମୟ - ରାତି ୭.୩୦ଟା।
- ପ୍ରସାରଣ- ଷ୍ଟାର ନେଟ୍‌ୱର୍କ

# ଧୋନୀଙ୍କୁ ଦୁଇ ସପ୍ତାହ ବିଶ୍ରାମ



ନୂଆଦିଲ୍ଲୀ,୨୮।୩(ଏଜେନ୍ସି): ଆଇପିଏଲ୍ ବିଗୁଲ ବାଜିଛି । ପ୍ରଥମ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିଅନ୍ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁର ମୁକାବିଲା ସନରାଇଜର୍ସ ହାଇଦ୍ରାବାଦ ସହ ହୋଇଛି । ଆଇପିଏଲ ଇତିହାସର ଅନ୍ୟତମ ସଫଳ ଦଳ ଚେନ୍ନାଇ ସୁପରକିଙ୍ଗ୍ସ ସୋମବାର ଠାରୁ ଅଭିଯାନ ଆରମ୍ଭ କରିବ । କିନ୍ତୁ ଚେନ୍ନାଇକୁ ବଡ଼ ଝଟକା ଲାଗିଛି । ଆହତ ସମସ୍ୟା ଗୁରୁତର ଥିବାରୁ ଆଗାମୀ ଦୁଇ ସପ୍ତାହ ପର୍ଯ୍ୟନ୍ତ ଧୋନି କୌଣସି ମ୍ୟାଚ ଖେଳିପାରିବେ ନାହିଁ । ଧୋନିଙ୍କ ଗୋଡ ପେଣ୍ଡାରେ ସମସ୍ୟା ଥିବାରୁ ସେ ଆଗାମୀ ଦୁଇ ସପ୍ତାହ ଥିବାରୁ ଖେଳିବେ ନାହିଁ ବୋଲି ଫ୍ରାଞ୍ଚାଇଜ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଧୋନୀ ୨୦୨୫ ଆଇପିଏଲ ସମୟରେ ମଧ୍ୟ ସେ ଆହତ ହୋଇଥିଲେ । ସେ ସମସ୍ତ ମ୍ୟାଚ ଖେଳିଥିଲେ । ହେଲେ ଚଳିତ ବର୍ଷ ଆହତ ସମସ୍ୟା ଗୁରୁତର ଥିବାରୁ ଅତିକମରେ ସେ ଚେନ୍ନାଇ ପାଇଁ ୪ଟି ମ୍ୟାଚ ଖେଳିପାରିବେ ନାହିଁ । ଧୋନୀ ବାଦ ପଡିଥିବାରୁ ଏବେ ୱିକେଟ କିପର ଦାୟିତ୍ୱ ସଞ୍ଜୁ ସାମସନ କିମ୍ବା ଉର୍ଭିଲ ପଟେଲଙ୍କ ମଧ୍ୟରୁ ଜଣେ ସମ୍ଭାଳିବେ ।

## ଜାତୀୟ ସିନିୟର ଶକ୍ତି ଉତ୍ତୋଳନ ପ୍ରତିଯୋଗିତା

# ଓଡ଼ିଶାକୁ ୨ ପଦକ

ଭୁବନେଶ୍ୱର,୨୮।୩(ସବ୍ୟୁ): କର୍ଣ୍ଣାଟକର ମାଙ୍ଗାଲୋରଠାରେ ଚଳିତ ମାସ ୨୪ରୁ ୨୮ ତାରିଖ ମଧ୍ୟରେ ଅନୁଷ୍ଠିତ ଜାତୀୟ ସିନିୟର କ୍ଲାସିକ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ପଦକ ଜିତିଛନ୍ତି । ମହିଳା ୮୪ କିଗ୍ରାରୁ ଉର୍ଦ୍ଧ୍ୱ ବିଭାଗରେ ଓଡ଼ିଶାର ଆକାଂକ୍ଷା ପରିଡା ସର୍ବମୋଟ୍ ୪୭୮.୫ କିଗ୍ରା ଓଜନ ଉଠାଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ସ୍କ୍ୱାଟରେ ୨୧୧ କିଗ୍ରା ଓଜନ ଉଠାଇ ଉଭୟ ଜୁନିୟର ଓ ସିନିୟର ବିଭାଗରେ ଜାତୀୟ ରେକର୍ଡ ସୃଷ୍ଟି କରିଛନ୍ତି । ସେ ବେଞ୍ଚପ୍ରେସରେ ୯୫ କିଗ୍ରା ଓ ଡେଡଲିଫ୍ଟରେ ୧୭୨.୫ କିଗ୍ରା ଓଜନ ଉଠାଇଛନ୍ତି । ସେହିପରି ୮୪ କିଗ୍ରା ମହିଳା ବିଭାଗରେ ରାଜସ୍ମିତା ସାହୁ ସ୍କ୍ୱାଟରେ ୧୭୫ କିଗ୍ରା, ବେଞ୍ଚ ପ୍ରେସରେ ୮୨.୫ କିଗ୍ରା ଓ ଡେଡ ଲିଫ୍ଟରେ ୧୬୭.୫ କିଗ୍ରା ଏହିପରି ମୋଟ୍ ୪୨୫ କିଗ୍ରା ଓଜନ ଉଠାଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଏହାଛଡା ଓଡ଼ିଶା ପ୍ରତିଯୋଗୀ ବ୍ୟକ୍ତିଗତ ଲିଫ୍ଟରେ ଦୁଇଟି ରୌପ୍ୟ, ଦୁଇଟି ସ୍ୱର୍ଣ୍ଣ, ୫ଟି ବ୍ରୋଞ୍ଜ ପଦକ ଲାଭ କରିଛନ୍ତି । ଓଡ଼ିଶା ପାୱାରଲିଫ୍ଟିଂ ଆସୋସିଏସନର ଚିତ୍ତ ରଞ୍ଜନ ସ୍ୱାଇଁ ଓ ସମ୍ପାଦକ ହରି ପ୍ରସାଦ ପଟ୍ଟନାୟକ କୃତିପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଦଳ ସହ ନିରଞ୍ଜନ ବେବର୍ତ୍ତା ପଟ୍ଟନାୟକ କୋଚ ଭାବେ ଗସ୍ତ କରିଥିଲେ ।

## ଖେଲୋ ଇଣ୍ଡିଆ ଅସ୍ମିତା ବାସ୍କେଟ ବଲ ଉଦ୍‌ଯାପିତ

# ବିଏଏ ଚାମ୍ପିଅନ



ଭୁବନେଶ୍ୱର,୨୮।୩(ସବ୍ୟୁ):ଖେଲୋ ଇଣ୍ଡିଆ ଅସ୍ମିତା ମହିଳା ବାସ୍କେଟବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନ୍ ଦଳ ୪୮-୩୦ ବ୍ୟବଧାନରେ ଖୋର୍ଦ୍ଧା ଜିଲ୍ଲା ବାସ୍କେଟବଲ ଆସୋସିଏସନକୁ ପରାସ୍ତ କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ତୃତୀୟ ସ୍ଥାନରେ କ୍ଲବ ଦି ଏଣ୍ଟରଟେନର ୩୬-୨୦ ବ୍ୟବଧାନରେ ଜିଜିଏଚ୍‌ଏସ୍‌କୁ ପରାଜିତ କରିଥିଲା । ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନ ସେକ୍ରେଟାରୀ ସୌର୍ଯ୍ୟ ରଞ୍ଜନ ପରିଜା, ଅନ୍ତର୍ଜାତୀୟ ବାସ୍କେଟବଲ ଖେଳାଳି ସୀତାମଣି ଟୁଡୁ, ଓଡ଼ିଶା ବାସ୍କେଟବଲ ଆସୋସିଏସନ୍ ସମ୍ପାଦକ ଅଶୋକ ସାହୁ ସଭାପତି ଜ୍ଞାନ ରଞ୍ଜନ ପରିଡା, ଆୟୋଜକ ପ୍ରଶାନ୍ତ କୁମାର ନାୟକ ଏବଂ ଆରପି ପାଣି ଉପସ୍ଥିତ ଥିଲେ । ବିଜେତା ଓ ଅନ୍ୟ ଦଳମାନଙ୍କୁ ଟ୍ରଫି ସହ ଅର୍ଥ ପୁରସ୍କାର ଭାବେ ୫୦୦୦, ୩୦୦୦ ଏବଂ ୨୦୦୦ ଟଙ୍କା ପ୍ରଦାନ କରାଯାଇଥିଲା ।

# ସର୍ବଭାରତୀୟ ପୋଲିସ ସୁଟିଂ ପ୍ରତିଯୋଗିତା: ଓଡ଼ିଶା ପୋଲିସକୁ ବଡ଼ ସଫଳତା

ଭୁବନେଶ୍ୱର,୨୮।୩(ସବ୍ୟୁ): ହରିୟାଣାର ଗୁରୁଗ୍ରାମ ସ୍ଥିତ ସିଆର୍‌ପିଏଫ ଠାରେ ଅନୁଷ୍ଠିତ ୨୬ତମ ସର୍ବଭାରତୀୟ ପୋଲିସ ସୁଟିଂ (ଏଆଇପିଡିଏମ୍) ପ୍ରତିଯୋଗିତାରେ ଓଡ଼ିଶା ପୋଲିସ ଅଭୁତପୁର୍ବ ସଫଳତା ହାସଲ ପ କରିଛି । ଦେଶର ବିଭିନ୍ନ ରାଜ୍ୟ ପୋଲିସ ବାହିନୀ ମାନଙ୍କ ମଧ୍ୟରେ ଓଡ଼ିଶା ପୋଲିସ ଦ୍ୱିତୀୟ ସ୍ଥାନ ଅଧିକାର କରି ରାଜ୍ୟ ପାଇଁ ଗୌରବ ଆଣିଛି । ସୂଚନା ଯୋଗ୍ୟ ଯେ, ମାର୍ଚ୍ଚ ୨୨ ରୁ ୩୦ ପର୍ଯ୍ୟନ୍ତ ଚାଲିଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା ପୋଲିସ ରାଇଫଲ ସୁଟିଂ (୭୪୩ ପଏଣ୍ଟ), ପିସ୍ତଲ ସୁଟିଂ (୫୩୧ ପଏଣ୍ଟ )ଏବଂ କାରବାଇନ ସୁଟିଂରେ (୩୨୭ ପଏଣ୍ଟ) ସର୍ବମୋଟ ୧୬୦୧ ପଏଣ୍ଟ ପାଇ ରାଜ୍ୟ ପୋଲିସ ବାହିନୀ ମାନଙ୍କ ମଧ୍ୟରେ ଓଡିଶା ପୋଲିସ ଟିମ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ଉଲ୍ଲେଖ ଯୋଗ୍ୟ ଯେ, ଏହି ପ୍ରତିଯୋଗିତାରେ ଓଡ଼ିଶା ପୋଲିସର ସୁଟର ଅକ୍ଷୟ କୁମାର ସାହାଣୀ (ଏସ/୧୩୧) ୩୦୦ ୟାର୍ଡ ସ୍ନାପ୍ (୩୦୦ ବର୍ଷ ସ୍ନାପ) ବିଭାଗରେ ଦ୍ୱିତୀୟ ସ୍ଥାନ ହାସଲ କରି ରୌପ୍ୟ ପଦକ ଜିତିଛନ୍ତି । ଶ୍ରୀ ସାହାଣୀ ବର୍ତ୍ତମାନ (ଏସ୍‌ଏସ୍‌ବିଏନ୍), ଭୁବନେଶ୍ୱର ଠାରେ କାର୍ଯ୍ୟରତ ଅଛନ୍ତି ।

ଏହି ଅବସରରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଓଡ଼ିଶା ପୋଲିସ ଟିମ୍ ଏବଂ ପଦକ ବିଜେତା ଅକ୍ଷୟ କୁମାର ସାହାଣୀ ଓ ଡେପୁଟି କମାଣ୍ଡାଣ୍ଟ,ଟିମ ମ୍ୟାନେଜର ତଥା କୋଚ ଏମ. ଏସ. ଏ ଫରିଦଙ୍କୁ ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି ।



# ଏଲ୍‌ଏଲ୍‌ସିସି କପ୍: ଫାଇନାଲରେ ରେଡ୍ ଷ୍ଟାର୍-ଏଲଏଲସିସି ଟକ୍କର



ଭୁବନେଶ୍ୱର,୨୮।୩(ସବ୍ୟୁ): ସ୍ଥାନୀୟ ଆଇଆରସିରେ ଚାଲିଥିବା ୧୪ ବର୍ଷରୁ କମ ୫ମ ଏଲଏଲସିସି ଡ୍ୟୁଜ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଇତିହାସ ରଚିଛନ୍ତି । ରେଡ ଷ୍ଟାରର ଓମ ଶ୍ରୀ ସାହୁ। ସେ ଟୁର୍ଣ୍ଣାମେଣ୍ଟ ଇତିହାସରେ ପ୍ରଥମ ଖେଳାଳି ଭାବେ ମାରିଛନ୍ତି ଦ୍ୱିଶତକ। ସେମି ଫାଇନାଲ ମ୍ୟାଚରେ ରେଡ ଷ୍ଟାର ଆଗରେ ୨୫୪ ରନର ଟାର୍ଗେଟ ଥିବା ବେଳେ ଓମ ଏକାକୀ କରିଛନ୍ତି ଅପରାଜିତ ୨୧୭ ରନ। ୪୯ଟି ଚୌକା ବଳରେ ମାତ୍ର ୧୨୪ ବଲରେ ସେ ଖେଳିଛନ୍ତି ଏତେ ବଡ଼ ଇନିଂସ। ତାଙ୍କ ଦ୍ୱିଶତକ ଯୋଗୁ ରେଡ ଷ୍ଟାର ଏକତରଫା ଭାବେ ପାରାମାଉଣ୍ଟ ସ୍ପୋର୍ଟିଂକୁ ୧୦ ୱିକେଟରେ ହରାଇ ଫାଇନାଲରେ ପ୍ରବେଶ କରିଛି। ରବିବାର ଫାଇନାଲରେ ଦଳର ମୁକାବିଲା ଆୟୋଜକ ଏଲଏଲସିସି ସହ ହେବ। ପ୍ରଥମ ସେମିରେ ଏଲଏଲସିସି ୯୪ ରନରେ ସହିଦ ସ୍ପୋର୍ଟିଂକୁ ହରାଇଥିଲା। ଆଜି ଦ୍ୱିତୀୟ ସେମି ଫାଇନାଲରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ପାରାମାଉଣ୍ଟ ନିର୍ଦ୍ଧାରିତ ୩୫ ଓଭରରେ ୫ ୱିକେଟ ହରାଇ ୨୫୩ ରନ କରିଥିଲା। ଦଳ ପକ୍ଷରୁ ଆୟୁଷ କୁମାର ତ୍ରିପାଠୀ ଅପରାଜିତ ୯୪ ରନ କରିଥିବା ବେଳେ ସୁସଙ୍କେତ ରାଉତରାୟ ୬୬ ରନ ଓ ଅଧିନାୟକ ଆୟୁଷ୍ମାନ ପାତ୍ର ୪୦ ରନର ଇନିଂସ ଖେଳିଥିଲେ। ରେଡ ଷ୍ଟାର୍ର ଅଧିନାୟକ ଓମ ଶ୍ରୀ ନାୟକ ୨ଟି ୱିକେଟ ଓ ଶେଖ ମହମ୍ମଦ ରିୟାଜଙ୍କୁ ଗୋଟିଏ ସଫଳତା ମିଳିଥିଲା। ବାକି ୨ଟି ୱିକେଟ ରେଡ ଷ୍ଟାର ରନ ଆଉଟରୁ ପାଇଥିଲା। ଫାଇନାଲ ଟିକେଟ ପାଇଁ ୨୫୪ ରନ ଆବଶ୍ୟକ କରୁଥିବା ରେଡ ଷ୍ଟାର ପାଇଁ ଓମ ଶ୍ରୀ ସାହୁ କମାଲ କରିଥିଲେ। ସେ ଏକାକୀ ଦଳକୁ ବିଜୟ ଆଡ଼କୁ ନେଇ ଯାଇଥିଲେ। ଅନ୍ୟତମ ଓପନର ଅମିତ କୁମାର ସାହୁ ଧିମା ଖେଳୁଥିବା ବେଳେ ଓମ କିନ୍ତୁ ନିଜର ଆଟାକିଂ ଖେଳ ଜାରି ରଖିଥିଲେ। ଅମିତ ୭୨ ବଲରେ ୩୨ ରନ କରି ରିର୍ଟାର୍ଡ ଆଉଟ ହୋଇଥିଲେ ହେଁ ଓମ ଶ୍ରୀ ଶେଷ ଯାଏ ଅପରାଜିତ ରହି ଦଳକୁ ୩୨.୩ ଓଭରରେ ବିଜୟ ଭେଟି ଦେଇଥିଲେ। ୧୨୪ ବଲରେ ଅପରାଜିତ ୨୧୭ ରନ ଓ ବୋଲିଂରେ ଦୁଇଟି ୱିକେଟ ନେଇଥିବା ଓମ ଶ୍ରୀ ସାହୁଙ୍କୁ ଆଶିଷ ମହାନ୍ତି ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଦେଇଛନ୍ତି। ଏହାପୂର୍ବରୁ କ୍ୱାର୍ଟର ଫାଇନାଲରେ ମଧ୍ୟ ଓମ ଶ୍ରୀ ଅପରାଜିତ ୧୬୨ ରନର ଇନିଂସ ଖେଳିଥିଲେ। ଏବେ ସେ ଏଲଏଲସିସିର ଚଳିତ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ରନ ହାସଲକାରୀ ମଧ୍ୟ ବନି ଯାଇଛନ୍ତି।

# ଏପ୍ରିଲ ୧୩ରୁ ସନ୍ଦୀପ ମେମୋରିଆଲ ଟେନିସ୍ ଚାମ୍ପିଅନସିପ

ଭୁବନେଶ୍ୱର,୨୮।୩(ସବ୍ୟୁ): ଏପ୍ରିଲ ୧୩ରୁ ୧୭ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଉପକଣ୍ଠରେ ଥିବା ଗୁରୁକୁଳ ରିସର୍ଟ୍ସ ଆଣ୍ଡ କଣ୍ଟ୍ରି କ୍ଲବ୍ (ମେଣ୍ଢାଶାଳ) ପରିସରରେ ମେଜର ସନ୍ଦୀପ ମହପାତ୍ର ମେମୋରିଆଲ ଆଇଟା-ଓଟା ୧୬ ବର୍ଷରୁ କମ୍ ଜୁନିୟର ସୁପର ସିରିଜ୍ ଟେନିସ୍ ଚାମ୍ପିଅନସିପ୍ ଆୟୋଜିତ ହେବାକୁଯାଉଛି । ଭାରତୀୟ ସେନାର ଜଣେ ବରିଷ୍ଠ ଅଧିକାରୀ ତଥା ରାଜ୍ୟର ଜଣାଶୁଣା କ୍ରୀଡା ବ୍ୟକ୍ତିତ୍ୱ ମେଜର ସନ୍ଦୀପ ମହାପାତ୍ରଙ୍କ ସ୍ମୃତିରେ ଏହି ପ୍ରତିଯୋଗିତାକୁ ଓଡ଼ିଶା ଟେନିସ୍ ଆସୋସିଏସନ୍ ଏବଂ ସର୍ବଭାରତୀୟ ଟେନିସ୍ ସଂଘ ଅନୁମୋଦନକ୍ରମେ ଆୟୋଜନ କରାଯିବ । ପେସାରେ ଜଣେ ସୈନିକ ତଥା ଟେନିସ୍ କ୍ରୀଡାରେ ସନ୍ଦୀପ ଶ୍ରେଷ୍ଠତା ପାଇଥିଲେ । ଗତ ୨୦୧୩ ମାର୍ଚ୍ଚ ୩ ତାରିଖରେ ଏକ ସଡ଼କ ଦୁର୍ଘଟଣାରେ ସନ୍ଦୀପଙ୍କ ଦେହାନ୍ତ ହୋଇଥିଲା । ଏହାପରଠାରୁ ଅର୍ଥାତ୍ ୨୦୧୪ରୁ ସନ୍ଦୀପ ମହାପାତ୍ର ମେମୋରିଆଲ ଟେନିସ୍ ଚାମ୍ପିଅନସିପ୍ ଆୟୋଜନ ହୋଇଛି । ତାଙ୍କ କ୍ରୀଡା ପ୍ରତିଭାକୁ ସମ୍ମାନ ଦେବା ଓ ଟେନିସ୍ କ୍ରୀଡାର ଉନ୍ନତୀ ପାଇଁ ବିଗତ ୧୨ ବର୍ଷ ହେବ ପ୍ରତିଯୋଗିତା ଆୟୋଜନ ହୋଇଆସୁଛି । ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର କ୍ଲବ୍ ପରିସରରେ ଓଡ଼ିଶା ଓପନ ଆରମ୍ଭ ହୋଇଥିଲା । ଚଳିତ ବର୍ଷ ଆୟୋଜକ ୧୬ ବର୍ଷରୁ କମ ଜୁନିୟର ସୁପର ସିରିଜ୍ ଚାମ୍ପିଅନସିପ୍ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି ।

ଏହି ପ୍ରତିଯୋଗିତା ଉଭୟ ବାଳକ ଓ ବାଳିକା ବର୍ଗରେ ସିଙ୍ଗଲ୍ସ ଓ ଡବଲ୍ସ ଖେଳାଯିବ । ସର୍ବଭାରତୀୟସ୍ତରରେ ୧୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଆଶା ରହିଛି । ମେଣ୍ଢାଶାଳ ସ୍ଥିତ ଗୁରୁକୁଳ ନେଟିସ୍ ସେଣ୍ଟରରେ ଏକ ଅନୁକୂଳ ବାତାବରଣରେ ପ୍ରତିଯୋଗିତା ଆୟୋଜନ ହେବା ସହ ସମସ୍ତ ଅଂଶଗ୍ରହଣକାରୀଙ୍କ ରହିବା ଓ ଖେଳିବାର ସୁବ୍ୟବସ୍ଥା କରାଯିବ ବୋଲି ଆୟୋଜକ ସୂଚନା ଦେଇଛନ୍ତି । ଉଭୟ ବାଳକ ଓ ବାଳିକା ବର୍ଗରେ ୩୨ଟି ଲେଖାଏଁ ମୁଖ୍ୟ ଡ୍ର' ହେବ । କୃତି ପ୍ରତିଯୋଗୀଙ୍କ ପାଇଁ ଆକର୍ଷଣୀୟ ଟ୍ରଫି ସହ ପୁରସ୍କାର ରାଶି ରହିଛି ।

ଶନିବାର ଭୁବନେଶ୍ୱରର ହୋଟେଲ ସ୍ୱସ୍ତିଗ୍ରାଣ୍ଡରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଆୟୋଜନ କମିଟିର ଅଧକ୍ଷ ପ୍ରତାପ କୁମାର ପ୍ରଧାନ, ସ୍ୱର୍ଗତଃ ମେଜର ସନ୍ଦୀପ ମହାପାତ୍ରଙ୍କ ବାପା ଜଗଦାନନ୍ଦ ମହାପାତ୍ର ଭାଇ ସଞ୍ଜୀବ ମହାପାତ୍ର, ଭଉଣୀ ଆଲେଖିକା ମହାପାତ୍ର ଏବଂ ମିଶନ ଅଲିମ୍ପିକ୍ ଫାଉଣ୍ଡେସନ୍ ସିଇଓ ଚିନ୍ମୟ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଚାମ୍ପିଅନସିପ୍ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ ।


ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।


# ଜ୍ୟାକସନ ଗ୍ରୁପ ପକ୍ଷରୁ ସୌରଭ ଗାଙ୍ଗୁଲିଙ୍କ ସହ ସହଭାଗିତା



କୋଲକାତା,୨୮।୩(ଏଜେନ୍ସି): ଭାରତର ଅଗ୍ରଣୀ ଶକ୍ତି ଏବଂ ଭିତିଭୂମି କମ୍ପାନୀ ମଧ୍ୟରୁ ଅନ୍ୟତମ, ଜ୍ୟାକସନ୍ ଗ୍ରୁପ ପକ୍ଷରୁ ପୂର୍ବତନ ଭାରତୀୟ କ୍ରିକେଟ୍ ଅଧିନାୟକ ତଥା ପ୍ରସିଦ୍ଧ ନେତୃତ୍ୱ ସୌରଭ ଗାଙ୍ଗୁଲିଙ୍କ ସହ ଏହାର ରଣନୈତିକ ସହଭାଗିତା ଘୋଷଣା କରାଯାଇଛି । ଗାଙ୍ଗୁଲିଙ୍କ ପରିବର୍ତ୍ତନଶୀଳ ନେତୃତ୍ୱ ଏବଂ ମାନଦଣ୍ଡକୁ ପୁନଃନିର୍ଦ୍ଧାରଣ କରିବାର କ୍ଷମତା ଦ୍ୱାରା ଅନୁପ୍ରାଣିତ ହୋଇ, କମ୍ପାନୀ ସ୍ୱଚ୍ଛତା ଏବଂ କାର୍ଯ୍ୟକାରିତା ଉତ୍କର୍ଷ ସହିତ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶକ୍ତି ଏବଂ ଭିତିଭୂମି ସମାଧାନ ପ୍ରଦାନ କରୁଥିବା ଏକ ନିର୍ଭରଯୋଗ୍ୟ ଅଂଶୀଦାର ଭାବରେ ନିଜର ସ୍ଥିତିକୁ ଆହୁରି ମଜବୁତ କରିବାକୁ ଲକ୍ଷ୍ୟ ରଖିଛି । ଏହି ସହଭାଗିତାର ଏକ ଅଂଶ ସ୍ୱରୂପ, ସୌରଭ ଗାଙ୍ଗୁଲି ଏକ ସ୍ୱଚ୍ଛ ଏବଂ ଅଧିକ ସ୍ଥାୟୀ ଶକ୍ତି ଇକୋସିଷ୍ଟମକୁ ସକ୍ଷମ କରିବାର ଦୃଷ୍ଟିକୋଣକୁ ବିସ୍ତାର କରି ଜ୍ୟାକସନ୍ ଗ୍ରୁପର ପ୍ରମୁଖ ବ୍ରାଣ୍ଡ ଅଭିଯାନ ଏବଂ ରଣନୈତିକ ପଦକ୍ଷେପଗୁଡ଼ିକର ପ୍ରତିନିଧିତ୍ୱ କରିବେ । ଏହି ସହଭାଗିତା ସମ୍ପର୍କରେ ଜ୍ୟାକସନ୍ ଗ୍ରୁପର ଅଧକ୍ଷ ସମୀର ଗୁପ୍ତା କହିଛନ୍ତି, "ଜ୍ୟାକସନ୍ ପରିବାରକୁ 'ଦାଦା\'ଙ୍କୁ ସ୍ୱାଗତ କରି ଆମେ ଅତ୍ୟନ୍ତ ଆନନ୍ଦିତ । ତାଙ୍କର ବିଶ୍ୱସନୀୟତା ସହିତ, ଆମେ ନିଶ୍ଚିତ ଯେ ଏହି ସମ୍ପର୍କ ଆମର ବ୍ରାଣ୍ଡକୁ ମଜବୁତ କରିବ ଏବଂ ସମଗ୍ର ଭାରତ ତଥା ବିଶ୍ୱ ସ୍ତରରେ ଆମର ସ୍ଥାୟୀ ସମାଧାନର ଗ୍ରହଣକୁ ତ୍ୱରାନ୍ୱିତ କରିବ ।" ସେ ଆହୁରି ମଧ୍ୟ କହିଛନ୍ତିଯେ, "ଭାଇସ ଚେୟାରମ୍ୟାନ ଶ୍ରୀ ସନ୍ଦୀପ ଗୁପ୍ତା ଏବଂ ଜ୍ୟାକସନ୍ ଗ୍ରୀନର ଭାଇସ୍ ଚେୟାରମ୍ୟାନ୍ ତଥା ଗ୍ଲୋବାଲ୍ ସିଇଓ ଶ୍ରୀ ବିକେଶ ଓଗ୍ରାଙ୍କ ସମେତ ଗ୍ରୁପକୁ ଆଗେଇ ନେଉଥିବା ପରବର୍ତୀ ପିଢ଼ିର ସମର୍ଥନରେ ଆମର ବିକାଶ ଏକ ଦୃଢ଼ ନେତୃତ୍ୱ ଉପରେ ଆଧାରିତ । ଏସମ୍ପର୍କରେ ମତବ୍ୟକ୍ତ କରି ସୌରଭ ଗାଙ୍ଗୁଲି କହିଛନ୍ତି, "ଭାରତର ଶକ୍ତି ପରିବର୍ତନ ଏବଂ ଏକ ସବୁଜ ଭବିଷ୍ୟତ ପାଇଁ ଅର୍ଥପୂର୍ଣ୍ଣ ଅବଦାନ ଦେଉଥିବା ଏକ ବ୍ରାଣ୍ଡ ସହିତ ଯୋଡ଼ି ହେବାକୁ ନେଇ ମୁଁ ଅତ୍ୟନ୍ତ ଉତ୍ସାହିତ । ଏହି ପଦକ୍ଷେପ ଜ୍ୟାକସନର ଅଦ୍ୱିତୀୟ ସମନ୍ୱିତ ବ୍ୟବସାୟିକ ମଡେଲକୁ ଆହୁରି ମଜବୁତ କରୁଛି, ଯାହା ଉତ୍ପାଦନ, ପ୍ରୋଜେକ୍ଟ ଡେଭେଲପମେଣ୍ଟ, ଇପିସି ଏବଂ ଓ ଆଣ୍ଡ ଏମ୍ ସେବା ପର୍ଯ୍ୟନ୍ତ ବ୍ୟାପିଛି ।

# ରାମକୃଷ୍ଣ ମେମୋରିଆଲ କ୍ରିକେଟ୍ ଉଦ୍‌ଘାଟିତ

ଭୁବନେଶ୍ୱର,୨୮।୩(ସବ୍ୟୁ): ପଣ୍ଡିତ ରାମକୃଷ୍ଣ ମହାପାତ୍ର ମେମୋରିଆଲ ୧୭ ବର୍ଷରୁ କମ୍ କ୍ରିକେଟ ପ୍ରତିଯୋଗିତା ଶ୍ରୀ ଜୟଦେବ କ୍ରୀଡା ସଂଘ ଆନୁକୂଲ୍ୟରେ ପାଣ୍ଡରା ନିକଟସ୍ଥ ହାଇ ଟେକ୍ କଲେଜ ଖେଳ ପଡିଆ ରେ ଆରମ୍ଭ ହୋଇଛି ।ଅତିଥି ଭାବରେ ଶ୍ରୀମତୀ ବିଦୁସ୍ମିତା ମନ୍ତ୍ରୀ ( ବିଜେପି ନେତ୍ରୀ ଓ ଓଡ଼ିଆ ସିନେମା ଅଭିନେତ୍ରୀ, ଗିରିଶ ମହାପାତ୍ର, ( କନିଷ୍ଠ ପୁତ୍ର, ସ୍ୱର୍ଗତ ପଣ୍ଡିତ ରାମକୃଷ୍ଣ ମହାପାତ୍ର) ବଲ୍ଲଭ୍ ଚରଣ ସାହୁ ( ଉପ - ସଭାପତି, ଜୟଦେବ କ୍ରୀଡା ସଂଘ ) ଉଦଘାଟନ କରିଥିଲେ । ପ୍ରଥମ ପ୍ରି କ୍ୱାଟର ଫାଇନାଲ ମ୍ୟାଚ ରେ ଜୟଦେବ କ୍ରୀଡା ସଂଘ ଟସ୍ ରେ ବିଜୟ ଲାଭ କରି ପ୍ରଥମେ ବ୍ୟାଟିଂ ର ନିଷ୍ପତି ନେଇଥିଲେ, ନିର୍ଦ୍ଧାରିତ ୧୬ ଓଭରରେ ୮ ଗୋଟି ୱିକେଟ ହରାଇ ୯୫ ରନ କରିଥିଲେ, ଅପର ପକ୍ଷର ବୋଲର ମୃତ୍ୟୁଞ୍ଜୟ ଦାସ ୪ ଓଭର ରେ ୧୬ ରନ ବ୍ୟୟ କରି ୪ ଗୋଟି ୱିକେଟ୍ ର ସଫଳତା ପାଇଥିଲେ । ଏହାର ଜବାବରେ କ୍ଲବ୍ ଦି ରେଡ ଷ୍ଟାର ୧୬ ତମ ଓଭରର ଶେଷ ବଲ ରେ ୬ ଗୋଟି ୱିକେଟ ବିନିମୟ କରି ୯୬ ରନ ସଂଗ୍ରହ କରିନେଇଥିଲେ ଦଳ ପକ୍ଷରୁ ସର୍ବାଧିକ ଶ୍ରେୟଂଶ ବିଧାର ୩୪ ବଲ ରୁ ୩୪ ରନ ସଂଗ୍ରହ କରିଥିଲେ । ଅପର ପକ୍ଷର ବୋଲର ରୋହିତ ପାଲ ଏବଂନିଲ ମହାନ୍ତି ୨ ଗୋଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ, କ୍ଲବ୍ ଦି ରେଡ ଷ୍ଟାର ୪ ୱିକେଟ ରେ ବିଜୟ ଲାଭ କରିଥିଲେ । ଶ୍ରେଷ୍ଠ ଖେଳାଳୀ ଭାବେ ମୃତ୍ୟୁଞ୍ଜୟ ଦାସ ଙ୍କୁ ପୂର୍ବତନ କ୍ରିକେଟ ଖେଳାଳୀ ଓ କୋଚ ରାଧେଶ୍ୟାମ ନାୟକ ପୁରସ୍କୃତ କରିଥିଲେ । ଦ୍ୱିତୀୟ ପ୍ରି କ୍ୱାଟର ମ୍ୟାଚ୍ ରେ ସନ୍ ସାଇନ୍ ସ୍ପୋର୍ଟିଂ ଟସ୍ ରେ ବିଜୟ ଲାଭ କରି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇଥିଲେ, ନିର୍ଦ୍ଧାରିତ ୨୦ ଓଭର ରେ ୬ ଗୋଟି ୱିକେଟ ହରାଇ ୧୧୪ ରନ ସଂଗ୍ରହ କରିଥିଲେ, ଦଳ ପକ୍ଷରୁ ସର୍ବାଧିକ ଶୁଭଙ୍କର ସ୍ୱାଇଁ ୧୫ ଗୋଟି ବଲ ରୁ ୨୭ ରନ ସଂଗ୍ରହ କରିଥିଲେ । ଅପର ପକ୍ଷର ବୋଲର ଅଭାନ ମିଶ୍ର ୩ ଗୋଟି ୱିକେଟ ନେଇଥିଲେ, ଏହାର ଜବାବ ରେ ରାମେଶ୍ୱର ସ୍ପୋଟିଂ ୧୬.୩ ଓଭର ରେ ୫ଗୋଟି ୱିକେଟ୍ ହରାଇ ୧୧୬ ରନ ସଂଗ୍ରହ କରି ନେଇଥିଲେ, ଲିଓଲିନ ମେହେର ସର୍ବାଧିକ ୪୩ ବଲ ରେ ୫୬ ରନ ସଂଗ୍ରହ କରିଥିଲେ, ରାମେଶ୍ୱର ସ୍ପୋଟିଂ ୫ ୱିକେଟ୍ ରେ ବିଜୟ ଲାଭ କରିଥିଲେ। ଶ୍ରେଷ୍ଠ ଖେଳାଳୀ ଭାବେ ଲିଓଲିନ ମେହେର ଙ୍କୁ ପୂର୍ବତନ ରଣଜୀ ଖେଳାଳି ଦୀପକ ମଙ୍ଗରାଜ ପୁରସ୍କୃତ କରିଥିଲେ ।


ସମୟ | ସମୟ LIVE

Check out this amazing Odia News app

ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର

Andriod | IOS

Download Now:
https://play.google.com/store/app/details/id- com.samayalive.app


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି